ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୧/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 21/2023 Page 16 ₹ 7.00 | SAMBALPUR
୪୯ଶ ଭାଗ ୩୨୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 327 ମୂଲ୍ୟ ₹୭/-









**୧୦,୦୦୦ କୋଟିର ୨ ହଜାର ଟଙ୍କିଆ ନୋଟ୍ ଫେରିନି**

ଭାରତୀୟ ଅର୍ଥ ବ୍ୟବସ୍ଥାକୁ ମୋଟ ୧୦,୦୦୦ କୋଟିର ୨ ହଜାର ଟଙ୍କିଆ ନୋଟ୍ ଫେରିନାହିଁ। ଏତେ ପରିମାଣର ଦୁଇ ହଜାରିଆ ନୋଟ୍‌ଗୁଡ଼ିକୁ ଏବେ ମଧ ଲୋକେ ନିଜ ପାଖରେ ରଖିଛନ୍ତି ବୋଲି ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ତେବେ ଏହି ନୋଟ୍‌ଗୁଡ଼ିକ ମଧ ଫେରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଗତ ମେ' ୧୯ରେ ଆର୍‌ବିଆଇ ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର ଘୋଷଣା କରି ଅର୍ଥ ଜଗତକୁ ବିସ୍ମିତ କରିଦେଇଥିଲା। ୨୦୧୬ର ବିମୁଦ୍ରାକରଣ ପରେ ଏହି ବଡ଼ ନୋଟ୍ ପ୍ରଚଳନ ହୋଇଥିଲା।

# ପୁଟିନ୍ ହମାସ୍ ସଦୃଶ

## ଯୁଦ୍ଧରେ ଆମେରିକା ମୁଣ୍ଡ ପୂରାଇବାର କାରଣ ଦର୍ଶାଇଲେ ବାଇଡେନ୍

**ୱାଶିଂଟନ୍,୨୦।୧୦**



ଇସ୍ରାଏଲ ଓ ୟୁକ୍ରେନ୍‌କୁ ଯୁଦ୍ଧରେ ସମର୍ଥନ ପାଇଁ ଆମେରିକୀୟମାନେ ଆହୁରି ଅନେକ ବିଲିୟନ୍ ଡଲାର ଖର୍ଚ୍ଚ କରିବା ଉଚିତ। ଦେଶବାସୀଙ୍କୁ ଏହା ବୁଝାଇବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏକ ନୂଆ ମିଶନ ଆରମ୍ଭ କରିଛନ୍ତି। ଆମେରିକା ହିଁ ବିଶ୍ୱରୁ ଅରାଜକତା ଦୂର କରିପାରିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

ଇସ୍ରାଏଲରୁ ଫେରିବା ପରେ ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସରେ ଗୁରୁବାର ଦେଶବାସୀଙ୍କୁ ସମ୍ବୋଧିତ କରି ବାଇଡେନ୍ କହିଛନ୍ତି, ବିଶ୍ୱକୁ ଆମେରିକୀୟ ନେତୃତ୍ୱ ଏକାଠି କରି ରଖିଥାଏ। ଆମେରିକୀୟ ମେଣ୍ଟଗୁଡ଼ିକ ଆମକୁ ଓ ଆମେରିକାକୁ ସୁରକ୍ଷିତ ରଖିଥାଏ। ଏହି ଅବସରରେ ସେ ୨୦୨୨ ଫେବୃୟାରୀରେ ୟୁକ୍ରେନ୍ ଆକ୍ରମଣ କରିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଗାଜା ଷ୍ଟ୍ରିପ୍‌ର ଶାସକ ତଥା ଆତଙ୍କବାଦୀ ସଙ୍ଗଠନ ହମାସ୍ ସହ ତୁଳନା କରିଛନ୍ତି। ବାଇଡେନ୍ କହିଛନ୍ତି, ହମାସ୍ ଓ ପୁଟିନ୍ ଭିନ୍ନ ଆତଙ୍କର ପ୍ରତୀକ। କିନ୍ତୁ ସେମାନଙ୍କଠାରେ ରହିଥିବା ବଡ଼ ସମାନତା ହେଉଛି, ଉଭୟ ହମାସ୍ ଓ ପୁଟିନ୍ ନିଜ ନିଜ ପଡ଼ୋଶୀ ରାଷ୍ଟ୍ରର ଗଣତନ୍ତ୍ରକୁ ମୂଳୋତ୍ପାଟନ କରିବାକୁ ଚାହୁଁଛନ୍ତି।

ଆମେରିକା ଯୁଦ୍ଧଗୁଡ଼ିକୁ କାହିଁକି ସମର୍ଥନ କରୁଛି ବୋଲି କେତେଜଣ ଦେଶବାସୀ ପ୍ରଶ୍ନ କରୁଛନ୍ତି। ଏଥିରୁ ଆମେରିକାକୁ କ'ଣ ମିଳିବ, ତାହା ସେମାନେ ଜାଣିବାକୁ ଚାହାନ୍ତି। ଏହି ସଂଘର୍ଷଗୁଡ଼ିକ ଲମ୍ବା ଚାଲିବ। ଆତଙ୍କବାଦୀମାନେ ନିଜ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ଦଣ୍ଡିତ ନ ହେଲେ ଓ ଏକଚ୍ଛତ୍ରବାଦୀମାନେ ନିଜ ଅତିକ୍ରମଣ ଲାଗି ମୂଲ୍ୟ ନ ଦେଲେ ସେମାନେ ଅଧିକ ଅରାଜକତା ସୃଷ୍ଟି କରି ଧ୍ୱଂସର ଲୀଳା ରଚିଥାଆନ୍ତି। ସେମାନେ ନିଜ ଅଭିଯାନ ଜାରି ରଖିଲେ ଆମେରିକା ସମେତ ବିଶ୍ୱ ପାଇଁ ବିପଦ ଦେଖାଦେଇଥାଏ। ଏକଥା ଇତିହାସ ଆମକୁ ଶିକ୍ଷା ଦେଇଛି। ପୁଟିନ୍‌ଙ୍କୁ ରୋକା ନ ଗଲେ ସେ ପୋଲାଣ୍ଡ, ଏଷ୍ଟୋନିଆ, ଲାଟ୍‌ଭିଆ ଓ ଲିଥୁଆନିଆ ସମେତ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନଇଜେଶନ୍ (ନାଟୋ) ପାଇଁ ବିପଦ ସାଜିବେ। ପୁଟିନ୍ କୌଣସି ନାଟୋ ସଦସ୍ୟ ରାଷ୍ଟ୍ରର ୧ ଇଞ୍ଚ ଭୂମି ଛଡ଼ାଇନେଲେ ଆମେ ଏହି ସାମରିକ ମେଣ୍ଟର ପ୍ରତି ଇଞ୍ଚ ଭୂମିକୁ ସୁରକ୍ଷା ଦେବୁ ବୋଲି ବାଇଡେନ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆମେରିକା କାର୍ଯ୍ୟାନୁଷ୍ଠାନ ନ ନେଲେ ମଧ୍ୟପ୍ରାଚ୍ୟ ସମେତ ଅନ୍ୟ ବିଶ୍ୱର ଭାଗଗୁଡ଼ିକରେ ସଂଘର୍ଷଜନିତ ବିପଦ ଓ ଅରାଜକତା ବଢ଼ିଚାଲିବ ବୋଲି ବାଇଡେନ୍ କହିଛନ୍ତି। ବାଇଡେନ୍ ଅତିରିକ୍ତ ଖର୍ଚ୍ଚ ପାଇଁ ୧୦୫ ବିଲିୟନ୍ ଡଲାର ମଞ୍ଜୁର କରିବାକୁ କଂଗ୍ରେସକୁ ଅନୁରୋଧ କରିଛନ୍ତି। ସେଥିରୁ ୟୁକ୍ରେନ୍‌କୁ ୬୦ ବିଲିୟନ୍ ଡଲାର ଏବଂ ଇସ୍ରାଏଲକୁ ୧୪ ବିଲିୟନ୍ ଡଲାର ସହାୟତା ଦିଆଯିବ ବୋଲି ସୂତ୍ରରୁ ଜଣାପଡ଼ିଛି।



> ୧୯୬୭ରେ ନିର୍ଦ୍ଧାରିତ ସୀମା ଭିତିରେ ପାଲେଷ୍ଟିନୀୟ ରାଷ୍ଟ୍ର ଗଠନ କରାଯିବା ଉଚିତ। ଏପରି କରାଗଲେ ସମସ୍ତେ ସୁରକ୍ଷିତ ରହିବା ସହ ସମୃଦ୍ଧ ହେବେ।
> **-ମହମ୍ମଦ ବିନ୍ ସଲମାନ୍, ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ**

ଗଲ୍ଫ କୋଅପରେଶନ୍ କାଉନ୍‌ସିଲ (ଜିସିସି) ଏବଂ ଆସୋସିଏଶନ୍ ଅଫ୍ ସାଉଥ୍‌ଇଷ୍ଟ ଏସିଆନ୍ ନେଶନ୍ସ (ଆସିଆନ୍)ର ମିଳିତ ସମ୍ମିଳନୀରେ ମହମ୍ମଦ ବିନ୍ ସଲମାନ୍ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଚାଲିଥିବା ଇସ୍ରାଏଲ-ହମାସ୍ ଯୁଦ୍ଧ ତାଙ୍କୁ ବ୍ୟଥିତ କରିଛି। ଗାଜାରେ ବର୍ଦ୍ଧିତ ହିଂସା ପାଇଁ ନିରୀହମାନଙ୍କୁ ମୂଲ୍ୟ ଦେବାକୁ ପଡ଼ୁଛି।

## ନିଠାରି ମାମଲା

## ଜେଲରୁ ମୁକୁଳିଲେ ପାନ୍ଧେର

**ନୋଏଡ଼ା,୨୦।୧୦(ପି.ଟି.):** ୨୦୦୬ର ସମ୍ବେଦନଶୀଳ ନିଠାରି ସିରିଏଲ୍ ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ମନିନ୍ଦର ସିଂ ପାନ୍ଧେର୍ ଶୁକ୍ରବାର ଗ୍ରେଟର ନୋଏଡ଼ାର ଲୁକ୍‌ସାର ଜେଲ୍‌ରୁ ମୁକୁଳିଛନ୍ତି।



ମନିନ୍ଦର ସିଂ ପାନ୍ଧେର୍

ନିଠାରି ମାମଲାରେ ଆବଶ୍ୟକ ତଥ୍ୟ ପ୍ରମାଣ ଅଭାବରୁ ଆ।ଲ୍ଲା।ହା।ବା।ଦ ହାଇକୋର୍ଟ ପାନ୍ଧେର ଓ ତାଙ୍କ ଘରୋଇ ସହାୟକ ସୁରେନ୍ଦ୍ର କୋଲିଙ୍କୁ ସୋମବାର ଦୋଷମୁକ୍ତ କରିଥିଲେ। ଉଭୟଙ୍କ ବିରୋଧରେ ବଳାତ୍କାର ଓ ହତ୍ୟା ମାମଲା ରୁଜୁ ହେବା ସହ ତଳକୋର୍ଟ ଦ୍ୱାରା ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲା। କୋର୍ଟ ନିର୍ଦ୍ଦେଶନାମା ପାଇବା ପରେ ଔପଚାରିକତା ଶେଷ ହେବା ପରେ ପାନ୍ଧେରଙ୍କୁ ମୁକ୍ତ କରାଗଲା ବୋଲି ଲୁକ୍ସାର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ପ୍ରତାପ ସିଂ କହିଛନ୍ତି। ଗାଜିଆବାଦର ଦସନା ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ କୋଲି ଅନ୍ୟ ମାମଲାରେ ଆଜୀବନ ଜେଲ ଦଣ୍ଡାଦେଶ ପାଇଥିବାରୁ ତାଙ୍କୁ ମୁକ୍ତ କରାଯାଇ ନାହିଁ। ୨୦୦୬ ଡିସେମ୍ବର ୨୯ରେ ପାନ୍ଧେରଙ୍କ ଘର ପଛପାର୍ଶ୍ୱ ଡ୍ରେନ୍‌ରୁ ୮ ନାବାଳିକାଙ୍କ କଙ୍କାଳ ମିଳିବା ପରେ ଏହି ବଳାତ୍କାର ଓ ହତ୍ୟା ମାମଲା ସାମ୍ନାକୁ ଆସିଥିଲା।

## ମହୁଆଙ୍କୁ ସମନ କରିବ ଏଥିକ୍ସ କମିଟି

**ନୂଆଦିଲ୍ଲୀ,୨୦।୧୦**

### ପ୍ରଶ୍ନ ପଚାରିବାକୁ ଲାଞ୍ଚ ଅଭିଯୋଗ



ମହୁଆ ମୋଇତ୍ର

ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ବ୍ୟବସାୟୀ ଦର୍ଶନ ହୀରାନନ୍ଦନୀଙ୍କ ସତ୍ୟପାଠ ଆମେ ପାଇଛୁ ବୋଲି ଲୋକ ସଭା ଏଥିକ୍ସ କମିଟି ଅଧ୍ୟକ୍ଷ ବିନୋଦ ସୋଙ୍କର ଶୁକ୍ରବାର କହିଛନ୍ତି। ଆସନ୍ତା ୨୬ ତାରିଖରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଏବଂ ସୁପ୍ରିମକୋର୍ଟ ଆଇନଜୀବୀ ଜୟ ଅନନ୍ତ ଦେହଦ୍ରାଇଙ୍କ ବୟାନ ଶୁଣିବା ପରେ ଟିଏମ୍‌ସି ନେତ୍ରୀଙ୍କୁ ସମନ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ବିନୋଦ କହିଛନ୍ତି। ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ଯଦି ସିବିଆଇ ଏବଂ ସଂସଦୀୟ ଏଥିକ୍ସ କମିଟି ତାଙ୍କୁ ଡାକନ୍ତି, ତେବେ ସେ ଉତ୍ତର ରଖିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଶୁକ୍ରବାର ମହୁଆ କହିଛନ୍ତି। ତେବେ ବ୍ୟବସାୟୀଙ୍କ ସତ୍ୟପାଠ ଗଣମାଧ୍ୟମରେ ପହଞ୍ଚିଲା ବୋଲି ସେ ପ୍ରଶ୍ନ କରିବା ସହ ଏଥିକ୍ସ କମିଟି ଅଧ୍ୟକ୍ଷ ପ୍ରଥମେ ଏହାର ତଦନ୍ତ କରନ୍ତୁ ବୋଲି କହିଛନ୍ତି। ଆଦାନୀଙ୍କ ବିରୋଧରେ ଅଭିଯୋଗ ଆଣୁଥିବାରୁ ତାଙ୍କୁ ଲୋକ ସଭାରୁ ବହିଷ୍କାର କରିବା ଭାଜପାର ଏକମାତ୍ର ଏଜେଣ୍ଡା ବୋଲି ମହୁଆ ମାଇକ୍ରୋବ୍ଲଗିଙ୍ଗ ସାଇଟ୍‌ରେ ଲେଖିଛନ୍ତି।

## ପ୍ରଥମ 'ନମୋ ଭାରତ' ଟ୍ରେନ୍ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

**ସାହିବାବାଦ(ୟୁପି),୨୦।୧୦(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭାରତର ପ୍ରଥମ ନମୋ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିଛନ୍ତି। ଦିଲ୍ଲୀ-ମିରଟ ରିଜିଅନାଲ ରାପିଡ୍ ଟ୍ରାନ୍‌ଜିଟ୍ ସିଷ୍ଟମ (ଆର୍‌ଆର୍‌ଟିଏସ୍) ୧୭ କିଲୋମିଟର ରୁଟ୍‌ରେ ଚଳାଚଳ କରିବ। ଖୁବ୍‌ଶୀଘ୍ର ଉତ୍ତରପ୍ରଦେଶ, ହରିୟାଣା ଓ ରାଜସ୍ଥାନର ବିଭିନ୍ନ ସହରକୁ ଏହି ଟ୍ରେନ୍ ସେବା ଉପଲବ୍ଧ ହେବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ୮୨ କିଲୋମିଟର ଦୀର୍ଘ ଦିଲ୍ଲୀ-ଗାଜିଆବାଦ-ମିରଟ୍ ଆର୍‌ଆର୍‌ଟିଏସ୍ କାର୍ଯ୍ୟ ଆଗାମୀ ଦେଢ଼ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ୪ ବର୍ଷ ପୂର୍ବେ ସେ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିବାବେଳେ ଆଗାମୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସେ ଉପସ୍ଥିତ ରହିବେ ବୋଲି ଦୃଢ଼ତାର ସହ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି ଏବଂ ସ୍ଥାନୀୟ ଏମ୍‌ପି ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁ ମେଟ୍ରୋର ଦୁଇଟି ପୂର୍ବ-ପଶ୍ଚିମ କରିଡର ସମ୍ପ୍ରସାରଣକୁ ଭର୍ଚୁଆଲି ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ତାଙ୍କ ସହ ଭର୍ଚୁଆଲି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭାରତର ପ୍ରଥମ ଦ୍ରୁତ ରେଳ ସେବା ନମୋ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ ହୋଇଥିବାରୁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଏହି ଅତ୍ୟାଧୁନିକ ଟ୍ରେନ୍ ସେବା ନୂଆ ଭାରତର ଯାତ୍ରା ଓ ନୂଆ ସଂକଳ୍ପର ପରିଭାଷା ହେବ ବୋଲି ମତ ଦେଇଛନ୍ତି।

## ପାର୍ଟନରଙ୍କୁ ଛାଡ଼ିଦେଲେ ଇଟାଲୀ ପ୍ରଧାନମନ୍ତ୍ରୀ

**ରୋମ୍,୨୦।୧୦**



ଜିଓର୍ଜିଆ ମେଲୋନି



ଆଣ୍ଡ୍ରେଆ ଜିଆମବ୍ରୁନୋ

ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ତାଙ୍କ ଟିଭି ଜର୍ନାଲିଷ୍ଟ ପାର୍ଟନର ଆଣ୍ଡ୍ରେଆ ଜିଆମବ୍ରୁନୋଙ୍କୁ ଛାଡ଼ିଦେଇଥିବା ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ନିକଟରେ ଆଣ୍ଡ୍ରେଆ ଲିଙ୍ଗଗତ ମନ୍ତବ୍ୟ ପାଇଁ ସମାଲୋଚିତ ହୋଇଥିଲେ। ଗତମାସରେ ମେଲୋନି ଖବରଦାତାମାନଙ୍କୁ କହିଥିଲେ, ତାଙ୍କୁ ଆଣ୍ଡ୍ରେଆଙ୍କ ମନ୍ତବ୍ୟକୁ ନେଇ ବିଚାର କରା ନ ଯାଉ। ଆଣ୍ଡ୍ରେଆଙ୍କ ଆଚରଣ ସମ୍ପର୍କରେ ସେ କୌଣସି ପ୍ରଶ୍ନର ଉତ୍ତର ଦେବେ ନାହିଁ।

୪୬ ବର୍ଷୀୟା ପ୍ରଧାନମନ୍ତ୍ରୀ ମେଲୋନି ଦକ୍ଷିଣପନ୍ଥୀ ମେଣ୍ଟ ସରକାର ମୁଖ୍ୟ ଭାବେ ପ୍ରଥମ ବର୍ଷ ପୂରଣ କରିଥିବାବେଳେ ଏହି ବିଚ୍ଛେଦ ଖବର ସାମ୍ନାକୁ ଆସିଛି। ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ମେଲୋନି ଲେଖିଛନ୍ତି, ଆଣ୍ଡ୍ରେଆଙ୍କ ସହ ତାଙ୍କ ସମ୍ପର୍କ ୧୦ ବର୍ଷ ତିଷ୍ଠି ରହିଥିଲା। ସେଥିରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ତେବେ ନିଜ ବ୍ୟକ୍ତିଗତ ଜୀବନର କଠିନତାକୁ ନେଇ ସେ ପ୍ରଭାବିତ ହେବେ ନାହିଁ। ଘରେ ତାଙ୍କୁ ଯେଉଁମାନେ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଥିଲେ, ସେମାନେ କେବେହେଲେ ସଫଳ ହେବେ ନାହିଁ। ୨୦୧୪ରେ ଏକ ଟିଭି ଷ୍ଟୁଡିଓରେ ପରସ୍ପରକୁ ଭେଟିଥିବା ଏହି ଯୋଡ଼ିଙ୍କ ଜଣେ ୭ ବର୍ଷୀୟା ଝିଅ ଅଛନ୍ତି। ୪୨ ବର୍ଷୀୟ ଆଣ୍ଡ୍ରେଆ 'ମିଡିଆ ଇଷ୍ଟ' ଦ୍ୱାରା ପ୍ରସାରିତ ଏକ ନ୍ୟୁଜ୍ କାର୍ଯ୍ୟକ୍ରମରେ ଉପସ୍ଥାପକ ଅଛନ୍ତି। 'ମିଡିଆ ଇଷ୍ଟ' ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ସିଲିଭିଓ ବେର୍ଲୁସ୍କୋନିଙ୍କ ଉତ୍ତରାଧିକାରୀମାନଙ୍କ ଦ୍ୱାରା ପରିଚାଳିତ ଏମ୍‌ଏଫ୍‌ଇ ମିଡିଆ ଗ୍ରୁପ୍‌ର ଏକ ଅଂଶ।

ଚଳିତ ସପ୍ତାହରେ ଆଣ୍ଡ୍ରେଆ ଏକ ଶୋ' ବେଳେ ନିଜ ଗୁପ୍ତାଙ୍ଗକୁ ଧରି ତାଙ୍କ ମହିଳା ସହଯୋଗୀଙ୍କୁ କହିଥିଲେ, ତୁମେ ମୋତେ ପୂର୍ବରୁ କାହିଁକି ଭେଟି ନ ଥିଲ? ଏହାର ଭିଡିଓ ଭାଇରାଲ ହୋଇଥିଲା। ଗୁରୁବାର ପ୍ରସାରିତ ଅନ୍ୟ ଏକ ଅଡିଓ ରେକର୍ଡିଂରେ ଆଣ୍ଡ୍ରୋଆ ଆଉ ଜଣେ ମହିଳା ସହକର୍ମୀଙ୍କୁ କହୁଥିଲେ, ତାଙ୍କ ସହ କାମ କରିବାକୁ ହେଲେ ଗ୍ରୁପ୍ ସେକ୍ସରେ ସାମିଲ ହେବାକୁ ପଡ଼ିବ। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

## ଭାରତରୁ ୪୧ କୂଟନୀତିଜ୍ଞଙ୍କୁ ଫେରାଇନେଲା କାନାଡା

**ଟରଣ୍ଟୋ/ନୂଆଦିଲ୍ଲୀ,୨୦।୧୦**

### ବେଙ୍ଗାଲୁରୁ, ଚଣ୍ଡିଗଡ଼, ମୁମ୍ବାଇରେ ଭିଜା, କନ୍‌ସୁଲାର ସେବା ବନ୍ଦ

କାନାଡା ଶୁକ୍ରବାର ଭାରତରୁ ୪୧ ଜଣ କୂଟନୀତିଜ୍ଞ ଓ ସେମାନଙ୍କ ପରିବାରକୁ ଫେରାଇ ନେଇଛି। ସେମାନଙ୍କ କୂଟନୈତିକ ସୁରକ୍ଷା କାଢ଼ିନିଆଯିବ ବୋଲି ନୂଆଦିଲ୍ଲୀ ପକ୍ଷରୁ ଚେତାବନୀ ଦିଆଯାଇଥିବାରୁ କାନାଡ଼ା ସରକାର ଉପରୋକ୍ତ ନିଷ୍ପତ୍ତି ନେଇଥିବା ଏହାର ବହିର୍ବ୍ୟାପାର ମନ୍ତ୍ରୀ ମେଲାନି ଜୋଲି କହିଛନ୍ତି। ଏଥିସହିତ ବେଙ୍ଗାଲୁରୁ, ଚଣ୍ଡିଗଡ଼ ଏବଂ ମୁମ୍ବାଇରେ କାନାଡ଼ା ଏହାର ଭିଜା ଏବଂ କନ୍‌ସୁଲାର ସେବାକୁ ସାମୟିକ ଭାବେ ବନ୍ଦ କରିଦେଇଛି। କେବଳ ଦିଲ୍ଲୀରେ କାନାଡ଼ା ହାଇକମିଶନଙ୍କ କାର୍ଯ୍ୟାଳୟ ପୂର୍ବଭଳି ଚାଲିବ। କାନାଡ଼ାର ଏଭଳି ପଦକ୍ଷେପକୁ ନେଇ ନୂଆଦିଲ୍ଲୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଆପୋସ କୂଟନୈତିକ ଉପସ୍ଥିତିରେ ସମାନତା ଉପରେ ଭାରତ ଜୋର୍ ଦେଇଛି। ସୂଚନାଯୋଗ୍ୟ, ଖଲିସ୍ତାନୀ ଆତଙ୍କବାଦୀ ନିଜ୍ଜରଙ୍କୁ ଜୁନ୍ ୧୮ରେ କାନାଡ଼ାରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ସହ ଭାରତୀୟ ଏଜେଣ୍ଟ ସମ୍ପୃକ୍ତ ବୋଲି କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଗତ ମାସରେ ଅଭିଯୋଗ ଆଣିବା ପରେ ଏହାକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏଭଳି ଅଭିଯୋଗକୁ ମିଥ୍ୟା ଓ ମନଗଢ଼ା କହି ଭାରତ ଖଣ୍ଡନ କରିଥିଲା।

## ଏକସଙ୍ଗେ ନିର୍ବାଚନ: ୨୫ରେ ମତାମତ ଜଣାଇବ ନ୍ୟାୟିକ କମିଟି

**ନୂଆଦିଲ୍ଲୀ,୨୦।୧୦(ପି.ଟି.)**

ଏକସଙ୍ଗେ ନିର୍ବାଚନ କରାଇବା ନେଇ ରୂପରେଖ ପ୍ରସ୍ତୁତି ନିମନ୍ତେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିକୁ ଆସନ୍ତା ୨୫ ତାରିଖରେ ନ୍ୟାୟିକ ଆୟୋଗ ଏହାର ମତାମତ ଜଣାଇବ। ଦେଶରେ ଏକସଙ୍ଗେ ନିର୍ବାଚନ କିପରି କରାଯାଇପାରିବ, ତାହା ଉପରେ କୋବିନ୍ଦ କମିଟି ଲ' କମିଶନଙ୍କ ମତାମତ ଲୋଡ଼ିଥିଲେ। ଆପୋସ ସହମତିକ୍ରମେ ନିର୍ଦ୍ଦିଷ୍ଟ ତାରିଖରେ ବିଭିନ୍ନ ରାଜନୈତିକ ଦଳ ସହ କମିଟି ଏନେଇ ଆଲୋଚନା କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏହା ସହ ଆଗାମୀ ୩ ମାସ ମଧ୍ୟରେ ଦଳଗୁଡ଼ିକ ଚାହିଁଲେ ସେମାନଙ୍କ ମତାମତ ଲିଖିତ ଭାବେ ଦାଖଲ କରିପାରିବେ। ୨୦୨୯ ଲୋକ ସଭା ନିର୍ବାଚନ ସହ ସମସ୍ତ ରାଜ୍ୟ ବିଧାନସଭା ନିର୍ବାଚନ ଏକସଙ୍ଗେ କରିବା ପାଇଁ ଯୋଜନା ରହିଛି। ଏଥିପାଇଁ ବିଭିନ୍ନ ରାଜ୍ୟ ବିଧାନସଭାର କାର୍ଯ୍ୟକାଳକୁ ବଢ଼ାଇ କିମ୍ବା ହ୍ରାସ କରି ଏକତ୍ର ନିର୍ବାଚନ କରାଇବା ନିମନ୍ତେ ଏକ ସୂତ୍ର ବାହାର କରିବା ପାଇଁ ଜଷ୍ଟିସ୍ ଋତୁରାଜ ଅୱସ୍ତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ଆୟୋଗ କାର୍ଯ୍ୟ କରୁଛି।

## ବ୍ରିଟେନ ନିର୍ବାଚନ: ଲେବର ପାର୍ଟି ବିଜୟୀ

**ଲଣ୍ଡନ,୨୦।୧୦**

ବ୍ରିଟେନ୍‌ର ଦୁଇଟି ସ୍ୱତନ୍ତ୍ର ନିର୍ବାଚନରେ ମୁଖ୍ୟ ବିରୋଧୀ ଦଳ ଲେବର ପାର୍ଟି ବିଜୟ ହାସଲ କରିବା ସହ ଶାସକ କଞ୍ଜରଭେଟିଭ୍ ପାର୍ଟିର ସୁରକ୍ଷିତ ପାର୍ଲାମେଣ୍ଟ ଆସନ ଛଡ଼ାଇ ନେଇଛି। ଫଳରେ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କୁ ବଡ଼ ଝଟ୍‌କା ଲାଗିଛି। କେନ୍ଦ୍ରୀୟ ଇଂଲଣ୍ଡର ଟାମୱର୍ଥ ଏବଂ ଉତ୍ତର ଲଣ୍ଡନର ମିଡ୍-ବେଡ୍‌ଫୋର୍ଡଶାୟାର ଆସନର ଭୋଟରମାନେ କଞ୍ଜରଭେଟିଭ୍ ପାର୍ଟିରୁ ମୁହଁ ଫେରାଇ ଲେବର ପାର୍ଟିକୁ ବିପୁଳ ସମର୍ଥନ ଜଣାଇଛନ୍ତି। ଜାତୀୟ ନିର୍ବାଚନ ପୂର୍ବରୁ ଲେବର ପାର୍ଟି ଫ୍ରଣ୍ଟ-ରନର୍ ଷ୍ଟାଟସ୍‌କୁ ପକ୍କା କରିଛି। ଟାମ୍‌ୱର୍ଥରୁ ଲେବର ପାର୍ଟି ପ୍ରାର୍ଥୀ ସାରା ଏଡ୍‌ୱାର୍ଡ ବିଜୟୀ ହୋଇଥିବାବେଳେ ମିଡ୍-ବେଡ୍‌ଫୋର୍ଡଶାୟାରରୁ ଉକ୍ତ ଦଳର ଆଲିଷ୍ଟାର ଷ୍ଟ୍ରାଥେର୍ନ ନିର୍ବାଚିତ ହୋଇଛନ୍ତି।

DSPL-290
**ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ**



- ପୂଜା ପେଣ୍ଡାଲ ଓ ସାଜସଜାର ନିର୍ମାଣ କାର୍ଯ୍ୟ ସମୟରେ ବିଦ୍ୟୁତ୍ ବିଭାଗର ପରାମର୍ଶ ନେଇ ନିକଟସ୍ଥ ବିଦ୍ୟୁତ୍ ତାରଠାରୁ ଯଥେଷ୍ଟ ଦୂରତା ବଜାୟ ରଖନ୍ତୁ। ଏହା ସହିତ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ବିଦ୍ୟୁତ୍ ସୁରକ୍ଷାର ଯାଞ୍ଚ ମଧ ଅନିବାର୍ଯ୍ୟ ଅଟେ।
- ଦୁର୍ଗାପୂଜା ଭସାଣି ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ବିଦ୍ୟୁତ୍ ବିତରଣ ସଂସ୍ଥାର ସ୍ଥାନୀୟ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ।

**ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) - ତଥା - ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ**
**ଶକ୍ତି ବିଭାଗ, ଓଡ଼ିଶା ସରକାର**
OIPR-04025/13/0023/2324

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୧/୨୦୨୩ | Bhubaneswar, Saturday, October 21/2023 | ପୃଷ୍ଠା-୧




### ୱାର୍ନରଙ୍କ ଦ୍ରୁତ ଶତକ

ପାକିସ୍ତାନ ବିପକ୍ଷ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଡେଭିଡ ୱାର୍ନରଙ୍କ ଦ୍ରୁତ ଶତକ ସହାୟତାରେ ଅଷ୍ଟ୍ରେଲିଆ ବୃହତ୍ ସ୍କୋର କରିପାରିଛି।

୧୩

୧୦

### ଶାହାରୁଖଙ୍କ ସହ ନଜର ଆସିବେ ଝିଅ ସୁହାନା

ଶାହାରୁଖ ଖାନ୍‌ଙ୍କ ଅଭିନୀତ ପରବର୍ତ୍ତୀ ଫିଲ୍ମ 'ଡଙ୍କି'ରେ ତାଙ୍କ ସହ ଝିଅ ସୁହାନା ଏକାଠି ନଜର ଆସିବେ। ଖୁବ୍‌ଶୀଘ୍ର ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବାକୁ ଯାଉଛି।



# ୪% ବଢ଼ିଲା ମହଙ୍ଗା ଭତ୍ତା

■ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର

ଭୁବନେଶ୍ୱର,୨୦।୧୦(ଅନିଲ ଦାସ)

ଦଶହରା ପୂର୍ବରୁ ରାଜ୍ୟ ସରକାର କର୍ମଚାରୀମାନଙ୍କୁ ପୂଜାଭେଟି ଦେଇଛନ୍ତି। କର୍ମଚାରୀମାନଙ୍କର ମହଙ୍ଗା ଭତ୍ତା ୪% ବୃଦ୍ଧି କରିଛନ୍ତି। ଏହି ବୃଦ୍ଧି ସହିତ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪୨ରୁ ୪୬%ରେ ପହଞ୍ଚିଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ଜୁଲାଇ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହାଦ୍ୱାରା ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ।

# ୩୧ ଯାଏ ଧର୍ମଘଟ ସ୍ଥଗିତ

■ ବସ୍ ଗଡ଼ିଲା, ଯାତ୍ରୀ ଆଶ୍ୱସ୍ତ

■ ୨୬ରେ ପରବର୍ତ୍ତୀ ବୈଠକ

ଭୁବନେଶ୍ୱର,୨୦।୧୦ (ଅନିଲ ଦାସ)

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଚାଲିଥିବା ବସ୍ ଧର୍ମଘଟ ଆସନ୍ତା ୩୧ ତାରିଖ ଯାଏ ସ୍ଥଗିତ ରଖାଯାଇଛି। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଶୁକ୍ରବାର ରାତ୍ରିରେ ଭୁବନେଶ୍ୱରରେ ଅନୁଷ୍ଠିତ ସଂଘର ଜରୁରୀ ବୈଠକ ପରେ ଏହି ଘୋଷଣା କରାଯାଇଛି। ବୈଠକ ପରେ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କ ଅନୁରୋଧ ଏବଂ ଯାତ୍ରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୁକ୍ରବାର ରାତିରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି। ଦାବି ପୂରଣ ପାଇଁ ସରକାର କିଛି ମହଲତ ନେଇଛନ୍ତି। ଆସନ୍ତା ୨୬ ତାରିଖରେ ରାଜ୍ୟ ସରକାରଙ୍କ ସହ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। ସେହି ବୈଠକରେ କି ପ୍ରତିଶ୍ରୁତି ମିଳୁଛି ଆମେ ତାହାକୁ ଅପେକ୍ଷା କରିଛୁ। ଆସନ୍ତା ୩୧ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସଂଘ ପୁଣି ଧର୍ମଘଟ କରିବାକୁ ବାଧ୍ୟ ହେବ ବୋଲି ସେ କହିଛନ୍ତି। ତେବେ ଧର୍ମଘଟ ପ୍ରତ୍ୟାହାର ହେବା ପରେ ଶୁକ୍ରବାର ରାତ୍ରିରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି।

ଗୁରୁବାର ଧର୍ମଘଟ ନିଷ୍ପତ୍ତିରୁ ଓହରିବାକୁ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଘରୋଇ ବସ୍ ମାଲିକ ସଂଘକୁ ଅନୁରୋଧ କରିଥିଲେ। ଏହାସତ୍ତ୍ୱେ ସଂଘ ନିଜ ଜିଦ୍‌ରେ ଅଟଳ ରହିଥିଲା। ଶୁକ୍ରବାର ଦିନତମାମ କୌଣସି ଘରୋଇ ବସ୍ ଚଳାଚଳ କରି ନ ଥିଲା। ଅପରାହ୍ନରେ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ☞ପୃଷ୍ଠା-୨



ବସ୍ ଧର୍ମଘଟ ପ୍ରତ୍ୟାହାର ପୂର୍ବରୁ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବ୍ୟସ୍ତ ହୋଇପଡ଼ିଥିବା ଯାତ୍ରୀମାନେ ଭୁବନେଶ୍ୱର ରେଳଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରିଛନ୍ତି।

## ଟାଙ୍କି ସଫାବେଳେ ମେହେନ୍ତରଙ୍କ ମୃତ୍ୟୁ ହେଲେ ସରକାର ଦେବେ ୩୦ ଲକ୍ଷ

**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୨୦।୧୦(ପି.ଟି)

ଦେଶରେ ମଇଳା ଟାଙ୍କି ସଫା କଲାବେଳେ ମେହେନ୍ତରଙ୍କ ମୃତ୍ୟୁ ଘଟଣାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ମୃତ୍ୟୁ ଘଟଣାରେ ସରକାରୀ କର୍ତ୍ତୃପକ୍ଷ ମେହେନ୍ତରଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହିତ ଟାଙ୍କି ସଫା ବେଳେ ମେହେନ୍ତର ସ୍ଥାୟୀ ଭାବେ ଅକର୍ମଣ୍ୟ ହେଲେ ତାଙ୍କୁ ଅନ୍ୟୂନ ୨୦ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ଅକର୍ମଣ୍ୟତା ପାଇଁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ☞ପୃଷ୍ଠା-୨

## ଏମ୍ସ ଭୁବନେଶ୍ୱରରେ ଇ-ପେମେଣ୍ଟ ବ୍ୟବସ୍ଥା ଆରମ୍ଭ

ଭୁବନେଶ୍ୱର, ୨୦।୧୦ (ଅସମାପିକା ସାହୁ)

ଏମ୍ସ ଭୁବନେଶ୍ୱରରେ ଶୁକ୍ରବାର ଇ-ପେମେଣ୍ଟ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏଣିକି ଚିକିତ୍ସା ବିଲ୍ ପେମେଣ୍ଟ ପାଇଁ କାଉଣ୍ଟରରେ ଦୀର୍ଘ ସମୟ ଧରି ଠିଆ ହେବାକୁ ପଡିବ ନାହିଁ। ଘରୁ ଥାଇ ମଧ୍ୟ ବିଭିନ୍ନ ପରୀକ୍ଷା ନିମନ୍ତେ ପେମେଣ୍ଟ କରିପାରିବେ ସାଧାରଣଲୋକ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଜରିଆରେ ୟୁପିଆଇ ଆଇଡି ବ୍ୟବହାର କରି ବିଭିନ୍ନ କାର୍ଡ/ନେଟ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ପେମେଣ୍ଟ ବ୍ୟବସ୍ଥା ହୋଇପାରିବ। ଏପରିକି ଦେଶର ଯେକୌଣସି ସ୍ଥାନରୁ ମଧ୍ୟ ରୋଗୀଙ୍କ ସମ୍ପର୍କୀୟମାନେ ଏହି ପେମେଣ୍ଟ କରିପାରିବେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଆଇଏଫ୍‌ଏସ୍ କ୍ୟାଡରର ପୁନର୍ଗଠନ





On the occasion of the 64th annual Police Commemoration Day being observed across the country on 21st October this year I pay my sincere tribute to all the fearless police personnel who had embraced martyrdom sacrificing their lives in the line of duty. The glorious trend of supreme sacrifices in Police Force that began since 1959 while defending borders with China continues exhibiting the high degree of bravery in executing duties.

Odisha Police is proud of its martyred Personnel. No value can be attached to the sacrifice made by a martyr. Martyrdom of our brave hearts would continue to inspire our police personnel and make Odisha Police more storng and determined. I take this opportunity to convey my best wishes to all police personnel in Odisha Police.

I wish the 64th annual Police Commemoration Day all success.

(Prof. Ganeshi Lal)
Hon'ble Governor, Odisha




**ପୋଲିସ୍ ଶହୀଦ ସ୍ମୃତି ଦିବସ ଉପଲକ୍ଷେ**
**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଦେଶ ମାତୃକାର ସେବା ପାଇଁ ପ୍ରାଣବଳି ଦେଇଥିବା ବୀର ପୋଲିସ୍‌ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ୍ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ ପୋଲିସ୍ ଶହୀଦ ଦିବସ ଭାବେ ପାଳନ କରି ଆସୁଅଛି ।

ଜନସାଧାରଣଙ୍କ ଧନ ଜୀବନର ସୁରକ୍ଷା ସହିତ ରାଜ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଓଡ଼ିଶା ପୋଲିସ୍ ସବୁବେଳେ ଦକ୍ଷତାର ସହ କାର୍ଯ୍ୟ କରି ଜନସାଧାରଣଙ୍କ ମଧ୍ୟରେ ଭରସା ସୃଷ୍ଟି କରିପାରିଛି । ରାଜ୍ୟରେ ଶାନ୍ତି ରକ୍ଷା ତଥା ଉଗ୍ରବାଦ ନିୟନ୍ତ୍ରଣ ସମୟରେ ବହୁ କର୍ତ୍ତବ୍ୟରତ ସାହସୀ ପୋଲିସ ଅଧିକାରୀ ଓ କର୍ମଚାରୀ ରାଜ୍ୟ ତଥା ରାଜ୍ୟବାସୀଙ୍କ ସୁରକ୍ଷା ପାଇଁ ପ୍ରାଣବଳି ଦେଇଛନ୍ତି । ଏହି ଶହୀଦ ବୀର ପୋଲିସ୍‌ମାନଙ୍କ ନିକଟରେ ରାଜ୍ୟ ତଥା ଜାତି ସବୁବେଳେ କୃତଜ୍ଞ । ସେମାନଙ୍କ ତ୍ୟାଗ ଓ ବଳିଦାନ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ । ଦେଶ ପାଇଁ ଜାତି ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିବା ଜୀବନର ସବୁଠାରୁ ବଡ଼ ଉପଲବ୍ଧି ।

ଆଜିର ଏହି ପବିତ୍ର ଦିବସରେ ମୁଁ ସେହି ଶହୀଦ ବୀର ପୋଲିସ୍‌ମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଉଛି ।

(ନବୀନ ପଟ୍ଟନାୟକ)

OIPR-12029/13/0026/2324



**ଆଜିର ମନ୍ତବ୍ୟ**

“ୟୁକ୍ରେନ୍ ଯୁଦ୍ଧରେ ପ୍ରୟୋଗ ପାଇଁ ରୁଷିଆକୁ ଉତ୍ତର କୋରିଆ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ନେଇ ଆମେରିକାର ଅପପ୍ରଚାର ଏକ ଗୁଜବ। ଏହି ଅଭିଯୋଗକୁ ପ୍ରମାଣିତ କରିବାରେ ୱାଶିଂଟନ୍ ବିଫଳ ହୋଇଛି। **-ସର୍ଗେଇ ଲାଭ୍ରୋଭ, ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଆକେ ନାହିଁ କି ହାଆକେ ନାହିଁ**
**ଡର ନାହିଁ କାହାକୁ,**
**ଯୋଡ଼ା ଭାରିଯାର କି ଦଶା ଅଛି**
**ପଚାରେ ତୋ ମାଆକୁ।**

ଦି ନାଆରେ ପାଦ ଦେଇଥିବା ବ୍ୟକ୍ତିଙ୍କ ପରିଣତି ସାଂଘାତିକ ହୋଇଥାଏ। ସ୍ଥଳ ବିଶେଷରେ ଏଭଳି ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଏ। ଆଗପଛ ନ ବିଚାରି ଦୁଇ ଜଣ ସ୍ତ୍ରୀ ରଖିଥିବା ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ଭୋଗିବା ସହ ଅନେକ ହଟହଟା ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଢାଙ୍କୁଣୀ ଘୋଡ଼େଇ ରଖିଲେ ଗୁହ**
**କେତେକାଳ ଲୁଚି ରହିବ କୁହ?**

ସତ କେବେ ଲୁଚି ରହେନାହିଁ। ସେହିଭଳି ଅସତ ଚରିତ୍ରକୁ ଯେତେ ପ୍ରସଙ୍ଗରେ ଲୁଚାଇଲେ ସୁଦ୍ଧା ସେ କେବେ ଲୁଚି ରହି ନ ଥାଏ,ଦିନେ ନା ଦିନେ ଏହା ପ୍ରକାଶ ପାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ପୂଜା ବୁଲିବାକୁ ଗଲେ ଲୋକାଲ ଥାନା ଆଉ ପଡ଼ୋଶୀଙ୍କୁ ଜଣାନ୍ତୁ




# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଏକ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ, କାଜୁ ଉନ୍ନୟନ ନିଗମ ଏମ୍‌ଡି ଦିପ୍ତୀ ମହାପାତ୍ରଙ୍କୁ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ନବକୃଷ୍ଣ ଜେନାଙ୍କୁ ଯାଜପୁର ଏଡିଏମ୍ ଭାବେ ବଦଳି କରାଯାଇଛି। ଫୁଲବାଣୀ ଆଇଟିଡିଏ ପିଏ ନରେଶ ଚନ୍ଦ୍ର ସବରଙ୍କୁ ଗଜପତି ଛେଲିଗଡ଼ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଏଲ୍‌ଏଓ ଭାବେ ନିଯକ୍ତି ମିଳିଛି। ଯାଜପୁର ଏଡିଏମ୍ ଦୁଖବନ୍ଧୁ ନାୟକଙ୍କୁ ସୁକିନ୍ଦା ସ୍ୱତନ୍ତ୍ର ଏଲ୍‌ଏଓ ଏବଂ ଆରଆର ଭାବେ ଅବସ୍ଥାପିତ କରାଯାଇଛି। ସରକାରୀ ଉପ ମୁଖ୍ୟ ସଚେତକଙ୍କ ବ୍ୟକ୍ତିଗତ ସଚିବ ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ଭୁବନେଶ୍ୱର ସବ୍‌କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। କୁଚିଣ୍ଡା ଆଇଟିଡିଏ ପିଏ ହେମସାଗର ଭୋଇଙ୍କୁ କୁଚିଣ୍ଡାର ଅତିରିକ୍ତ ସବକଲେକ୍ଟର ନିଯୁକ୍ତି ମିଳିଛି।

# ବାଲେଶ୍ୱରରେ ବସ୍ ଚଳାଚଳ ସ୍ୱାଭାବିକ

ବାଲେଶ୍ୱର, ୨୦।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ବସ୍ ମାଲିକଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ପଦାରେ ପଡ଼ିଛି। ଗୋଟିଏ ସଂଘ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ବସ୍ ଧର୍ମଘଟରେ ସାମିଲ ହୋଇଥିବା ବେଳେ ଅନ୍ୟ ଏକ ସଂଘ ପାର୍ବଣ ଋତୁରେ ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ ଧର୍ମଘଟକୁ ବିରୋଧ କରି ବସ୍ ଚଳାଚଳ ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରିଛନ୍ତି। ଶୁକ୍ରବାର ବାଲେଶ୍ୱର ବସ୍‌ଷ୍ଟାଣ୍ଡରୁ ଜିଲାର ବିଭିନ୍ନ ଅଞ୍ଚଳକୁ ବସ୍ ଚଳାଚଳ କରିବା ସହ ବାରିପଦା, ଭୁବନେଶ୍ୱର, କଟକ, ଭଦ୍ରକ, ରାଉରକେଲା ଭଳି ସ୍ଥାନକୁ ବସ୍ ପଠାଇବାର ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ରାଜ୍ୟରେ ଶୁକ୍ରବାରଠାରୁ ବସ୍ ଧର୍ମଘଟ ଆରମ୍ଭ ହୋଇଛି। ଫଳରେ ବସ୍‌ସେବା ସମ୍ପୂର୍ଣ୍ଣ ଠପ୍ ରହିଛି। ଯାତ୍ରୀମାନେ ବିଭିନ୍ନ ବସ୍‌ଷ୍ଟାଣ୍ଡରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ବସ୍ ଧର୍ମଘଟରେ ଫାଟ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ରାଜ୍ୟରେ ପ୍ରାୟ ସବୁ ଜିଲାରେ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ବାଲେଶ୍ୱରରେ ବସ୍ ଚଳାଚଳ ସ୍ୱାଭାବିକ ରହିଛି। ଏହି ଧର୍ମଘଟରେ ବାଲେଶ୍ୱର ଘରୋଇ ବସ୍ ସଂଘ ସାମିଲ ହୋଇନାହିଁ। ଶୁକ୍ରବାର ସକାଳ ୬ଟା ୩୦ରୁ ପ୍ରଥମ ବସ୍ ସହଦେବଖୁଣ୍ଟାସ୍ଥିତ ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରିଥିଲା। ସେହିପରି ଜଳେଶ୍ୱର, ଦୀଘା, କଟକ, ଭୁବନେଶ୍ୱର ଆଦି ସ୍ଥାନକୁ ବାଲେଶ୍ୱରରୁ ବସ୍ ଚଳାଚଳ କରିଛି। ବାଲେଶ୍ୱର ଘରୋଇ ବସ୍ ସଂଘ ଦ୍ୱାରା ୧୦୦ରୁ ଅଧିକ ବସ୍ ବାଲେଶ୍ୱରରୁ ଭୁବନେଶ୍ୱର, କଟକ, ଭଦ୍ରକ, ବାରିପଦା ସମେତ ରାଉରକେଲା ଯାଇଛି। ଗୋଟିଏପଟେ ରାଜ୍ୟ ଘରୋଇ ବସ୍ ସଂଘ ବନ୍ଦ ଡାକରା ଦେଇଥିବା ବେଳେ ଏପଟେ ନିଷ୍ପତ୍ତିକୁ ବାଲେଶ୍ୱର ଘରୋଇ ବସ୍ ସଂଘ ବିରୋଧ କରି ବସ୍ ଚଳାଇଛି। ପୂଜା ସମୟରେ ବସ୍ ଚଳାଚଳ ବନ୍ଦ କରି ସାଧାରଣ ଲୋକଙ୍କୁ ହଇରାଣ କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ସଂଘ ସଭାପତି ବାଦଲ ଦାସ କହିଛନ୍ତି। ସେହିପରି କିଛି ଯାତ୍ରୀ ବସ୍ ବନ୍ଦ ନେଇ ସୂଚନା ପାଇ ନ ଥିବା ବେଳେ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡରେ ଦୀର୍ଘ ସମୟ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା।

# ‘ଧରିତ୍ରୀ’ ଖବରଦାତାଙ୍କ ପିତୃ ବିୟୋଗ

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)

‘ଧରିତ୍ରୀ’ର ଖବରଦାତା ଅଭୟ ଦାଶଙ୍କ ପିତା ତଥା ଭଦ୍ରକ ଜିଲା ଚାନ୍ଦବାଲି ଟାଉନ୍ ନିବାସୀ କାଳନ୍ଦୀ ଦାଶଙ୍କ ଶୁକ୍ରବାର ଅପରାହ୍ନ ୩ଟା ୪୦ ମିନିଟ୍‌ରେ କଟକ ବଡମେଡିକାଲରେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ମଧ୍ୟାହ୍ନରେ ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖା ନ ଦେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱର୍ଗତ ଦାଶ ଜଣେ କୃଷକ ନେତା, ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ବହୁ ଅନୁଷ୍ଠାନ ସହ ଜଡ଼ିତ ରହି ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ୨ପୁଅ, ୨ଝିଅ, ଭାଇ ଓ ଭଉଣୀ ଉପସ୍ଥିତ ଥିଲେ। ଦାଶଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବାଇକ ମୁହାଁମୁହିଁ ଧକ୍କା, ୨ ମୃତ

ଆର.ଉଦୟଗିରି,୨୦।୧୦ (ମନୋଜ କୁମାର ପାଢ଼ୀ)

ଗଜପତି ଜିଲା ଆର.ଉଦୟଗିରି ଥାନା ମକାପଦା ଛକଠାରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଚାଳକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଲୁହାଙ୍ଗର ଗ୍ରାମର ରଙ୍ଗନାଥ ଦଳବେହେରା ଓ ଛେଲିଗଡ଼ ଗ୍ରାମର କାହ୍ନୁଚରଣ ସାମନ୍ତରାୟ। ପ୍ରକାଶ ଯେ, ନୂଆଗଡ଼ ବ୍ଲକ ଲୁହାଙ୍ଗର ଗ୍ରାମର ରଙ୍ଗନାଥ ଦଳବେହେରା ମହେନ୍ଦ୍ରଗଡ଼ ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଛେଲିଗଡ଼ ଗ୍ରାମର କାହ୍ନୁଚରଣ ସାମନ୍ତରାୟ ନିଜ ଗ୍ରାମକୁ ଫେରୁଥିଲେ। ମକାପଦା ଛକଠାରେ ଉଭୟଙ୍କ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ରଙ୍ଗନାଥ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। କାହ୍ନୁଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ଆର.ଉଦୟଗିରି ପୋଲିସ ବାଇକ ଦୁଇଟିକୁ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇଛି।

## ୩ ସାଙ୍ଗଙ୍କୁ ହତ୍ୟା ମାମଲାର ୨୭ ବର୍ଷ ପରେ ରାୟ

# ୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

ଭୁବନେଶ୍ୱର,୨୦।୧୦ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ୩ ସାଙ୍ଗଙ୍କୁ ହତ୍ୟା ମାମଲାରେ ଭୁବନେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ (୨) କୋର୍ଟ ୨୭ ବର୍ଷ ପରେ ଶୁକ୍ରବାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଜିତୁ ଓରଫ ବିଶ୍ୱଜିତ୍ ଦାସ, ଛୋଟୁ ଓରଫ ଚିତ୍ତରଞ୍ଜନ ପାଢ଼ୀ ଓ ରୁଦ୍ର ଓରଫ ରୁଦ୍ର ନାରାୟଣ ସାହୁଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଜା ଶୁଣାଇଛନ୍ତି। ଏଥିସହ ସମସ୍ତଙ୍କୁ ୫୦ ହଜାର ଲେଖାଏ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଦୋଷୀମାନେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ସତ୍ୟ ନାରାୟଣ ପାତ୍ର ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡାଦେଶ ପରେ ଦୋଷୀସାବ୍ୟସ୍ତ ଅଭିଯୁକ୍ତଙ୍କୁ କୋର୍ଟରୁ ପୁଣି ଝାରପଡ଼ା ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଜଣେ ଅଭିଯୁକ୍ତଙ୍କ ଭଉଣୀଙ୍କୁ କମେଣ୍ଟମରାକୁ କେନ୍ଦ୍ର କରି ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ଥିଲା। ଏହି ଶତ୍ରୁତା କାରଣରୁ ତିନି ସାଙ୍ଗ ବିଶ୍ୱଜିତ ମହାନ୍ତି, ଦିଲୀପ ବି. ରାୟ ଓ ସାରଦା ପ୍ରସାଦ ରଥଙ୍କୁ ଅଭିଯୁକ୍ତମାନେ ଟାର୍ଗେଟ୍ କରିଥିଲେ। ୧୯୯୬ ଜୁଲାଇ ୧୧ ସନ୍ଧ୍ୟାରେ ଜଗନ୍ନାଥ ବିହାରରେ ସାରଦାଙ୍କ ସହ ତାଙ୍କ ଦୁଇ ସାଙ୍ଗ ବିଶ୍ୱଜିତ ଓ ଦିଲୀପଙ୍କୁ ଅଭିଯୁକ୍ତମାନେ ଫାର୍ସା, ଭୁଜାଲି, ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତିନି ସାଙ୍ଗଙ୍କ ମୃତ୍ୟୁ ହୋଇଯାଇଥିଲା। ଏପଟେ ରେଣ୍ଟାଲ୍ କଲୋନୀରେ ରହୁଥିବା ମୃତ ସାରଦା ଅପରାହ୍ନ ୫ଟା ୧୫ରୁ ସ୍କୁଟର ଧରି ଘରୁ ବାହାରି ୨ ଘଣ୍ଟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ସାରଦାଙ୍କ ବାପା ଗୋଦାବରିଶ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପୁଅ ସାରଦାଙ୍କ ସହ ତାଙ୍କ ୨ସାଙ୍ଗଙ୍କୁ ମୃତ ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ। ତାଙ୍କ ଅଭିଯୋଗକ୍ରମେ ଖଣ୍ଡଗିରି ପୋଲିସ ଏକ ମାମଲା (ନଂ.୧୫୪/୧୯୯୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ଅଭିଯୁକ୍ତ ଜିତୁ, ଛୋଟୁ, ରୁଦ୍ର ଓ ସମିର ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ମାମଲାର ଶୁଣାଣି ଚାଲିଥିବା ସମୟରେ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିବା ସମିର୍‌ଙ୍କ ମୃତ୍ୟୁ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଜିତୁ, ଛୋଟୁ ଓ ରୁଦ୍ର କୋର୍ଟଙ୍କ ସର୍ତ୍ତମୂଳକ ଜାମିନ୍‌ରେ ଜେଲରୁ ବାହାରିଥିଲେ। ୨୧ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ସଲିଳ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ଆଥ୍‌ଲେଟଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୦ (ଅନିଲ ଦାସ)

**ପାରା ଏସିଆନ ଗେମ୍ସ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସିଆନ ପାରା ଗେମ୍ସର ଆଥ୍‌ଲେଟ୍ସଙ୍କ ପାଇଁ ଶୁକ୍ରବାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ୭ ଜଣ ଓଡ଼ିଆ ପାରା ଆଥ୍‌ଲେଟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରାଯାଇଛି। ଆସନ୍ତା ୨୨ରୁ ଚାଇନାର ହାଙ୍ଗଝୋରେ ଏସିଆନ ପାରା ଗେମ୍ସ ଆରମ୍ଭ ହେଉଛି। ସେଠାରେ ସଫଳତା ପାଇଁ ପାରା ଆଥ୍‌ଲେଟମାନଙ୍କୁ ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି । ଓଡ଼ିଶାରୁ ଯାଉଥିବା ପାରା ଆଥ୍‌ଲେଟ୍ସମାନେ ହେଲେ ପ୍ରମୋଦ ଭଗତ, ଜୟନ୍ତୀ ବେହେରା, ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ରଖାଲ କୁମାର ସେଠୀ, ଭି. ରମେଶ ରାଓ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ଏବଂ ପୂଜାସ୍ୱିନୀ ନାୟକ। ସେମାନେ ଏସିଆନ ପାରା ଗେମ୍ସକୁ ମନୋନୀତ ହେବା ପାଇଁ କଠିନ ପରିଶ୍ରମ କରିଛନ୍ତି। ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏସିଆନ ପାରା ଗେମ୍ସ-୨୦୨୨ ପାଇଁ ଯୋଗ୍ୟତା ଅର୍ଜନ ସକାଶେ ଅକ୍ଳାନ୍ତ ପରିଶ୍ରମ କରିଥିବା ଆମ ପାରା ଆଥ୍‌ଲେଟମାନଙ୍କ ପାଇଁ ଆମେ ଗର୍ବିତ। ଗେମ୍ସରେ ମଧ୍ୟ ଭଲ ପ୍ରଦର୍ଶନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

# ଦୁଇ ସନ୍ତାନ ସହ ଟ୍ରେନରୁ ଡେଇଁଲେ ମହିଳା

ବଲାଙ୍ଗୀର/ସଇଁତଲା, ୨୦।୧୦(ବୀରେନ୍ଦ୍ର କୁମାର ଝାଙ୍କର/ରାଖାଲ ପ୍ରସାଦ ଶତପଥୀ)

**ମା’ ମୃତ, ଦୁଇ ଛୁଆ ଅଳ୍ପକେ ବର୍ତ୍ତିଲେ**

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ରେଲ୍‌ୱେ ଷ୍ଟେଶନରେ ଜଣେ ମହିଳା ଟ୍ରେନ୍‌ରୁ ଡେଇଁ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଭୁଲ୍‌କ୍ରମେ ପାସେଞ୍ଜର ପରିବର୍ତ୍ତେ ଏକ୍ସପ୍ରେସ୍ ଟ୍ରେନ୍‌ରେ ଚଢ଼ିଯାଇଥିବା ମହିଳା ଜଣକ ନିଜ ଦୁଇ ଛୋଟଛୁଆଙ୍କୁ ଧରି ଚଳନ୍ତା ଟ୍ରେନ୍‌ରୁ ତଳକୁ ଓହ୍ଲାଇବାକୁ ଚେଷ୍ଟା କଲାବେଳେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଦେଓଗାଁ ଥାନା ଜରାସିଂହା ଗାଁର ଝରଣା ମହାନନ୍ଦ ନାମ୍ନୀ ମହିଳା ଜଣକ କୌଣସି କାମ ପାଇଁ ତାଙ୍କର ଦୁଇ ଛୋଟଛୁଆଙ୍କ ସହ ବଲାଙ୍ଗୀର ଆସିଥିଲେ। ଗାଁକୁ ଫେରିବା ପାଇଁ ବଲାଙ୍ଗୀର ରେଲ୍‌ୱେ ଷ୍ଟେଶନରେ ସେ ଦୀର୍ଘସମୟ ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ମାତ୍ର ପାସେଞ୍ଜର ଟ୍ରେନ୍‌ରେ ନ ଚଢ଼ି ସେ ଭୁଲ୍‌କ୍ରମେ ଦିନ୍‌ଦୟାଲ ଉପାଧ୍ୟାୟ ବିଶାଖାପାଟଣା ଏକ୍ସପ୍ରେସ୍ ଟ୍ରେନ୍‌ରେ ଚଢ଼ିଯାଇଥିଲେ। ଏହି ଟ୍ରେନ୍‌ଟି ଦେଓଗାଁରେ ଅଟକେନାହିଁ। ଦେଓଗାଁରେ ଟ୍ରେନ୍‌ଟି ନ ଅଟକିବାରୁ ଝରଣା ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ଟ୍ରେନ୍‌ଟି ବଡ଼ମାଳ ରେଲଷ୍ଟେଶନ ନିକଟରେ ଗତି ଧୀର କରିବାବେଳେ ମହିଳା ଜଣକ ଦୁଇଛୁଆଙ୍କୁ ଧରି ଓହ୍ଲାଇବାକୁ ଯାଇ ଟ୍ରେନ୍‌ରୁ ଡେଇଁପଡ଼ିଥିଲେ। ଫଳରେ ସେ ଟ୍ରେନ୍ ବଗିରେ ପିଟିହୋଇ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ମାତ୍ର ଛୁଆ ଦୁଇଟି ଟ୍ରେନ୍ ଉପରେ ରହିଯାଇଥିଲେ ଓ ସେମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ବଡ଼ମାଳ ପୋଲିସ ଏବଂ ରେଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଏମ୍ସ ଭୁବନେଶ୍ୱରରେ ...

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଶୁକ୍ରବାର ଏହି ଜନହିତକାରୀ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ଏହି ବ୍ୟବସ୍ଥା ଦ୍ୱାରା ସମୟ ସଞ୍ଚୟ ହେବା ସହିତ ଚିକିତ୍ସା ସେବା ଶୀଘ୍ର ହୋଇପାରିବ। ଏହି ଜାତୀୟ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଥିବା ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ପୂରା ଦେଶରେ ମଧ୍ୟ ଅଭିନବ ବୋଲି ଡା. ବିଶ୍ୱାସ ସୂଚନା ଦେଇଛନ୍ତି।

ଏମ୍ସ ଭୁବନେଶ୍ୱରର ଏହି ଇ-ପେମେଣ୍ଟ ବ୍ୟବସ୍ଥାର ଲାଭ ପାଇବାକୁ ହେଲେ ଜଣେ ବ୍ୟକ୍ତିଙ୍କୁ ନିଜ ମୋବାଇଲରେ କିଛି ପ୍ରକ୍ରିୟା ଅନୁସରଣ କରିବାକୁ ପଡ଼ିବ। ପ୍ରଥମ ସୋପାନରେ ବ୍ୟକ୍ତିଙ୍କୁ ଗୁଗଲ୍ ପ୍ଲେ ଷ୍ଟୋର୍‌ରୁ ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ଦ୍ୱିତୀୟ ପର୍ଯ୍ୟାୟରେ ତାଙ୍କୁ ପଞ୍ଜୀକୃତ ମୋବାଇଲ ନମ୍ବର ସହିତ ଲଗ୍‌ଇନ୍ କରିବାକୁ ହେବ। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ହିତାଧିକାରୀଙ୍କ ମୋବାଇଲକୁ ଏକ ଓଟିପି ନମ୍ବର ଆସିବ। ଓଟିପି ନମ୍ବର ଦେବା ପରେ ସ୍ୱାସ୍ଥ୍ୟ ଆପ୍‌ର ପେଜ୍ ମୋବାଇଲରେ ଡିସ୍‌ପ୍ଲେ ହେବ। ଏହା ପରେ ଉପଭୋକ୍ତାଙ୍କୁ ବିଲିଂ ଓ ଡିଜିଟାଲ ପେମେଣ୍ଟ ପ୍ରକ୍ରିୟା ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ଉପଭୋକ୍ତା ନିଜର ସୁବିଧା ଅନୁଯାୟୀ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଚୟନ କରିବେ। ପେମେଣ୍ଟ ପ୍ରକ୍ରିୟା ସରିବା ପରେ ଏକ ରସିଦ ପ୍ରଦର୍ଶିତ ହେବ, ଯାହାକୁ ଡାଉନଲୋଡ୍ କରି ପରବର୍ତ୍ତୀ ବ୍ୟବହାର ପାଇଁ ରଖିପାରିବେ। ରୋଗୀ ନିଜେ କିମ୍ବା ସମ୍ପର୍କୀୟଙ୍କ ମାଧ୍ୟମରେ ଏହି ଡିଜିଟାଲ୍ ପେମେଣ୍ଟ କରିପାରିବେ ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଭାରପ୍ରାପ୍ତ ଡିଡିଏ ଡା. ରଶ୍ମି ରଞ୍ଜନ ସେଠୀ, ଆଇଟି ଚେୟାରମ୍ୟାନ୍ ଡା. ମନୋଜ କୁମାର ମହାନ୍ତି ଓ ଆଇଟି ବିଭାଗର ସଦସ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଏମ୍ସ ଭୁବନେଶ୍ୱରକୁ ଦୈନିକ ୪ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ସେବା ନିମନ୍ତେ ଆସୁଛନ୍ତି। ପ୍ରବଳ ଭିଡ଼ ଓ ସୁବିଧା ତଥା ତ୍ୱରିତ ଚିକିତ୍ସା ସେବା ଯୋଗାଇ ଦେବାକୁ ପେପରଲେସ ଅଫିସ୍ ନିମନ୍ତେ ଏମ୍ସ ଭୁବନେଶ୍ୱର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି। କିଛିଦିନ ତଳେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଇ-ଅଫିସ୍ ବ୍ୟବସ୍ଥାର ପ୍ରଚଳନ କରିସାରିଛି। ଏବେ ଆରମ୍ଭ ହୋଇଥିବା ଇ-ପେମେଣ୍ଟ ବ୍ୟବସ୍ଥାର ବ୍ୟାପକ ପ୍ରଚଳନ ନିମନ୍ତେ ଏମ୍ସ ପକ୍ଷରୁ ସମସ୍ତଙ୍କୁ ସଚେତନ କରାଯିବ।

## ୩୧ ଯାଏ ଧର୍ମଘଟ ...

ଲୋକସେବା ଭବନଠାରେ ସଂଘର କର୍ମକର୍ତ୍ତାମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲାକୁ କୌଣସି ବସ୍ ଚଳାଚଳ କରିବ ନାହିଁ। ଏହା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ସଂଘର ଦାବି ସମ୍ପର୍କରେ ଆସନ୍ତା ୨୬ ତାରିଖ ବୈଠକରେ ଲିଖିତ ପ୍ରତିଶ୍ରୁତି ଦିଆଯିବ। ଧର୍ମଘଟରୁ ଓହରିବାକୁ ମନ୍ତ୍ରୀ ସଂଘର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧ ପରେ ସଂଘର ଏକ ଜରୁରୀ ବୈଠକରେ ଧର୍ମଘଟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ବ୍ଲକ ମୁଖ୍ୟାଳୟରୁ ଜିଲା ହେଡ୍‌କ୍ୱାର୍ଟର୍ସକୁ ଲକ୍ଷ୍ମୀ ବସ୍ ନ ଚଳାଇବା ଦାବିରେ ଘରୋଇ ବସ୍ ମାଲିକ ସଂଘ ଡାକରାରେ ଅକ୍ଟୋବର ୨୦ଠାରୁ ରାଜ୍ୟରେ ବସ୍ ଧର୍ମଘଟ କରାଯାଇଥିଲା। ଏହି ଧର୍ମଘଟ ଯୋଗୁ ରାଜ୍ୟରେ ଯାତ୍ରୀ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ଯାତ୍ରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଆଗୁଆ ସିଟ୍ ବୁକ୍ କରି ମଧ୍ୟ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରି ନ ଥିଲେ। ଧର୍ମଘଟ କଥା ଶୁଣି ଗୁରୁବାର ରାଜ୍ୟର ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶୁକ୍ରବାର ମଧ୍ୟ ବସ୍‌ଷ୍ଟାଣ୍ଡଗୁଡ଼ିକରେ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ବସ୍ ଚଳାଚଳ ବନ୍ଦ ଥିବା ଯୋଗୁ ଯାତ୍ରୀମାନେ ଟ୍ରେନ ଯାତ୍ରା କରିବାକୁ ଷ୍ଟେଶନରେ ଭିଡ ଜମାଇଥିଲେ।

## ଟାଙ୍କି ସଫାବେଳେ ମେହେନ୍ତରଙ୍କ ...

ହାତରେ ମଇଳା ସଫା କରିବା ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦକୁ କେନ୍ଦ୍ର ଓ ରାଜ୍ୟ ସରକାର ସୁନିଶ୍ଚିତ କରିବାକୁ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ମଇଳା ଟାଙ୍କି ସଫାବେଳେ ମେହେନ୍ତରଙ୍କ ମୃତ୍ୟୁ ଘଟଣା ଯେପରି ନ ଘଟେ, ସେ ଦିଗରେ ସରକାରୀ ସଂସ୍ଥା କାର୍ଯ୍ୟ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ବିଚାର କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ବର୍ଷରେ ଦେଶରେ ମଇଳା ଟାଙ୍କି ସଫା କରିବା ସମୟରେ ୩୪୭ ଜଣଙ୍କ ମୃତ୍ୟୁ ଘଟିଛି। ସେଥିରୁ କେବଳ ଉତ୍ତରପ୍ରଦେଶ, ତାମିଲନାଡୁ ଓ ଦିଲ୍ଲୀରେ ମୃତ୍ୟୁସଂଖ୍ୟା ୪୦ ପ୍ରତିଶତ। ୨୦୨୨ ଜୁଲାଇରେ ଲୋକ ସଭାରେ ସରକାର ରଖିଥିବା ତଥ୍ୟରୁ ଏହା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଏକାଧିକଗ୍ରହ ଯୁକ୍ତ ମଙ୍ଗଳଙ୍କର ରାଶିକୁ ଦୃଷ୍ଟି ହେତୁ ଶାରୀରିକ ସୁସ୍ଥତା ପୂର୍ବପରି ଭଲ ଥିଲେ ମଧ୍ୟ ସମସ୍ୟା ବିଜଡ଼ିତ ରହିବ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଚିନ୍ତାର କାରଣ ହୋଇପାରେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବାକୁ ପଡ଼ିବ।

**ବୃଷ** ରାଶ୍ୟାଧିପ ଶନିଙ୍କ ଦୃଷ୍ଟିପଥାରୂଢ଼ ଯୋଗୁ ପାରିବାରିକ କ୍ଷେତ୍ରରେ ସାମାନ୍ୟ କଥାରେ ମନୋମାଳିନ୍ୟ ଘଟିପାରେ। ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ ଓ କାମଟି ସୁବିଧାରେ ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

**ମିଥୁନ** କୋଣଭାବସ୍ଥ ବୁଧଙ୍କ ଯୋଗୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଆବଶ୍ୟକତା ଅନୁଯାୟୀ ନିଜର ପ୍ରିୟଜନଙ୍କ ସହଯୋଗରୁ ଉପକୃତ ହେବେ।

**କର୍କଟ** ପାପଗ୍ରହ ଯୁକ୍ତ ଚନ୍ଦ୍ରଜନିତ ବିଭିନ୍ନ ବିଷୟରେ ଚିନ୍ତା କରି ମନରେ ଅସ୍ଥିରତା ସୃଷ୍ଟି ହେବ। ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ବିବାଦୀୟ ଘଟଣାରେ, ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା ବୃଦ୍ଧି ପାଇବ।

**ସିଂହ** ତୃତୀୟଭାବରେ ଏକାଧିକଗ୍ରହ ହେତୁ ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ। ଆତ୍ମୀୟଙ୍କ ସହାୟତା ପାଇ କାମ ହାସଲ କରିବେ।

**କନ୍ୟା** ସ୍ୱଗୃହୀ ଶନି ପ୍ରଭାବରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେବାର ସମ୍ଭାବନା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ। ଆଳସ୍ୟ ଯୋଗୁ କାର୍ଯ୍ୟହାନି କାରଣରୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** ବ୍ୟୟାଧିପ ରାଶିରେ ଥିବାରୁ ଆଜିର କାମରେ ଆବଶ୍ୟକତାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ବିଭିନ୍ନ ସମସ୍ୟାରେ ବୁଡ଼ିରହି ନିଜ କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ସମସ୍ୟା ବଢ଼ିଯିବ।

**ବିଛା** କର୍ମଭାବରେ ଶୁକ୍ର ହେତୁ ଆଜି ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ଧନାଧିପ ଉପଚୟସ୍ଥ ଯୋଗୁ ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଶିକ୍ଷାରେ କୃତିତ୍ୱ ହାସଲ କାରଣରୁ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର** ଚତୁଃଗ୍ରହ ଯୋଗ କର୍ମସ୍ଥ ହେତୁ ଆଜି ଅଫିସରୁ ହଠାତ୍ କୌଣସି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀ କାମହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ଆବଶ୍ୟକତା ପୂରଣ କାଠିକର ପାଠ ହେବ। ବ୍ୟବସାୟ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ସ୍ୱଗୃହୀ ଶନିଙ୍କ ଯୋଗୁ ଉପଯୁକ୍ତ ଚିକିତ୍ସା ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବ। ସଭାସମିତିରେ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ମୀନ** ଚନ୍ଦ୍ର କର୍ମଭାବରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଆଶ୍ୱିନ ଶୁକ୍ଳ ସପ୍ତମୀ ଶନିବାର, ପୀଠେ ମହାଷ୍ଟମୀ, ନବପତ୍ରିକା ପ୍ରବେଶ, ମଣ୍ଡଳପୂଜା ବା ଫଳଥୁଆ, ଭାଇ ଜିଉନ୍ତିଆ, ଅକ୍ଟୋବର ୨୧ ତାରିଖ, ରାଶି ନକ୍ଷତ୍ର-ପୂର୍ବଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୧୮ ଗତେ ଘ. ୦୮।୩୯ ମଧ୍ୟେ, ଘ.୧୧।୫୭ ଗତେ ଘ.୧୨।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ୧ ମାସ ଧରି ଟେଙ୍ଗରା ଗ୍ରାମବାସୀ ଅନ୍ଧାରରେ

**ନୂତନ ଟ୍ରାନ୍ସଫରମର ପାଇଁ ବିଦ୍ୟୁତ୍ କାର୍ଯ୍ୟାଳୟର ଦ୍ୱାରସ୍ଥ**

ମୁରିବାହାଲ,୨୦।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଡ଼ସାଇମରା ଗ୍ରାମପଞ୍ଚାୟତର ଟେଙ୍ଗରା ଗ୍ରାମବାସୀ ଟ୍ରାନ୍ସଫରମର ପୋଡି ଯିବା ଯୋଗୁ ଏକ ମାସ ଧରି ଅନ୍ଧାରରେ ଅଛନ୍ତି। ନୂତନ ଟ୍ରାନ୍ସଫରମର ପାଇଁ ଗୁରୁବାର ମୁରିବାହାଲ ବିଦ୍ୟୁତ୍ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଖବର ନେବାରୁ ଜଣାଯାଏ, ଉକ୍ତ ଗ୍ରାମରେ ୪୧ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନେଇ ୬୩ କେଭିର ଏକ ଟ୍ରାନ୍ସଫରମର ଲାଗିଥିଲା। କିନ୍ତୁ କୌଣସି କାରଣ ବଶତଃ ଉକ୍ତ ଟ୍ରାନ୍ସଫରମର ପୋଡିଯିବା ଫଳରେ ଆଜିକୁ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ଉକ୍ତ ଗ୍ରାମ ଅନ୍ଧାରରେ ରହିଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିପରି କି ଉକ୍ତ ଗ୍ରାମରେ ଛାତ୍ରୀଛାତ୍ରମାନଙ୍କର ପାଠପଢାରେ ବ୍ୟାଘାତ, ପାନୀୟଜଳ ବ୍ୟବହାର ଓ ଅନ୍ୟାନ୍ୟ ଆନୁସାଙ୍ଗିକ କାମରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମାସ ମାସ ଅନ୍ଧାର ରହୁ ଥିବାରୁ ବିଶେଷ ଅସୁବିଧା ହେବା ସହ ଚାଷ ମଧ୍ୟ ନଷ୍ଟ ହୋଇ ସାରିଲାଣି। ଗ୍ରାମବାସୀ ଟ୍ରାନ୍ସଫରମର ପାଇଁ ବିଦ୍ୟୁତ୍ କାର୍ଯ୍ୟାଳୟ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ସାକ୍ଷତ କରିଥିଲେ। ପରେ ଉକ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ବାକିଆ ବିଦ୍ୟୁତ୍ ବିଲ୍ ଦେବା ପାଇଁ ଆଲୋଚନା କରାଯାଇଥିଲା। ଆସନ୍ତା ୨ ଦିନ ମଧ୍ୟରେ ନୂତନ ଟ୍ରାନ୍ସଫରମର ଲାଗିବା ପାଇଁ ପ୍ରତିଶୃତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ମଧ୍ୟରେ ସଞ୍ଜୁ ଯୋଶୀ, ସିଦ୍ଧେଶ୍ୱରୀ ଯୋଶୀ, ଗୁଆଦେଇ ବାଗ, ଅଗସ୍ତି ବାଗ, ପ୍ରଦୀପ କୁମାର ଠାକୁର, ଟିବୁ ସେଲମା, ସୀମିତ୍ର ଯୋଶୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅତିଶୀଘ୍ର ଟ୍ରାନ୍ସଫରମର ଲଗାଇବା ପାଇଁ ଅନୁରୋଧ କରିଥିଲେ।

### ଦେହରେ କିରୋସିନ ଢାଳି ନିଆଁ ଲଗାଇଲେ ଯୁବକ

ବଲାଙ୍ଗୀର,୨୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଗୁପ୍ତେଶ୍ୱରପଡାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ନିଜ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସେଠାରେ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଛି। ତାଙ୍କ ଅବସ୍ଥା ଗୁରୁତର ରହିଛି। ଯୁବକ ଜଣକ ପୁଇଁତଲା ଥାନା ମଡମଡା ଗାଁର ସନ୍ତୋଷ ସାଗର ବୋଲି ଜଣାପଡିଛି। ଘରୋଇ କଳହକୁ ନେଇ ମାନସିକ ଚାପଗ୍ରସ୍ତ ହୋଇ ଯୁବକ ଜଣକ ଆତ୍ମହତ୍ୟା ଉଦ୍ୟମ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି।

### ଦେଓଗାଁରେ ଦୁର୍ଗାପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା

ଦେଓଗାଁ,୨୦।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ସମେତ ବିଭିନ୍ନ ଗାଁରେ ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ମେନରୋଡ ଦୁର୍ଗାପୂଜା ପାଇଁ ଶୁକ୍ରବାର ସ୍ଥାନୀୟ ଯୋଗୀସାଗର ଠାରେ ପୂଜାର୍ଚ୍ଚନା ପରେ କମିଟି ସଦସ୍ୟମାନେ ଦୁଲଦୁଲି ବାଦ୍ୟ ସହ ପୂର୍ଣ୍ଣକଳସ ଧାରଣକରି ପୂଜାମଣ୍ଡପଠାରେ ପହଞ୍ଚିଥିଲେ। ସେଠାରେ ବିଲ୍ୱାଧିବାସ ସହ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏଥିରେ ପୂଜକ ଭାବେ ବାଳକୃଷ୍ଣ କରି ଦାୟୀତ୍ୱ ତୁଲାଉଥିବା ବେଳେ କର୍ତ୍ତା ଭାବେ ଅଚ୍ୟୁତ ଭଞ୍ଜ ଓ ତାଙ୍କ ସ୍ତ୍ରୀ ଦାୟୀତ୍ୱ ନିର୍ବାହ କରୁଛନ୍ତି। ପୂଜା ଉତ୍ସବକୁ କମିଟି ସଭାପତି ବିଶ୍ୱଜିତ ପାତ୍ର, ଉପସଭାପତି ଆଦିତ୍ୟ ସା, ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ସହସମ୍ପାଦକ ଜ୍ୱାଳା ପୋ, ସମିର ସାହୁ ,ଜ୍ୟୋତି ବିକାଶ ବାରିକ, ପିଣ୍ଟୁ ବେହେରା, ଯୁଗେଶ୍ୱର ସାହୁ, ସଞ୍ଜୟ ହୋତା, ଶୁଭ୍ରାଂଶୁ ନାୟକ, ଘନ ଦଲାଇ, ଓଁ ସାଇ ପାତ୍ର, ଗଙ୍ଗା ବାଗ ତଥା କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି । ସେପରୀ କୁଡାସିଂହା ଠାରେ ମଧ୍ୟ ଅଧିବାସ ସହ ପୂଜା ଆରମ୍ଭ ହୋଇଥିବା ବେଳେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ ।

# ହିମାଳୟନ ପର୍ବତାରୋହଣ ଅଭିଯାନ ଯାତ୍ରା ଆରମ୍ଭ

- ସାମିଲ ୧୫ ଜଣିଆ ଦୁଃସାହସିକ ପର୍ବତାରୋହୀ
- କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭାରତରେ ପ୍ରଥମ

ଭବାନୀପାଟଣା,୨୦।୧୦(ଉତ୍ତମ କୁମାର ଦାଶ)

ଓଡ଼ିଶା ତଥା ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ତାର ଗବେଷଣାତ୍ମକ ହିମାଳୟନ ପର୍ବତାରୋହଣ ଅଭିଯାନ ଯାତ୍ରା ଆରମ୍ଭ କରିଛି। ଏହି ଗବେଷଣାତ୍ମକ ହିମାଳୟ ପର୍ବତାରୋହଣ ଅଭିଯାନ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ଆରମ୍ଭ କରିଛି। ଯାହାକି ପ୍ରଫେସର ଶତପଥୀ ନିଜେ ଅଭିଯାନର ନାମ ଗୁଡହାଣ୍ଡି ଟିମ୍ ଅଫ୍ ମାଉଣ୍ଟନେରସ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। କଳାହାଣ୍ଡିର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଜଣାଇ କଳାହାଣ୍ଡି ତଥା ଓଡ଼ିଶାର ଏଭରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ ସ୍ୱାଗତ ଜଣାଇବା ସହିତ ପରବର୍ତ୍ତି ପଦକ୍ଷେପ ପାଇଁ ନୂଆଦିଲ୍ଲୀସ୍ଥିତ ଭାରତୀୟ ପର୍ବତାରୋହଣ ସଂସ୍ଥାନକୁ ଜଣାଇଥିଲେ।

ପ୍ରକାଶ ଥାଉକି ଯେ, ଏଭେରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ ଓ ଜାତୀୟସ୍ତର ଅଭିଜ୍ଞ ପର୍ବତାରୋହୀ ରୋମାଞ୍ଚଳ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ତରାଖଣ୍ଡ ରାଜ୍ୟର ଗଙ୍ଗୋତ୍ରିସ୍ଥିତ ମାଉଣ୍ଟ ରୁଦୁଗେରା (୫୮୧୯ ମିଟର/୧୯୧୦୦ଫୁଟ) ଅଭିଯାନରେ



ଏଭେରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇଙ୍କ ସମେତ ସାମିଲ ପର୍ବତାରୋହୀ।

ପର୍ବତାରୋହଣ କରିବା ପାଇଁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଯାଇଛି। ନୂଆଦିଲ୍ଲୀସ୍ଥିତ ଭାରତୀୟ ପର୍ବତାରୋହଣ ସଂସ୍ଥାନ ଏହି ପର୍ବତାରୋହଣ ଅଭିଯାନ ତଥା ଅଭିଯାନ ନାମକୁ ସ୍ୱୀକୃତି ଦେବା ସହ ଅନୁମତି ପ୍ରଦାନ କରିଛି। ଯାହାକି ଏହି ଅଭିଯାନର ନାମ ଗୁଡହାଣ୍ଡି ଟିମ ଅଫ ମାଉଣ୍ଟନେରସ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ମାଉଣ୍ଟ ରୁଦୁଗେରା (୫,୮୧୯ ମିଟର/୧୯,୧୦୦ ଫୁଟ) ଅଭିଯାନ ୨୦୨୩ ଅଟେ। ଏହି ପର୍ବତାରୋହଣ ଅଭିଯାନ ପାଇଁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଅଧୀନ ନୂଆପଡା ଓ କଳାହାଣ୍ଡିର ସମସ୍ତ ଡିଗ୍ରୀ କଲେଜର ୧୦ଜଣ ଦୁଃସାହସିକ ଛାତ୍ରଙ୍କୁ ଚୟନ କରିଥିଲେ। ସେମାନେ ହେଲେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଦିନେଶ ବାରିକ, ଆୟୁଷ କୁମାର ପାତ୍ର, ଧନଞ୍ଜୟ ଖାଡିଆ, ଦୀପକ କରୁଆଁ (୪ଜଣ), ନୂଆପଡା ନ୍ୟାଶନାଲ କଲେଜର ଛାତ୍ର ଜିତେନ ସାହୁ, ରିଷିଡା ମହାବିଦ୍ୟାଳୟର ଛାତ୍ର ଆର୍ତ୍ତତ୍ରାଣ ମିଶ୍ର, କରଲାପଡା ମହାବିଦ୍ୟାଳୟର ଛାତ୍ର ରମେଶ ଜାଲ, ପ୍ରଗତି ମହାବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ମାଝି, କେସିଙ୍ଗା ମହାବିଦ୍ୟାଳୟ ଛାତ୍ର ଆଦିତ୍ୟ ପ୍ରତାପ ନାୟକ ଓ ଧର୍ମଗଡ ମହାବିଦ୍ୟାଳୟର ଛାତ୍ର ଅଭିମନ୍ୟୁ ଧଙ୍ଗଡାମାଝି। ପର୍ବତାରୋହଣ ଅଭିଯାନରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ପକ୍ଷରୁ କ୍ରୀଡା ପରିଷଦ ନିର୍ଦ୍ଦେଶକ ଡକ୍ଟର ଘନଶ୍ୟାମ ବେହେରା, ନାଭାଲ ଏନ୍‌ସିସିର ଅଧିକାରୀ ଡକ୍ଟର ନଳୀନିକାନ୍ତ ରଣା, ଏନ୍‌ଏସ୍‌ଏସ୍ ଅଧିକାରୀ ଡକ୍ଟର ପ୍ରିୟରଞ୍ଜନ ବେହେରା ସାମିଲ ହୋଇଛନ୍ତି। ସମସ୍ତଙ୍କୁ ବିଶ୍ୱବିଦ୍ୟାଳୟରରେ ୧୨ଦିନ ପର୍ବତାରୋହଣର ବିଭିନ୍ନ ଉପକରଣ, ରେପଲିଂ, କ୍ଲାଇମିଂ, ଟ୍ରାକିଂ ସହିତ ଭବାନୀପାଟଣାସ୍ଥିତ ବାବା ଡଙ୍ଗର, ଗୁଡିଆଲି ପଦରର ଭାଲୁ ଡଙ୍ଗରପାହାଡ, ଡକାବାହାଲିର ଧଙ୍ଗଡାଧାଙ୍ଗଡି ପାହାଡକୁ ଚଢିବା ତାଲିମ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ସହିତ କଳାହାଣ୍ଡି ଜିଲା ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ସେଠ ଭିଡିଓ କଲ ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଗତ ୧୫ରେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ସିଂଦେଓ, କଳାହାଣ୍ଡି ଏସପି ଅଭିଳାଷ ଜି. ପତାକା ଦେଖାଇ ପର୍ବତାରୋହୀ ଦଳର ଯାତ୍ରାକୁ ଶୁଭେଚ୍ଛା ଜଣାଇଥିଲେ। ଅରୁନ୍ଧତୀଗହଣା ସୋରୁମର ପରିଚାଳନା ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ପର୍ବତାରୋହୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଯାତ୍ରାବେଳେ କଳାହାଣ୍ଡିର ମାଟି, ହାବସପୁରୀ କପଡା, ମା' ମାଣିକେଶରୀଙ୍କ ଆଜ୍ଞାମାଳ, କଳାହାଣ୍ଡିର ଘୁମୁରା ନେଇ ଉତ୍ତରାଖଣ୍ଡ ହିମାଳୟକୁ ଯାତ୍ରା ଆରମ୍ଭ କରିଛନ୍ତି।

# ବୋଡ଼େନ ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବ, ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା,୨୦।୧୦(ମକାରୁ ବେମାଲ)

ନୂଆପଡା ଜିଲା ବେଡେନ ଦ୍ୱାରସେନି ଖେଳ ପଡିଆରେ ବୋଡେନ ବ୍ଲକ ସାମ୍ବାଦିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଶିକେଶନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ଡଲି ମାଝି, ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ କୁମ୍ଭାର, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଫାରୁକ ମହମ୍ମଦ, ସିଆରପିଏଫ କାମାଣ୍ଡାଣ୍ଟ ସରୋଜ କୁମାର ସାହୁ, ବୋଡେନ ବିଜୁ ପଟ୍ଟନାୟକ ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ମୁଣ୍ଡ, ଦ୍ୱାରସେନି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟପିର ପଣ୍ଡା, ନୂଆପଡା ଡିଷ୍ଟ୍ରିକ ୟୁନିୟନ ଅଫ ଜର୍ନାଲିଷ୍ଟ ସଂଘ ସଭାପତି ସୁଶାନ୍ତ କର, ନାଗପଡ ସରପଞ୍ଚ ଗମ୍ଭୀର ତାଣ୍ଡି, ନାଗପଡା ପ୍ରଧାନ ଶିକ୍ଷକ ବୈଷ୍ଣବ ଦୁରିଆ, ସାମାଜିକ କର୍ମୀ ସୁଫିଆନ ମହମ୍ମଦ, ସୋନୁ ମହମ୍ମଦ, ବୋଡେନ ସମିତି ସଭ୍ୟା ଯଜ୍ଞଦେନି ମାଝି, ନିୟମିତ ରକ୍ତଦାତା କିଶୋର କୁମାର ପରିଡା, ମାଧବ ବାଗ, ଯୋଗିନ୍ଦ୍ର ମାଝି, ତିରମନ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର, ବୟୋଜ୍ୟୋଷ୍ଠ ଓ ସାମ୍ବାଦିକମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୟାଧର ମହାନ୍ତିଙ୍କ ନିର୍ଦ୍ଦେଶନାରେ ଯୁକ୍ତ ୨ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗିତ ଗାନ କରାଯାଇଥିଲା। ସାମ୍ବାଦିକମାନଙ୍କ ସୁରକ୍ଷା ବିଧାନସଭାରେ ପ୍ରଶ୍ନ କରିବା ଓ ବୋଡେନଠାରେ ସାମ୍ବାଦିକ ଭବନ ଖବ୍‌ଶୁଘ୍ର ନିର୍ମାଣ ପାଇଁ ଖଡିଆଳ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବୋଡେନ ବିଡିଓ ତହସିଲଦାର ଦାୟିତ୍ୱରେ ଥିବାରୁ ଅତିଶୀଘ୍ର ଜମି ଚିହ୍ନଟ କରି ସାମ୍ବାଦିକ ଭବନ ନିର୍ମାଣ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି। କଳା ଓ ସାଂସ୍କୃତିକ ପୁନରୁଦ୍ଧାର ପରିଷଦ ସଭାପତି ତିର୍ମନ ମାଝିଙ୍କ ତତ୍ତ୍ୱାବଧାନରେ ଲୋପ ପାଇ ବସୁଥିବା ଆଦିବାସୀ ଲୋକନୃତ୍ୟ ରାମକାଠି, ମହୁରି ବଜା, ଘୁମୁରା, ସମ୍ପ୍ରଦା,ଡାଲଖାଇ, ରସରକେଲି, ମାଇଲାଜାଡ, ଚୁଟୁକୁଟୁଚା ଆଦି ନୃତ୍ୟ ମହିଳାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସଂଘ ସମ୍ପାଦକ ଭାଗ୍ୟବାନ ମାଝି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟାପିକା ସାଗରିକା ପଣ୍ଡା ଓ ପଲ୍ଲୀ ପ୍ରଗତି ଉଚ୍ଚ ବିଦ୍ୟାଳୟ ଦୋହେଲପଡା ରୁଦ୍ର ମାଧବ ବାରିକ ମଞ୍ଚ ପରିଚାଳନା କରିଥିଲେ।

### ବାର୍‌ହା ଫାଶ ବିଦ୍ୟୁତ୍ ତାରରେ ଲାଗି ମୃତ୍ୟୁ ଘଟଣାରେ ଜଣେ ଗିରଫ, ୨ ଅଟକ

ସଇଁତଲା,୨୦।୧୦(ରାଖାଲ ପ୍ରସାଦ ଶତପଥି)

ବାର୍‌ହା ଫାଶର ପଡି ମୃତ୍ୟୁବରଣ କରିଥିବା ଜବଦୁ ବର୍ଗତିଙ୍କ ମୃତଦେହକୁ ଜଙ୍ଗଲ ଭିତରେ ଲୁଚାଇବା ଘଟଣାରେ ସଇଁତଲା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅନ୍ୟ ଦୁଇଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ସଇଁତଲା ଥାନା ଅନ୍ତର୍ଗତ କୁମ୍ଭାରୀ ପଞ୍ଚାୟତର ଡୁମେରମୁଣ୍ଡା ଗ୍ରାମର ଜବଦୁ ବର୍ଗତି ନାମକ ବ୍ୟକ୍ତି ଜଙ୍ଗଲକୁ ଯାଇ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ତ୍ରୀ ଡ଼ାଳିମ୍ବ ବର୍ଗତି ସଇଁତଲା ଥାନାରେ ଗତ ମଙ୍ଗଳବାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସଇଁତଲା ପୋଲିସ ଓ ବନବିଭାଗ କର୍ମଚାରୀମାନେ ଦୀର୍ଘ ଦୁଇଦିନ ଧରି ଖୋଜାଖୋଜି କରିଥିଲେ। ଜବଦୁ ତାଙ୍କର ଜଣେ ସମ୍ପର୍କୀୟ ଗେଥଲ କଠାରଙ୍କ ଜଙ୍ଗଲକୁ ଯାଇଥିଲେ ଏବଂ ଶିକାରୀମାନେ ବସାଇଥିବା ବାର୍‌ହା ଫାଶର ପଡି ମୃତ୍ୟୁବରଣ କରିଥିବା ସୂଚନା ଦେଇଥିଲେ। ଏହି ସୂଚନାକୁ ଆଧାର କରି ପୋଲିସ ଏବଂ ବନବିଭାଗ ଜଙ୍ଗଲ ଭିତରେ ଖୋଜାଖୋଜି କରିବା ପରେ ବାର୍‌ହା ଫାଶରେ ପଡିଥିବା ଜବଦୁଙ୍କ ମୃତଦେହକୁ ଶିକାରୀମାନେ ଲୁଚାଇ ଦେଇଥିବା ଜଣାପଡିଥିଲା। ଏହି ମାମଲାରେ ପୋଲିସ ଗୁରୁବାର ସନ୍ଧ୍ୟାରେ ଲୋକନାଥ ବାଗ ନାମକ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଦୁଇଜଣ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଏସପି ଋଷିକେଶ ଖିଲାରୀ ସୂଚନା ଦେଇଛନ୍ତି।

# ତୁଳସୀନଗର ଦୁର୍ଗାପୂଜାର କଳସ ଶୋଭାଯାତ୍ରା


ବଲାଙ୍ଗୀର ତୁଳସୀନଗର ପୂଜା କମିଟି ପକ୍ଷରୁ ଆୟୋଜିତ କଳସ ଶୋଭାଯାତ୍ରା।

ବଲାଙ୍ଗୀର,୨୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ତୁଳସୀନଗରପଡ଼ା ସାର୍ବଜନୀକ ଦୂର୍ଗାପୂଜା ଚଳିତବର୍ଷ ୧୫ ବର୍ଷରେ ପର୍ଦାପଣ କରିଛି। ତୁଳସୀନଗର ଦୁର୍ଗାପୂଜା କମିଟି ପକ୍ଷରୁ ତିନିଦିନାତ୍ମକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଶୁକ୍ରବାର ପୂର୍ବାହ୍ନରୁ ପୂଜା କମିଟି ପକ୍ଷରୁ ଭବ୍ୟ କଳସ ଶୋଭାଯାତ୍ରା କରାଯାଇଛି। କମିଟି ପକ୍ଷରୁ ବିଶିଷ୍ଟ ମଞ୍ଚ କଳାକାର ରବୀନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ ଆରତୀ ସାହୁ ଚଳିତବର୍ଷ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। କଲିକତାରୁ ଆସିଥିବା ମୂର୍ତ୍ତିକାରିଗର ରତନ ପାଲ ମୃଣ୍ମୟୀ ମୂର୍ତ୍ତି ତିଆରି କରିଛନ୍ତି। ଆକର୍ଷଣୀୟ ପରଭା ଓ ମେଢ ତିଆରି କରିଛନ୍ତି ପୁଇଁତଲା ବ୍ଲକର ଭାଲେର ଗ୍ରାମର ଅଶ୍ୱିନୀ ଖଣ୍ଡାୟତ ଓ ସହଯୋଗୀ। ଟିଟିଲାଗଡ଼ ଘଣ୍ଟବାଦ୍ୟ ପରିବେଷଣ କରିଛନ୍ତି। ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ୫ ଲକ୍ଷ ଟଙ୍କାର ବଜେଟ କରାଯାଇଛି। ଆକର୍ଷଣୀୟ ମେଢ ଓ ସାଜସଜା ପାଇଁ ସୋନପୁର ପ୍ରଦୀପ ଲାଇଟ୍ ପକ୍ଷରୁ ଆଲୋକ ସାଜସଜା କରାଯାଇଛି। ଦୁର୍ଗା ପୂଜା କମିଟି ସଭାପତି କିଶୋର ରଥ, ଉପସଭାପତି ଚକ୍ରପାଣି ରଣା ଓ ଆଡଭୋକେଟ୍ ନୀଳାଦ୍ରୀ ବିହାରୀ ସିଂ, ସମ୍ପାଦକ ସୁନୀଲ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଗୋବିନ୍ଦ ବହିଦାର ଓ ଆଲୋକ ପାଣିଗ୍ରାହୀ, କୋଷାଧ୍ୟକ୍ଷ ନାରାୟଣ ମିଶ୍ର ଓ ସହ କୋଷାଧ୍ୟକ୍ଷ ଅଜୁ ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି। ନୂତନ ପୂଜା ମଣ୍ଡପରେ ପୂଜା ଓ ସାଜସଜ୍ଜା ଆକର୍ଷଣୀୟ ହୋଇଛି। ଆଜିର କଳସ ଶୋଭାଯାତ୍ରାରେ ତୁଳସୀନଗର ଏବଂ ଅନ୍ୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ପୂଜା କମିଟି ସଦସ୍ୟ ଯୋଗଦାନ କରିଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ଦିଲୁ


@ ଝିଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।










ସୁବର୍ଣ୍ଣପୁରର ମା' ଲଙ୍କେଶ୍ୱରୀ(ବାମ), ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ ଶୁକ୍ରବାର ବଗଳାମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

## ଜିଲାପାଳ ଓ ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା

**ବୌଦ୍ଧ,୨୦।୧୦(ଅଜିତ କୁମାର ବାରିକ)**

ସାରା ରାଜ୍ୟରେ ଘରୋଇ ବସ ଧର୍ମଘଟ ଯୋଗୁ ଯାତ୍ରୀ ସେବା ବ୍ୟାହତ ହୋଇଛି। ବସ ଧର୍ମଘଟରେ ବୌଦ୍ଧ ଜିଲା ଘରୋଇ ବସ ମାଲିକ ସଂଘ ସାମିଲ ହୋଇ ଗାଡି ଚଳାଚଳ ପୁରାପୁରି ବନ୍ଦ କରି ଦେଇଛନ୍ତି। ଜିଲାରେ ଗାଡି ଚଳାଚଳ କରିବାକୁ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଓ ଘରୋଇ ବସ ମାଲିକ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଶୁକ୍ରବାର ଦିନ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବସ ଧର୍ମଘଟ ନେଇ ଆଲୋଚନା ହୋଇଥିଲା। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ ଦାସ ଜିଲାରେ ପରିବହନ ବ୍ୟବସ୍ଥା ସୁଧାରିବା ସହ ଯାତ୍ରୀ ସେବା ଯେପରି ବ୍ୟାହତ ହେବନାହିଁ ସେଥିପ୍ରତି ଦୃଷ୍ଟି ଦେଇ ଗାଡି ଚଳାଚଳ କରିବାକୁ ଅନୁରୋଧ କରିଥିଲେ। ବୈଠକରେ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ, ସଂପାଦକ ରାଜ ଚିତ୍ତରଞ୍ଜନ ରାଜ ଓ ସମସ୍ତ କର୍ମକର୍ତ୍ତା ସାମିଲ ଥିଲେ।


ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଦିଲୁ



@ ଝିଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଡିସେମ୍ବର ୩ରୁ ଅଷ୍ଟାଦଶ ବୌଦ୍ଧ ପୁସ୍ତକମେଳା



ଜିଲାପାଳଙ୍କୁ ଭେଟିବା ଅବସରରେ ଫୋରମର ସଦସ୍ୟମାନେ।

**ବୌଦ୍ଧ,୨୦।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜର୍ଣ୍ଣାଲିଷ୍ଟ ଫୋରମ ପକ୍ଷରୁ ଅଷ୍ଟାଦଶ ବୌଦ୍ଧ ପୁସ୍ତକମେଳା ଆୟୋଜନ କରିବା ପାଇଁ ଏକ ବୈଠକ ଶୁକ୍ରବାର ଦିନ ଜର୍ଣ୍ଣାଲିଷ୍ଟ ଫୋରମ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପୁସ୍ତକ ମେଳା ଆସନ୍ତା ଡିସେମ୍ବର ୩ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ କଚେରୀ ପଡିଆରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି । ଜିଲା ଜର୍ଣ୍ଣାଲିଷ୍ଟ ଫୋରମର ସଭାପତି ଦିବ୍ୟଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ସଂଘର ସଂପାଦକ ଯୁଗଳ କିଶୋର ସାମଲ ବୌଦ୍ଧ ପୁସ୍ତକମେଳା ଆୟୋଜନ ନେଇ ମତବ୍ୟକ୍ତ କରିଥିଲେ। ଫୋରମର ସଦସ୍ୟମାନେ ଗଣ ଆଲୋଚନାରେ ଅଂଶଗ୍ରହଣ କରିବା ସହ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସାମ୍ବାଦିକ ସତ୍ୟଜିତ୍ କୁମାର ପଣ୍ଡାଙ୍କୁ ପୁସ୍ତକମେଳା ଆବାହକ ଭାବେ ଘୋଷଣା କରାଯାଇଛି। ଦିବ୍ୟରଞ୍ଜନ ପଟ୍ଟନାୟକ, ସୁକାନ୍ତ ପଟ୍ଟନାୟକ, ସତ୍ୟ ନାରାୟଣ ପାଣି, ପ୍ରୀତିରଞ୍ଜନ ଦାସ, ବାସୁଦେବ ସାହୁ, ଭାଗବତ ମେହେର, ଅବଦୁଲ ମହସିନ ଖାଁନ, ଦେବାନନ୍ଦ ସାହୁ, ସୁଧାଂଶୁ ଶେଖର ମିଶ୍ର, ଦୀପକ ଅଦର ପ୍ରମୁଖଙ୍କୁ ବିଭିନ୍ନ ଦାୟିତ୍ୱ ଅର୍ପଣ କରାଯାଇଛି । ସେହିପରି ସେମିନାର କମିଟିରେ ସୁମନ୍ତ ମେହେର, ଦେବାଶିଷ ନେପାକ, ସୁଶାନ୍ତ ବେହେରା, ବିଭୁଦତ୍ତ ବୋଷ, ଏସ.କେ. ମହାକୁଳଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି । ବୈଠକ ପରେ ଜିଲା ସାମ୍ବାଦିକ ଫୋରମ୍ ତରଫରୁ ଏକ ପ୍ରତିନିଧି ଦଳ ବୌଦ୍ଧ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ସାକ୍ଷାତ କରି ଆଗାମୀ ପୁସ୍ତକମେଳା ସଂପର୍କରେ ଆଲୋଚନା କରିଥିଲେ। ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ ଜିଲାପାଳଙ୍କ ସହ ଆଲୋଚନା ବେଳେ ଉପସ୍ଥିତ ଥିଲେ।

## ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ସଚେତନତା ଶିବିର

**ବୌଦ୍ଧ,୨୦।୧୦(ଅଜିତ କୁମାର ବାରିକ)**

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଶୁକ୍ରବାର ଦିନ ପୁରୁଣାକଟକ ଭୈରବୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା ହରଭଙ୍ଗା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ପ୍ରତି ଥିବା ଆଇନର ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏହି ସଚେତନତା ଶିବିରରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ନେଇ ଥିବା ଆଇନର ଦିଗ ଯଥା ସୁରକ୍ଷା ଓ ସୁବିଧା ଉପରେ ସଚେତନ କରାଇଥିଲେ । ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ,ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀ, ମହାବିଦ୍ୟାଳୟର କର୍ମଚାରୀ ଓ କୋର୍ଟ କର୍ମଚାରୀ ସଞ୍ଜୀବ କୁମାର ବାଗ, ପ୍ରବୀଣ କୁମାର ସାହୁ, ସୁମନ୍ତ ପ୍ରଧାନ, ତୁମ୍ବନାଥ ପାତ୍ର ,ଚାନ୍ଦିନି କହଁର, ଡେଭଲିନ ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପୃଥକ୍ ଦୁର୍ଘଟଣା: ୨ ଯୁବକଙ୍କ ମୃତ୍ୟୁ,ଜଣେ ଆହତ

**ପୁରୁଣାକଟକ,୨୦।୧୦ (ସୁକାନ୍ତ କୁମାର ପଟ୍ଟନାୟକ)**

ବୌଦ୍ଧ ଜିଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଏବେ ଦୁର୍ଘଟଣାର ହବ୍ ପାଲଟିଛି। ଉକ୍ତ ରାଜପଥରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି । ଶୁକ୍ରବାର ଦୁଇଟି ପୃଥକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି । ସକାଳେ ଉକ୍ତ ରାଜପଥର ପୁରୁଣାକଟକ ଥାନା ନିକଟସ୍ଥ କଖାରୁଫାଳଠାରେ ଏକ ଟ୍ୟାଙ୍କର ସହ ବାଇକ୍‌ର ଧକ୍କା ହେବା ଯୋଗୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣାକଟକ ଥାନା ଚାରିଛକ ବଜାରର ଇସ୍ରଫ ଖାନ ଓରଫ ରିଙ୍କୁ (୩୨) । ସକାଳେ ସେ ଦଶପଲାରୁ ଚାରିଛକକୁ ଫେରୁଥିବା ବେଳେ ଚାରିଛକ ପଟୁ ଦଶପଲା ଆଡକୁ ଯାଉଥିବା ଏକ ଟ୍ୟାଙ୍କର ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗୁରୁତର ଆହତ ରିଙ୍କୁଙ୍କୁ ପୁରୁଣାକଟକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁରୁଣାକଟକ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ପୋଲିସ ଜବତ କରିଛି । ସେହିପରି ସନ୍ଧ୍ୟା ସମୟରେ ହରଭଙ୍ଗା ବ୍ଲକ ପିତାମ୍ବରପୁର ଗ୍ରାମ ପଞ୍ଚାୟତ କାନପୁର ଗ୍ରାମର ସୁକାନ୍ତ ଭୋଇ ( ୨୫) ଓ ତାଙ୍କ ସାଙ୍ଗ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଫେରିବା ବାଟରେ ଜାତୀୟ ରାଜପଥର ପୁରୁଣାକଟକ ବଜାର ନିକଟସ୍ଥ ହନୁମାନ ମନ୍ଦିର ପାଖରେ ବାଇକ୍‌ଟି ଭାରସାମ୍ୟ ହରାଇ ବେସରକାରୀ ଠିକା ସଂସ୍ଥାର ଏକ ହାଇୱା ( ନଂ ଓଆର ୦୫- ଏଏଚ-୪୬୬୩)ରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ସୁକାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାଙ୍ଗ ଆହତ ହୋଇଥିଲେ । ଖବର ପାଇ ପୁରୁଣାକଟକ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡିକୁ ପୋଲିସ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ନେଇ ପ୍ରସ୍ତୁତି ବୈଠକ

**ବୌଦ୍ଧ,୨୦।୧୦(ଅଜିତ କୁମାର ବାରିକ)**



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ସପ୍ତାହ ଅକ୍ଟୋବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ସାରା ଜିଲାରେ ପାଳନ କରାଯିବ। ଏନେଇ ଜିଲାପାଳ ସ୍ୱାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଜିଲାବାସୀ ସାମିଲ ହେବାକୁ ନିବେଦନ କରିଥିଲେ। ସଚେତନତା ସପ୍ତାହର ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସହିତ ଯୋଡି ହେବା ସହିତ ଦୁର୍ନୀତି ବିରୋଧରେ ସମସ୍ତଙ୍କୁ ଶପଥ ପାଠ କରାଇବେ। ଏହି ଶପଥ ପାଠ କାର୍ଯ୍ୟକ୍ରମରେ ସମସ୍ତ ସରକାରୀ କାର୍ଯ୍ୟାଳୟ କର୍ମଚାରୀ, ପଞ୍ଚାୟତିରାଜ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର କର୍ମଚାରୀ ସାମିଲ ହେବେ। ଦୁର୍ନୀତି ବିରୋଧରେ ସଚେତନତା ପାଇଁ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରାଯିବ। ଏହି ପ୍ରସ୍ତୁତି ବୈଠକରେ ଡିଏସପି ଭିଜିଲାନ୍ସ ସୁରେଶ କୁମାର କହଁର, ଇନ୍ସପେକ୍ଟର ଜଗବନ୍ଧୁ ଅଙ୍ଗାରିଆ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତୀକ ଦାଶ, ଜିଲା ପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ ଓରାମ,ଜିଲା କର୍ମ ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ, ବିଭୂତିପ୍ରସାଦ ମାଝି, ସେଲେଇ ନାଏକ, ହୃଷିକେଶ କହଁର ଓ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ପି ଭିଜିଲାନ୍ସ ବ୍ରହ୍ମପୁର ଗଣେଶ ଚନ୍ଦ୍ର ପ୍ରଧାନ ବୈଠକରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।






## ପ୍ରାଥମିକ ଶିକ୍ଷକଙ୍କ ସାଙ୍ଗଠନିକ ବୈଠକ

**ସୋନପୁର,୨୦।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଏନଜିଓସିସି ସଭାଗୃହଠାରେ ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କର୍ମକର୍ତ୍ତା ଓ ପଶ୍ଚିମାଞ୍ଚଳ ଫୋରମ ଅନ୍ତର୍ଗତ ୧୪ ଟି ଜିଲାର ଶିକ୍ଷକ ସଂଘର ଜିଲା ସଭାପତି ଓ ସମ୍ପାଦକଙ୍କ ଉପସ୍ଥିତିରେ ଏକ ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁର ଜିଲା ସଭାପତି ଦାମୋଦର ପଣ୍ଡା ସଭାପତିତ୍ୱ କରିଥିଲେ। ଜିଲା ସାଧାରଣ ସମ୍ପାଦକ ଦିଲିପ କୁମାର ମିଶ୍ର ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ରାଜ୍ୟ ସରକାର ଶିକ୍ଷକମାନଙ୍କ ପ୍ରତି ବାରମ୍ବାର ଅବିଚାର କରି ଚାଲିଛନ୍ତି । ଏଣୁ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା, ସମ୍ପାଦକ ବିଭୁପ୍ରସାଦ ସାହୁ, ବାମନ ବାରିକ, ପଶ୍ଚିମାଞ୍ଚଳ ଟିମ ଲିଡର ରାମଲାଲ ପଟେଲ, ସୁରେଶ ପଧାନ, ଚକନନ୍ଦ କମ୍ପ, ଶ୍ରୀକାନ୍ତ ବାରିକ, ଶିଶିର ଖଟୁଆ, ଚେରୁ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ହିମାଂଶୁ ପଣ୍ଡା ସଂଯୋଜନା କରିଥିଲେ। ଜିଲା ଉପସଭାପତି ବ୍ରତାନନ୍ଦ ଭୋଇ ଅତିଥି ମାନଙ୍କୁ ସାଗତ କରିଥିଲେ। ସୁବର୍ଣ୍ଣପୁର ଜିଲାର ସମସ୍ତ ବ୍ଲକର ଶିକ୍ଷକ ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶେଷରେ ଜିଲା କାର୍ଯ୍ୟକାରୀ ସଭାପତି ବିଜୟ ପୁରୋହିତ ଧନ୍ୟବାଦ ଦେଇଥିଲେ।

# ମାର୍କେଟ କମ୍ପ୍ଲେକ୍ସ ଲୋକାର୍ପଣ



ମାର୍କେଟ କମ୍ପ୍ଲେକ୍ସ ଲୋକାର୍ପଣ ଉତ୍ସବରେ ଅତିଥି।

**ବରଗଡ଼,୨୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ତୁମଗାଁ ଗ୍ରାମପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକାର୍ପଣ କରିବା ସହ ଏହି କମ୍ପ୍ଲେକ୍ସ ନିର୍ମାଣ ଫଳରେ ପଞ୍ଚାୟତରେ ଏକ ବଜାର ସୃଷ୍ଟି ହେବା ସହ ସ୍ଥାନୀୟ ଲୋକଙ୍କ ପାଇଁ ବ୍ୟବସାୟ କରିବାର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବିଜେଡି ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# କଣ୍ଟାମାଳ ବ୍ଲକ କଂଗ୍ରେସ ପକ୍ଷରୁ ଘରେ ଘରେ ହାତ କାର୍ଯ୍ୟକ୍ରମ

**ଘଣ୍ଟାପଡ଼ା,୨୦।୧୦(ପ୍ରଭାତ କୁମାର ସାହୁ)**




କଂଗ୍ରେସ କର୍ମୀ ଓ ନେତାମାନେ ରାଲିରେ ଯାଉଛନ୍ତି।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କଂଗ୍ରେସ ପକ୍ଷରୁ ବରଗାଁ ଗ୍ରାମ ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ମଲିକଙ୍କ ନେତୃତ୍ୱରେ ପଞ୍ଚାୟତର ମଲିକୁଦ ଗ୍ରାମରୁ ଦଳୀୟ ନେତା ଓ କର୍ମୀମାନେ ଏକ ରାଲିରେ ବାହାରି ଘରକୁ ଘର ଯାଇ ଲୋକଙ୍କ ସହିତ ମିଶି କଂଗ୍ରେସର ବାର୍ତ୍ତା ପହଞ୍ଚାଇ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ସାହୁ, ଅଭିମନ୍ୟୁ ପ୍ରଧାନ,ସୁନାଧର ପୁଟେଲ, ଗରିବ ପ୍ରଧାନ, ଟିବେଚନ ରଣା, ଗୋବର୍ଦ୍ଧନ ରଣା, ସରୋଜ ସାହୁ , ଉମାକାନ୍ତ ନାଏକ, ନିରଞ୍ଜନ ଜାନି, ଏସ. ବାଘ, ଶମ୍ଭୁ ନାଗ କେଶବ କ୍ଷେତ, ବିଶାମିତ୍ର ପାଢୀ, ସନ୍ତୋଷ ପ୍ରଧାନ, ଅଭିମନ୍ୟୁ ଭୋଇ , ଉଗ୍ରେ ପଟ୍ଟନାୟକଙ୍କ ସମେତ ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୧ ଅକ୍ଟୋବର, ୨୦୨୩

ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହୁଁଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି– ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା ! –ଶ୍ରୀମା



# ଆଇଏଫ୍ଏସ୍ କ୍ୟାଡରର ପୁନର୍ଗଠନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତୀୟ ବୈଦେଶିକ ସେବା (ଆଇଏଫ୍ଏସ୍) କ୍ୟାଡରର ଶେଷ ପୁନର୍ଗଠନ ହେବାର ପ୍ରାୟ ଦୁଇ ଦଶନ୍ଧି ପରେ ମୋଦି ସରକାର ଆସନ୍ତା ୫ବର୍ଷ ମଧ୍ୟରେ ୨୧୫ ଅଧିକାରୀଙ୍କୁ ନେଇ କ୍ୟାଡରର ଶକ୍ତି ବୃଦ୍ଧି ପାଇଁ ଏକ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି, ବିଶ୍ୱରେ ଭାରତର ବଢୁଥିବା ପ୍ରଭାବ ଏବଂ ଆଗାମୀ ବର୍ଷଗୁଡ଼ିକରେ ୯ଟି ନୂଆ ଭାରତୀୟ ମିଶନ ବା ଦୂତାବାସ ଆରମ୍ଭ କରିବାରେ ସରକାରଙ୍କ ଯୋଜନା ପରିପ୍ରେକ୍ଷୀରେ କ୍ୟାଡର ସମୀକ୍ଷା ଓ ପୁନର୍ଗଠନ ବିଷୟ ବିଚାର କରାଯାଉଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍ଇଏ) ପ୍ରକାଶ କରିଛି ଯେ, ଭାରତୀୟ ମିଶନ ଥିବା ଦେଶଗୁଡ଼ିକୁ ହାରାହାରି ବରିଷ୍ଠ ସରକାରୀ କର୍ମଚାରୀଙ୍କ ବାର୍ଷିକ ଗସ୍ତ ସଂଖ୍ୟା ପ୍ରାୟ ୯–୧୦ରୁ ବୃଦ୍ଧି ପାଇ ୨୦୨୩ରେ ଏହା ୩୫–୪୦ରେ ପହଞ୍ଚିଛି। ଏଥିପାଇଁ ଉଭୟ ନୂଆଦିଲ୍ଲୀ ଏବଂ ବିଦେଶରେ ଭାରତର ମିଶନରେ ବିଶେଷ କର୍ମକର୍ତ୍ତାମାନଙ୍କ ଅଧିକ ଆବଶ୍ୟକତା ରହିଛି। ଏହି ଦୃଷ୍ଟିକୋଣକୁ ସଂସଦୀୟ ବୈଦେଶିକ ବ୍ୟାପାର କମିଟି ସମର୍ଥନ କରିଥିଲା, ଯାହାକି ଅନ୍ୟ ଦେଶ ତୁଳନାରେ ଆଇଏଫ୍ଏସ୍ ସଂଖ୍ୟା କମ୍ ଥିବା ଦର୍ଶାଇ ଏହାର କୂଟନୈତିକ ପ୍ରତିନିଧି ବଢ଼ାଇବାକୁ ମଧ୍ୟ ପରାମର୍ଶ ଦେଇଥିଲା। ଆଇଏଫ୍ଏସ୍ ବର୍ତ୍ତମାନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶ୍ରମଶକ୍ତିର ମାତ୍ର ୨୨.୫ ପ୍ରତିଶତ । କୌତୂହଳର ବିଷୟ, ଏହି ପଦକ୍ଷେପକୁ ନେଇ ସମୀକ୍ଷକମାନେ କହିଛନ୍ତି ଯେ, କେବଳ ଆଇଏଫ୍ଏସ୍ ନୁହେଁ ସବୁ ସେବାରେ ଅଧିକ ଅଧିକାରୀ ଆବଶ୍ୟକ । ଆକଳନରୁ ଜଣାପଡ଼େ, ୧୯୮୬ରେ ଭାରତରେ ବାବୁଙ୍କ ସଂଖ୍ୟା ଶୀର୍ଷରେ ପହଞ୍ଚିଥିଲା, ଯେଉଁଥିରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପିଛା ୧୯,୦୦୦ ଅଧିକାରୀ ଥିଲେ। ସେବେଠାରୁ ଏହି ଅନୁପାତ ହ୍ରାସ ପାଇ ପ୍ରାୟ ୨ ପ୍ରତିଶତକୁ ଖସି ଆସିଛି ଏବଂ ଏହା ଏସିଆର ହାରାହାରି ୨.୬ ପ୍ରତିଶତରୁ କମ୍‌ରେ ଅଛି।

### ବଦଳିକୁ ନେଇ ପ୍ରଶ୍ନ

ପାର୍ଲାମେଣ୍ଟରେ ଉପସ୍ଥାପିତ ପ୍ରମୁଖ ଅଡିଟ ରିପୋର୍ଟ ସହିତ ଜଡ଼ିତ କମ୍ପ୍ଟ୍ରୋଲର୍ ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ଅଧିକାରୀମାନଙ୍କର ଏକକାର ବଦଳିକୁ ନେଇ ଅଡିଟ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଚିନ୍ତା ପ୍ରକଟ କରାଯାଇଛି। ଏହି ରିପୋର୍ଟଗୁଡ଼ିକ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ଦୁର୍ନୀତି ଓ ଅନିୟମିତତାକୁ ସାମ୍ନାକୁ ଆଣିଥିଲା। ତିନି ଜଣ ଭାରତୀୟ ଅଡିଟ ଏବଂ ଆକାଉଣ୍ଟସ ସେବା ଅଧିକାରୀଙ୍କ ବଦଳି ଏବେ ଚିନ୍ତାର ବିଷୟ ହୋଇଛି। ସେମାନଙ୍କ ମଧ୍ୟରୁ ଦୁଇଜଣ ଦ୍ୱାରକା ଏକ୍ସପ୍ରେସୱେ ପ୍ରକଳ୍ପ ଏବଂ ଆୟୁଷ୍ମାନ ଭାରତରେ ହୋଇଥିବା ଦୁର୍ନୀତିର ଅଡିଟ ଦାୟିତ୍ୱରେ ଥିଲେ। ଆୟୁଷ୍ମାନ ଭାରତ ଅଡିଟ ଆରମ୍ଭ କରିଥିବା ଅନ୍ୟ ଜଣେ ଅଧିକାରୀଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ଭିତ୍ତିଭୂମି ପାଇଁ ଅଡ଼ିଟର ପ୍ରମୁଖ ନିର୍ଦ୍ଦେଶକ ଅତୁର୍ଭ ସିହ୍ନା ରାଜପଥ ପ୍ରକଳ୍ପର ସିଏଜି ରିପୋର୍ଟ ଉପରେ ସମୀକ୍ଷା ପରେ ତାଙ୍କ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଦ୍ୱାରକା ଏକ୍ସପ୍ରେସୱେ ପ୍ରକଳ୍ପରେ ଅନିୟମିତତା ଏବଂ ଅତ୍ୟଧିକ ଖର୍ଚ୍ଚ ହୋଇଥିବା ସେ ଦର୍ଶାଇଥିଲେ। ଏହି ବଦଳିର ସମୟ ଏବଂ ପରିସ୍ଥିତି ସହ ରିପୋର୍ଟଗୁଡିକର ସମ୍ବେଦନଶୀଳତା ଅଡିଟ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି। ୟୁପିଏ ସରକାର ସମୟରେ ବହୁଚର୍ଚ୍ଚିତ ୨ଜି ଏବଂ କୋଇଲା ବ୍ଲକ ଆବଣ୍ଟନ ସ୍କାମ୍ ଉପରେ ସିଏଜିଙ୍କ ରିପୋର୍ଟ ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ କହିଛନ୍ତି ଯେ, ବଦଳି ଏବଂ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ପ୍ରଶାସନିକ ବିଷୟ, କିନ୍ତୁ ଅଡିଟ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ।

### ଆର୍‌ଟିଆଇରେ ସମସ୍ୟା

୧୮ ବର୍ଷ ପୂର୍ବେ କାର୍ଯ୍ୟକାରୀ ହୋଇଥିବା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଏକଦା ସରକାରୀ ସଂସ୍ଥାଠାରୁ ସୂଚନା ପାଇବା ପାଇଁ ନାଗରିକମାନଙ୍କୁ ସଶକ୍ତ କରୁଥିବା କୁହାଯାଉଥିଲା। ହେଲେ ସାମ୍ପ୍ରତିକ ତଥ୍ୟରୁ ଜଣାପଡ଼ିଛି ଯେ ଆର୍‌ଟିଆଇ ଅଧିନିୟମ ଅନୁଯାୟୀ ଆବେଦନ ଏବଂ ଅଭିଯୋଗ ଉପରେ ଅନେକ କାର୍ଯ୍ୟ କରିବାକୁ ବାକିରହିଛି, ଯାହା ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପ୍ରତି ପ୍ରତିବନ୍ଧକ ସୃଷ୍ଟିକରିଛି। ଚଳିତ ବର୍ଷ ଜୁନ୍‌ରେ ଦେଶରେ ୨୭ଟି ସୂଚନା ଆୟୋଗରେ ୩.୨ ଲକ୍ଷ ଆବେଦନ ଏବଂ ଅଭିଯୋଗ ସମାଧାନ ହୋଇପାରି ନାହିଁ। ଏହା ନ ହେବାର ମୁଖ୍ୟ କାରଣ ହେଉଛି କେନ୍ଦ୍ର ସରକାର ଠିକ୍ ସମୟରେ କେନ୍ଦ୍ର ସୂଚନା କମିଶନ(ସିଆଇସି)ରେ ସୂଚନା କମିଶନରଙ୍କୁ କିମ୍ବା ରାଜ୍ୟ ସରକାର ରାଜ୍ୟ ସୂଚନା କମିଶନର(ଆଇସିଏସ୍)ଙ୍କୁ ନିଯୁକ୍ତ କରିବାକୁ ପଦକ୍ଷେପ ନେବାରେ ବିଫଳତା। ଏକ ଅଧ୍ୟୟନରୁ ଜଣାପଡିଛି, ସିଆଇସି ସମେତ ୬ଟି କମିଶନ ଏବଂ ମଣିପୁର, ଛତିଶଗଡ଼, ମହାରାଷ୍ଟ୍ର, ବିହାରରେ ଆଇସିଏସ୍ ଏବେ କେହି ନାହାନ୍ତି। ୭ଟି ପଦବୀ ଖାଲି ଥିଲେ ମଧ୍ୟ ସିଆଇସି କେବଳ ୪ କମିଶନରଙ୍କୁ ନେଇ କାର୍ଯ୍ୟକରୁଛି। ବାସ୍ତବରେ ମୁଖ୍ୟ ସୂଚନା କମିଶନର ୱାଇ.କେ. ସିହ୍ନାଙ୍କ କାର୍ଯ୍ୟକାଳ ଏହି ମାସ ଆରମ୍ଭରେ ଶେଷ ହୋଇଛି। ସିହ୍ନା ତାଙ୍କ କାର୍ଯ୍ୟକାଳ ମଧ୍ୟରେ କମିଶନଙ୍କ ନିକଟରେ ବିଚାରାଧୀନ ମାମଲା ସଂଖ୍ୟାକୁ ୫୦ ପ୍ରତିଶତରୁ ଅଧିକ ହ୍ରାସ କରିବାରେ ସଫଳ ହୋଇଥିଲେ। ତେବେ କାର୍ଯ୍ୟରତ କମିଶନରମାନେ ପଦବୀ ଛାଡ଼ିବା ପରେ କୌଣସି ନୂତନ କମିଶନର ନିଯୁକ୍ତ ହୋଇ ନ ଥିବାରୁ ଝାଡ଼ଖଣ୍ଡ, ତେଲଙ୍ଗାନା, ମିଜୋରାମ ଏବଂ ତ୍ରିପୁରାର ୪ କମିଶନ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଯଦି ଏହି ଜଟିଳ ସମସ୍ୟାର ସମାଧାନ ନ ହୁଏ, ତେବେ ଭାରତରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଯୁଗ ଶେଷ ହୋଇପାରେ।

Email: dilipcherian@gmail.com

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 7 | 9 | | 8 | 1 | | |
| | | | 2 | | 1 | 7 | | |
| | 5 | 4 | | | | | | |
| | | | 7 | 1 | 5 | | 8 | |
| | | | | 2 | | | | |
| 6 | | | | | | | | 4 |
| 8 | | | | | 7 | | | 2 |
| 4 | | 3 | | | | 8 | 1 | |
| 5 | 6 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 8 | 2 | 3 | 4 | 9 | 1 | 6 |
| 6 | 4 | 2 | 1 | 5 | 9 | 8 | 7 | 3 |
| 3 | 1 | 9 | 8 | 6 | 7 | 2 | 4 | 5 |
| 9 | 3 | 4 | 6 | 2 | 1 | 7 | 5 | 8 |
| 1 | 2 | 7 | 4 | 8 | 5 | 3 | 6 | 9 |
| 8 | 5 | 6 | 7 | 9 | 3 | 4 | 2 | 1 |
| 2 | 9 | 1 | 3 | 7 | 6 | 5 | 8 | 4 |
| 4 | 8 | 3 | 5 | 1 | 2 | 6 | 9 | 7 |
| 7 | 6 | 5 | 9 | 4 | 8 | 1 | 3 | 2 |

ଗତକାଲିର ଉତ୍ତର

# ଚାଲ ପଡ଼ିଆକୁ ଯିବା



ଅକ୍ଷୟ କୁମାର ମିଶ୍ର

ଭବିଷ୍ୟତରେ ଜୀବନ ଓ ଜୀବିକା କ୍ଷେତ୍ରରେ ଉପୁଜିବାକୁ ଥିବା ସମସ୍ୟାର ସର୍ବଶ୍ରେଷ୍ଠ ସମାଧାନ ସୂତ୍ରର ଶିକ୍ଷଣୀୟ ସମୟ ହେଉଛି ପିଲାଦିନ। ଏଥିପାଇଁ ଯେଉଁ ସାହସ, ସହଯୋଗିତା, ସହଭାଗିତା, ସହିଷ୍ଣୁତା ଲୋଡ଼ା ଶିଶୁଟି ସେ ସମସ୍ତ ମାନବୀୟ ଗୁଣକୁ ଶିକ୍ଷାଲାଭ କରିଥାଏ ପରିବେଶ, ପରିବାର ତଥା ବିଦ୍ୟାଳୟ ଭିତରୁ। କିନ୍ତୁ ସମ୍ପ୍ରତି ଯାହା ଦେଖାଯାଉଛି ପିଲାଙ୍କୁ ଗଢ଼ିବା ନାମରେ ବାପା ମା'ମାନେ ଭୁଲିଯାଉଛନ୍ତି ଜଣେ ଭଲ ମଣିଷ ହେବା କ୍ଷେତ୍ରରେ ପରିବେଶ, ପରିବାର ଓ ବିଦ୍ୟାଳୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି। ସେମାନେ ଚାହୁଁଛନ୍ତି ତାଙ୍କ ପିଲା କାହା ସହ ମିଳାମିଶା ନ କରୁ। ଖେଳକୁଦ ନ କରୁ। ଯାହା କରିବ ଘରେ କରୁ। ପାଠ ପଢୁ। ବଳକା ସମୟରେ ମୋବାଇଲରେ ଗେମ୍ ଖେଳୁ। ପରିବେଶ, ସମାଜ, ସଭ୍ୟତାଠାରୁ ପିଲାଙ୍କୁ ଦୂରରେ ରଖି ସେମାନଙ୍କୁ ଗଠନ କରିବା କ'ଣ ସତରେ ସମ୍ଭବ ?

ଶିଶୁ ନିମନ୍ତେ ସୁରକ୍ଷିତ ସାଧନ କେନ୍ଦ୍ର ହେଉଛି ତା'ର ପରିବାର, ଯେଉଁଠି ମମତାମୟୀ ମା'ର ନିରାପଦ କୋଳ, ବାପାଙ୍କ ଭରସା, ଜେଜେ ଓ ଜେଜେମା'ଙ୍କର ସଦା ଅଭୟବାଣୀ, ଅନ୍ୟମାନଙ୍କର ସମୟୋପଯୋଗୀ ଗଠନମୂଳକ ପରାମର୍ଶ ଶିଶୁକୁ ନିରାପତ୍ତା ଯୋଗାଏ। କିନ୍ତୁ ସମ୍ପ୍ରତି ପରିବାରର ସଂଜ୍ଞା ବଦଳିଯାଇଛି। ପରିବାର ସାଥିରେ ରହିଲେ ପିଲାକୁ ମଣିଷ କରିବା କଷ୍ଟକର ବୋଲି ବିଚାର କରାଯାଉଛି। ଏଣୁ ଘରଦ୍ୱାର ଛାଡ଼ି ସହରର ଭଡ଼ାଘରେ ରହିବାକୁ ନିଷ୍ପତ୍ତି ନିଆଯାଉଛି। ଏପରିକି ଜେଜେବାପା ଓ ଜେଜେମା'ଙ୍କୁ ମଧ୍ୟ ପରିବାରର ସଦସ୍ୟସଦସ୍ୟା ଚିଠାରୁ କିଛି ଲୋକ ବାଦ୍ ଦେଇସାରିଲେଣି। ଏମାନଙ୍କର ଅନୁପସ୍ଥିତି ଶିଶୁ ମନରେ ଯେଉଁ ଶୂନ୍ୟତା ସୃଷ୍ଟି କରୁଛି ତା'ର ପ୍ରଭାବ ଭବିଷ୍ୟତ ଜୀବନରେ ଦେଖିବାକୁ ମିଳୁଛି। ପରିବାର ପ୍ରତି ଥିବା କର୍ତ୍ତବ୍ୟଠାରୁ ସେ ନିଜକୁ ଦୂରେଇ ରଖୁଛି।

ଶିଶୁ ପାଇଁ ଆଉ ଏକ ମୌଳିକ ସାଧନ କେନ୍ଦ୍ର ହେଉଛି ବିଦ୍ୟାଳୟ, ଯାହାର ବିକଳ୍ପ ନାହିଁ। ଶିଶୁର ସର୍ବାଙ୍ଗୀନ ବିକାଶର ଉପଯୁକ୍ତ ସ୍ଥାନ ହେଉଛି ବିଦ୍ୟାଳୟ। ଏଇଠି ସେ ନିଜକୁ ସମ୍ପୂର୍ଣ୍ଣ ପ୍ରଦର୍ଶିତ କରିବାର ସୁଯୋଗ ପାଉଥିଲା। ସାଙ୍ଗସାଥୀ ମେଳରେ ଖୋଲା କଥା ହେଉଥିଲା। ବହୁ ଅନୁଭୂତି ଓ ଅଭିଜ୍ଞତା ହାସଲ କରୁଥିଲା। ଦୁନିଆକୁ ଚିହ୍ନୁଥିଲା। ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଜୀବନ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସେ ଜାଣୁଥିଲା। ପାଠପଢ଼ା ସହ ଖେଳକସରତ ତାକୁ ଉତ୍ଫୁଲ୍ଲିତ କରୁଥିଲା। ତା' ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ଚିହ୍ନଟ ହୋଇପାରୁଥିଲା। ଏବେ



ସମୟ ବଦଳିଯାଇଛି। ଅଧିକାଂଶ ବାପାମା'ଙ୍କର କଡ଼ା ତାଗିଦ୍ ପଡ଼ିଆକୁ ଯାଇ ଖେଳିବା ଆବଶ୍ୟକ ନାହିଁ। ଗୋଡ଼ ହାତ ଅପରିଷ୍କାର ହେବ। ହ୍ୟାଣ୍ଡୱାଶ୍ ଦେଇ ନ ଧୋଇଲେ ବିଭିନ୍ନ ପ୍ରକାର ଜୀବାଣୁ ଶରୀର ଭିତରକୁ ଯିବେ। ଶିକ୍ଷକମାନେ ମଧ୍ୟ ଏ ଦିଗରେ ବେଶ୍ ସଚେତନ। ଖେଳିବାକୁ ଛାଡ଼ିବେ କାହିଁକି, ବିପଦକୁ ନିମନ୍ତ୍ରଣ କରିବେ କାହିଁକି? ଖେଳିବା ସମୟରେ ଦୈବାତ୍ ଯଦି କେଉଁ ପିଲାର କିଛି ହୋଇଗଲା ତେବେ କଥା ସରିଲା। ଫଳରେ ଖେଳ ଦୁନିଆଟା ସମ୍ପ୍ରସାରିତ ହେବା ପରିବର୍ତ୍ତେ ସଙ୍କୁଚିତ ହୋଇଯାଉଛି। କିନ୍ତୁ ପୂର୍ବାପେକ୍ଷା ଖେଳକୁଦ ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଖେଳପଡ଼ିଆର ରୂପାନ୍ତରଣ ହେଉଛି। ଲକ୍ଷ ଲକ୍ଷ ଟଙ୍କାର ଖେଳସାମଗ୍ରୀ ଯୋଗାଇ ଦିଆଯାଉଛି। ଏପରିକି ପ୍ରାଥମିକ ବିଦ୍ୟାଳୟରେ ଖେଳ ଶିକ୍ଷକ ନିଯୁକ୍ତି ଦିଆଗଲାଣି। ଖେଳ ପ୍ରତି ଆଗ୍ରହ ବୃଦ୍ଧି ନିମନ୍ତେ ବ୍ଲକସ୍ତରଠାରୁ ଜାତୀୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ ହେଉଛି। କିନ୍ତୁ ଆଖିଦୃଶିଆ ଉନ୍ନତମାନର ଖେଳାଳି ସୃଷ୍ଟି ହେଉନାହାନ୍ତି।

ପ୍ରଥମ କଥା ହେଲା–ପିଲା ପାରୁ ବା ନ ପାରୁ, ତା'ର ଆଗ୍ରହ ଥାଉ ଅଥବା ନ ଥାଉ ଅଧିକାଂଶ ବାପାମା' ଚାହାନ୍ତି ତାଙ୍କ ପୁଅଝିଅମାନେ ଭଲ ପାଠ ପଢ଼ନ୍ତୁ। ଭଲ ଖେଳି ପ୍ରମାଣପତ୍ରଟିଏ ପାଇଲେ ଯେତିକି ଖୁସି ହୁଅନ୍ତିନାହିଁ ପରୀକ୍ଷାରେ ଭଲ ନମ୍ବର ରଖିଦେଲେ ଖୁସିରେ ଗଦ୍‌ଗଦ୍ ହୋଇଯାଆନ୍ତି। ଖେଳିବାରେ ଅଯଥା ସମୟ ବରବାଦ୍ କରିବାକୁ ବାରଣ କରି ପିଲା ଭିତରେ ଥିବା ପ୍ରଚଣ୍ଡ ପ୍ରତିଭାର ଭ୍ରୂଣକୁ ହତ୍ୟା କରୁଛନ୍ତି ବାପା ମା'ମାନେ। ଦ୍ୱିତୀୟରେ ବିଦ୍ୟାଳୟ ଯଦିଓ ଏକ ପ୍ରଶିକ୍ଷଣ କେନ୍ଦ୍ର, ପ୍ରଶିକ୍ଷଣ ପାଇଁ ସ୍ୱତନ୍ତ୍ର ସମୟ ଓ ସରଞ୍ଜାମ ଉପଲବ୍ଧ, କିନ୍ତୁ ସୁଯୋଗର ସଦୁପଯୋଗ ହୁଏ ନାହିଁ। ଗତାନୁଗତିକ ଧାରାରେ ଚାଲିଛିସବୁକିଛି। ନିୟମିତ ଅଭ୍ୟାସ ହୁଏନା। ପ୍ରତିଯୋଗିତା ଆସିଲେ କାହାକୁ କେମିତି ଅଂଶଗ୍ରହଣ କରିବା ପାଇଁ ପଠାଇ ଦିଆଯାଏ। ସଂଯୋଗକ୍ରମେ କେହି କେହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୁଅନ୍ତି ସତ କିନ୍ତୁ ସେଥିରେ ସେମାନଙ୍କର ନା ଥାଏ ଲୋଭ ନା ଥାଏ ଲାଭ। ତୃତୀୟରେ ଧାରାବାହିକତାକୁ ନେଇ ବହୁ ପ୍ରଶ୍ନ ଉଠୁଛି। ଯେଉଁସବୁ ପଦକ୍ଷେପ ନିଆଯାଉଛି ବର୍ଷେ କିମ୍ବା ଦୁଇବର୍ଷ ପରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଉଛି। ଯେମିତି ପଞ୍ଚାୟତ କ୍ରୀଡ଼ା ଅଭିଯାନ ନାମରେ ଏକ ଯୋଜନା ସରକାର ହାତକୁ ନେଇଥିଲେ। ଏହାଦ୍ୱାରା ପାଠ ପଢୁଥିବା, ଅଧାରୁ ପାଠ ଛାଡ଼ିଥିବା ପିଲାମାନେ ବିଭିନ୍ନ ପ୍ରକାର ଖେଳରେ ନିଜର ଦକ୍ଷତା ପ୍ରତିପାଦନ କରିବାରେ ସୁଯୋଗ ଥିଲା। ବିଶେଷକରି ଦଳଗତ ଖେଳଗୁଡ଼ିକ ପ୍ରତି ଆଗ୍ରହ ବଢୁଥିଲା। ଖେଳୁଆଡ଼ ମନୋଭାବ ସୃଷ୍ଟି ହେଉଥିଲା। ପଞ୍ଚାୟତର ସମ୍ପୃକ୍ତି ରହୁଥିଲା। ସାଧାରଣ ଜନତା ମଧ୍ୟ ଏଥିରେ ଯୋଡ଼ିହେଉଥିଲେ। ଏହି ପାଇକା ଯୋଜନା ଏବେ ଶୀତଳଭଣ୍ଡାରରେ।

ଉପରୋକ୍ତ ସମସ୍ତ କଥାକୁ ବିଚାରକଲେ ଏହା କୁହାଯାଇପାରିବ ଯେ ଆମେ ସଭିଏଁ ପିଲାଦିନକୁ ଝୁରିହେଉ କିନ୍ତୁ ଆମ ପିଲାଙ୍କ ପିଲାଦିନ ଚାପଶୂନ୍ୟ ହେଉ ଏକଥା ଚାହୁଁନା। ବହୁ ଖେଳାଳି ନିଜର ପାରଦର୍ଶିତା ବଳରେ ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ସୁଖ୍ୟାତି ଅର୍ଜନ କରିବାର ନଜିର ଆମ ଆଗରେ ରହିଛି। ଆମେ ସେଥିପାଇଁ ଗର୍ବ ମଧ୍ୟ ଅନୁଭବ କରୁ। କିନ୍ତୁ ଆମ ପିଲା ଭିତରେ ସେମିତି କିଛି ପ୍ରତିଭା ଥିଲେ ତା'ର ଉନ୍ମେଷ ପାଇଁ ଆମେ ସୁଯୋଗ ସୃଷ୍ଟିକରୁନା। ଆମେ ସଭିଏଁ ଅନୁଭବ କରୁ ଏକ ସୁସ୍ଥ, ସରସ, ସୁନ୍ଦର ଜୀବନଯାପନ ପାଇଁ ଶାରୀରିକ ବ୍ୟାୟାମ କେତେ ଅପରିହାର୍ଯ୍ୟ, ଯାହା ଖେଳ ଦ୍ୱାରା ସମ୍ଭବ ହୋଇଥାଏ। କିନ୍ତୁ ପିଲାଙ୍କୁ ଖେଳିବାର ସ୍ୱାଧୀନତା ଆମେ ବଡ଼ମାନେ ଦେଉନା। ପ୍ରଥମେ ପ୍ରତ୍ୟେକ ପିତାମାତାଙ୍କ ଭିତରେ ଖେଳ ପ୍ରତି ଥିବା ନକାରାତ୍ମକ ମନୋବୃତ୍ତିର ପରିବର୍ତ୍ତନ ହେବା ଆବଶ୍ୟକ। ପିଲାଙ୍କୁ ତାଙ୍କ ପିଲାଦିନ ଫେରାଇଦେବାକୁ ପଡ଼ିବ। ପ୍ରତ୍ୟେକ ଖେଳର ମୁଖଶାଳା ହେଉଛି ପିଲାଦିନ ଓ ଖେଳପଡ଼ିଆ ହେଉଛି ସେହି ମୁଖଶାଳାର ମୁଖବନ୍ଧ। ମୁଖଶାଳାର ଯତ୍ନ ନେବା ଓ ମୁଖବନ୍ଧର ମର୍ଯ୍ୟାଦା ବୃଦ୍ଧି କରାଯାଇପାରିଲେ ବ୍ୟକ୍ତିର ବିକାଶ ସାଙ୍ଗକୁ ଜାତିର ଜାଗରଣ ସମ୍ଭବ ହୋଇପାରିବ। କିନ୍ତୁ ଖେଳ ପଡ଼ିଆକୁ ସାଦରେ ସ୍ୱାଗତ ନ କଲେ, ଖେଳ ପଡ଼ିଆଠାରୁ କୁନି ଖେଳାଳିମାନଙ୍କୁ ଦୂରେଇ ରଖିଲେ ଏହାର ମର୍ଯ୍ୟାଦା ବଢ଼ିବ ବା କେମିତି?

ସଭାପତି, ଓଷ୍ଟା
ମୋ:୯୯୩୮୭୬୩୨୩୭

# ଅବସାଦଗ୍ରସ୍ତ ଜେନ୍ ଜି



ସପ୍ତର୍ଷି ନାୟକ

ଜେନ ଜି କ'ଣ? ଏ ଶବ୍ଦର ଉତ୍ପତ୍ତି କିପରି ହେଲା? ତେବେ ଜେନ ଜି ର ପୂରା ନାମ ଜେନେରେଶନ ଜି। ଏକ ବୈଜ୍ଞାନିକ ଗବେଷଣା ଅନୁସାରେ ସମୟଚକ୍ର ଅନୁସାରେ ଆମକୁ ବିଭିନ୍ନ ଜେନେରେଶନରେ ବିଭକ୍ତ କରାଯାଇଛି। ଯେପରି ପରିବାର ମଧ୍ୟରେ ଆମେ ଜେଜେବାପା, ବାପା ଏଭଳି ତିନି ପିଢ଼ି ରହିଆସୁଅଛୁ। ସେଇ ଭିତ୍ତିରେ ଆମକୁ ଇଂଲିଶରେ ଅଲଗା ଅଲଗା ଜେନେରେଶନରେ ଭାଗ କରାଯାଇଛି। ୧୯୬୫ରୁ ୧୯୮୦ ମଧ୍ୟରେ ଜନ୍ମ ଲୋକଙ୍କୁ ଜେନେରେଶନ–ଏକ୍ସ କୁହାଯାଏ। ୧୯୮୧ ରୁ ୧୯୯୬ରେ ଜନ୍ମ ଲୋକଙ୍କୁ ଜେନେରେଶନ–ମିଲେନିଆଲ ଓ ୧୯୯୬ ପର ପିଢ଼ିକୁ ଜେନେରେଶନ–ଜି ବା ଜେନ–ଜି କୁହାଯାଏ। ଆମେ ଆମ ପୂର୍ବପିଢ଼ିକୁ ତାଙ୍କର କଷ୍ଟକର ସହିଷ୍ଣୁତା ଗୁଣ ଯୋଗୁ ମନେପକାଉ। ଆମ ପୂର୍ବପିଢ଼ି ନିଜର ଓ ନିଜ ପରିବାରର ଭରଣପୋଷଣ ପାଇଁ ବହୁତ କଷ୍ଟ କରୁଥିଲେ। ଯେପରି ଜେନ–ଏକ୍ସ ର ଲୋକମାନେ ଅର୍ଥନୈତିକ ଅସମାନତା ଓ ଏଡ୍‌ସ ଭଳି ମହାମାରୀକୁ ସାମ୍ନା କରିଥିଲେ। ସେଭଳି ଜେନ–ମିଲେନିଆଲମାନେ ପୂର୍ବ ପିଢ଼ିର ଶ୍ରମ ଅର୍ଜିତ ଉତ୍ତମ ଜୀବନକୁ ଉପଭୋଗ କଲେ। ଯାହା ସେମାନଙ୍କୁ ମହତ୍ତ୍ୱାକାଂକ୍ଷୀ ଓ କିଛି ନୂଆ ରୂପେ ଦୁନିଆକୁ ଗଢ଼ିବାର ପ୍ରେରଣା ଦେଲା। ଏସବୁ ପରେ ଜେନ–ଜି ଜେନେରେଶନ ବା ଆମ ଜେନେରେଶନର ଅୟମାରମ୍ଭ ହେଲା। ଏକ ପିଢ଼ି ଯାହାକି ସାମାଜିକ ସାମ୍ୟତାଠାରୁ ନେଇକି ଟେକ୍ନୋଲୋଜି କ୍ଷେତ୍ରରେ ପୂର୍ବ ପିଢ଼ିଠାରୁ ବହୁତ ଉନ୍ନତ। କିନ୍ତୁ ଦୁଃଖର ବିଷୟ ଏହା ଯେ ଅନ୍ୟ ପିଢ଼ିଠାରୁ ଆମ ପିଢ଼ି ଅଧିକ ମାନସିକ ବିଷାଦ, ମାନସିକ ଚାପ ଓ ମୋଟାପଣର ଶିକାର ହେଉଛି।

ବୈଜ୍ଞାନିକଙ୍କ ମତଅନୁସାରେ ଜେନ–ଜିସବୁଠାରୁ ଅଧିକ ମାନସିକ ବିଷାଦଗ୍ରସ୍ତ ପିଢ଼ି। ପି'ଉ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ରିପୋର୍ଟ ଅନୁସାରେ ୭୦ ପ୍ରତିଶତ ଜେନ–ଜି ମାନସିକ ରୋଗରେ ପୀଡ଼ିତ। କେବଳ ମାନସିକ ନୁହେଁ ଆର୍ଥିକ କ୍ଷେତ୍ରରେ ମଧ୍ୟ ଜେନ–ଜି ଦୁର୍ବଳ ହେବାର ଆଶଙ୍କା ବୈଜ୍ଞାନିକମାନେ କରିଛନ୍ତି। ବୈଜ୍ଞାନିକଙ୍କ ମତରେ ବର୍ତ୍ତମାନର ଜେନେରେଶନ ନିଜ ପାଇଁ ଘର କିଣିବାକୁ ମଧ୍ୟ ସକ୍ଷମ ହେବେନାହିଁ। ତେବେ ଏଠାରେ ପ୍ରଶ୍ନ ଉଠେ ଏତେ ସୁବିଧା ସୁଯୋଗ ଥାଇ ମଧ୍ୟ ଆଧୁନିକ ପିଢ଼ି ଏଭଳି କାହିଁକି ?

ସମସ୍ତଙ୍କ ଜୀବନରେ କିଛି ଉଦ୍ଦେଶ୍ୟ ଥାଏ। କିଏ ପରିବାରର ପ୍ରତିପୋଷଣ ତଥା କିଏ ଭଗବାନଙ୍କଠାରେ ନିଜ ଜୀବନର ଉଦ୍ଦେଶ୍ୟ ଖୋଜିକି ପାଇଥାଏ। କିନ୍ତୁ ଜେନ–ଜି ଏଭଳି ଏକ ପିଢ଼ି ହେବାକୁ ଯାଉଛି, ଯାହାର ଜୀବନରେ ସେଭଳି କିଛି ଉଦ୍ଦେଶ୍ୟ ସ୍ପଷ୍ଟ ନୁହେଁ। ଏସବୁର କାରଣ ହେଉଛି ଇଣ୍ଟରନେଟ। ଇଣ୍ଟରନେଟ ବହୁତ ସହଜରେ ସମସ୍ତଙ୍କ ପାଖରେ ଉପଲବ୍ଧ। ସୂଚନାର ବହୁଳତା ସେମାନଙ୍କ ମସ୍ତିଷ୍କରେ ବିଭିନ୍ନ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ସେମାନେ ଜୀବନର କୌଣସି ପ୍ରକୃତ ଅର୍ଥ ଖୋଜି ପାଇବାରେ ଅସମର୍ଥ। ସେମାନେ ଜୀବନକୁ ଅର୍ଥହୀନ ଭାବୁଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ଇଣ୍ଟରନେଟରେ ଜୀବନର ବଞ୍ଚିବାର ବିଭିନ୍ନ ମାର୍ଗ ପ୍ରଦର୍ଶନ କରାଯାଉଛି। ସେଥିମଧ୍ୟରୁ କ'ଣ ଠିକ୍ କ'ଣ ଭୁଲ୍ ସେସବୁ କହିବା ସମ୍ଭବପର ନୁହେଁ। ଏସବୁ ଦେଖିଲା ପରେ ଲାଗେ ଯେପରି ଜୀବନର କୌଣସି ଜିନିଷରେ କିଛି ମୂଲ୍ୟ ନାହିଁ। ଅଧିକନ୍ତୁ ଇଣ୍ଟରନେଟରେ ସଦା ସର୍ବଦା



ବିଭିନ୍ନ ଆଡମ୍ବରପୂର୍ଣ୍ଣ ଜୀବନଶୈଳୀର ପ୍ରଦର୍ଶନ କରାଯାଇଥାଏ। ଏସବୁକୁ ସୋସିଆଲ ମିଡିଆରେ ସବୁବେଳେ ଦେଖିଲେ ଜଣେ ଈର୍ଷାନ୍ୱିତ ହେବା ସହ ଶେଷରେ ଭାବି ଭାବି ବିଷାଦଗ୍ରସ୍ତ ହୋଇଥାଏ।

ବର୍ତ୍ତମାନର ପିଢ଼ି ଭଗବାନ ଓ ନିର୍ଦ୍ଦିଷ୍ଟ ଧର୍ମ ଉପରେ ବିଶ୍ୱାସ ରଖୁ ନ ଥିବାରୁ ମଧ୍ୟ ସେମାନଙ୍କ ଜୀବନ ମୂଲ୍ୟହୀନ ପ୍ରତୀୟ ହେବାରେ ଲାଗିଛି। ଏକ ବୈଜ୍ଞାନିକ ସର୍ଭେ ଅନୁସାରେ ୧୮ ପ୍ରତିଶତ ଯୁବ ପିଢ଼ି ନିଜକୁ ନାସ୍ତିକ ବୋଲି କହୁଛନ୍ତି। ନାସ୍ତିକ ଅର୍ଥାତ ଯାହାର ଭଗବାନଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ନ ଥାଏ। ଧର୍ମୀୟ ବିଶ୍ୱାସ ଆଦିମ ପିଢ଼ିରୁ ସମାଜର ଏକ ମାନଦଣ୍ଡ ରହିଆସିଅଛି। ଧର୍ମରେ ବା କୌଣସି ଭଗବାନଙ୍କ ଉପରେ ବିଶାସ ମଣିଷକୁ ଜୀବନ ବଞ୍ଚିବାର ଏକ ମାର୍ଗ ପ୍ରଦର୍ଶନ କରିଥାଏ। ନାସ୍ତିକମାନେ ମଧ୍ୟ କର୍ମ ଅଥବା କଳାରେ ନିଜ ଜୀବନର ଜୀବନର ଅର୍ଥ ଖୋଜିନିଅନ୍ତି। କିନ୍ତୁ ଜଣେ ଆସ୍ତିକ ତୁଳନାରେ ନାସ୍ତିକ ମଣିଷ ଅଧିକ ଅବସାଦଗ୍ରସ୍ତ ହେବାର ସମ୍ଭାବନା ରହିଛି। କାରଣ ବିଶାସ ମଣିଷକୁ ବଞ୍ଚିରହିବାର ଆଶା ଦେଇଥାଏ।

ଏକ ଗବେଷଣାରୁ ଜଣାପଡ଼ିଛି ଯେ ୧୮ ପ୍ରତିଶତ ବିଦ୍ୟାଳୟ ଯାଉଥିବା ଛାତ୍ର ଆତ୍ମହତ୍ୟା କରିବା ଭାବନାର ଶିକାର ହେଉଛନ୍ତି। ସେଥିମଧ୍ୟରୁ ୮ ପ୍ରତିଶତ ଛାତ୍ର କହିଛନ୍ତି ଯେ, ସେମାନେ ଏଭଳି କରିବାର ଚେଷ୍ଟା କରିଛନ୍ତି। ସେଥିମଧ୍ୟରୁ ୨.୫ ପ୍ରତିଶତ ଏବେ ମନସ୍ତତ୍ତ୍ୱ ଚିକିତ୍ସାରେ ଅଛନ୍ତି। ବର୍ତ୍ତମାନର ଯୁବପିଢ଼ି ମୋବାଇଲର ଅଧିକ ବ୍ୟବହାର କରୁଥିବାରୁ ସେମାନେ ବିଷାଦଗ୍ରସ୍ତ ହେବା ସହ ଏସବୁ ପ୍ରକାର ଚିନ୍ତା ମନକୁ ଆସୁଛି। ଆଗରୁ ଲୋକେ ଅବସର ସମୟରେ ବିଭିନ୍ନ ଖେଳ ଖେଳୁଥିଲେ। ଯାହା ସେମାନଙ୍କୁ ଶାରୀରିକ ତଥା ମାନସିକ ଭାବେ ସୁସ୍ଥ ରଖିବାରେ ସକ୍ଷମ ହେଉଥିଲା। କିନ୍ତୁ ଏବେର ପିଢ଼ି ହାରାହାରି ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ନିଜକୁ ସୋସିଆଲ ମିଡିଆରେ ବ୍ୟସ୍ତ ରଖୁଛି। ସୋସିଆଲ ମିଡିଆର ସୃଷ୍ଟି ହୋଇଥିଲା ଲୋକଙ୍କୁ ପରସ୍ପରର ନିକଟକୁ ଆଣିବାକୁ। କିନ୍ତୁ ଏବେ ତାହାର ବିପରୀତ ପରିଲକ୍ଷିତ ହେଉଅଛି। ଲୋକଙ୍କର ଜୀବନ ଆଳସ୍ୟମୟ ହୋଇଯାଉଛି। ଆଳସ୍ୟମୟ ଜୀବନଯାପନ ଅବସାଦର ଅନ୍ୟ ଏକ କାରଣ।

ସାମ୍ପ୍ରତିକ ସାମାଜିକ ଚାପ ତଥା ଶିକ୍ଷାକ୍ଷେତ୍ରରେ ବଢୁଥିବା ପ୍ରତିଯୋଗିତା ମଧ୍ୟ ଯୁବପଢ଼ିର ଅବସାଦର କାରଣ। ନିଯୁକ୍ତି କ୍ଷେତ୍ରରେ ଅଭାବ, ସରକାରୀ ନିଯୁକ୍ତି ପାଇବା ପାଇଁ ହେଉଥିବା ପ୍ରତିଯୋଗିତା, ଡାକ୍ତରୀ ପରୀକ୍ଷାରେ ହେଉଥିବା ପ୍ରତିଯୋଗିତା ବର୍ତ୍ତମାନର ଯୁବପିଢ଼ିର ମାନସିକ ଚାପକୁ ବଢ଼ାଇଚାଲିଛି। କୋଭିଡ ଦ୍ୱାରା ସୃଷ୍ଟି ହୋଇଥିବା ବେକାରି ସମସ୍ୟାର ସବୁଠୁ ବଡ଼ ଶିକାର ହେଉଛନ୍ତି ଯୁବ ପିଢ଼ି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଏସବୁ ପରିସ୍ଥିତିର ସମାଧାନ କ'ଣ ?

ଇଣ୍ଟରନେଟର ବ୍ୟବହାରକୁ ସୀମିତ କରାଯିବା ଦରକାର। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ବେଶି ନିର୍ଭରଶୀଳ ନ ହୋଇ ନିଜର ପ୍ରତିତ୍ପନ୍ନମତିତାକୁ ବଢ଼ାଇବାର ଅଛି। ଏଥିସହ ନିଜ ପୂର୍ବ ପିଢ଼ିଠାରୁ ଉପଦେଶ ଗ୍ରହଣ କରାଯିବା ଦରକାର। ଆମ ପୂର୍ବ ପିଢ଼ି ଲୋକଙ୍କର ମଧ୍ୟ କର୍ତ୍ତବ୍ୟ ଏହା ଯେ ସେମାନେ ସେମାନଙ୍କ ଅଭିଜ୍ଞତା ଆମକୁ କହି ଆମ ପଥପ୍ରଦର୍ଶକ ହୋଇପାରିଲେ ଏକ ବିକାଶଶୀଳ ଯୁବପିଢ଼ିର ପରିକଳ୍ପନା କରାଯାଇପାରିବ।

ରିସର୍ଚ୍ଚ ସ୍କଲାର (ପଦାର୍ଥ ବିଜ୍ଞାନ),
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ–୮୨୪୯୯୯୭୬୭୭

## ଏଇ ଭାରତରେ

ସେବାର ତରିକା ଭିନ୍ନ ଭିନ୍ନ ହୋଇଥାଏ। କିଏ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥାନ୍ତି ତ ଆଉ କେହି ମାଗଣାରେ ହସ୍ପିଟାଲକୁ ନେଇଥାନ୍ତି। କିନ୍ତୁ ହସ୍ପିଟାଲ ବାହାରେ ଲୋକଙ୍କୁ ମାଗଣାରେ ଖାଦ୍ୟ ଦେଇ ସେବା ମନୋଭାବର ପରିଚୟ ଦେଉଛନ୍ତି ହାଇଦ୍ରାବାଦର ମହମ୍ମଦ ସୁଜାଥୁଲ୍ଲା। ଡି–ଫାର୍ମା ଶେଷ କରିଥିବା ମହମ୍ମଦ ହ୍ୟୁମାନିଟି ଫାଷ୍ଟ ଫାଉଣ୍ଡେଶନ ଗଠନ କରି ତା' ମାଧ୍ୟମରେ ସରକାରୀ ହସ୍ପିଟାଲ ବାହାରେ ଭୋକିଲାଙ୍କୁ ମାଗଣାରେ ଖାଦ୍ୟ ଦେଉଛନ୍ତି। ମହମ୍ମଦଙ୍କୁ ୨୨ ବର୍ଷ ହୋଇଥିବାବେଳେ ୨୦୧୬ରେ ସେ ସାମଜ ସେବା ଆରମ୍ଭ କରିଥିଲେ। ସେ ସେହି ସମୟରେ ଜଣେ ଛାତ୍ର ଥିଲେ ଓ ତାଙ୍କ ପକେଟ ମନିକୁ ଗରିବଙ୍କୁ ଖାଦ୍ୟ ଦେବାରେ ଖର୍ଚ୍ଚ କରୁଥିଲେ। ସିକନ୍ଦରାବାଦ ରେଲୱେ ଷ୍ଟେଶନରେ ବସିଥିବା ଜଣେ ବ୍ୟକ୍ତିଙ୍କୁ ସେ ପ୍ରଥମେ ଖାଇବାକୁ ଦେଇଥିଲେ ଓ ସେହିଦିନଠାରୁ ତାଙ୍କ ସେବା କାର୍ଯ୍ୟ ଆରମ୍ଭ ହୋଇଥିଲା। ତା'ପରଠାରୁ ସେ ସରକାରୀ ହସ୍ପିଟାଲ ବାହାରେ ପ୍ରତିଦିନ ୧,୦୦୦ରୁ ଅଧିକ ଲୋକଙ୍କୁ ଜଳଖିଆ ଖାଇବାକୁ ଦେଇଆସୁଛନ୍ତି। ପ୍ରତିଦିନ ସକାଳ ୮ଟାରେ ଉପମା ଓ ଚଟଣି ପ୍ରସ୍ତୁତ କରି ସେମାନଙ୍କୁ ଦେଉଛନ୍ତି। ୨୦୧୬ରୁ ଏଯାବତ ସେ ୧୦ ମିଲିୟନ ଲୋକଙ୍କୁ ମାଗଣାରେ ଖାଦ୍ୟ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅକ୍ଟୋବର ୧୯୯୮

- ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ଜନୈକ ସଦସ୍ୟ ଏସ୍. ମହମ୍ମଦ ଇସ୍‌ମାଇଲ ଆସୀରଙ୍କ ୭୧ ବର୍ଷ ବୟସରେ ପରଲୋକ।
- ନାଇଜେରିଆର ୱାରିସ୍ଥିତ ତୈଳକେନ୍ଦ୍ର ନିକଟବର୍ତ୍ତୀ ଏକ ତୈଳ ପାଇପ ଲାଇନରେ ବିସ୍ଫୋରଣ ଘଟି ୬୦୦ ମୃତ।
- ଚାନସେଲର ଜେରହାର୍ଡ ସ୍କ୍ରୋଏଡରଙ୍କ ନେତୃତ୍ୱରେ ଏକ ମିଳିତ ସରକାର ଗଠନ ଲାଗି ଜର୍ମାନୀର ବିଜୟୀ ସୋସିଆଲ ଡେମୋକ୍ରାଟ ଓ ଗ୍ରୀନ ଦଳଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀ ଜଳ ବିବାଦ ସମାଧାନ ଜରୁରୀ

ମହାଶୟ,

ଆମ ଦେଶରେ ନଦୀ ଜଳକୁ ନେଇ ରଜ୍ୟ–ରାଜ୍ୟ ମଧ୍ୟରେ ବିବାଦ ନୂଆ ନୁହେଁ। ଗଙ୍ଗା, ଗୋଦାବରୀ, କାବେରୀ, ମହାନଦୀ ଠାରୁ ଆରମ୍ଭ କରି ଯମୁନା ପର୍ଯ୍ୟନ୍ତ ଦେଶ ଭିତରେ ପ୍ରବାହିତ ବହୁ ଛୋଟ ଓ ବଡ ନଦୀର ଜଳକୁ ନେଇ ବିବାଦ ଏବେ ଜନଜୀବନକୁ ପ୍ରଭାବିତ କରିଛି। ଦକ୍ଷିଣ ଭାରତରେ ଗଙ୍ଗା ଭାବେ ପରିଚିତ କାବେରୀ ନଦୀର ଜଳକୁ ନେଇ କର୍ନାଟକ –ତାମିଲନାଡୁର ଜନସାଧାରଣଙ୍କ ବିବାଦ ଉଗ୍ରରୂପ ଧାରଣ କରିଛି। ଦୁଇ ରାଜ୍ୟର ଲୋକଙ୍କ ମଧ୍ୟରେ ସଂଘର୍ଷ, ପୋଡାଜଳା ଆଦି ଘଟଣା ଘଟିଥିବା କୁହାଯାଇଛି। ଜଳକୁ ନେଇ ପରିସ୍ଥିତି ଏପରି ହୋଇଛି ଯେ, ନିକଟ ଭବିଷ୍ୟତରେ କାବେରୀ ଜଳ ବିବାଦର ସ୍ଥାୟୀ ସମାଧାନ ଆଶା ନାହିଁ। ଆମ ଦେଶରେ ନଦୀ ଜଳ ବିବାଦର ସମାଧାନ ପାଇଁ ପୃଥକ ପୃଥକ ୫ଟି ଟ୍ରିବ୍ୟୁନାଲ ରହିଛି। କାବେରୀ ଜଳ ବିବାଦ ଟ୍ରିବ୍ୟୁନାଲ ଏବେ ଅନ୍ୟ ଟ୍ରିବ୍ୟୁନାଲଗୁଡିକ ନକଲ ପାଲଟିଥିବା ମନେହୁଏ। ମହାନଦୀର ଜଳକୁ ନେଇ ଓଡିଶା ଛତିଶଗଡ଼ ମଧ୍ୟରେ ବିବାଦ ଏବେ ମହାନଦୀ ଟ୍ରିବ୍ୟୁନାଲର ବିଚାରଧୀନ । ଦେଶରେ ଜଳ ବିବାଦର ସମାଧାନ ଲାଗି ଦଶନ୍ଧି ଦଶନ୍ଧି ଧରି ଟ୍ରିବ୍ୟୁନାଲରେ ମାମଲାର ଶୁଣାଣି ଚାଲିଥିବାବେଳେ କେବେ ଫଇସଲା ହେବ, ତାହା କେହି କହିପାରିବେ ନାହିଁ।

–ସୌଭାଗ୍ୟ ରଂଜନ ମହାନ୍ତି, ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୋର ପ୍ରେୟସୀର ସେହି ବିଦାୟ ଚାହାଣି,
କୋମଳ ମିନତିଭରା ସେ ମଧୁର ବାଣୀ
ଅଭିମାନେ ଛଳ ଛଳ
ନୟନୁଁ ତପତ ଜଳ
ବୁହାଇଲା ସେ ଦିନ ଯେ ମୋ ହୃଦୟରାଣୀ,
ଭୁଲିଯାଏଁ ଏଥି ସବୁ ଅତୀତ କାହାଣୀ।
–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ଜମି ପାଣିରେ ବୁଡ଼ି ବୃଦ୍ଧ ମୃତ

ଖଡ଼ିଆଳ,୨୦।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ୱାର୍ଡ ନଂ. ୩ ବିଶିବନ୍ଧ ପାଖରେ ଥିବା ଜମିରେ ପଡି ଜଣେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଘଣ୍ଟସାହାଡ଼ା ଗ୍ରାମର ହରେକୃଷ୍ଣ ସାହୁ(୭୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ହରେକୃଷ୍ଣ ନିଜ ସମ୍ପର୍କୀୟ ଘର ଖଡ଼ିଆଳ ସାହୁ ପଡାକୁ ଆସିଥିଲେ। ରାତିରେ ବାଟ ଭୁଲି ବିଶିବନ୍ଧ ରାସ୍ତାକୁ ଚାଲି ଯାଇଥିଲେ। ରାତି ହୋଇଥିବାରୁ ରାସ୍ତାରେ ଝୁଣ୍ଟି ପଡି ଜମିରେ ଥିବା ପାଣିରେ ପଡି ତାଙ୍କର ମୁଣ୍ଡ ବୁଡି ଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ଶୁକ୍ରବାର ସକାଳେ ଲୋକେ ଦେଖି ପୋଲିସକୁ ଖବର ଦେବା ପରେ ଥାନା ଅଧିକାରୀ ପ୍ରଦୀପ ଧରୁଆ ଓ ବିଭାଗୀ କର୍ମଚାରୀ ଘଟଣାସ୍ଥଳରୁ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତ ଅଧିକାରୀ ଏଏସଆଇ ଧନେଶ୍ୱର ମାଝି ପ୍ରକାଶ କରିଛନ୍ତି।

## ଧର୍ମଗଡ଼ ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ



ବେହେରା,୨୦।୧୦(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ଶୁକ୍ରବାର ନୂତନ ବିଡିଓ ଭାବେ ହିମାଞ୍ଚଳ ମାଝି ଯୋଗଦାନ କରିଛନ୍ତି। ପୂର୍ବତନ ଧର୍ମଗଡ଼ ବିଡିଓ ଶରତ କୁମାର ସେଠୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ହିମାଞ୍ଚଳ ଇତିପୂର୍ବରୁ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ବିଡିଓ ଭାବେ କାର୍ଯ୍ୟ କରିଆସୁଥିଲେ। ସେ ଜଣେ ଦକ୍ଷ, ମେଳାପୀ, କର୍ତ୍ତବ୍ୟନିଷ୍ଠ ରୂପେ ତାଙ୍କର ସୁଖ୍ୟାତି ରହିଛି। ବ୍ଲକ ପକ୍ଷରୁ ସମସ୍ତ କର୍ମଚାରୀ ଓ ବ୍ଲକ ଅଧକ୍ଷା ଏବଂ ଧର୍ମଗଡ଼ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଅବସର କର୍ମଚାରୀଙ୍କ ମୃତ୍ୟୁ

ଖଡ଼ିଆଳ,୨୦।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ୱାର୍ଡ ନଂ. ୧୦ଲକ୍ଷ୍ମୀ ଛକ ପାଖରେ ଥିବା ଅର୍ଜୁନ ପ୍ରସାଦ ଦଣ୍ଡସେନାଙ୍କ (୭୪)ଙ୍କ ପରଲୋକ ହୋଇଯାଇଛି। ସେ ସରକାରଙ୍କ କୃଷି ବିଭାଗରୁ ଚାକିରିରୁ ଅବସର ଗ୍ରହଣ କରିଥିଲେ। ସେ ଜଣେ ଖଡିଆଳ ଅଞ୍ଚଳର ଅନନ୍ୟା ପ୍ରତିଭାଧାରୀ କଳାକାର ଥିଲେ। ଖଡ଼ିଆଳଠାରେ ହୋଇଆସୁଥିବା ରାସଲୀଳାର ଉଚ୍ଚ କୋଟିର ନିର୍ଦ୍ଦେଶକ ଭାବେ ମଧ ସୁପରିଚିତ। ସ୍ଥାନୀୟ ବଡ ଦଧିବାମନ ମନ୍ଦିରରେ ହେଉଥିବା ନାଟକକୁ ହୁତ ବର୍ଷ ଧରି ନିର୍ଦ୍ଦେଶନା ଦେଉଥିଲେ। ତାଙ୍କର ୩ ପୁଅ ଓ ୨ ଝିଅ ଅଛନ୍ତି। ଜ୍ୟେଷ୍ଠ ପୁତ୍ର ଜିତେନ୍ଦ୍ର ଦଣ୍ଡସେନା ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁରେ ପରିଚିତ ମହଲରେ ଶୋକଛାୟା ଖେଳି ଯାଇଛି।

## ଶିଶୁ ମନ୍ଦିରରେ ମାତୃପିତୃ ସମ୍ମିଳନୀ

ଖଡ଼ିଆଳ,୨୦।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ସରସ୍ୱତୀ ଶିଶୁ ମନ୍ଦିରଠାରେ ମାତୃପିତୃ ସମ୍ମିଳନୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୃପରାଜ ସବରଙ୍କ ସଭାପିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଚରଣ ନେତାମ ଅତିଥି ପରିଚୟ ଓ ମାତୃପିତୃ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦକ ପ୍ରଫୁଲ୍ଲ ସୁନାନୀ ମଞ୍ଚାସୀନ ଥିଲେ। ଏଥିରେ ୭୦ଜଣ ମାତୃ ଓ ୮୩ଜଣ ପିତୃ ଯୋଗଦେଇ ନିଜର ପୁଅ ଓ ଝିଅଙ୍କ ପାଠପଢା ସମସ୍ୟା ଉପରେ ନିଜର ମତ ରଖିଥିଲେ। ଗୁରୁଜୀ ପ୍ରବୀଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ବୀଣାଶ୍ରୀ ବିଶି, ଉମାକାନ୍ତ ମାଝି, ଦୈତାରି ଜଗତ, ସାତ୍ୟକି ହାତୀ, ରାମ ପ୍ରସାଦ, ସତ୍ୟଭାମା, ସୁଜାତା, ସଞ୍ଜୁ, ସଜିତ, ଯୋଗେଶ୍ୱରୀ, ରିଙ୍କି, ଆରତୀ, ବେଦମତି, ସଂଯୁକ୍ତା, ସ୍ୱପ୍ନସୁନ୍ଦର ଓ ମାଉସୀ କୁରୁପତି ଶବରଙ୍କ ସମେତ ସମସ୍ତେ ସହଯୋଗ କରିଥିଲେ।

# ପାରମ୍ପରିକ ନାଟକକୁ ଅଗ୍ରାଧିକାର



**ସିନାପାଲି ଜଗନ୍ନାଥ ଛକରେ ୪୬ବର୍ଷର ଦୁର୍ଗାପୂଜା**

ସିନାପାଲି,୨୦।୧୦ (ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ଛକର ଶାରଦୀୟ ଦୁର୍ଗାପୂଜା ଚଳିତବର୍ଷ ୪୬ ବର୍ଷରେ ପହଞ୍ଚିଛି। କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ମୂର୍ତ୍ତି ଓ ତୋରଣ ନିର୍ମାଣ ସହ ଏବର୍ଷ ଲାଇଟ ସାଜସଜ୍ଜାକୁ ଅଧିକ ଆକର୍ଷଣୀୟ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ପୌରାଣିକ ଓ କାଳ୍ପନିକ ବିଷୟ ଆଧାରିତ ନାଟକକୁ କମିଟି ଗୁରୁତ୍ୱ ଦେଇଛି। ଏ ଅବସରରେ ଲବ କୁଶ ଜନ୍ମ, ଧର୍ମ କାନ୍ଦୁଛି ପାପ ହାଟଲେ, ମିଛ ସମ୍ପର୍କର ସତ କାହାଣୀ, ବ ଦେଉଳରେ ଶ୍ରୀଜଗନ୍ନାଥ ଆଦି ନାଟକ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜାର ବିଭିନ୍ନ ତିଥିରେ ସନ୍ଧ୍ୟା ଆଳତି, ସାମୂହିକ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ କମିଟି ସଭାପତି ଭାବେ ଆଲୋକ ମେହେର, ଉପସଭାପତି ଜିତେନ୍ଦ୍ର ମେହେର, ସମ୍ପାଦକ ପ୍ରବୀଣ ମେହେର, ସହସମ୍ପାଦକ ମହେନ୍ଦ୍ର ମେହେର, ସାଂସ୍କୃତିକ ସମ୍ପାଦକ ସାଗର ମେହେର ଓ କୋଷାଧକ୍ଷ ଶିବପ୍ରସାଦ ମେହେର ରହିଛନ୍ତି। ଡମ୍ବରୁଧର ମେହେର ସପତ୍ନୀକ କର୍ତ୍ତା ରହିଥିବା ବେଳେ ପ୍ରମୋଦ ଯୋଷୀ ମୁଖ୍ୟ ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଗୁରୁବାର ଅଧିବାସ ବିଧି ସମ୍ପନ୍ନ ହୋଇଥିବା ବେଳେ ଆସନ୍ତା ୨୪ ତାରିଖ ଯାଏଁ ପୂଜା ଚାଲିବ ବୋଲି ଜଣାପଡ଼ିଛି। ପୂଜା ଦେଖିବାକୁ ଘରେ ଘରେ କୁଣିଆଙ୍କ ଭିଡ଼ ଦେଖିବାକୁ ମିଳିଥିବା ବେଳେ ପାର୍ବଣକୁ ନେଇ ଅଞ୍ଚଳରେ ଖୁବ ଉତ୍ସାହ ଦେଖିବାକୁ ମିଳିଛି।



“ଶୃଙ୍ଖଳିତ ପୂଜା ଆୟୋଜନ ପାଇଁ ଜଗନ୍ନାଥ ଛକ କମିଟି ସ୍ୱତନ୍ତ୍ର ନାଁ ରହିଆସିଛି। ନିଷ୍ଠାର ସହ ମା'ଙ୍କ ଯଥାବିଧି ପୂଜାକୁ ଏଠାରେ ଗୁରୁତ୍ୱ ଦିଆଯାଏ। ଚଳିତବର୍ଷ ପାରମ୍ପରିକ ପୁରାଣ ଆଧାରିତ ନାଟକ କଳାକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ରାଧିକାର ଦିଆଯାଇଛି।

**ବୈଷ୍ଣବ ମେହେର, ପ୍ରାକ୍ତନ ସମ୍ପାଦକ, ଜଗନ୍ନାଥ ଛକ ପୂଜା କମିଟି**



“ଆମ କମିଟି ମା'ଙ୍କ ଷୋଡ଼ ପୂଜାବିଧିକୁ ପ୍ରତିବର୍ଷ ପ୍ରାଧାନ୍ୟ ଦେଇଥାଏ। ଚଳିତବର୍ଷ କମିଟିର ୪୬ତମ ପୂଜା ଅବସରରେ ମଧ ପୂଜାବିଧି ସହ ଭବ୍ୟ ତୋରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ କରିବାକୁ କମିଟିର ସମସ୍ତ ବରିଷ୍ଠ ଓ କନିଷ୍ଠ ସଦସ୍ୟ ପ୍ରୟାସ କରିଛନ୍ତି।

**ରୂପେଶ ଚନ୍ଦ୍ର ମେହେର, ବରିଷ୍ଠ ସଦସ୍ୟ, ଜଗନ୍ନାଥ ଛକ ପୂଜା କମିଟି**



“ଚଳିତବର୍ଷ ଭବ୍ୟ ତୋରଣ ନିର୍ମାଣ ଓ ଆକର୍ଷଣୀୟ ଲାଇଟ ଡେକୋରେଶନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଦିନବେଳା ପାରମ୍ପରିକ ପୂଜା ଓ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

**ପ୍ରବୀଣ ମେହେର, ସମ୍ପାଦକ, ଜଗନ୍ନାଥ ଛକ ପୂଜା କମିଟି**



“ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ସହ ଶ୍ରଦ୍ଧାଳୁଙ୍କ ଦର୍ଶନ, ସନ୍ଧ୍ୟା ଆଳତି, ଅନ୍ନଭୋଗ ବ୍ୟବସ୍ଥା ରଖାଯାଇଛି। ପାର୍ବଣକୁ ନେଇ ଅଞ୍ଚଳରେ ଖୁବ ଉତ୍ସାହ ଦେଖିବାକୁ ମିଳିଛି।

**ଭୀଷ୍ମରାଜ ମେହେର, ସଦସ୍ୟ, ଜଗନ୍ନାଥଛକ ପୂଜା କମିଟି**

# ୬୮ ବର୍ଷରେ ପଦାର୍ପଣ କଲା କେସିଙ୍ଗା ସାର୍ବଜନୀନ ଦୁର୍ଗାପୂଜା



କେସିଙ୍ଗା,୨୦।୧୦(ତୁମେଶ୍ୱର ସାହୁ)

**ଦଶହରା ପାଇଁ ଚଳଚଞ୍ଚଳ କେସିଙ୍ଗା ସହର**

କଳାହାଣ୍ଡି ଜିଲା କେସିଙ୍ଗା ସହରରେ ଦୁର୍ଗାପୂଜା ପାଇଁ ସହର ଚଳଚଞ୍ଚଳ ହୋଇଉଠିଛି। କେସିଙ୍ଗା ସର୍ବଜନୀନ ଦୁର୍ଗାପୂଜା ୬୮ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଆକର୍ଷଣୀୟ ମା'ଙ୍କ ମୂର୍ତ୍ତି ସାଙ୍ଗକୁ ରାତିରେ ଆଲୋକ ସାଜସଜା ଓ ମୁଖ୍ୟ ଜାତୀୟ ରାଜପଥର ମୁଖ୍ୟ ଗେଟ ଓ ପୂଜା ମଣ୍ଡପର ମୁଖ୍ୟ ଗେଟ ବହୁ ଆକର୍ଷଣ ହୋଇ ବିଦ୍ୟୁତ୍ ଆଲୋକରେ ଝଲସି ଉଠୁଛୁ। କେସିଙ୍ଗା ଅମ୍ବେ ମନ୍ଦିର ଓ ଗୌରୀଶଙ୍କର ମନ୍ଦିରରେ ମଧ ପୂଜା ଆରମ୍ଭ ହୋଇଯାଇଛି। ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଭକ୍ତ ମା'ଙ୍କ ଦର୍ଶନ ଓ ଆର୍ଶୀବାଦ ପାଇଁ ପୂଜା ମଣ୍ଡପରେ ପ୍ରବଳ ଭିଡ ଦେଖାଯାଉଛି। କେସିଙ୍ଗା ସର୍ବଜନୀନ ଦୁର୍ଗା ମଣ୍ଡପରେ ପ୍ରତ୍ୟେକ ବର୍ଷପରି ଚଳିତବର୍ଷ ମଧ ଆଡ଼ମ୍ବରରେ ପୂଜା ଆରମ୍ଭ ହୋଇ ବିଲଧୀବାର ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ଚକ୍ଷୁ ଦାନ ପ୍ରାଣ ପ୍ରତିଷ୍ଠା, ସୂର୍ଯ୍ୟ ପୂଜା, ଦ୍ୱାର ପୂଜା, ପୀଠ ପୂଜା, ମହାସ୍ନାନ ଆବରଣ ପୂଜା, ଚଣ୍ଡୀ ପାଠ, ଶଙ୍ଖୁଡ଼ି ଭୋଗ, ଆରତୀ, ବିଶ୍ୱବରଣ କାର୍ଯ୍ୟକ୍ରମ ରହିଛି। ସେହିପରି ଆସନ୍ତା ଶନିବାର ମହାସପ୍ତମୀ, ରବିବାର ମହାଷ୍ଟମୀରେ ସନ୍ଧିପୂଜା, ବଳି ପୋଷଣ, ସୋମବାର ମହାନବମୀରେ କୁମାରୀ ପୂଜା, ମଙ୍ଗଳବାରରେ ବିଜୟ ଦଶମୀରେ ଅପରାଜିତା ପୂଜା, ରାବଣ ପୋଡ଼ି, ବିଭିନ୍ନ ସାଂସ୍କୃତିକ ଓ ବିସର୍ଜନ କାର୍ଯ୍ୟକ୍ରମ ରହିଛି। ଏହିବର୍ଷ ସର୍ବଜନୀନ ଦୁର୍ଗାପୂଜାରେ ସଭାପତି ଭାବେ ରାମ କୁମାର ଜୈନ ଦାୟିତ୍ୱ ତୁଲାଉଥିବା ବେଳେ ସମ୍ପାଦକ ଭାବରେ ଉମେଶ ଚନ୍ଦ୍ର ନାଏକ ଦାଇତ୍ୱ ବହନ କରିଛନ୍ତ। ମୁଖ୍ୟ ପୂଜକ ଭାବେ ପଣ୍ଡିତ ଚିରଞ୍ଜିବୀ ମିଶ୍ର ପୂଜାର୍ଚ୍ଚନା କରୁଥିବା ବେଳେ ତାଙ୍କ ସହଯୋଗୀ ଭାବେ ଶରତ ଚନ୍ଦ୍ର ମିଶ୍ର ଦାୟିତ୍ୱ ନେଇଛନ୍ତି। ପ୍ରତିବର୍ଷ ପରି ବିଜୟ କୁମାର ପାଢ଼ୀ କର୍ତ୍ତା ହୋଇଛନ୍ତି। ଏହି ନବ ଦୁର୍ଗାଅପୂଜାରେ ବଳରାମ ସୁନା, ରିଷବ କୁମାର ଜୈନ, ରଘୁରାଜ ସିଂ, ମନୋଜ କୁମାର ଜୈନ, ବିକି ଜୈନ, ବିଘ୍ନରାଜ ଦୀପ, ସରିତା ସିନ୍ଦୂର, ରାମଜୀମାତ ଖଣ୍ଡିଆ, ଗଦାଧର ସିଂଦେଓ, ପ୍ରମୋଦ ଦାସ, ଦେବରାଜ ବନଛୋର୍, ଅନିଲ ଜୈନ ପ୍ରମୁଖଙ୍କୁ ପୂଜାର ଅନ୍ୟ ଦାୟିତ୍ୱ ଦିଆଯାଇଛି।

## ବ୍ଲକସ୍ତରୀୟ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ

ଜୁନାଗଡ଼,୨୦।୧୦(ସୁନୀଲ କୁମାର ସିଂହ)

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ଶାଖା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ତତ୍ତ୍ୱାବଧାନରେ ଜୁନାଗଡ଼ ସହରସ୍ଥିତ ଶହୀଦ ରେଣ୍ଡୋ ମାଝି ସାଂସ୍କୃତିକ ଭବନଠାରେ ବ୍ଲକସ୍ତରୀୟ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ପଦ୍ମଶ୍ରୀ ପଟାୟତ ସାହୁ, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ମନୋଜ ମେହେର, ପୂର୍ବତନ ଏନଏସି ଇଓ ଈଶ୍ୱର ପୂଝାରୀ, ସରପଞ୍ଚ ଦିବ୍ୟ ଦୀପ, ସମିତିସଭ୍ୟା କାଞ୍ଚନ ବାଗ, ଅଧାପକ ପ୍ରିୟବ୍ରତ ବାଣୁଆ, ଗଣେଶ ନାଏକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ଼ ପିଆଇ କଲେଜ, ଗଣେଶ କଲେଜ ଓ ଅନ୍ୟ କଲେଜ ସହ ବ୍ଲକର ବିଭିନ୍ନ କ୍ଲବରୁ ପ୍ରାୟ ୭ଶହ ଛାତ୍ରୀଛାତ୍ର, କ୍ଲବ ସଦସ୍ୟ ଯୋଗଦେଇଥିଲେ। ପ୍ରଥମେ ବ୍ଲକ ପରିସରରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏହାକୁ ନଗରପାଳ ମୁକେଶ ଅଗ୍ରୱାଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ରେଣ୍ଡୋ ମାଝି ସଂସ୍କୃତି ଭବନରେ ଏକ ରଙ୍ଗାରାଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ମାଟିହାଣ୍ଡି ଅତିଥିମାନେ ଗ୍ରହଣ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ଶହୀଦ ଟେକଚାନ୍ଦ ହରିଜନଙ୍କ ପରିବାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିନୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ନେହରୁ ଯୁବକେନ୍ଦ୍ର ସଙ୍ଗଠନ ସଦସ୍ୟ ମମତା ପ୍ରଧାନ, ଯଶୋବନ୍ତ ରଣା, ବୁଲୁ ପ୍ରଧାନ, ମହେନ୍ଦ୍ର ନାଏକ, ହେମସାଗର ସାହୁ, ମିଳନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# କେସିଙ୍ଗା ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କେସିଙ୍ଗା ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କେସିଙ୍ଗା,୨୦।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅରୁନ୍ଧତୀ ଅଟୋମୋଟିଭସ ଓ ଅନ୍ନପୂର୍ଣ୍ଣା ଅଟୋମୋବାଇଲ କେସିଙ୍ଗାର ମ୍ୟାନେଜିଂ ଡାଇରେକ୍ଟର ପ୍ରମୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ମହାବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ପାଢୀ ସଡ଼କ ସୁରକ୍ଷା ସଚେତନତା ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ଏନଏସି ଅଧକ୍ଷ ନୃପରାଜ ଯାଦବ, ପୂର୍ବତନ ଅଧକ୍ଷ ତଥା କେସିଙ୍ଗା ମହାବିଦ୍ୟାଳୟ ଗଭର୍ଣ୍ଣିଂବଡ଼ି ସଭାପତି ପ୍ରଦୀପ କୁମାର ରଥ, ସାଧାରଣ ସମ୍ପାଦକ ବଡ଼ିବିଲଡିଂ ଆସୋସିଏଶନ ଭୁବନେଶ୍ୱର ସନ୍ତୋଷ ମହାନ୍ତି ପ୍ରମୁଖ ସଡ଼କ ସୁରକ୍ଷା ବିଷୟ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। କଳାହାଣ୍ଡି ଆରଟିଓ ଗତିକୃଷ୍ଣ ସାମନ୍ତରାୟ ବିଷଦ ଭାବେ ସଡ଼କ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। କଲେଜ ଛାତ୍ରୀଛାତ୍ରମାନେ ବିନା ହେଲମେଟ କଲେଜ ଆସିଲେ ପ୍ରିନ୍ସିପାଲ କଲେଜକୁ ପ୍ରବେଶ ନିଷେଦ କରିବା ପାଇଁ ଅନୁରୋଧ କରିଥିଲେ। କଳାହାଣ୍ଡି ଏବଂ କେସିଙ୍ଗା ଅଞ୍ଚଳରେ ଚଳିତ ୨୦୨୩ରେ ୧୧୧ଜଣଙ୍କ ସଡକ ଦୁର୍ଘଟଣା ମୃତ୍ୟୁ ହୋଇଥିବା ସହ କେସିଙ୍ଗାର ୩୪ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରକାଶ କରିଥିଲେ। ଅଧିକାଂଶ ଲୋକମାନେ ମଦ୍ୟପାନ ଯୋଗୁ ଦୁର୍ଘଟଣା ଘଟୁଛି ବୋଲି ପ୍ରକାଶ କରିଥିଲେ। ହେଲମେଟ, ସିଗ୍ନାଲ ଦେଖିବା ସହ ଟ୍ରାଫିକ ନିୟମ ମାନି ଗାଡି ଚଳାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କେସିଙ୍ଗା ଅନ୍ନପୂର୍ଣ୍ଣା ଅଟୋମୋବାଇଲ ର ମ୍ୟାନେଜିଂ ଡାଇରେକ୍ଟର ପ୍ରମୋଦ କୁମାର ପ୍ରଧାନ କଲେଜ ଛାତ୍ରୀଛାତ୍ରଙ୍କୁ ହିରୋ ଟ୍ରଫି, ଫୁଟବଲ, ଭଲିବଲ, ପୋଷାକ, ଏବଂ ଗାଡି କ୍ରୟ କଲେ ଗାଡିର ମୂଲ୍ୟଠାରୁ ଏକ ହଜାର ରିହାତିରେ ଦିଆଯିବା ସହ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ୧୧ ହାଜର ଦିଆଯିବ ବୋଲି ଘୋଷଣା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧାପକ ଡ଼ଃ.ରାକେଶ କୁମାର ବିଶି। ଧନ୍ୟବାଦ ଅର୍ପଣ କରିଥିଲେ କେସିଙ୍ଗା ମହାବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ପାଢୀ।

## ୧୦ଦିନ ନ ପୂରୁଣୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବାଡ଼ ଉପୁଡିଛି



**ନିମ୍ନମାନର କାମ ଅଭିଯୋଗ**

- କାମ ସଂକ୍ରାନ୍ତରେ ପଚାରିବାରୁ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କ ବେପରୁଆ ପ୍ରତିକ୍ରିୟା
- ଏସ୍‌ଡିଓଙ୍କୁ ଭେଟିଲେ ଦଣ୍ଡପାଟ ସାମ୍ବାଦିକ ସଙ୍ଗଠନ

ବେହେରା,୨୦।୧୦(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମର ମାର୍କେଟ କମ୍ପ୍ଲେକ୍ସ ପଛପଟେ ଟ୍ରାନ୍ସଫର୍ମର ବାଡ଼ ନିର୍ମାଣ କାମ ଇତିମଧରେ ଶେଷ ହୋଇ ସାରିଛି। କାମ ଶେଷର ମାତ୍ର ୧୦ଦିନ ହୋଇଥିବା ବେଳେ ଲୁହା ଗେଟ କଂକ୍ରିଟ ଛାଡି ଉପୁଡି ପଡିଛି। ବାଡ଼ କାନ୍ଥରୁ ଖସି ଯାଇ ସୁରକ୍ଷା ସାଜିଥିବା ଗେଟ ଏବେ ବିପଦ ପାଲଟିଛି। ନିମ୍ନମାନର କାମ ଯୋଗୁ ଗେଟ ଖସି ପଡିଥିବା ଗ୍ରାମରେ ଆଲୋଚନା ହେଉଛି। ଶୁଣାଯାଏ ଏହା ବିଦ୍ୟୁତ ବିଭାଗଗୀୟ ତତ୍ୱବାଧାନ କାମ ହୋଉଥିବା ଓ ଯନ୍ତ୍ରୀ ଜଣେ ଠିକାଦାରଙ୍କ ମାଧମରେ କାମ କରିଥିବା ଗାଁରେ ଚର୍ଚ୍ଚା ହେଉଛି। ଗଣମାଧମ ପ୍ରତିନିଧିଙ୍କ ନଜରରେ ଆସିବାରୁ ଏ ସଂକ୍ରାନ୍ତରେ ସାମ୍ବାଦିକ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାବେଳକୁ ଅଜବ ଯୁକ୍ତି ବାଢିଛନ୍ତି। ସାମ୍ବାଦିକଙ୍କ ପ୍ରଶ୍ନ ଉତ୍ତର ଦେବା ବଦଳରେ ସାମ୍ବାଦିକ ସମାଜ ପ୍ରତି ମାନହୀନତା ପ୍ରତିକ୍ରିୟା ରଖିଛନ୍ତି। ଅଧିକାରୀ ଜଣକ ସିଧାସଳଖ ଭାବେ 'ଚାନ୍ଦା ନିଅ, ପ୍ରଶ୍ନ କରନାହିଁ' ସାମ୍ବାଦିକଙ୍କ କଥା ଜାଣିଛି, ପଇସା ପାଇଁ ଫୋନ କରିଥାନ୍ତି ବୋଲି ପ୍ରତିକ୍ରିୟା ଦେଇଛନ୍ତି। ଏହାର ଅଡିଓ ଫୋନ ରେକର୍ଡ ସୋସିଆଲ ମେଡିଆରେ ଭାଇରାଲ ହେବାରେ ଲାଗିଛି।

ଏ ନେଇ ଦଣ୍ଡପାଟ ସାମ୍ବାଦିକ ସଙ୍ଗଠନ ଧର୍ମଗଡ଼ ବିଦ୍ୟୁତ୍ ବିଭାଗ ଏସଡିଓଙ୍କୁ ସାକ୍ଷାତ କରି ଯନ୍ତ୍ରୀଙ୍କ ମନ୍ତବ୍ୟକୁ ନନ୍ଦା କରିଥିଲେ। ନିଜେ ଏସଡିଓ ମଧ ଯନ୍ତ୍ରୀଙ୍କ ମନ୍ତବ୍ୟକୁ ନିନ୍ଦା କରିଥିଲେ। ହେଲେ ଯନ୍ତ୍ରି ନିଜର ଭୁଲ ସ୍ୱୀକାର କରି ଭବିଷ୍ୟତରେ ଗଣମାଧମ ପ୍ରତି ଏପରି ବ୍ୟବହାର ଦେଖେଇବେନି ବୋଲି ପ୍ରତିଶ୍ରୁତି ଦେଇ କ୍ଷମା ମାଗି ନେଇଥିଲେ।

# ତୁରନ୍ତ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କର

ଭବାନୀପାଟଣା,୨୦।୧୦(ଉତ୍ତମ କୁମାର ଦାଶ)



ଚାଷୀମାନେ ଜିଲାପାଳଙ୍କ ଅଫିସକୁ ଆସିଛନ୍ତି।

- ରେତ୍ କିମ୍ବା ସାନ୍ଦୁଲରୁ ସ୍ଥାୟୀ ଜଳସେଚନ ବ୍ୟବସ୍ଥା ସୁବିଧା ଦିଅ
- ଅନିର୍ଦ୍ଦିଷ୍ଟକାଳ ପାଇଁ ରାସ୍ତାରୋକୋ, ଭୋଟବର୍ଜନ ଚେତାବନୀ
- ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ରେତ୍ ଜଳସେଚନ ପ୍ରକଳ୍ପରୁ କେନାଲ ସଂଯୋଗ କରି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ଗୋପାଳପୁର, ଭାଲୁଚଞ୍ଚରା ଓ ପାଟଭାଲେର ଗ୍ରାମର ଜମିକୁ ଜଳସେଚନର ବ୍ୟବସ୍ଥା ପାଇଁ ପଦକ୍ଷେପ ନେବା ଓ ସାନ୍ଦୁଲ ନଦୀ ଲୁହରାଘାନିରେ ପ୍ରସ୍ତାବିତ ଆନିକଟ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ଏହି ୨ ଦାବି ନେଇ ଅଞ୍ଚଳର ଚାଷୀମାନେ ଶୁକ୍ରବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସପ୍ତାହ ମଧରେ ଦାବି ପୂରଣ ପାଇଁ ପ୍ରଶାସନ ଓ ସରକାରଙ୍କଠାରୁ ନିର୍ଭର ପ୍ରତିଶ୍ରୁତି ନ ମିଳିଲେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବା ସହିତ ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ କଦଳୀଘାଟି ଛକରେ ଅନିର୍ଦ୍ଦିଷ୍ଟକାଳ ପାଇଁ ରାସ୍ତା ଅବରୋଧ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ସାଧାରଣ ନିର୍ବାଚନ ବର୍ଜନ କରିବାକୁ ସେମାନେ ନିଷ୍ପତ୍ତି ନେଇଥିବା ପ୍ରଶାସନକୁ ରୋକଠୋକ ଭାବେ ଜଣାଇଛନ୍ତି। ଚାଷୀମାନେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି.ଙ୍କୁ ମଧ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର, ଭାଲୁଚଞ୍ଚରା ଓ ପାଟଭାଲେର ଗାଁରେ ୩ଶହରୁ ଉର୍ଦ୍ଧ୍ୱ ଚାଷୀ ପରିବାର ଇନ୍ଦ୍ର ଭରସାରେ ଚାଷକାର୍ଯ୍ୟ କରନ୍ତି। ଗୋଟିଏ ମାତ୍ର ଖରିଫ ଚାଷ କରିବା ସମୟରେ ବର୍ଷାଭାବ, ମରୁଡ଼ି ପରିସ୍ଥିତି ଯୋଗୁ ଚାଷୀକୂଳ ହନ୍ତସନ୍ତ ହେଉଥିବାବେଳେ ଜଳସେଚନର କୌଣସି ସୁବିଧା ନ ଥିବାରୁ ନାନାଦି ଦହଗଞ୍ଜର ଶିକାର ହୁଅନ୍ତି। ଏପରିକି ଗତ ୫ବର୍ଷରୁ ଅଧିକ ସମୟ ହେଲା ୩ଟି ଗାଁକୁ ସାନ୍ଦୁଲ ନଦୀର ଲୁହରାଘାନିଠାରେ ଆନିକଟ ଜରିଆରେ ଜଳସେଚନ ପ୍ରସ୍ତାବ ରହିଥିବାବେଳେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି ୩ଟି ଗାଁର ଅତି ନିକଟରେ ରେତ୍ ଜଳସେଚନ ପ୍ରକଳ୍ପରୁ ଜଳସେଚନରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ଏ ନେଇ ଚାଷୀମାନେ ବାରମ୍ବାର ପ୍ରଶାସନ, ସ୍ଥାନୀୟ ଜନ ପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଜଳସେଚନର କୌଣସି ସ୍ଥାୟି ବ୍ୟବସ୍ଥା ନ ଥିବାରୁ ଅଞ୍ଚଳର ଶହ ଶହ ଏକର ଜମିରେ ଚାଷ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହେଉଥିବାବେଳେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସ୍ଥାୟୀ ପ୍ରତିକାର ହୋଇପାରିନାହିଁ। ଅଞ୍ଚଳର ଚାଷୀମାନଙ୍କ ମଧରୁ ପୁରୁଷୋତ୍ତମ ପୁଟେଲ, ସୁରେନ୍ଦ୍ର ମାଝୀ, ବୈବ ପୁଟେଲ, ଦୁର୍ଯ୍ୟୋଧନ ମାଝି, ସଞ୍ଜୟ ପାଢ଼ୀ, ଦୟାସାଗର ପଧାନ, ବାଟି ମାଝି, ତପିନ୍ଦ୍ର ପଧାନ, ଲକ୍ଷ୍ମଣ ବାଗ, ଗୋପାଳ କରୁଆଁ, କନ୍ହେଇ ପଧାନ, ଯୁଧିଷ୍ଠିର କରୁଆଁ, ନୀଳେଶ ପାଢ଼ୀ, ମଣିରାମ ସେନାପତି, ଧନେଶ୍ୱର ଗଉଡ଼, ଲଛ ଗଉଡ଼, ଚୈତନ୍ୟ ମାଝି, ବାବାଜୀ ଗଉଡ଼, ସହଦେବ କରୁଆଁ, ବୀରେନ କୁମାର ପାଢୀ, ସୁଶୀଲ କୁମାର ବାଗ, ସୁଶାନ୍ତ ଗଉଡ଼ଙ୍କ ନେତୃତ୍ୱରେ ଚାଷୀଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ଓ ଏସପିଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହିତ ଆଲୋଚନା କରିଥିଲେ।


ବରଗଡ଼ ଜିଲା ସୋହେଲାରେ ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ଅନୁଷ୍ଠିତ ରାମଲୀଳାର ପଞ୍ଚମ ସନ୍ଧ୍ୟାରେ ବାଳି ବଧ ଦୃଶ୍ୟ। (ଫଟୋ : ଅଶ୍ୱିନୀ)

**ସଂକ୍ଷେପରେ**

## ଜିଲା ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ପ୍ରସ୍ତୁତି

**ପଦ୍ମପୁର,୨୦।୧୦(ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଜମଲା ଡିଗ୍ରୀ ମହାବିଦ୍ୟାଳୟରେ ବରଗଡ଼ ଜିଲା ଯୁବ ରେଡ୍‌କ୍ରସର ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ଯୁବ ରେଡ୍‌କ୍ରସ ସଂଯୋଜକ ପରମାନନ୍ଦ ରଥ ଯୋଗଦାନ କରି ରୂପରେଖ ଉପସ୍ଥାପନ କରିଥିଲେ। ଶିବିରରେ ଜିଲାର ପ୍ରାୟ ୫୦ଟି ମହାବିଦ୍ୟାଳୟରୁ ଛାତ୍ରୀଛାତ୍ର ଯୋଗଦେବେ। ସୂଚନାଯୋଗ୍ୟ, ଗତବର୍ଷ ଜମଲା ଡିଗ୍ରୀ ମହାବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ହୋଇଥିଲା। ଚଳିତ ବର୍ଷ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ମହାବିଦ୍ୟାଳୟର ରେଡ୍‌କ୍ରସ କାଉନସିଲର ମାନଭଞ୍ଜନ ପାଣିଗ୍ରାହୀ, ସଦାନନ୍ଦ ସେଠ୍, ପ୍ରମୋଦ ପାଣିଗ୍ରାହୀ, ଜତୀନ କୁମାର ସାହୁ, ଜୟକେତନ ତ୍ରିପାଠୀ, ଡ. ଖ୍ୟାତିମୟ ତ୍ରିପାଠୀ, ବିରଜା ପ୍ରସାଦ ଦଳପତି ଏବଂ ଚିନ୍ମୟୀ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଜମଲା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ପୌଲସ୍ତ୍ୟ ସାହା, ଆଶିଷ ଭୋଇ ଏବଂ ପ୍ରିୟଙ୍କା ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଯୁବ ରେଡ୍‌କ୍ରସ କାଉନସିଲର ସଦାନନ୍ଦ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: କଦଳୀପାଲି ବିଜୟୀ

**ସୋହେଲା,୨୦।୧୦(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ଦୁର୍ଗାପୂଜା ଅବସରରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଶୁକ୍ରବାର କଦଳୀପାଲି ଏବଂ ଖେଦାପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କଦଳୀପାଲି ଟାଇବ୍ରେକର ଯୋଗେ ୪-୨ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ କେହି ହେଲେ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ଫଳରେ ଟାଇବ୍ରେକରରେ କଦଳୀପାଲି ଦଳ ବିଜୟୀ ହୋଇଥିଲା। ଆଜିର ମ୍ୟାଚ୍‌କୁ ଶ୍ରୀନିବାସ ରାଓ, ପଞ୍ଚାନନ ପାତ୍ର, ନିରଞ୍ଜନ ମହାକୁର, ସଞ୍ଜୟ ଦାସ ପରିଚାଳନା କରିଥିଲେ। ଶନିବାର ଶରଧାପାଲି ଏବଂ କଦଳୀପାଲି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜି ଦୁର୍ଗା ମନ୍ଦିର ପରିସରରେ ବାଳିକା ଏବଂ ମହିଳାମାନଙ୍କ ପାଇଁ ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଳିକା ବର୍ଗରେ ଚଣ୍ଡୀପାଲିର ସବିତା ସା ପ୍ରଥମ, ଝାରମୁଣ୍ଡାର ଝରଣା ଗଡତିଆ ଦ୍ୱିତୀୟ ଓ ଅରୁଣା ଗଡତିଆ ତୃତୀୟ ହୋଇଛନ୍ତି। ମହିଳା ବର୍ଗରେ ସୋହେଲାର ପିଙ୍କି ମେହେର ପ୍ରଥମ, ଛୁରିଆପାଲିର ମିଲି ମାଝୀ ଦ୍ୱିତୀୟ, ଛତିଶଗଡ଼ର ଗାୟତ୍ରୀ ସାହୁ ତୃତୀୟ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ ହାଜି ଇକବାଲ୍ ଖେରାନୀ, କେଶବ ମାଝୀ, ବିଜୟ ସାହୁ ପରିଚାଳନା କରିଥିଲେ।

## ରାବଣ ପୋଡ଼ି, ରାମ, ରାବଣ ଓ ସେନା ବରଣ

**ପଦ୍ମପୁର,୨୦।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ରଜାପଡା ହନୁମାନ ମନ୍ଦିରରେ ହନୁମାନଙ୍କ ପୂଜାର୍ଚ୍ଚନା ସହିତ ଚଳିତ ବର୍ଷ ଦୁର୍ଗାପୂଜାରେ ରାମରାବଣଙ୍କ ଭବ୍ୟ ଶୋଭାଯାତ୍ରା ନଗର ପରିଭ୍ରମଣ କରିବ। ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ରାମରାବଣ, ବାନର ସେନା ଓ ଅସୁର ଗୋଷ୍ଠୀଙ୍କୁ ରାମ ଭୂମିକାରେ ଅଂଶୁମାନ ମିଶ୍ର, ରାବଣ ରାଜେଶ ସାହୁ, ମନ୍ତ୍ରୀ ସତ୍ୟନାରାୟଣ ନାଥ, ଲକ୍ଷ୍ମଣ ନଚିକେତା ମିଶ୍ର, ହନୁମାନ ସମୀର ସାହୁ ତଥା ବାନରସେନା, ଅସୁର ସେନାରେ ଆଦର୍ଶ ତ୍ରିପାଠୀ, ଜତିନ ନନ୍ଦିଘୋଷ, ଚିଣ୍ଟୁ ସାହୁ, ଶିବମ୍ ବିଶ୍ୱାଳ, ଚିନ୍ମୟ ମେହେର, ଅଙ୍କୁଶ ବଗର୍ତ୍ତି, ବବଲୁ ମେହେର, ଦେବାଂଶ ପ୍ରଧାନ, ଶୁଭମ ସାହୁ ଓ ଛନ୍ଦା ଚରଣ ନାୟକଙ୍କୁ ବରଣ କରାଯାଇଥିଲା। କମିଟିର ଉପସଭାପତି କିଶୋର ମେହେର, କୋଷାଧ୍ୟକ୍ଷ ସଦାନନ୍ଦ ପୁରୋହିତ, ସଦସ୍ୟ ସନ୍ତୋଷ ମହାନ୍ତି, ଯୁଗଳ କିଶୋର ସାହୁ, ଜୟରାମ ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତ ଥିଲେ।

# ମା’ଙ୍କୁ ରୁପାଖଣ୍ଡା ଦାନକଲେ ଭକ୍ତ

**ବରଗଡ଼,୨୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ୱାର୍ଡ ନଂ-୧ ନିଗମାନନ୍ଦ ବିହାରଠାରେ ଶାରଦୀୟ ଦୁର୍ଗାପୂଜା ପାଇଁ ଶୁକ୍ରବାର ବିଲ୍ୱବରଣ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନିଗମାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତରଣୀସେନ ଦେବତା କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ଅବସରରେ ଭକ୍ତ ପ୍ରମୋଦ କୁମାର ସାହୁ ମା’ଙ୍କ ପାଇଁ ଏକ ରୁପା ନିର୍ମିତ ଖଣ୍ଡା ପୂଜା କମିଟି ଜରିଆରେ ଦାନ କରିଥିଲେ।


ଭକ୍ତମାନେ ଖଣ୍ଡା ପ୍ରଦାନ କରୁଛନ୍ତି।

ସନ୍ଧ୍ୟାରେ ପଦବାସୀଙ୍କ ଦାରା କଳସ ଯାତ୍ରା କରାଯାଇ ମଣ୍ଡପରେ ଅଧିବାସ ହୋଇଥିଲା । କାର୍ଯ୍ୟକ୍ରମରେ ସଭାପତି ସଦାଶିବ ସାହୁ, ସମ୍ପାଦକ ନବୀନ ସାବତ, ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ, ଅର୍ଜୁନ ସେଟ, ଗୋବିନ୍ଦ ମିଶ୍ର, ଜଗବନ୍ଧୁ ନାଏକ, ଅର୍ଜୁନ ମହାପାତ୍ର, ନୀଳକଣ୍ଠ ସାହୁ, ଉତ୍ତମ ଆଚାର୍ଯ୍ୟ, ଚନ୍ଦ୍ରମଣି ଦାସ, ହେମନ୍ତ ପ୍ରଧାନ, ଧର୍ମେନ୍ଦ୍ର ପତି, ଦିନେଶ ବିଶ୍ୱକର୍ମା, ବାବାଜୀ ବାରିକ, ସୁରେଶ ବାରିକ, ବାଙ୍କା ବିହାରୀ ସାହୁ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳା ଚାଷୀଙ୍କୁ ଉପକରଣ ବଣ୍ଟନ

**ପଦ୍ମପୁର,୨୦।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ପତ୍ରାପାଲି, ବଞ୍ଚାପାଲି, ବୈଦପାଲି, ଚକାଖଲିଆରେ ଭିତ୍ତିଭୂମି ସେବା ସଙ୍ଗଠନ ପକ୍ଷରୁ ମହିଳା ଚାଷୀଙ୍କୁ ପାଇଁ ଚାଷ ଉପକରଣ ବଣ୍ଟନ କରାଯାଇଛି। ପ୍ରତ୍ୟେକ ଗ୍ରାମରେ ୧୦ଜଣିଆ ଜୈବିକ ମହିଳା ଚାଷୀ ଦଳ ଗଠନ କରାଯାଇ ଉପକରଣ ପ୍ରଦାନ କରାଯାଇଥିଲା। ବିହନ ବିଶୋଧନ ଯନ୍ତ୍ର, ଧାନ ସିଝାଇବା ଯନ୍ତ୍ର, ସାଇକେଲ ଉଇଡର, ଉଇଡର, ଚିନାବାଦାମ ଛଡାଇବା ଯନ୍ତ୍ର, କୋନୋ ଉଇଡର, ସ୍ପ୍ରେୟର, ଛୋଟ ଛୋଟ ଜମିରୁ ଘାସ ବାଛିବା ପାଇଁ ୫ଟି ଯନ୍ତ୍ର ଆଦି ଦିଆଯାଇଥିଲା। ଆଗାମୀ ଦିନରେ ଜୈବିକ ଚାଷୀମାନେ ଯନ୍ତ୍ର ବ୍ୟବହାର କରି କମ୍ ଶ୍ରମରେ ଅଧିକ ଅମଳ କରିପାରିବେ। ଉପକରଣ ପରିଚାଳନା ପାଇଁ ୨ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ମହିଳା ଜୈବିକ ଚାଷୀମାନେ ଉପକରଣ ବ୍ୟାଙ୍କ ଖୋଲିଛନ୍ତି। ଫଳରେ ଚାଷୀ ଆବଶ୍ୟକତା ଅନୁସାରେ ଉପକରଣଗୁଡିକ ବ୍ୟବହାର କରିବେ। ପରିଚାଳନା ପାଇଁ କମ୍ ପରିମାଣର ସହଯୋଗ ରାଶି ରଖିବା ପାଇଁ ସ୍ଥିର କରାଯାଇଛି। ଉକ୍ତ କାମକୁ ଅଧିକ ସଶକ୍ତ ଓ ସୁପରିଚାଳନା ପାଇଁ ଭିତ୍ତିଭୂମି ସେବା ସଙ୍ଗଠନ ସହଯୋଗ କରୁଛି। ଦେଶୀ ବିହନରେ ଚାଷ କରିବା, ବିଷମୁକ୍ତ ଖାଦ୍ୟ ଖାଇବା, ଖାଉଟିମାନଙ୍କୁ ଖୁଆଇବା ସଙ୍ଗଠନର ଲକ୍ଷ୍ୟ ରହିଛି। ବରଗଡ଼ ଜିଲାରେ ୧୫ଶହ ମହିଳା ଜୈବିକ ଚାଷୀ ଦେଶୀ ବିହନରେ ଚାଷ କରିବା ପାଇଁ ତାଲିମ ଦେବା ଓ ଉତ୍ସାହିତ କରିବା ପାଇଁ ସଙ୍ଗଠନ ସହଯୋଗ କରୁଛି। ସଙ୍ଗଠନର ଦାଶରଥି ବେହେରା, ବବୁଲୁ ବଗର୍ତ୍ତି, ସୁଖଦେବ ସ୍ୱାଇଁ, କୋମଳ ଲୋଚନ ଭୋଇ, ଉତ୍କଳେଶ୍ୱର, ରୋହିଣୀ ଧରୁଆ ପ୍ରମୁଖ ସହଯୋଗ କରିଥିଲେ।

# ଲୋକ ମହୋତ୍ସବରେ ନୃତ୍ୟ ପରିବେଷଣ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ସୋହେଲା,୨୦।୧୦(ଅଶ୍ୱିନୀ କୁମାର ପାତ୍ର)**

ସାର୍ବଜନୀନ ଦୁର୍ଗାପୂଜା ଅବସରରେ ସୋହେଲାରେ ଚାଲିଥିବା ଲୋକ ମହୋତ୍ସବ ପାର୍ବଣର ତୃତୀୟ ସନ୍ଧ୍ୟାରେ ବଲାଙ୍ଗୀର ନଟରାଜ କଳା ପରିଷଦର କଳାକାରମାନେ ନୃତ୍ୟ ନାଟିକା ନାବକେଳି ଓ ଚୂରାଫଗୁନ୍ ପରିବେଷଣ କରିଥିଲେ। କଳାକାରମାନଙ୍କ ନିଖୁଣ ଅଭିନୟ, ରମେଶ ମହାନନ୍ଦଙ୍କ ସ୍ୱର ସଂଯୋଜନା, ପ୍ରଶାନ୍ତ ଖମାରୀଙ୍କ ନିର୍ଦ୍ଦେଶନାରେ ଦର୍ଶକ ରାଧାକୃଷ୍ଣ ପ୍ରେମରେ ମଜ୍ଜି ଯାଇଥିଲେ। ଏହାପରେ କଟକର ନଟରାଜ ଡ୍ୟାନ୍ସ ଏକାଡେମୀ କଳାକାର ଦଶାବତାର, ମୟୁରି ନୃତ୍ୟ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ପରିବେଷଣ କରିଥିଲେ। ପରେ ସୋହେଲା ଚେତନା ଆଞ୍ଚଳିକ ସାଂସ୍କୃତିକ ଅନୁଷ୍ଠାନର କଳାକାର ଡାଲଖାଇ ଓ ଭାଇ ଜିଉନ୍ତିଆ ନୃତ୍ୟ ପରିବେଷଣ କରିଥିଲେ।

## କଫ୍ ସିରପ୍ ବିକ୍ରି, ଅଭିଯୁକ୍ତ ଗିରଫ

**ପଦ୍ମପୁର,୨୦।୧୦(ପ୍ରଦୀପ୍ତ ଦାଶ):** ବେଆଇନ କଫ୍ ସିରପ୍ ବିକ୍ରି ଅଭିଯୋଗରେ ପଦ୍ମପୁର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡପଡାର ଦିନେଶ ସାହୁ। ଏ ନେଇ ଏକ ମାମଲା (ନଂ.୨୭୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ମମତା ନାଏକ ସୂଚନା ଦେଇଛନ୍ତି।

## ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ

**ପଦ୍ମପୁର,୨୦।୧୦(ପ୍ରଦୀପ୍ତ ଦାଶ):** ପଦ୍ମପୁରର ସାର୍ବଜନୀନ ଦୁର୍ଗାପୂଜା ଶୁକ୍ରବାର ଯଥାବିଧି ଆରମ୍ଭ ହୋଇଛି। ଅପରାହ୍ଣ ୪ଟାରେ ବିଲ୍ୱବରଣ ସହିତ ପାରମ୍ପରିକ ରୀତିନୀତି ଅନୁସାରେ ଖଣ୍ଡାଧୁଆ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ପଦ୍ମପୁର ରାଜଉଆସରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ବାଜା ବଜାଇ ସହର ପରିକ୍ରମା କରିବା ସହିତ ସ୍ଥାନୀୟ ରାଜଘାଟରେ ପୂଜାର୍ଚ୍ଚନା ପରେ ପୂଜାମଣ୍ଡପକୁ ଫେରିଥିଲେ। ଏହାପରେ ଅଙ୍କୁରାରୋପଣ, ଅଖଣ୍ଡ ଦୀପ ପ୍ରଜ୍ୱଳନ ସହିତ ଶୁଭଲଗ୍ନରେ ଦେବୀ ଦୁର୍ଗାଙ୍କୁ ଚକ୍ଷୁଦାନ କରି ପୂଜା ଆରମ୍ଭ ହୋଇଛି ।

## ଜର୍ଜଗଡ଼ ଦୁର୍ଗାପୂଜା ପାଇଁ କଳସଯାତ୍ରା


ଭକ୍ତମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି।

**ପାଇକମାଲ,୨୦।୧୦(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ତହସିଲ ଅଫିସ ସମ୍ମୁଖରେ ଜର୍ଜଗଡ଼ ଦୁର୍ଗାପୂଜା ଶୁକ୍ରବାର ଆରମ୍ଭ ହୋଇଛି। ଏ ନେଇ ଅନୁଷ୍ଠିତ କଳସ ଯାତ୍ରାରେ ଗ୍ରାମର ଶତାଧିକ ମା’ଭଉଣୀଙ୍କ ସହ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବ୍ଲକ ଚେୟାରମ୍ୟାନ ଭାବନା ସିଂ ସାମିଲ ହୋଇଥିଲେ। ଭକ୍ତମାନେ ନୃସିଂହନାଥ ଝରଣାରୁ ୧୬୧ଟି କଳସରେ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ରବି ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ସରଳା ଦେବୀ ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ପଣ୍ଡିତ ଗୋକୁଳା ମହାପାତ୍ର ଓ ରମଣୀ ହୋତା ପୂଜା ଦାୟିତ୍ୱରେ ଅଛନ୍ତି । ଗ୍ରାମର ମୁଖିଆ ପୂର୍ଣ୍ଣାନନ୍ଦ ସା, ନେତ୍ରାନନ୍ଦ ସାମଲ, ବଡ ଶତପଥୀ, ବାଳକ ଦାଶ ବିଶି, ନିମାଇଁ ନନ୍ଦ ହୋତା, ରଞ୍ଜିତ ସରାପ, କୁଳମଣି ମିଶ୍ର, ସଭାପତି ଗୋପାଳ ସା, ସମ୍ପାଦକ କୈଳାସ କୁମ୍ଭାର, କୋଷାଧ୍ୟକ୍ଷ ଅଶ୍ୱିନୀ ସାହୁ, ସଭ୍ୟ ଉପେନ୍ଦ୍ର ଦାଶ, ବୀର ସୁନା, ମଧୁ ତାଣ୍ଡି, ଶଶୀକାନ୍ତ ମଟାରି, ଆଲୋକ ହରପାଳ ସମସ୍ତ ଦାୟିତ୍ୱ ତୁଲାଉଛନ୍ତି।

# ପଞ୍ଚାୟତସ୍ତରୀୟ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଶୋଭାଯାତ୍ରା

**ବରଗଡ଼,୨୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ନାରଙ୍ଗପୁର ପଞ୍ଚାୟତ ଅମ୍ଲିପାଲି ଗ୍ରାମରେ ଶୁକ୍ରବାର ପଞ୍ଚାୟତ ସ୍ତରୀୟ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ମହୋତ୍ସବ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଓ ଅମ୍ଲିପାଲି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ସଂକୀର୍ତ୍ତନ ପରିଷଦ ସଭାପତି ଗୋପାଳ ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ବରିଷ୍ଠ ଉପଦେଷ୍ଟା ଲଳିତ ମୋହନ ପଣ୍ଡା ଓ ସଦାନନ୍ଦ ଦାଶ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ସରୋଜ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ସୁବ୍ରତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂକୀର୍ତ୍ତନ ସଂସ୍କୃତିର ସୁରକ୍ଷା ପାଇଁ ଆଗାମୀ ଦିନରେ ଏକ ଜିଲାସ୍ତରୀୟ ସଂକୀର୍ତ୍ତନ ସଂସ୍କୃତି ଜାଗରଣ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିଲା ସଂକୀର୍ତ୍ତନ ପରିଷଦକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଏକ ବିରାଟ ଶୋଭାଯାତ୍ରା ବାହାରି ଗ୍ରାମ ପରିଦର୍ଶନ କରିବା ସହ ସଭାସ୍ଥଳରେ ପହଞ୍ଚିଥିଲା। ଏହି ଅବସରରେ ଗ୍ରାମବାସୀ ପ୍ରତି ଘରେ କଳସ ସ୍ଥାପନ କରି ପଞ୍ଚାୟତର ସମସ୍ତ ସଂକୀର୍ତ୍ତନ ଦଳଗୁଡ଼ିକୁ ସ୍ୱାଗତ କରିଥିଲେ। ଏହି ଅବସରରେ ପଞ୍ଚାୟତରେ ଥିବା ୮ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ସଂକୀର୍ତ୍ତନ ପରିବେଷଣ କରିଥିଲେ। ସଦାନନ୍ଦ ଦାଶ, ଜଳନ୍ଧର ବରିହା, ଶୁକ୍ର ବରିହା, ଶ୍ରୀଧର ବରିହା, ସୁବାସ ଚନ୍ଦ୍ର ଦାଶ, କହଲୁ ବରିହା, ମୋତିଲାଲ ବରିହା, କରୁଣାକର ବାରିକ, ବୁଥୁ ବରିହା, ହୀରାଚାନ୍ଦ ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, ପ୍ରମୋଦ ବରିହା, ରାମ ବରିହା, ବିଜୟ ବରିହା, କୃଷ୍ଣଚନ୍ଦ୍ର ଦାଶ, ବେଣୁଧର ବରିହା, ସମାରୁ ବାରିକ, ଗଣେଶ ବାରିକ, ଗୋପାଳ ବାରିକ, ଅଭିମନ୍ୟୁ ବରିହା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ସଂକୀର୍ତ୍ତନ ଜାଗରଣ ଶୋଭାଯାତ୍ରାରେ ସଂକୀର୍ତ୍ତନ ପ୍ରେମୀ।

# ନୂଆଁଖାଇ ଭେଟ୍‌ଘାଟ୍‌ରେ ପ୍ରତିଭା ଅନ୍ୱେଷଣ

**ବରଗଡ଼,୨୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କଲ୍ୟାଣ ମଣ୍ଡପରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଆନୁକୂଲ୍ୟରେ ଶୁକ୍ରବାର ଶିଶୁ କଳାକାରମାନଙ୍କ ମଧ୍ୟରେ କଳା ପ୍ରତିଭା ଅନ୍ୱେଷଣ ଓ ନୃତ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନିଷ୍ଠ ବିଭାଗର ୬୦ ଜଣ ଓ ଉପ କନିଷ୍ଠ ବିଭାଗରେ ୫୦ ଜଣ ଶିଶୁ କଳାକାର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶିକା ଡ. ତପସ୍ୱିନୀ ଗୁରୁ, ନିର୍ଦ୍ଦେଶକ ରବୀନ୍ଦ୍ର ବାଗ, ଜୟନ୍ତ ମେହେର, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ନିର୍ଦ୍ଦେଶିକା ଶିବାନୀ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରି ଉପସ୍ଥିତ ୧୧୦ ଜଣ ଶିଶୁ କଳାକାରଙ୍କୁ ପ୍ରଶିକ୍ଷଣ ଓ ଅଭିଭାବକମାନଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ଓ ନିର୍ଦ୍ଦେଶକ ରବୀନ୍ଦ୍ର ବାଗ ନିଜେ ନୃତ୍ୟ ପରିବେଷଣ କରି ଶିକ୍ଷାଦାନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ମୁଖ୍ୟ ଅତିଥି, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ମିଳିତ କଳାକାର ମଞ୍ଚର ସମ୍ପାଦକ ଡ. ଡୋଲାମଣି ଶତପଥୀ, ରାଜ୍ୟ କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ ପ୍ରମୁଖ ଉପସ୍ଥିତ ରହି ସାଧନ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶିଶୁ କଳାକାରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଆଗାମୀ ଦିନରେ ଶିଶୁ କଳାକାରଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ବରଗଡ଼ରେ ଏକ ତିନିଦିନିଆ କର୍ମଶାଳାର ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଉପକନିଷ୍ଠ ବିଭାଗରେ ଜୟଶ୍ରୀ ସାହୁ ପ୍ରଥମ, ଦିବ୍ୟସିନୀ ପଣ୍ଡା ଦ୍ୱିତୀୟ, ଅଂଶିତା ପଣ୍ଡା ତୃତୀୟ ଏବଂ କନିଷ୍ଠ ବିଭାଗରେ ଯତୀନ ସାହୁ, ମୁକ୍ତାଶ୍ରୀ ପାଢ଼ୀ, ଅର୍ଷିତା ଶତପଥି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମହାସଂଘ ସଂଯୋଜକ ପ୍ରମୋଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।



## ସଂକ୍ଷେପରେ

### ୧ କୋଟି ଟଙ୍କା ହେରଫେର, ଜଣେ ଗିରଫ

ରାଉରକେଲା,୨୦।୧୦(ସଙ୍ଗୀତା ଜେନା): ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ଅଞ୍ଚଳରେ ଏକ ଯାନବାହନ କମ୍ପାନୀରେ ପ୍ରାୟ ଏକ କୋଟି ଟଙ୍କା ହେରଫେର ଅଭିଯୋଗରେ ପୋଲିସ ଉକ୍ତ କମ୍ପାନୀର ଆକାଉଣ୍ଟାଣ୍ଟଙ୍କୁ ଟାଙ୍ଗରପାଲି ଅଞ୍ଚଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାର୍ତ୍ତିକ ପାଶୱାନ(୩୩)। ଏ ନେଇ ପୋଲିସ ଏକ ମାମଲା (ନଂ.୩୫୯/୨୩) ରୁଜୁ କରି ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ପାନପୋଷ ଅଞ୍ଚଳରେ ଥିବା କେ. କୃଷ୍ଣା ବାହାନ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ କାର୍ତ୍ତିକ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ। ଦୀର୍ଘଦିନରୁ ସେ ଏପରି ଟଙ୍କା ହେରଫେର କରୁଥିବା ଜଣାପଡିବା ପରେ କମ୍ପାନୀର ମ୍ୟାନେଜର ଏ ନେଇ ଥାନାରେ ଏତଲା ଦେଇଥିବା ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

### ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ

ରାଉରକେଲା,୨୦।୧୦(ଦିନେଶ ମିଶ୍ର) ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ମିନି ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବରିଷ୍ଠ ଜାତୀୟ ଫୁଟବଲ ଖେଳାଳି ସଞ୍ଜୟ ବାବୁଟା ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ୩ ଦିନିଆ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ସମୀର ସୌରଭ ପୃଷ୍ଟି ଓ ପ୍ରଦୀପ ଖେସ, କ୍ରୀଡ଼ା ଶିକ୍ଷୟିତ୍ରୀ କ୍ୟାପଟେନ ମୀନା ଦାସଙ୍କ ସଂଯୋଜନାରେ ଏହି ଖେଳ ପରିଚାଳନା କରାଯାଇଥିଲା। ଦୌଡ, କବାଡି, ଶଟ୍‌ଫୁଟ, ଖୋଖୋ ଭଳି ବିଭିନ୍ନ ପ୍ରତିଯୋଗିତା ବିଦ୍ୟାର୍ଥୀଙ୍କ ମଧ୍ୟରେ ହୋଇଥିଲା। ସେମାନଙ୍କ ମଧ୍ୟରୁ ସାମଗ୍ରୀକ କୃତିତ୍ୱ ନିମନ୍ତେ ଯୁକ୍ତ ୨ ବର୍ଗର ଛାତ୍ର ପ୍ରତାପ ତିର୍କୀ ଓ ଛାତ୍ରୀ ସୁଜତା କୁଜୁର ଯଥାକ୍ରମେ ବାଳକ ଓ ବାଳିକା ବିଭାଗରେ ଚମ୍ପିୟାନ ହୋଇଥିଲେ। ସେହିପରି ସ୍ନାତକ ଓ ସ୍ନାତକୋତ୍ତର ବର୍ଗରେ ମାଇକେଲ ଲୁଗୁନ ଓ ରେଶ୍ମା ମିଞ୍ଜ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଫୁଟବଲ ଖେଳରେ ବାଳକ ବିଭାଗରେ ସୁପ୍ରଭା ମଲ୍ଲିକ ନେତୃତ୍ୱାଧୀନ ଦଳ ଉପବିଜେତା ହୋଇଥିଲା। ବାଳିକା ବିଭାଗରେ ରେଶ୍ମା ମିଞ୍ଜ ଦଳ ବିଜୟୀ ହୋଇଥିବାବେଳେ ଜିଜ୍ଞାସା ଦାସ ଉପବିଜେତା ହୋଇଥିଲେ। ଭଲିବଲରେ ବାଳକ ବିଭାଗରେ ଅଭୟ ଏକ୍କା ବିଜୟୀ ହୋଇଥିବାବେଳେ ବାଳିକା ବିଭାଗରେ ଚନ୍ଦନ ପ୍ରଧାନ ଉପବିଜେତା ହୋଇଥିଲେ। କବାଡିରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଦଳ ବିଜୟୀ ହୋଇଥିବାବେଳେ ସ୍ନାତକ ବିଭାଗର ୩ୟ ବର୍ଷ ଦଳ ଉପବିଜେତା ହୋଇଥିଲେ। କବାଡି ଖେଳରେ ବାଳିକା ବିଭାଗରେ ଯୁକ୍ତ ୨ ଦଳ ବିଜୟୀ ହୋଇଥିବାବେଳେ ସ୍ନାତକ ବିଭାଗ ଦଳ ଉପବିଜେତା ହୋଇଥିଲେ।

### ମଦ ଚାଲାଣ ଅଭିଯୋଗ, ୨ ଗିରଫ

ରାଉରକେଲା,୨୦।୧୦(ସଙ୍ଗୀତା ଜେନା): ପାନପୋଷ ଅଞ୍ଚଳରେ ଏକ ସ୍କୁଟିରେ ବିଦେଶୀ ମଦ ଚାଲାଣ କରୁଥିବା ବେଳେ ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ନନ୍ଦରକୁ ସିଂ(୨୫) ଓ ନିରୋନ୍ କିଷାନ୍(୪୦)। ଉଭୟଙ୍କଠାରୁ ୨୫ ଲିଟର ଦେଶୀମଦ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୬୪/୨୩) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି।

# ଶ୍ରମମନ୍ତ୍ରୀଙ୍କୁ ବରଖାସ୍ତ ଦାବିରେ ସ୍ମାରକପତ୍ର

ରାଉରକେଲା,୨୦।୧୦(ଦିନେଶ ମିଶ୍ର)

ଉଦିତନଗର ସ୍ଥିତ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଉରକେଲା ଜିଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟ ଶ୍ରମ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ବରଖାସ୍ତ ଦାବିରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ କଂଗ୍ରେସର ଶତାଧିକ କର୍ମୀ ଉପସ୍ଥିତ ରହି ଶ୍ରମ ମନ୍ତ୍ରୀ ବିଭିନ୍ନ ଆପତ୍ତିଜନକ କାର୍ଯ୍ୟରେ ଲିପ୍ତ ଥିବା ନେଇ ଅଭିଯୋଗ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଗତ ୪ଦିନ ତଳେ ସୁନ୍ଦରଗଡଠାରେ ଅନୁଷ୍ଠିତ ଏକ କୱାଲି କାର୍ଯ୍ୟକ୍ରମରେ ୫ଶହ ଟଙ୍କିଆ ନୋଟ ଉଡାଇବା ସହ କବାଲି ଗାୟକଙ୍କ ଉପରେ ଟଙ୍କା ବର୍ଷା କରିଥିଲେ। ସେହିପରି ଗତ ୧୭ ତାରିଖରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଅନୁଷ୍ଠିତ ଏକ ରକ୍ତଦାନ



କଂଗ୍ରେସ କର୍ମୀମାନେ ଏଡିଏମ୍‌ଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଶିବିରରେ ଶ୍ରମ ମନ୍ତ୍ରୀ ଜଣେ ରକ୍ତଦାତାଙ୍କ ରକ୍ତଚାପ ମାପିବା ସହିତ ଛୁଞ୍ଚି ଫୋଡ଼ି ତାଙ୍କଠାରୁ ରକ୍ତ ସଂଗ୍ରହ କରିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ଶ୍ରମ ମନ୍ତ୍ରୀ ନିଜ ପଦବୀ ଓ କ୍ଷମତାର ଦୁରୁପଯୋଗ କରି ରକ୍ତ ସଂଗ୍ରହ କାର୍ଯ୍ୟ ଜୋର ଜବରଦସ୍ତ କରିଥିବା କଂଗ୍ରେସ କର୍ମୀମାନେ ଅଭିଯୋଗ କରିଥିଲେ। ଏହି ଉଭୟ ଘଟଣାର ଆବଶ୍ୟକ ଅନୁଧ୍ୟାନ କରି ବିହିତ ପଦକ୍ଷେପ ସ୍ୱରୂପ ଶ୍ରମ ମନ୍ତ୍ରୀଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଦଳ ପକ୍ଷରୁ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କଂଗ୍ରେସର ବରିଷ୍ଠ ନେତା ବିରେନ ସେନାପତି, ପୂର୍ବତନ ପିସିସି ରାଜ୍ୟ ସମ୍ପାଦକ ରବି ରାୟ, ଦେବବ୍ରତ ବିହାରୀ, ଗଣେଶ ପ୍ରଧାନ, କୀର୍ତ୍ତନ ଦାସ, ନିରୁପମା ବଳିଆରସିଂ, ଆଦେଶ ସୁନା, ବନିତା ନାୟକ, ଲତା ନାୟକ, କଳ୍ପନା ଆପଟ୍ଟ, ସବୀର ହୁସେନ, ଲତା ନାୟକ, ରଶ୍ମିରଞ୍ଜନ ପାଢୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ରାଉରକେଲା କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରାଉରକେଲା,୨୦।୧୦(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ଖେଳ ପଡିଆରେ ୨ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା-୨୦୨୩ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ମନୋଜ କୁମାର ଦଳାଇ, ରିତ ପ୍ରଧାନ, ଅଧ୍ୟାପିକା ରଶ୍ମିପ୍ରଭା ମଥାନ, ଅଧ୍ୟାପକ ଅନୁପ ଏକ୍କା, ତରଣୀ ନାୟକ, ଅଧ୍ୟାପିକା ବୈଜୟନ୍ତୀ ବାରିକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରଶିକ୍ଷକ ନିଖିଳ କଳାକାର ପ୍ରଧାନ, ସରୋଜ ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ପ୍ରଭାତ କୁମାର ରାଉଳ ଓ ମିର୍ଜା ଅରଫାନ ବେଗଙ୍କ ପରିଚାଳନାରେ କ୍ରୀଡ଼ା ଉତ୍ସବ ଅନୁଠେିତ ହୋଇଥିଲା। ଆର୍‌ଏମ୍‌ସି ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଆଶୁତୋଷ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ବାଳିକା ବାଳକ ବର୍ଗର ପିଲାମାନଙ୍କ ମଧ୍ୟରେ ୧ଶହ ମିଟର,୨ଶହ ମିଟର, ୪ଶହ ମିଟର ଦୌଡ, ଜାଭଲିନ, ଶର୍ଟପୁଟ, ଡିସ୍‌କସ ଥ୍ରୋ ସହିତ ଲମ୍ବଡିଆଁ ଓ ଉଚ୍ଚଡିଆଁ ପ୍ରତିଯୋଗିତା ହୋଇଥିଲା। ଏଥିରେ କଲେଜର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇ କ୍ରୀଡ଼ା କୌଶଳ ପୂର୍ବକ ନିଜ ନିଜର ଶାରୀରିକ ସାମର୍ଥ୍ୟକୁ ପ୍ରତିପାଦନ କରିଥିଲେ। ଉଦ୍‌ଯାପନୀ ସମାରୋହରେ କଲେଜ ଅଧ୍ୟକ୍ଷା ପ୍ରଫେସର ସୁଜାତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ କ୍ରୀଡ଼ା ଅନୁରାଗୀ ହୋଇ ରାଜ୍ୟ ଓ ଜାତୀୟ ସ୍ତର କ୍ରୀଡ଼ାରେ ପାରିଦର୍ଶିତା ହାସଲ କରିବାକୁ ଆହ୍ୱାନ ଦେଇଥିଲେ। କ୍ରୀଡ଼ା ପ୍ରଶିକ୍ଷକ ନିଖିଳ କଳାକାର ପ୍ରଧାନଙ୍କ ଦ୍ୱାରା କ୍ରୀଡ଼ାଧ୍ୱଜାକୁ ଅବତରଣ ପୂର୍ବକ ଉତ୍ସବ ସମାପନ ହୋଇଥିଲା। କ୍ରୀଡ଼ାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ବନବିହାରୀ କିଷାନ, କରୁଣାକର ପାଟ୍ଟଶାଣୀ, ଅଜିତ ବେକ, ବିକ୍ରମ ସାହୁ, ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ମନମୋହନ ଦାସ, ବିଶାଳ କୁମାର ରାମ, ଶିବମ ସିଂ, ଚନ୍ଦା ସିଂ, ପ୍ରଭାତୀ ସାହୁ, ସନ୍ଧ୍ୟାରାଣୀ ସାହୁ, ପ୍ରିୟଙ୍କା ବିଶ୍ୱକର୍ମା, ଅନୁପମା କୁମାରୀ ଏବଂ ଅଶୋକ କିଷାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଅନନ୍ତ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।



କ୍ରୀଡ଼ା ମହୋତ୍ସବରେ ମୁଖ୍ୟ ଅତିଥିଙ୍କୁ କଲେଜ ଅଧ୍ୟକ୍ଷା ସ୍ୱାଗତ କରୁଛନ୍ତି।

# ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍ ଡ୍ରିଲ୍

ରାଉରକେଲା,୨୦।୧୦(ବିପ୍ଳବ ରଞ୍ଜନ ଦାଶ)

ବିପଜ୍ଜନକ କେମିକାଲ ଏବଂ ଅଗ୍ନିକାଣ୍ଡ ଭଳି ବିପର୍ଯ୍ୟୟର ମୁକାବିଲାକୁ ସୁଦୃଢ କରିବା ଓ କାର୍ଯ୍ୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ଆକଳନ କରିବା ଉଦ୍ଦେଶ୍ୟରେ ଆର୍‌ଏସ୍‌ପିର ପାୱାର ଓ ବ୍ଲୋଇଂ ଷ୍ଟେଶନରେ ଏକ ମକ୍ ଡ୍ରିଲ ଆୟୋଜିତ ହୋଇଥିଲା। କାରଖାନାରେ ଯେକୌଣସି ସମ୍ଭାବ୍ୟ ଦୁର୍ଘଟଣାର ମୁକାବିଲା ପାଇଁ ଆର୍‌ଏସ୍‌ପି ଅନ୍‌ସାଇଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ସିଷ୍ଟମର କାର୍ଯ୍ୟ ଦକ୍ଷତା ତଥା ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ ପ୍ରସ୍ତୁତିର ଆକଳନ ପାଇଁ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଦର୍ଶିତ ମକ୍ ଡ୍ରିଲରେ କାର୍ମିକ ବିଭାଗର କମ୍ବାଟ ଦଳ, ରେସକ୍ୟୁ ଦଳ ଅଂଶଗ୍ରହଣ କରିଥିଲେ। ସିପିପି-୩ ବିଭାଗର ଜିଏମ୍ ଇନଚାର୍ଜ ଏସ୍. ଏଲ୍ ଦାସ ସାଇଟ କଣ୍ଟ୍ରୋଲର ଦାୟିତ୍ୱ ନିର୍ବାହ କରିଥିଲେ। ମକ୍ ଡ୍ରିଲରେ ସୁରକ୍ଷା ବିଭାଗର ଜିଏମ୍ ଇନଚାର୍ଜ ଆଶା କାର୍ଥା, ସିପିପି-୧ ବିଭାଗ ଓ ଆଣ୍ଡଏମ୍ ବିଭାଗର ଜିଏମ୍ ଏନ୍. ସି. ପରିଡା, ଶକ୍ତି ପ୍ରବନ୍ଧନ ବିଭାଗର ଜିଏମ୍ କେ. କେ. ବାର୍ଲା, ଅଗ୍ନିଶମ ସେବା ବିଭାଗର ଡିଜିଏମ ପି.ଏସ. ଠାକରେ ତଥା ଇଏମ୍‌ଡି, ସୁରକ୍ଷା, ଅଗ୍ନିଶମ ଓଏଚ୍‌ଏସ୍‌ସି, ସିଆଇଏସଏଫ ଓ ସିପିପି-୧ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ। ମକ୍ ଡ୍ରିଲ ସମ୍ପାଦନରେ ସିଆଇଏସ୍‌ଏଫ୍‌ର କର୍ମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏଥିରେ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ମକ୍ ଡ୍ରିଲର ପୁଙ୍ଖାନୁପୁଙ୍ଖ ସମୀକ୍ଷା ହୋଇଥିଲା। ଏଥିରେ ଇଲେକ୍ଟ୍ରିକାଲ ଓ ପାୱାର ବିଭାଗ ସିଜିଏମ୍ ଇନଚାର୍ଜ ବି. ସୁନୀଲ କାର୍ଥା ଓ ଏସ୍. ଏଲ୍. ଦାସ ମାର୍ଗଦର୍ଶନ କରିଥିଲେ। ସିପିପି-୧ ବିଭାଗର ଡିଏସ୍‌ଓ ରଘୁବୀର ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟିବିଏସ୍, ସିପିପି-୧ ଏବଂ ସମସ୍ତ ସହଯୋଗୀ ବିଭାଗ ଅଂଶଗ୍ରହଣ କରିଥିଲେ।



ଆର୍‌ଏସ୍‌ପିରେ ମକ୍ ଡ୍ରିଲ କରାଯାଉଛି।

# ସେଲ୍ କର୍ମଚାରୀଙ୍କୁ ମିଳିଲା ଏଏସ୍‌ପିଏଲଆଇଏସ୍ ରାଶି

ରାଉରକେଲା,୨୦।୧୦(ସଙ୍ଗୀତା ଜେନା)

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଅନ୍ତର୍ଗତ ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ଡିଏସ୍‌ପି, ବୋକାରୋ ଷ୍ଟିଲ ପ୍ଲାଣ୍ଟ, ବର୍ଣ୍ଣପୁର, ସାଲେମ ଷ୍ଟିଲ୍ ପ୍ଲାଣ୍ଟ, ଭଦ୍ରାବତୀ, ଇଏମ୍‌ଡି କୋଲକତା ସମେତ ଅନ୍ୟ ୟୁନିଟରେ କାର୍ଯ୍ୟରତ କର୍ମଚାରୀଙ୍କୁ ଶୁକ୍ରବାର ବାର୍ଷିକ ସେଲ୍ ପରଫର୍ମାନ୍ସ ଲିଙ୍କ୍‌ଡ ଇନସେନଟିଭ୍‌ସ ସ୍କିମ୍ (ଏଏସ୍‌ପିଏଲଆଇଏସ୍) ରାଶି ମିଳିଛି। ଏ ନେଇ କର୍ତ୍ତୃପକ୍ଷ ଏକ ସର୍କୁଲାର ଜାରି କରିଛନ୍ତି। ସମସ୍ତ କର୍ମଚାରୀଙ୍କୁ ୨୩ହଜାର ଟଙ୍କା ଓ ଟ୍ରେନିଜ୍ ମାନଙ୍କୁ ୧୮,୫୦୦ ଟଙ୍କା ମିଳିଛି। ଗତ ୧୭ ତାରିଖରେ ନୂଆଦିଲ୍ଲୀରେ ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ସେଲ୍‌ର ସମସ୍ତ ୟୁନିଟ୍ ପକ୍ଷରୁ ବାର୍ଷିକ ବୋନସକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀମାନେ ପୂର୍ବବର୍ଷ ଭଳି ୪୦ ହଜାର ଟଙ୍କା ଦାବି କରିଥିବା ବେଳେ କର୍ତ୍ତୃପକ୍ଷ ୨୩ ହଜାର ଟଙ୍କା ବୋନସ ପ୍ରଦାନ କରିବେ ବୋଲି କହିଥିଲେ। ଏନ୍‌ଜେସିଏସ୍ ସଦସ୍ୟ ତଥା ଟ୍ରେଡ୍ ୟୁନିୟନ ସଦସ୍ୟମାନେ ଯୁକ୍ତି ଉପସ୍ଥାପନ କରି ଶେଷରେ ବୈଠକ ତ୍ୟାଗ କରି ଚାଲିଆସିଥିଲେ। ହେଲେ ଶୁକ୍ରବାର ଏପରି ହଠାତ୍ ବୋନସ୍ ରାଶି ମାତ୍ର ୨୩ ହଜାର ଟଙ୍କା ମିଳିବା ନେଇ ଘୋଷଣା କରାଯାଇଛି। ତେବେ ଏହାକୁ ଚୂଡ଼ାନ୍ତ ବୋନସ୍ ରାଶି ଭାବେ ଧରାଯାଇପାରିବ ନାହିଁ ବୋଲି ଆରଏସ୍‌ଏସ୍ ନେତା ନିହାର ସାମଲ କହିଛନ୍ତି।

### ଡମ୍ଫର ଧକ୍କାରେ ବୃଦ୍ଧା ମୃତ

ରାଉରକେଲା,୨୦।୧୦(ଦିନେଶ ମିଶ୍ର): ଏନ୍‌ଏଚ୍-୧୪୩ରେ ଡମ୍ଫର ଧକ୍କା ଦେବାରୁ ଗୁରୁବାର ରାତିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଚାରୁ ଓରାମ(୬୧)। ସୂଚନା ଅନୁସାରେ, ଗଡିଆଟୋଲା ବସ୍ତିର ଚାରୁ ଗୁରୁବାର ରାତି ସାଢେ ୯ଟାରେ ତାଙ୍କ ନାତିଙ୍କ ସହ ତରକରା ପମ୍ପହାଉସ୍ ରୋଡ୍ ଅତିକ୍ରମ କରୁଥିବାବେଳେ ଏକ ଡମ୍ଫର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧା ଜଣଙ୍କ ରାସ୍ତାରେ ଛିଟିକି ପଡିବାରୁ ତାଙ୍କ ମୁଣ୍ଡ ରାସ୍ତାକଡ଼ ଡିଭାଇଡରରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆରଜିଏଚ୍ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସ୍ୱାସ୍ଥ୍ୟ, ସାଇବର ସଚେତନତା ଶିବିର

ରାଉରକେଲା,୨୦।୧୦(ଦିନେଶ ମିଶ୍ର)

ସେକ୍ଟର-୧୯ ହମିରପୁର ସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସ୍ୱାସ୍ଥ୍ୟ ଓ ସାଇବର ସଚେତନତା ଶିବିର ହମିରପୁର ଉନ୍ନୟନ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଛି। ଏଥିରେ ପରିଷଦ ସଭାପତି ଡକ୍ଟର ସୁମନ ଦତ୍ତ ସଭାପତିତ୍ୱ କରିଥିଲେ। ଶିବିରରେ ମା' ତାରିଣୀ ନ୍ୟୁଟ୍ରିଶନ କ୍ଲବର ମୁଖ୍ୟ ସୁମନ୍ତ କୁମାର ପ୍ରଧାନ ଓ ପଞ୍ଚାନନ ଦାଶ ଜୀବନକୁ ଖାଦ୍ୟ ଓ ଦିନଚର୍ଯ୍ୟା ମାଧ୍ୟମରେ କିଭଳି ସରଳ ଓ ରୋଗମୁକ୍ତ ରଖିହେବ ସେ ନେଇ ଆଲୋଚନା କରିଥିଲେ। କ୍ଲବ ପକ୍ଷରୁ ସମସ୍ତଙ୍କୁ ଫୁଡ ସପ୍ଲିମେଣ୍ଟ ଜୁସ ପ୍ରଦାନ କରାଯାଇଥିଲା। ଭାରତୀୟ ଷ୍ଟେଟବ୍ୟାଙ୍କ ଟାଉନଶିପ୍ ଶାଖାର ଏଜିଏମ୍ ସରୋଜ କୁମାର ରାଉତରାୟ ଯୋଗଦେଇ ସମାଜରେ ଘଟୁଥିବା ସାଇବର କ୍ରାଇମ କେମିତି ସଙ୍ଗଠିତ ହେଉଛି ଓ ତାର ନିରାକରଣ ବିଷୟରେ ଅବଗତ କରାଇଥିଲେ। ଯଦି କୌଣସି ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଥାଏ ପ୍ରଥମେ ତୁରନ୍ତ ନିଜସ୍ୱ ବ୍ୟାଙ୍କ, ଥାନା ଓ ସାଇବର ହେଲ୍ପ ଲାଇନ ନମ୍ବର ୧୯୩୦କୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ଡାକ୍ତର ଗୋପାଳ ଚନ୍ଦ୍ର ରାୟଙ୍କୁ ବିଶିଷ୍ଟ ସ୍ୱାସ୍ଥ୍ୟସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଡାକ୍ତର ରାୟ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ପରିଷଦର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାୟକ ହମିରପୁର ଅଞ୍ଚଳର ଅଭାବ କାରଖାନା କର୍ତ୍ତୃପକ୍ଷ ଓ ସରକାରୀ ସ୍ତରରେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ନିରଞ୍ଜନ ଦାସ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦୀନବନ୍ଧୁ ପାଢୀ, ଗଙ୍ଗାଧର ଦାଶ, ରାଜେନ୍ଦ୍ର କୁମାର ବୈସାଲ, ବିଷ୍ଣୁ ଚରଣ ନାୟକ, ସୁରଥ ବାଗ, ଅନୀଲ କୁମାର ବାଲଚନ୍ଦାନୀ, ମହେଶ୍ୱର ସାହୁ, ସୁବାସ ଗୁପ୍ତା, ଅକ୍ଷୟ କୁମାର ପୁହାଣ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥି।

# ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମାଜିକ ଦାୟିତ୍ୱବୋଧ ସମୀକ୍ଷା



ବୈଠକରେ ଅତିଥିଙ୍କ ସହ ରୋଟାରିଆନ ଉପସ୍ଥିତ।

ରାଉରକେଲା,୨୦।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବ୍ରାହ୍ମଣୀ କ୍ଲବଠାରେ ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ପକ୍ଷରୁ ରୋଟାରିଆନମାନଙ୍କୁ ସାମାଜିକ ଦାୟିତ୍ୱବୋଧତାର ମୂଲ୍ୟବୋଧ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଭାଇବ୍ରାଣ୍ଟ ସଭାପତି ରୋଟାରିଆନ ଗଣେଶ୍ୱର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପିଡିଜି ରୋଟାରିଆନ ଫକୀର ଚରଣ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜୋନ-୬ ଭୁବନେଶ୍ୱରର ପ୍ରାକ୍ତନ ପିଡିଜି ଦିଲୀପ ପଟ୍ଟନାୟକ ଯୋଗଦେଇ ସାମାଜିକ ଦାୟିତ୍ୱବୋଧତାରେ ରୋଟାରିଆନମାନଙ୍କ ନେତୃତ୍ୱ ଓ ଉପଯୋଗୀ ସାମର୍ଥ୍ୟ ଜ୍ଞାନ ବିଷୟରେ ଦିଗ୍‌ଦର୍ଶନ କରିଥିଲେ। ଏଥିରେ ୩୨ଜଣ ଆରଏଲଆଇ ରୋଟାରିଆନ ଅଂଶଗ୍ରହଣ କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ନର ମନଜିତ ସିଂ ଅରୋରା ଯୋଗଦେଇ ସାମାଜିକ ଉନ୍ନତିରେ ନିଜର ସର୍ବଶ୍ରେଷ୍ଠ ଦକ୍ଷତାକୁ ପ୍ରତିପାଦିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରୋଟାରିଆନମାନଙ୍କୁ ପ୍ରାମାଣିକ ପତ୍ର, ସ୍ନାତକ ସହିତ ରୋଟାରୀ ସ୍ନାତକ ପିନ୍ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷାନୁଷ୍ଠାନରେ ପ୍ରତିଯୋଗିତା, ପୁରସ୍କାର ବିତରଣ

ରାଉରକେଲା,୨୦।୧୦(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଡିଏଭି ବିଦ୍ୟାଳୟ ବାସନ୍ତୀ କଲୋନୀ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲ, ସେକ୍ଟର-୧୪ରେ ଆର୍‌ଏସ୍‌ପି ଭିଜିଲାନ୍ସ ବିଭାଗ ପକ୍ଷରୁ ଆୟୋଜିତ ପ୍ରବନ୍ଧ, କୁଇଜ ଏବଂ ବାକ୍ ପ୍ରତିଯୋଗିତାରେ ୨ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରାଉରକେଲା ମ୍ୟୁନସିପାଲ କଲେଜଠାରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପି. ସି. ପ୍ରଧାନ ଏବଂ ଆର୍‌ଏସ୍‌ପି ଜିଏମ୍ (ଭିଜିଲାନ୍ସ) ସୌମିତ କୁମାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଏହି କୁଇଜ ପ୍ରତିଯୋଗିତାରେ ମୋଟ୍ ୧୨୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ପ୍ରତିଯୋଗିତାରେ ବିଜେତାଙ୍କ ସହିତ ଅତିଥିମାନେ।

# କଫ୍ ସିରଫ ଜବତ, ୨ ଗିରଫ

ରାଉରକେଲା,୨୦।୧୦(ସଙ୍ଗୀତା ଜେନା)

ରାଉରକେଲା ଷ୍ଟେଶନରୁ ଶୁକ୍ରବାର ବିପୁଳ ପରିମାଣର କଫ୍ ସିରଫ୍ ଜବତ ହୋଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବରଗଡ଼ର ରତ୍ନମଣି ନାଗ(୩୦) ଓ ସମ୍ବଲପୁରର ସଚିନ୍ ଗୁରୁ(୨୮)। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ.୧୦୮/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଓରାମପଡ଼ା ସ୍ଥିତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଇନ୍ସପେକ୍ଟର ସ୍ନେହଲତା ନାଏକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସକାଳେ ଷ୍ଟେଶନ ନିକଟରେ ଯାଞ୍ଚ ବେଳେ ୨ଜଣ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ସନ୍ଦେହ ହେବାରୁ ଉଭୟଙ୍କୁ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ସେମାନଙ୍କ ସେମାନଙ୍କ ବ୍ୟାଗରୁ ୩୪୭ଟି କଫ୍ ସିରପ୍ ବୋତଲ ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୩୪,୭୦୦ ଟଙ୍କା ହେବ ବୋଲି କୁହାଯାଇଛି। ବରଗଡ଼ରୁ ଏହା ଅଣାଯାଇ ଚାଲାଣ କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।



ଅଭିଯୁକ୍ତଙ୍କ ସହ ଅବକାରୀ ବିଭାଗ କର୍ମଚାରୀ।

## ସଂକ୍ଷେପରେ

### ଗୋବିନ୍ଦତୋଳା ଦୁର୍ଗାପୂଜା ପାଇଁ ବିଲ୍ୱବରଣ

**ସମ୍ବଲପୁର,୨୦।୧୦(ବି.ଶଙ୍କର):** ସମ୍ବଲପୁର ସହର ଗୋବିନ୍ଦତୋଳାଠାରେ ୫୫ତମ ଶାରଦୀୟ ଦୁର୍ଗାପୂଜା ପାଇଁ ଶୁକ୍ରବାର ବିଲ୍ୱବରଣ ଓ କଳସାଧିବାସ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଜଗଦୀଶ ଦାଶ ସହଯୋଗୀ ସୁଶ୍ରିତ ଷଡ଼ଙ୍ଗୀ, ଶଶାଙ୍କ ବେହେରାଙ୍କ ଦ୍ୱାରା ପୂଜାବିଧି ହୋଇଥିଲା। ଦାଶରଥି ପଣ୍ଡା ଓ ତାଙ୍କ ସ୍ତ୍ରୀ ନିକିତା ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗୋବିନ୍ଦତୋଳା ବସ୍ତିରେ ବିଲ୍ୱବରଣ ପୂଜାବିଧି ପରେ ମହାନଦୀ ଓ ହରଡ଼ ଜୋରର ସଙ୍ଗମ ସ୍ଥଳରେ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ପୂଜାବିଧି ଗୌରୀଦାଶ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ବସନ୍ତ ଦାଶ, ଜୟନାରାୟଣ ଶତପଥି, ପ୍ରଦୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। କମିଟି ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଶୁଭମ ମହାପାତ୍ର, କୋଷାଧ୍ୟକ୍ଷ ବାଙ୍କବିହାରୀ ପଣ୍ଡା, ଲଟେରି କମିଟି ଅଧ୍ୟକ୍ଷ ଅଜୟ ସାହୁ, ଶ୍ରୀକାନ୍ତ ପଣ୍ଡା, କରୁଣାକର ଶତପଥି, ହିମାଂଶୁ ଶେଖର ପ୍ରଧାନ, ଦିଲୀପ ଠାକୁର, ବାବୁଲୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହୁଳହୁଳି, ଘଣ୍ଟ, ଶଙ୍ଖ ବାଦ୍ୟ ସାମିଲ କରାଯାଇଥିଲା। ଯାତ୍ରାପଥରେ ରଙ୍ଗୋଲି, ଚିତାଲାଗି, ଦୀପ ଜଳାଇ ମା' ଭୁବନେଶ୍ୱରୀଙ୍କ କଳସ ଯାତ୍ରାକୁ ସ୍ୱାଗତ କରାଯାଇଥିଲା।

# ବାସିଫୁଲରୁ ତିଆରି ହେବ ଧୂପକାଠି

## ସମଲେଇ ଅଗରବତି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

■ଦୈନିକ ୩ଶହ କିଲୋଗ୍ରାମ ବର୍ଜ୍ୟ ପୁଷ୍ପର ପ୍ରକ୍ରିୟାକରଣ

**ସମ୍ବଲପୁର,୨୦।୧୦(ବି.ଶଙ୍କର)**

ବାସିଫୁଲରୁ ତିଆରି ହେବ ସୁଗନ୍ଧଯୁକ୍ତ ଧୂପକାଠି। ଏପରି ଏକ ପ୍ରକଳ୍ପର ଶୁଭାରମ୍ଭ କରିଛି ସମ୍ବଲପୁର ଜିଲା ପ୍ରଶାସନ। ସମଲେଇ ଅଗରବତୀ ଉତ୍ପାଦନ କେନ୍ଦ୍ର ନାମରେ ଏହି ପ୍ରକଳ୍ପ ଶୁକ୍ରବାର ଧନକଉଡ଼ା ସ୍ୱଧାର ଗୃହଠାରେ ଉଦ୍‌ଘାଟିତ ହୋଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ଓ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱଧାର ଅନ୍ତେବାସୀଙ୍କ ସକାଶେ ଏହି କେନ୍ଦ୍ର ସହାୟକ ହେବ। ଜୀବନର ଅନ୍ଧକାର ପର୍ଯ୍ୟାୟରୁ ଆଗକୁ ବଢ଼ିବା ପାଇଁ ଆନୁଷ୍ଠାନିକ ସହାୟତା ଆବଶ୍ୟକ କରୁଥିବା ମହିଳାଙ୍କୁ ସଶକ୍ତ କରିବ। ଏହା ସେମାନଙ୍କୁ ଖାଦ୍ୟ, ଆଶ୍ରୟ, ପୋଷାକ ଭଳି ମୌଳିକ ସୁବିଧା ସହ ଅର୍ଥନୈତିକ ଓ ସାମାଜିକ ନିରାପତ୍ତା ଯୋଗାଇଦେବ। ମନ୍ଦିରରେ ମା'ଙ୍କୁ ଲାଗି ହୋଇଥିବା ବାସିଫୁଲର ପ୍ରକ୍ରିୟାକରଣରୁ ଧୂପକାଠି ଉତ୍ପାଦନ ହେବ। ଅନେକ କ୍ଷେତ୍ରରେ ବାସି ଫୁଲକୁ ବର୍ଜ୍ୟବସ୍ତୁ ଭାବେ ରାସ୍ତା କଡରେ ଫୋପାଡି ଦିଆଯାଇଥାଏ। ଏହାଦ୍ୱାରା ଅତିରିକ୍ତ ଅଙ୍ଗାରକାମ୍ଳ ସୃଷ୍ଟି ହେବା ସହ ମୃତ୍ତିକା ପ୍ରଦୂଷଣ ଭଳି ସମସ୍ୟା ସୃଷ୍ଟି କରିଥାଏ। ଏହି ପ୍ରକ୍ରିୟାରେ ମା' ସମଲେଶ୍ୱରୀ ମନ୍ଦିରରୁ ବାହାରୁଥିବା ବାସି ଫୁଲର ବ୍ୟବହାର କରି ଏହି ଉତ୍ପାଦକ ୟୁନିଟ ସେହି ସମସ୍ୟାର ସମାଧାନ କରିବ। ଏହି ଅଗରବତୀ ଉତ୍ପାଦକ ୟୁନିଟ ଦୈନିକ ୩୦୦ କିଲୋଗ୍ରାମ ବର୍ଜ୍ୟ ପୁଷ୍ପର ପ୍ରକ୍ରିୟାକରଣ କରିବାରେ ସକ୍ଷମ ହେବ। ୟୁନିଟରେ ଗ୍ରାଇଣ୍ଡିଂ, ଧୂପ ଏବଂ ଅଗରବତୀ ମେସିନ, ପ୍ୟାକେଜିଂ ଇତ୍ୟାଦି ଉପଲବ୍ଧ ରହିଛି। ଏହି କେନ୍ଦ୍ରରେ କାର୍ଯ୍ୟରତ ମହିଳାମାନେ ସମସ୍ତ ଆବଶ୍ୟକୀୟ କ୍ଷେତ୍ରରେ ପ୍ରଶିକ୍ଷଣ ଗ୍ରହଣ କରିସାରିଛନ୍ତି। ଏହି ପ୍ରକଳ୍ପ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଆର୍ଥିକ ଅନୁଦାନ ଦେଇଥିବାବେଳେ ମହାନଗର ନିଗମ ଦ୍ୱାରା ଏହାକୁ କାର୍ଯ୍ୟକାରୀ କରାଯାଇଛି।


ଅଗରବତି ଉତ୍ପାଦନ କେନ୍ଦ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସୁତପା ମହିଳା କଂଗ୍ରେସ ସଭାନେତ୍ରୀ




**ସମ୍ବଲପୁର,୨୦।୧୦(ବି.ଶଙ୍କର)**

ସମ୍ବଲପୁର ଜିଲା ମହିଳା କଂଗ୍ରେସର ଜିଲା ସଭାନେତ୍ରୀ ଭାବେ ସୁତପା ମିତ୍ରଙ୍କୁ ପୁଣି ଥରେ ଦାୟିତ୍ୱ ଦିଆଯାଇଛି। ଏ ନେଇ ରାଜ୍ୟ ମହିଳା କଂଗ୍ରେସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁତପାଙ୍କୁ ଷଷ୍ଠଥର ପାଇଁ ଏହି ଦାୟିତ୍ୱ ମିଳିଛି। ଶୁକ୍ରବାର ଦଳୀୟ ନେତୃବୃନ୍ଦ ଜିଲା ମହିଳା କଂଗ୍ରେସ କାର୍ଯ୍ୟାଳୟରେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସୁତପା କହନ୍ତି, ଆଗକୁ ସାଧାରଣ ନିର୍ବାଚନ ରହିଛି। ତେଣୁ ଦାୟିତ୍ୱ ଅଧିକ ବଢ଼ି ଯାଇଛି। ସମ୍ପ୍ରତି ତୃଣମୂଳ ସ୍ତରରୁ ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

## 'ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ'

ଜିଏମ୍‌ୟୁ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା



**ସମ୍ବଲପୁର,୨୦।୧୦(ବି.ଶଙ୍କର):** ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ହଷ୍ଟେଲରେ ରହୁଥିବା ଯୁକ୍ତ ୩ ତୃତୀୟବର୍ଷ ବାଣିଜ୍ୟ ବିଭାଗ ଛାତ୍ର ଘନଶ୍ୟାମ କରୁଆଁଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଘଟଣାର ତଦନ୍ତ କରୁଥିବା ଟାଉନ ଥାନା ପୋଲିସ ଶୁକ୍ରବାର ଘନଶ୍ୟାମଙ୍କ ମୃତ୍ୟୁକାଳୀନ ଚିଠି (ସୁଇସାଇଡାଲ ନୋଟ) ଜବତ କରିଛି। ସମ୍ବଲପୁରୀ ଭାଷାରେ ଲେଖା ହୋଇଥିବା ଚିଠିରେ ଘନଶ୍ୟାମ ତାଙ୍କ ମା'ଙ୍କୁ ସମ୍ବୋଧନ କରି ଲେଖିଛନ୍ତି, ମା' ମୁଁ ତୁମକୁ ବହୁତ ଭଲ ପାଏ। କିନ୍ତୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡିଛି। ଅନେକ ପରୀକ୍ଷା ଦେଇଛି, କୌଣସିଥିରେ ଭଲ ହେଲା ନାହିଁ। ତେଣୁ ମୋତେ ବହୁତ ଖରାପ ଲାଗୁଛି। କେବଳ ଓଡିଶା ପୋଲିସ ପରୀକ୍ଷାରେ ସଫଳ ହୋଇଥିଲି। କିନ୍ତୁ ମୁଁ ଜାଣି କରି ସେଥିରେ ଯୋଗଦେଲି ନାହିଁ। ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ। ପୋଲିସ ବିଭାଗକୁ ଅନୁରୋଧ କରୁଛି ଯେ, ମୋ ମୃତ୍ୟୁ ପରେ ମା', ବାପା, ପରିବାର ସଦସ୍ୟଙ୍କୁ ହଇରାଣ କରିବେ ନାହିଁ। ଶେଷରେ ମା', ଦାଦା, ବାପା ଭଲରେ ଥିବ ବୋଲି ଉଲ୍ଲେଖ କରିଛନ୍ତି। ଛାତ୍ର ଆତ୍ମହତ୍ୟା ଘଟଣାରେ ତଦନ୍ତ ଜାରି ରହିବ ବୋଲି ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସୂଚିତ କରିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଘନଶ୍ୟାମ ରହୁଥିବା ରୁମ ନମ୍ବର-୩୮ର ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହ ଜବତ ହୋଇଥିଲା।

# ବୁଦ୍ଧିର ବିକାଶରେ ହିଁ ଜାତିର ବିକାଶ ସମ୍ଭବ



ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ସେତୁ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ମହୋତ୍ସବ

**ସମ୍ବଲପୁର,୨୦।୧୦(ବି.ଶଙ୍କର)**

ସମ୍ବଲପୁରର ସାମାଜିକ ଅନୁଷ୍ଠାନ ସେତୁର ରୌପ୍ୟ ଜୟନ୍ତୀ ମହୋତ୍ସବ ଗୁରୁବାର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସେତୁ ଭଳି ଅନୁଷ୍ଠାନ ନ ରହିଲେ ସାମାଜିକ ସନ୍ତୁଳନ ସ୍ଥିର ହୋଇପାରିବ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଆଇଆଇଏମ୍‌ସି ଢେଙ୍କାନାଳର ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟର୍ଜୀ କହିଥିଲେ, ଅନୁଷ୍ଠାନ ରାଷ୍ଟ୍ରର ଅନୁଗତ ହୋଇ କାର୍ଯ୍ୟ ନ କରି ସାମୂହିକ ସ୍ୱାର୍ଥ ପାଇଁ କାର୍ଯ୍ୟ କରେ। ଅତ୍ୟଧିକ ଆତ୍ମକେନ୍ଦ୍ରିକ ଭାବ ବର୍ତ୍ତମାନ ଭାରତୀୟମାନଙ୍କ ମଧ୍ୟରେ ସମାଜମନସ୍କତାକୁ ନଷ୍ଟ କରିବାରେ ଲାଗିଛି। ତେଣୁ ଅନୁଷ୍ଠାନ ବ୍ୟକ୍ତି ମଧ୍ୟରେ ସମାଜମନସ୍କତାକୁ ବୃଦ୍ଧି କରିଥାଏ। କାରଣ ବୁଦ୍ଧିର ବିକାଶରେ ହିଁ ଜାତିର ବିକାଶ ହୋଇଥାଏ ବୋଲି ସେ କହିଥିଲେ। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝି କହିଥିଲେ, ସେତୁ ତିନୋଟି ପିଢିର ଶିକ୍ଷକମାନଙ୍କ ଏକ ସଙ୍ଗଠନ ଭଳି ବୋଧହୁଏ। ଆଦର୍ଶକୁ ପାଥେୟ କରି ଆଗକୁ ବଢାଇନେବା ଆଗାମୀ ପିଢିର ଦାୟିତ୍ୱ। ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ କହିଥିଲେ, ପୁସ୍ତକର ଗୁରୁତ୍ୱ ସବୁକାଳରେ ରହିଛି। ବର୍ତ୍ତମାନ ଏହି ପରିବର୍ତ୍ତନଶୀଳ ସମାଜରେ ସାହିତ୍ୟକୁ ତାଳ ଦେଇ ଚାଲିବାକୁ ହେବ। ଏହି ଅବସରରେ ମୁଖ୍ୟବକ୍ତା ପ୍ରଫେସର ଚାଟର୍ଜୀଙ୍କ ରଚିତ ପୁସ୍ତକ ଦେଶର ଆତ୍ମା ଏବଂ ସେତୁର ରୌପ୍ୟଜୟନ୍ତୀ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେତୁ ସମ୍ପାଦକ ସୁକାନ୍ତ କର ବାର୍ଷିକ ବିବରଣୀ ପାଠ ଓ ଉପସଭାପତି ଡ. ନିଳେନ୍ଦ୍ରି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବିଭକ୍ତ ସମ୍ବଲପୁର ଜିଲାରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରିୟଦର୍ଶିନୀ ବେହେରାଙ୍କୁ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର ଓ ସମ୍ବଲପୁର ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ସମୀକ୍ଷା ପଟେଲଙ୍କୁ କ୍ଷିରୋଦ ପ୍ରସାଦ ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ବିକାଶ ଦି କନସେପ୍ଟ ସ୍କୁଲ, ଲେଡିଲୁଇସ ସ୍କୁଲ, ବୁଢାରଜା ସ୍କୁଲ ଓ ଖୁଲିଆ ସେବାଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପୁସ୍ତକ ପଠନ ଏକ ଭଲ ଅଭ୍ୟାସ

### ବୁର୍ଲାରେ ଗୋପବନ୍ଧୁ ପାଠାଗାର ଉଦ୍‌ଘାଟିତ

**ସମ୍ବଲପୁର,୨୦।୧୦(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ଶୁକ୍ରବାର ଗୋପବନ୍ଧୁ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସେ କହିଥିଲେ, ସମ୍ପ୍ରତି ବହୁ ପାଠକ ପୁସ୍ତକଠାରୁ ଦୂରେଇ ଯାଉଛନ୍ତି। ପୁସ୍ତକ ପଠନ ଏକ ଭଲ ଅଭ୍ୟାସ। ସମସ୍ତେ ଏହି ଅଭ୍ୟାସ ଜାରି ରଖିବା ଆବଶ୍ୟକ। ଏହି ପାଠାଗାର ସୋମବାର ବ୍ୟତୀତ ଅନ୍ୟ ସବୁଦିନ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଗୋକୁଳ ଫାଉଣ୍ଡେଶନ, ଶ୍ୟାମ ମେଟାଲିକ ଓ ସମ୍ବଲପୁର ମହାନଗର ନିଗମ ସହଯୋଗରେ ପାଠକମାନଙ୍କ ନିମନ୍ତେ ପାଠାଗାର ପ୍ରସ୍ତୁତ କରାଯାଇଛି। ପରେ ଅଧ୍ୟକ୍ଷ ତ୍ରିପାଠୀ ଚିପିଲିମାସ୍ଥିତ କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ଭିତ୍ତିଭୂମି ଦେଖିବା ସହ ଅଧ୍ୟାପକମାନଙ୍କ ସହିତ କୃଷି ବିଜ୍ଞାନ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଅଧିକ ଗବେଷଣା କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ କୃଷକମାନଙ୍କ ନିମନ୍ତେ ଉନ୍ନତ ଜ୍ଞାନକୌଶଳ ଉପରେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଶ୍ରୀରାମ ବାଟିକା ଯାଇ ସେଠାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ଦେବୀଦାନି ଶାହାଙ୍କ ଇକୋ ଟୁରିଜିମକୁ ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ଅଜିତ ମିଶ୍ର, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

### ବନ କର୍ମଚାରୀ ଚିକିତ୍ସା ବ୍ୟବସ୍ଥା ନ କରି ଚାଲିଯାଇଥିବା ଅଭିଯୋଗ

**କୁଚିଣ୍ଡା,୨୦।୧୦(ବିରଞ୍ଚି ଦର୍ବା)**

ଜମନକିରା ବନ୍ୟପ୍ରାଣୀ ରେଞ୍ଜ ଅଧୀନ କଟଙ୍ଗପାଣି (ସିଆଳଦରହ)ଠାରେ ହାତୀ ଘଉଡାଉଥିବା ସମୟରେ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଜମନକିରା ଥାନା ସିଆଳଦରହ ଗ୍ରାମର ପ୍ରମୋଦ କିଷାନ (୪୨)। ସୂଚନା ଅନୁଯାୟୀ କିଛିଦିନ ହେଲା ୧୮/୧୯ ଟିକିଆ ହାତୀପଲ କଟଙ୍ଗପାଣି ଗ୍ରାମ୍ୟ ଜଙ୍ଗଲରେ ରହି ଆଖପାଖ ବିଲରେ ପଶି ପାଚିଲା ଧାନ ନଷ୍ଟ କରୁଥିଲେ। ଏ ନେଇ ଗ୍ରାମବାସୀ ଜମନକିରା ବନବିଭାଗ ନିକଟରେ ଅଭିଯୋଗ କରିଥିଲେ। ଶୁକ୍ରବାର ଅପରାହ୍ନରେ ଦୁଇଟି ଗାଡିରେ ରେଞ୍ଜରଙ୍କ ସମେତ ବନକର୍ମଚାରୀ ହାତୀ ଘଉଡାଇବାକୁ କଟଙ୍ଗପାଣିରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହ ହାତୀ ଘଉଡାଇବା ବେଳେ ପ୍ରମୋଦ ଏକ ହାତୀ ଆକ୍ରମଣର ଶିକାର ହୋଇଥିଲେ। ସାଥିରେ ଥିବା ବନ କର୍ମଚାରୀ ଆହତଙ୍କ କୌଣସି ଚିକିତ୍ସା ବ୍ୟବସ୍ଥା ନ କରି ସେଠାରୁ ଚାଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପରେ ଗୁରୁତର ପ୍ରମୋଦଙ୍କୁ ପରିବାର ଲୋକେ ପ୍ରଥମେ ଜମନକିରା ମେଡିକାଲ ନେଇଥିଲେ। ସେ ଏବେ କୁଚିଣ୍ଡା ଉପଖଣ୍ଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଜମନକିରା ବନ୍ୟପ୍ରାଣୀ ରେଞ୍ଜର ଲକ୍ଷ୍ମୀକାନ୍ତ ନାଏକଙ୍କୁ ପଚାରିବାରେ ଆହତଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଉଠାଦୋକାନୀଙ୍କ ପାଇଁ ନୂଆବଜାର ନିଷ୍ପତ୍ତି

**ସମ୍ବଲପୁର,୨୦।୧୦(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ସମ୍ପ୍ରତି ଉଠା ଦୋକାନୀମାନଙ୍କ ସମସ୍ୟାର ସମାଧାନ ହେବ। ଏ ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସ୍ଥିର କରିଛନ୍ତି। ଏଥିରେ ଉଠା ଦୋକାନୀ ସଂଘ ଖୁସିବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛି। ଏହାକୁ ନେଇ ଶୁକ୍ରବାର ସମ୍ବଲପୁର ଲକ୍ଷ୍ମୀ ଟକିଜ ଛକଠାରେ ସ୍ୱତନ୍ତ୍ର ବୈଠକ ହୋଇଥିଲା। ମହାନଗରର ବିଭିନ୍ନ ଅଞ୍ଚଳରୁ ଦୋକାନୀମାନେ ଅଂଶଗ୍ରହଣ କରିଥିଲେ। ସଂଘ ସଭାପତି ସତୀଶ ବିଶି, ସୁମନ୍ତ ପଣ୍ଡା, ନିଶାନ୍ତ ବହିଦାର, ରବି ନାରାୟଣ ପ୍ରଧାନ, ଜଳନ୍ଧର ନାଏକ, ନିରଞ୍ଜନ ମଲ୍ଲିକ, ସର୍ବେଶ୍ୱର ନାଏକ ଯୋଗଦେଇ ଉଠାଦୋକାନୀଙ୍କୁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ବିଷୟରେ ଆଲୋକପାତ କରିଥିଲେ। ଏହି ସମସ୍ୟା ସମାଧାନ ପାଇଁ ସହରର ଅଇଁଠାପାଲି, ଧନୁପାଲି, ରେମେଡ଼ ଓ ବଡ଼ବଜାର ପ୍ରଭୃତି ସ୍ଥାନରେ ଗୋଲବଜାର ପରି ନୂଆବଜାର ନିର୍ମାଣ କରାଯିବ। ଏହି ବଜାରରେ ୫ ଶହରୁ ଅଧିକ ଉଠାଦୋକାନୀ ଥଇଥାନ ହୋଇପାରିବେ। ଏଥିସହ ସହରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣର ପ୍ରତିଶ୍ରୁତି ମିଳିଛି ବୋଲି ସଂଘ ସଭାପତି ବିଶି କହିଛନ୍ତି।


ସ୍ୱତନ୍ତ୍ର ବୈଠକରେ ସଂଘ କର୍ମକର୍ତ୍ତା।

# ଜାତୀୟ ବାସ୍କେଟବଲ ପ୍ରତିଯୋଗିତା


ବାସ୍କେଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳିମାନେ।

**ସମ୍ବଲପୁର,୨୦।୧୦(ବି.ଶଙ୍କର)**

୧୫ତମ ଫାଦର ଜନ ଉଲିୟମ ମିଞ୍ଜ ଜାତୀୟ ବାସ୍କେଟବଲ ପ୍ରତିଯୋଗିତା ଶୁକ୍ରବାର ସମ୍ବଲପୁର ସେଣ୍ଟଜନ ବାସ୍କେଟବଲ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଭୁବନେଶ୍ୱର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କଟକ ଜିଲା ସମେତ ଝାଡ଼ଖଣ୍ଡ ରାଜ୍ୟ ଜାମସେଦପୁର ଟାଟା ଟିମ୍ ସାମିଲ ହୋଇଛନ୍ତି। ସିନିୟର ବର୍ଗରେ ୧୪, ସ୍କୁଲ ବାଳକ ବର୍ଗରେ ୮ ଓ ବାଳିକା ବର୍ଗରେ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ଜାତୀୟସ୍ତରୀୟ କବାଡି ଖେଳାଳି ରାଜେଶ ସେଟ ମୁଖ୍ୟଅତିଥି, ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ଡେପୁଟି ଡାଇରେକ୍ଟର ମାରିଆନୁସ ବିଲୁଙ୍ଗ, ଉର୍ସେଲା ମିଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଦର ଅନିଲ କୁଜୁରଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଓଡ଼ିଶା ବାସ୍କେଟବଲ ଆସୋସିଏଶନର ୭ଜଣ ରେଫରି ମ୍ୟାଚଗୁଡ଼ିକୁ ପରିଚାଳନା କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚ କଟକ ଏଣ୍ଟରଟେନର ବନାମ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଏଥିରେ ଭୁବନେଶ୍ୱର ୨୭-୩୩ ପଏଣ୍ଟରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ପ୍ରଥମ ଦିନରେ ମୋଟ ୧୧ଟି ମ୍ୟାଚ ହୋଇଥିଲା। ଅମ୍ପାୟାର ଏମ୍‌ଡି ସହିଦ, ପି.କେ, ତରାଇ, ଜେ.କେ. ଖାନ, ଏ. ସିଂ, ଏସ୍.କେ. ନାଥ, ଆର୍. ନାୟକ, ଏସ୍.ଏସ୍. ବେହେରା ମ୍ୟାଚଗୁଡିକୁ ପରିଚାଳନା କରିଥିଲେ।


ଶାରଦୀୟ ଦୁର୍ଗାପୂଜା ଅବସରରେ ସମ୍ବଲପୁର ବୁଢ଼ାରଜା ଫାଟକଠାରେ ସୁସଜ୍ଜିତ ଆଲୋକ ତୋରଣ।

# ନଳିତା ଚାଷକୁ ଭୁଲିଗଲେଣି ଲୋକେ

**କୁଚିଣ୍ଡା,୨୦।୧୦(ବିରଞ୍ଚି ଦର୍ବା)**

ସମଗ୍ର ପଶ୍ଚିମ ଓଡ଼ିଶାର ମୁଖ୍ୟତଃ ଚାଷୀ ପରିବାରରେ ନଳିତାରୁ ପ୍ରସ୍ତୁତ ଉପକରଣ ବହୁଳ ଭାବେ ବ୍ୟବହୃତ ହୋଇଥାଏ। ମାତ୍ର ଦୁଇ ଦଶନ୍ଧି ହେବ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ଏହାକୁ ଲୋକେ ଭୁଲି ଗଲେଣି। ଏବେ ବି ଗ୍ରାମାଞ୍ଚଳରେ କାଁ ଭାଁ ଏହି ଚାଷ ହେଉଥିବା ଦେଖାଯାଉଛି। ଏକଦା ନଳିତାକୁ ପ୍ରତ୍ୟେକ ପରିବାର ଚାଷ କରି ତାର ସୂତା(ପଟ)କୁ ବିଭିନ୍ନ କାମରେ ଲଗାଉଥିଲେ। ଏହାଛଡା କେତେକ ପରିବାର ଏହି ଚାଷ କରି ଭଲ ରୋଜଗାର କରୁଥିଲେ। ଏହାର ସୂତାରେ ହଳ ଲଙ୍ଗଳ, ଶଗଡ ଗାଡି ଯୋଚିବା ଆଦିରେ ଚାଷୀମାନେ ବ୍ୟବହାର କରୁଥିଲେ। ଏହାର ଦଉଡିରେ ଗାଣ୍ଡୁଆ ଭାର, କୂଅରୁ ପାଣି କାଢ଼ିବା, ଖଟ ନିର୍ମାଣ ଆଦି କରାଯାଉଥିଲା। ନଳିତା ବିଶେଷ କରି ବର୍ଷା ୪ମାସରେ ଚାଷ ହୋଇଥାଏ। ଆଷାଢ଼ ମାସରେ ବିହନ ବୁଣାଯାଇ ଆଶ୍ୱିନ ମାସରେ ଏହାର ଅମଳ ହୋଇଥାଏ। ଢିପ ଓ ଟାଙ୍ଗରା ଜମିରେ ଏହି ଚାଷ ହେଉଥିବା ବେଳେ ଏହାର ଉଚ୍ଚତା ପ୍ରାୟ ୭/୮ ଫୁଟ ପର୍ଯ୍ୟନ୍ତ ହୋଇଥାଏ। ଭାଦ୍ରବ ମାସରେ ଏଥିରେ ଫୁଲ ଆସି ଫଳ ଧରିଲେ ଏହା ପାକଳ ହୋଇଥାଏ। ଗଛ ପାକଳ ହେଲେ ଏହାକୁ କାଟି ବିଡା ବାନ୍ଧି ନଇ କିମ୍ବା ପୋଖରୀ ପାଣିରେ ୪/୫ଦିନ ପର୍ଯ୍ୟନ୍ତ ବୁଡାଇ ରଖାଯାଏ। ବିଡା ଗୁଡିକ ସଢ଼ିଯିବା ପରେ ତାକୁ ପାଣିରୁ କାଢି ଉପରଭାଗ ଛାଲିକୁ ବାହାର କରି ପାଣିରେ ଧୋଇ ଖରାରେ ଶୁଖାଇବାକୁ ପଡିଥାଏ। ଦୁଇତିନି ଦିନ ଶୁଖିଲା ପରେ ସେଥିରୁ ସୂତା(ପଟ) ବାହାରିଥାଏ। ଏହାକୁ ଢେରା(ଦଉଡିବୁଣା ଯନ୍ତ୍ର) ସାହାଯ୍ୟରେ ବିଭିନ୍ନ ରଶି ଉପକରଣ ତିଆରି କରାଯାଇଥାଏ। ଅନ୍ୟ ପକ୍ଷରେ ସଢା ନଳିତାରୁ ଛାଲିକୁ କାଢି କାଉଁରିଆକୁ ଖରାରେ ଶୁଖାଇ ଦୀପାବଳି ପର୍ବରେ ବ୍ୟବହାର କରାଯାଇଥାଏ। ପୂର୍ବରୁ ଲୋକେ ଏହି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ ଓ ସହରାଞ୍ଚଳକୁ ରପ୍ତାନୀ କରି ଭଲ ଦୁଇପଇସା ରୋଜଗାର କରୁଥିଲେ। ହେଲେ ପ୍ଲାଷ୍ଟିକ ଆସିବା ପରେ କୁଚିଣ୍ଡା ଅଥବା ପଶ୍ଚିମ ଓଡିଶାରେ ସେତେଟା ଦେଖିବାକୁ ମିଳୁନି। ନଳିତା ଲୋପ ହେବାକୁ ବସିଥିବାବେଳେ ଏହାର ବ୍ୟବହାର ବି ଲୋକେ ଭୁଲିଗଲେଣି। ଆଉ କିଛିବର୍ଷ ପରେ ଆଗାମୀ ପିଢି କେବଳ ପାଠ ବହିରୁ ହିଁ ନଳିତା ସମ୍ପର୍କରେ ଜାଣିବେ। ତେଣୁ କୃଷି ବିଭାଗ ନଳିତା ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରି ପୂର୍ବପରମ୍ପରାକୁ ଉଜ୍ଜୀବିତ ରଖିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।


କୁଚିଣ୍ଡା ଅଞ୍ଚଳରେ ହୋଇଥିବା ନଳିତା ଚାଷ।

# ରାବଣ ଦରବାର ହେବ ମୁଖ୍ୟ ଆକର୍ଷଣ


ରଥପୁର ଦୁର୍ଗାପୂଜା ତୋରଣ।

**ଅମରପାଲି,୨୦।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ପଞ୍ଚାୟତର ରଥପୁରରେ ଚଳିତବର୍ଷ ହୋଇଥିବା ସାର୍ବଜନୀନ ଦୁର୍ଗାପୂଜା ତୃତୀୟ ବର୍ଷରେ ପହଞ୍ଚିଛି। ଏଥିପାଇଁ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଥିବା ବେଳେ ରାବଣ ଦରବାର ହେବ ମୁଖ୍ୟ ଆକର୍ଷଣ। ବିଭିନ୍ନ ସାଂସ୍କୃତିକ ଦଳର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇସାରିଛି। ପୂଜା ପରିଚାଳନା ପାଇଁ ପୂର୍ବରୁ ଏକ ପରିଚାଳନା କମିଟି ଗଠନ ହୋଇସାରିଛି। ସର୍ବସମ୍ମତିକ୍ରମେ ରାଜୀବ ଖେତିଙ୍କୁ ସଭାପତି, ମଳୟ ରଞ୍ଜନ ଅମାତଙ୍କୁ ସମ୍ପାଦକ ଓ ପ୍ରଫୁଲ୍ଲ ଗାଇଗରିଆଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସ୍ୱାଧୀନ ଖଟୁଆଙ୍କୁ ମୁଖ୍ୟ ଉପଦେଷ୍ଟା, ରଞ୍ଜିତ ରାଉତଙ୍କୁ ଉପସଭାପତି,ଜଗଦୀଶ ମେହେରଙ୍କୁ ସହ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଅରବିନ୍ଦ ରଣା, ମିଳନ ବିଶି, ଅନନ୍ତ ପଣ୍ଡା, ଓମ ପ୍ରକାଶ ପଣ୍ଡା ଓ ଅନନ୍ତ ଖେତିଙ୍କୁ ପରିଚାଳନା କମିଟିର ସଦସ୍ୟ ଭାବେ ଚୟନ କରାଯାଇଛି। ପୂଜା ପାଇଁ ହୋଇଥିବା କାର୍ଯ୍ୟସୂଚୀ ମତେ ଶୁକ୍ରବାର ଦିନ କଳସ ଶୋଭାଯାତ୍ରା କରାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଛି। ୨୧ ତାରିଖ ଦିନ ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା ହେବ। ୨୨ ତାରିଖରେ ଅଷ୍ଟମୀ ପୂଜା, ୨୩ରେ ମହାନବମୀ,୨୪ ତାରିଖରେ ଦଶହରା ପୂଜା ପାରମ୍ପରିକ ନୀତିରେ ହେବା ପାଇଁ ସ୍ଥିରୀକୃତ ହୋଇଛି।

**ରଥପୁର ସାର୍ବଜନୀନ ଦୁର୍ଗାପୂଜା**

ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୦ ତାରିଖରେ ବୀରମହାରାଜପୁରର ଭକ୍ତି ଆରାଧନା ଭଜନ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା ଓ ଝାରସୁଗୁଡ଼ାର କଳାକାରଙ୍କ ଦ୍ୱାରା କୃଷ୍ଣଗୁରୁ କାର୍ଯ୍ୟକ୍ରମ ହୋଇଛି। ୨୧ ତାରିଖ ଦିନବେଳା ସୁନ୍ଦରାକାଣ୍ଡ ପରାୟଣ ହେବ। ଏଥିରେ ସ୍ୱପ୍ନା ଯୋଶୀ ବ୍ୟାସ ଭାବେ ପରାୟଣ ଗାନ କରିବେ। ସେହିଦିନ ସନ୍ଧ୍ୟାରେ ପପଙ୍ଗା ଓ ହୁଟୁମା ମଧ୍ୟରେ ରଙ୍ଗୀନ ସଙ୍କୀର୍ତ୍ତନ ବୈଠକ ହେବ। ୨୨ତାରିଖରେ କୀର୍ତ୍ତନ ଧାରା କାର୍ଯ୍ୟକ୍ରମ ହେବ। ଏଥିରେ ପ୍ରଭାତ ସାହୁ, ସୁଶାନ୍ତ ସାହୁ, ଅଞ୍ଜନା ଦେହେରୀ, ସୁଦାମ ବୁଡେକ, ବିଶ୍ୱାମିତ୍ର ପାଣ୍ଡେ, ଲିପ୍ସା ରାଣୀ ଖମାରୀ ଗାୟକ ଭାବେ ଯୋଗ ଦେବେ। ୨୩ ତାରିଖରେ ଡଭଲା(ବିନିକା) ଓ ପୁଡ଼ାପାଲି(ବୌଦ୍ଧ) ମଧ୍ୟରେ ସଙ୍କୀର୍ତ୍ତନ ବୈଠକ ହେବ। ୨୪ ତାରିଖରେ ବୀରମହାରାଜପୁରର ସୁର ମେଲୋଡି ଦ୍ୱାରା ସମ୍ବଲପୁରୀ ଅର୍କେଷ୍ଟ୍ରା ପରିବେଷଣ ହେବ। ୨୫ ତାରିଖ ଅପରାହ୍ନରେ ଭସାଣି ହେବ। ଏଥିରେ ଢୋଲ, ନିଶାଣ, ଘଣ୍ଟବାଦ୍ୟ, ରଙ୍ଗୀନ ମେଲୋଡି, ଡିଜେ ଆଦି ସାମିଲ ହେବ। ଏହାସହିତ ଏଠାରେ ପ୍ରତ୍ୟହ ରାତିରେ ରାବଣ ଦରବାର ହେବ। ଦରବାରରେ ପର୍ଯ୍ୟାୟକ୍ରମେ ରାଜନେତା, ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦରବାରରେ ସମ୍ବଲପୁରୀ, ଡାଲଖାଇ, ଆଧୁନିକ ନୃତ୍ୟ, ଲୋକନୃତ୍ୟ ଆଦି ପରିବେଷଣ ହେବ। ଏହାବ୍ୟତୀତ ମୀନାବଜାର, ଚଟପଟି ଖାଦ୍ୟ,ବିଭିନ୍ନ ଘରକରଣା ସାମଗ୍ରୀର ପସରା ଦେଖିବାକୁ ମିଳିବ।




## ସେମାନେ କହନ୍ତି...


"ଚଳିତବର୍ଷ ରଥପୁର ଦୁର୍ଗାପୂଜା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଦୁର୍ଗାପୂଜା ତୃତୀୟ ବର୍ଷରେ ପହଞ୍ଚିଛି। ଏଥିପାଇଁ ବେଶ ଉତ୍ସାହିତ ଅଛୁ। ପ୍ରସ୍ତୁତି ପ୍ରାୟତଃ ସରିଗଲାଣି। ଦିନବେଳା ପୂଜାର୍ଚ୍ଚନା ସହିତ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଛୁ।
**ରାଜୀବ ଖେତି(ସଭାପତି)**


"ରଥପୁର ଗ୍ରାମବାସୀଙ୍କ ସହଯୋଗ ଓ ଆୟୋଜକ କର୍ମକର୍ତ୍ତାଙ୍କ ପରିଶ୍ରମ ଯୋଗୁ ପ୍ରତିବର୍ଷ ଦୁର୍ଗାପୂଜା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଏବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗରେ ସଫଳ ହେବ ବୋଲି ଆଶା କରିଛୁ। ଚଳିତବର୍ଷ ସୁଉଚ୍ଚ ମେଢ଼, ଆକର୍ଷଣୀୟ ସାଜସଜ୍ଜା ସହିତ ପ୍ରତ୍ୟହ ରାବଣ ଦରବାର ମୁଖ୍ୟ ଆକର୍ଷଣ ହେବ। ସମସ୍ତ ସଦସ୍ୟ ଏହାର ପରିଚାଳନା ପାଇଁ ପୁରା ପ୍ରସ୍ତୁତ ଅଛୁ।
**ସ୍ୱାଧୀନ ଖଟୁଆ(ମୁଖ୍ୟ ଉପଦେଷ୍ଟା)**


"ଦୁର୍ଗାପୂଜା ପାଇଁ ବଜେଟ ପ୍ରାୟ ୧୪ ଲକ୍ଷ ଟଙ୍କା ରହିଛି। ଦିନବେଳା ପାରମ୍ପରିକ ପୂଜାର୍ଚ୍ଚନା ହେବ। ପ୍ରତ୍ୟହ ଦିନବେଳା ଓ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଛୁ। ଶ୍ରଦ୍ଧାଳୁଙ୍କ ପାଇଁ ମା'ଙ୍କ ଦର୍ଶନର ବ୍ୟବସ୍ଥା କରାଯାଇଛି।
**ମଳୟ ରଞ୍ଜନ ଅମାତ( ସମ୍ପାଦକ)**


"ଏଠାକାର ଦୁର୍ଗାପୂଜା ତୃତୀୟ ବର୍ଷରେ ପହଞ୍ଚିଥିଲେ ମଧ୍ୟ ଅଞ୍ଚଳରେ ସ୍ୱତନ୍ତ୍ରତା ରହିଛି। ଏଥିପାଇଁ ଅଞ୍ଚଳର ଲୋକେ ବେଶ ଉତ୍ସାହିତ ଅଛନ୍ତି। ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ କରିବାକୁ ସମସ୍ତ କର୍ମକର୍ତ୍ତା ଉଦ୍ୟମ କରୁଛୁ। ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛୁ।
**ପ୍ରଫୁଲ୍ଲ ଗାଇଗରିଆ(କୋଷାଧ୍ୟକ୍ଷ)**

# ଭକ୍ତିଭାବ ସହ ବଢ଼ାଉଛି ମହାନଦୀର ସୁନ୍ଦରତା


ମହାନଦୀ ଗର୍ଭରେ ଥିବା ମା' ଲଙ୍କେଶ୍ୱରୀ ପୀଠ।

**ସୋନପୁର,୨୦।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସ୍ୱର୍ଣ୍ଣିମ ସଂସ୍କୃତିର ମାଟି ସୁବର୍ଣ୍ଣପୁରକୁ ପ୍ରକୃତିର ଦାନ ଅପାର। ବିଭିନ୍ନ ମନ୍ଦିର, ନଦୀ, ଜଙ୍ଗଲ ଆଦି ଏହି ଜିଲାର ଶୋଭାକୁ ଦ୍ୱିଗୁଣିତ କରିଛି। ଏହି ଭୂଖଣ୍ଡରେ ରହିଛି ପର୍ଯ୍ୟଟନର ଅନେକ ବିଭବ। ଅନେକ ପ୍ରାଚୀନ ମନ୍ଦିର, ଐତିହ୍ୟ ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପରିବେଶ ଓ କଳା କାରିଗରି ଏ ମାଟିକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ସୁବର୍ଣ୍ଣପୁରର ଆରାଧ୍ୟ ଦେବୀ ମା' ଲଙ୍କେଶ୍ୱରୀ। ଦଶହରା ଅବସରରେ ଏଠାରେ ମା' ଲଙ୍କେଶ୍ୱରୀ ଉନ୍ନୟନ କମିଟି ପକ୍ଷରୁ ମହାଆଳତି କରାଯାଏ। ମହାଳୟାରୁ ଦଶହରା ୧୧ ଦିନ ଧରି ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୁଏ। ପ୍ରତ୍ୟହ ସନ୍ଧ୍ୟାରେ ଆଳତି ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ସହରର ମହାନଦୀ ଗର୍ଭରେ ଥିବା ମା' ଲଙ୍କେଶ୍ୱରୀ ମନ୍ଦିରର ଦୃଶ୍ୟ ପର୍ଯ୍ୟଟକଙ୍କୁ ବର୍ଷ ସାରା ଆକୃଷ୍ଟ କରିଥାଏ। ମହାନଦୀର କୁଳୁକୁଳୁ ନାଦ ସାଙ୍ଗକୁ ରଙ୍ଗବେରଙ୍ଗ ପକ୍ଷୀମାନଙ୍କ କଳରବ ମା' ଲଙ୍କେଶ୍ୱରୀ ପୀଠରେ ଏକ ସଙ୍ଗୀତମୟ ପରିବେଶ ସୃଷ୍ଟି କରିଥାଏ। ବିରାଟ ପଥର ଚଟାଣ ଉପରେ ନିର୍ମିତ ମନ୍ଦିରରେ ଅଭୟ ବରଦାୟିନୀ ମୁଦ୍ରାରେ କୈବର୍ତ୍ତମାନଙ୍କ ଦ୍ୱାରା ଲଙ୍କେଶ୍ୱରୀ ପୂଜା ପାଉଛନ୍ତି। ମହାନଦୀରେ ବନ୍ୟା ସମୟ ବ୍ୟତୀତ ସମସ୍ତ ଋତୁରେ ଏହି ପୀଠରେ ବହୁ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ପ୍ରାୟ ସପ୍ତମ/ଅଷ୍ଟମ ଶତାବ୍ଦୀରେ ଏହି ପୀଠ ଏକ ତନ୍ତ୍ର ପୀଠ ଭାବେ ପ୍ରସିଦ୍ଧି ଲାଭ କରିଥିଲା। ଚୌହାନ ରାଜତ୍ୱ କାଳରେ ଦେବୀ ଲଙ୍କେଶ୍ୱରୀଙ୍କୁ ତନ୍ତ୍ରର ଦେବୀ ଭାବେ ଗ୍ରହଣ କରା ଯାଇଥିଲା। ପରବର୍ତ୍ତୀ ସମୟରେ ଏହି ପୀଠ କୈବର୍ତ୍ତମାନଙ୍କର ଇଷ୍ଟଦେବୀ ଭାବେ ପୂଜିତା ହୋଇ ଆସୁଛନ୍ତି। ତେବେ ଏହି ନବନିର୍ମିତ ଦେବୀ ମନ୍ଦିର କୈବର୍ତ୍ତମାନଙ୍କ ସହଯୋଗରେ ବିଂଶ ଶତାବ୍ଦୀର ଶେଷ ଆଡକୁ ପ୍ରତିଷ୍ଠା କରାଯାଇଥିଲା। ଦେବୀଙ୍କ ଦର୍ଶନ ପାଇବା ପାଇଁ ଏହି ପୀଠକୁ ଛୁଟି ଆସନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଦେବୀ ଦର୍ଶନ ସହିତ ମହାନଦୀ ଗର୍ଭରେ ବିଭିନ୍ନ ପଥର ଚଟାଣରେ ପର୍ଯ୍ୟଟକମାନେ ଭୋଜିଭାତର ମଜା ନିଅନ୍ତି। ଲଙ୍କେଶ୍ୱରୀଙ୍କ ପୀଠକୁ ଦେଶୀ ଡଙ୍ଗାରେ ନୌବିହାର କରି ଦର୍ଶନ କରିଯିବାର ମଜା ନିଆରା। ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ମା' ଲଙ୍କେଶ୍ୱରୀ ପୀଠକୁ ସ୍ଥାନିତ କରିବା ସହ ଏହି ପୀଠକୁ ଯାତାୟତ ପାଇଁ ଟୁରିଷ୍ଟ ବୋଟ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

**ମା' ଲଙ୍କେଶ୍ୱରୀ ପୀଠରେ ମହା ଆଳତି**

# ଖଣ୍ଡହତା ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା




**ଅମରପାଲି,୨୦।୧୦(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାରେ ଚଳିତବର୍ଷ ପ୍ରଥମ ଥର ପାଇଁ ହେବାକୁ ଥିବା ଶାରଦୀୟ ଦୁର୍ଗାପୂଜା ଲାଗି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳା ଓ ଯୁବତୀମାନେ ଗ୍ରାମ ନିକଟସ୍ଥ ବାଇଗଣୀ ଯୋରକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରୁ ଜଳପୂର୍ଣ୍ଣ କଳସ ଧରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଶେଷରେ ପୂଜା ମଣ୍ଡପରେ ପହଞ୍ଚି ଜଳପୂର୍ଣ୍ଣ କଳସ ସ୍ଥାପନ କରିଥିଲେ। ଶନିବାର ଠାରୁ ମା'ଙ୍କ ପୂଜା ହେବାର କାର୍ଯ୍ୟକ୍ରମ ରହିଛି। ପୂଜା ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା, ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଗାପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବିନିକା,୨୦।୧୦( ରାମ ଗୋପାଳ ବାଘ ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସିଂଘିଜୁବାରେ ଅନୁଷ୍ଠିତ ନବରାତ୍ର ଦୁର୍ଗାପୂଜା ଅବସରରେ ଶୁକ୍ରବାର କୁନି କୁନି ପିଲାମାନଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଞ୍ଜୀବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁର୍ଗାପୂଜା କମିଟିକୁ ଭୂମିଦାନ କରିଥବା ବୁଲୁ କମ୍ପ ଓ ନିଜସ୍ୱ ପାଣ୍ଠିରୁ ମଣ୍ଡପ ତିଆରି କରିଥିବା ରମେଶ ବଣ୍ଡିଙ୍କୁ ଅତିଥି ଭାବରେ ନିମନ୍ତ୍ରଣ କରାଯାଇ ଗ୍ରାମବାସୀଙ୍କ ତରଫରୁ ସମ୍ମାନିତ କରାଯାଇଥିଲା। ଏଥିରେ ଶିକ୍ଷକ ରାଜକୁମାର ମହାକୁର, ଆର୍ତ୍ତତ୍ରାଣ ପଶାୟତ, ରେଡ଼ିଓ ଗୀତିକାର ସୁରେଶ ଦାସ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ପରିପ୍ରେକ୍ଷୀରେ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ୫୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଭାଗ୍ୟଶ୍ରୀ ସାହୁ ପ୍ରଥମ, ବର୍ଷାରାଣୀ ସହେଲା ଦ୍ୱିତୀୟ, ସ୍ନେହାରାଣୀ ସାହୁ ତୃତୀୟ ବିନିକା, ଜୁନିୟରରେ ଜିତେନ୍ଦ୍ର ସାହୁ, ଗ୍ରୁପରେ ବ୍ରଜେଶ୍ୱରୀ ଗ୍ରୁପ ଅସୁରଗଡ଼ ପୁରସ୍କୃତ ହୋଇଥିଲେ। ଦେବାଶିଷ ସାହୁ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ସଞ୍ଜୀବ ସାହୁ, କୋଷାଧ୍ୟକ୍ଷ ବିଦ୍ୟାଧର ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ମା' ମାହେଶ୍ୱରୀ ବାଡ଼ିଯାତ୍ରା ମହୋତ୍ସବ ଉଦ୍‌ଘାଟିତ


ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଅମରପାଲି,୨୦।୧୦(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ଗ୍ରାମ ପଞ୍ଚାୟତର ଷଣ୍ଢା ଗ୍ରାମରେ ମା' ମାହେଶ୍ୱରୀଙ୍କ ତିନିଦିନିଆ ବାଡ଼ି ଯାତ୍ରା ମହୋତ୍ସବ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ମହୋତ୍ସବ କମିଟିର ସଭାପତି ସୁମନ୍ତ ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି, ମୁଣ୍ଡଘାଟ ସରପଞ୍ଚ କିଶନ ଜଗଦଲା, ସାମାଜିକ କର୍ମୀ କିଶୋର ହୋତା, ଯୁଗଳ କିଶୋର ମିଶ୍ର ଯୋଗ ଦେଇଥିଲେ। ପ୍ରଦୀପ ପଧାନ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଧାୟକ ବେହେରା ଲୋକଙ୍କ ଅନୁରୋଧକ୍ରମେ ଏକ ଭଜନ ପରିବେଷଣ କରିଥିଲେ। ସଭା ପରେ ଖୁବେଲ (ଚାରମାଲ)ର ମା' ବୁଢ଼ୀ ଦଣ୍ଡ ଦଳ ଦ୍ୱାରା ଷୋହଳ ସୁଆଙ୍ଗ ଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ବରିଷ୍ଠ ସଦସ୍ୟ ଭକ୍ତରାମ ଖେତି ଧନ୍ୟବାଦ ଅର୍ପଣ କରିଥିଲେ।

**ଷୋହଳ ସୁଆଙ୍ଗ ଦଣ୍ଡ ନୃତ୍ୟ ପରିବେଷଣ**


**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

**ଶୁଦ୍ଧିପତ୍ର**

ନଂ.: ଏସ୍ଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ ସେଲ୍(ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୪, ତାରିଖ: ୨୦।୧୦।୨୦୨୩ । ଆଦ୍ରା ଡିଭିଜନ ନିମନ୍ତେ ଅକ୍ଟୋବର-୨୦୨୩ ମାସର ଇ-ନିଲାମ କାର୍ଯ୍ୟକ୍ରମର ପୁନଃ-ନିର୍ଦ୍ଧାରିତ ସମୟସୂଚୀକୁ ତା୨୫।୧୦।୨୦୨୩ରିଖ ୧୩.୦୧.୦୦ ଘଟିକା ପରିବର୍ତ୍ତେ ତା୨୭।୧୦।୨୦୨୩ରିଖ, ୧୩.୦୧.୦୦ ଘଟିକା ଭାବେ ପଢ଼ାଯିବା ଆବଶ୍ୟକ । ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍ www.ireps.gov.in/e-Auction ପରିଦର୍ଶନ କରନ୍ତୁ ।

**ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ**
(PR-740/C) ଗାର୍ଡେନ୍ ରିଚ୍
**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

---

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଖଣ୍ଡ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଖଣ୍ଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ବାଲୁଖଣ୍ଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ସନ୍ଧ୍ୟାରାଣୀ ମହାପାତ୍ର, ସ୍ୱାମୀ: ଲକ୍ଷ୍ମୀଧର ମହାପାତ୍ର, ୨) ସୀତାକାନ୍ତ ମହାପାତ୍ର, ପିତା: ଲକ୍ଷ୍ମୀଧର ମହାପାତ୍ର/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଲକ୍ଷ୍ମୀଧର ମହାପାତ୍ର, ପିତା: କାଶୀନାଥ ମହାପାତ୍ର, ସମସ୍ତଙ୍କ ଠିକଣା- ସା: ସନାତନ ବିହାର, ପୋଥାଳ ବଗିଚା, ବ୍ରାହ୍ମଣପୋଖରୀ, ବାଲିଘାଟ, ପୁରୀ-୭୫୨୦୦୨ | ଟ.୧୧,୩୫,୫୧୬.୧୭ + ସେବାବଦ ସୁଧ | ୨୬.୦୭.୨୦୨୩ / ୧୯.୧୦.୨୦୨୩ | ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୬୭/୯୦୦୬ (ବସ୍ତି ପ୍ଲଟ୍ ନଂ.: ୩୫), ଖାତା ନଂ.: ୫୨୧/୩୯୭୫, କ୍ଷେତ୍ର: ଏକର୦.୦୨୭ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୪୬୦, ସାବିକ ପ୍ଲଟ୍ ନଂ.: ୩୬୭, ଘରବାରୀ, ସ୍ଥିତିବାନ, ମୌଜା: ବାଲୁଖଣ୍ଡ, ଥାନା: ପୁରୀ ସଦର, ଥାନା ନଂ.: ୧୫୧, ଜିଲ୍ଲା: ପୁରୀ ଯାହାକି ସନାତନ ବିହାର, ପୋଥାଳ ବଗିଚା, ବ୍ରାହ୍ମଣପୋଖରୀ, ବାଲିଘାଟ, ପୁରୀ-୭୫୨୦୦୨ ଠାରେ ଅବସ୍ଥିତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ବସ୍ତି ପ୍ଲଟ୍ ନଂ.: ୩୪, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୩୬, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୪ ଏବଂ ୫ |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୦.୧୦.୨୦୨୩** ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

---

**Government of Odisha "e" procurement Notice**
Letter No. 3572 Dated. 18.10.2023
**Bid Identification No. TENDER ONLINE SNPR-09 OF 2023-24**
No.D-1336

1. Name of the Work : Building Works as per DTCN available in the website. www.tendersodisha.gov.in
2. Total No. of Work : 1 (One) No.
3. Approximate Estimated Cost : Rs. 54.24 lakh
4. Period of Completion : 6 (Six) Calendar months
5. Period and time of availability of bid document in the portal for bidding : 25.10.2023 at 11.00 AM to 03.11.2023 upto 5.00 PM
6. Date and time of opening of Tender : 04.11.2023 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur

(1) Other details can be seen from detailed notice inviting tenders, available in website **www.tendersodisha.gov.in**.
(2) Corrigendum if any shall only be published in the website: www.tenderodisha.gov.in

**Sd./- Superintending Engineer, Rural Works Division, Sonepur**
OIPR-25054/11/0013/2324

---

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO-III, BHUBANESWAR**
bbsrrandb03@yahoo.com
60Estg.No - 7383 Date – 18.10.2023
**Government of Odisha "e"-Procurement Notice No (36) of 2023-24**
No. B-1112 **Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Road Work |
| 2 | Total No. of Works | 1 No. Work |
| 3 | Estimated Cost | ₹ 84,30,000.00 |
| 4 | Class of Contractor | "B" Class Contractor |
| 5 | Period of Completion | 3 (Three) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the Portal | From **26/10/2023 at 1.30 P.M. to 06/11/2023 upto 5.30 P.M.** |
| 8 | Last Date & Time for Receipt of bids in the Portal | **06/11/2023, upto 5.30 P.M.** |
| 9 | Name & Address of the Officer inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal **https://tendersorissa.gov.in**
**N.B: Subsequent corrigendum / addendum if required shall be available in the website as indicated above.**

**Sd./- Superintending Engineer, Bhubaneswar (R&B) Division No III, BBSR**
OIPR-34089/11/0019/2324

---

**GOVERNMENT OF ODISHA** No.O-1326
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
**E-Mail: sencrwangul@yahoo.co.in; Ph.: 06764-236404**
**No. 2623 // Dt.18.10.23**
**e-Procurement Notice for Road Works in Odisha**

1. Name of the work : **Road works.** 2. Total No. of work : **12 Nos.** 3. Estimated Cost : **Rs.244.02 to 1398.16 Lakhs.** 4. Class of Contractor : **As per annexure.** 5. Period of completion : **As per annexure.**
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | **Road Online-AGL- 25/2023-24** | 31.10.23 at 10.00 A.M. | 14.11.23 up to 5.00 P.M. | 13.11.23 upto 1.00 P.M. | 15.11.23 upto 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in.
**OIPR-25180/11/0033/2324** **Sd./-** Chief Construction Engineer, Rural Works Circle, Angul

---

**GOVERNMENT OF ODISHA** No.O-1319
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, NAYAGARH**
**E-Mail: nayagarhrw2@yahoo.in**
**"e"-Procurement Notice for Building Works | Identification No. Online Tender/09/RWD-II/2023-24**

**1.** Name of the work : **Construction of Building Works. 2.** Total Number of works : 3 Nos. **3.** Approx. Estimated Cost: Rs.67.35 to 67.93 lakh. **4.** Class of Contractor: B Class of Contractor. **5.** Period of Completion: 6 Months.
**6.** Other Details.

| Procurement Officer | Bid Identification No. | Availability of Tender online for bidding | | Last Date & Time for seeking Tender Clarification | Date & Time of Opening | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Nayagarh | Online Tender/09/ RWD-II/2023-24 | Dt. 31.10.2023 at 10.00 AM | Dt. 15.11.2023 at 5.00 P.M. | Dt. 15.11.2023 upto 5.00 P.M. | Dt.16.11.2023 at 11.00 A.M. | To be intimated later on |

Further details can be seen from the website www.tendersodisha.gov.in
**OIPR-25144/11/0013/2324** **Sd./- Executive Engineer, R.W. Division-II, Nayagarh**

## ସଂକ୍ଷେପରେ

### ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ବର୍ଷ ପାଳିତ

ଟିଟିଲାଗଡ଼,୨୦।୧୦(ଶରତ ମିଶ୍ର)

ବଲାଙ୍ଗିର ଜିଲା ଟିଟିଲାଗଡ଼ ବ୍ଲକ କାର୍ଯ୍ୟାଳୟଠାରେ କୃଷି ବିଭାଗ, ଓଡ଼ିଶା କ୍ଷୁଦ୍ରଶସ୍ୟ ମିଶନ ଏବଂ ଆଶା ଅନୁଷ୍ଠାନର ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ବର୍ଷ ପାଳିତ ହୋଇଯାଇଛି। ବ୍ଲକ ସଂଯୋଜକ ବିକାଶ ଥପା ଏବଂ ରାଜେଶ କୁମାର ବେହେରା ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ସଞ୍ଜୁକ୍ତା ନାୟକ, ଟିଟିଲାଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା, ଜିଲା ପରିଷଦ ଗୀତା ବିଶି ଏବଂ ଆଶା ଅନୁଷ୍ଠାନର ସମ୍ପାଦକ ସଞ୍ଜିବ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ୧୧ଟି ସ୍ୱୟଂ ସହାୟକ ଦଳର ମହିଳାମାନଙ୍କୁ ମାଣ୍ଡିଆ ଗୁଣ୍ଡ କୁଦୋ ଯନ୍ତ୍ର, ମାଣ୍ଡିଆ ଅମଳ ଯନ୍ତ୍ର ଭଳି ଆଧୁନିକ କୃଷି ଯନ୍ତ୍ରପାତି ବଣ୍ଟନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଚାଷୀମାନଙ୍କୁ କ୍ଷୁଦ୍ରଶସ୍ୟର ଉପକାରିତା ବିଷୟରେ ଅବଗତ କରାଇଥିଲେ। ଚାଷୀମାନଙ୍କୁ କ୍ଷୁଦ୍ରଶସ୍ୟ ଚାଷ କରିବା ପାଇଁ ପ୍ରୋତ୍ସାହନ କରିଥିଲେ।

### ସଇଁତଲା ବ୍ଲକରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଯୋଗଦାନ

ସଇଁତଲା,୨୦।୧୦ (ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବରେ ଦୀର୍ଘ ବର୍ଷ ଧରି ଅବସ୍ଥାପିତ ହୋଇଥିବା ଚନ୍ଦ୍ରମଣୀ ନାଗଙ୍କ ବଦଳି ହୋଇଛି। ଶୁକ୍ରବାର ସଇଁତଲାକୁ ନୂତନ ବିଡ଼ିଓ ଭାବରେ ବିନାୟକ ଭୋଇ ଯୋଗଦେଇଥିଲେ। ତାଙ୍କୁ ନାଗ ଓ ଅନ୍ୟ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହା ପୂର୍ବରୁ ଭୋଇ କଳାହାଣ୍ଡି ଜିଲା ମଦନପୁର ରାମପୁରଠାରେ ବିଡ଼ିଓ ଭାବରେ କାର୍ଯ୍ୟରତ ଥିଲେ।



ରିଆମାଳରେ ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ ହୋଇଛି।

## ସାର୍ବଜନୀନ ଦୁର୍ଗାପୂଜାର ବିଲ୍ୱବରଣ

ରିଆମାଳ, ୨୦।୧୦(ନିରଞ୍ଜନ ବେହେରା)

ରିଆମାଳ ସଦର ମହକୁମାରେ ସାର୍ବଜନୀନ ଦୁର୍ଗାପୂଜା ଧୁମଧାମରେ ତଥା ଆଡମ୍ବରରେ ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମା'ଙ୍କ ପୂଜା ପାଇଁ ବିଲ୍ୱବରଣ ହେବା ସହିତ ଷଷ୍ଠୀ ପୂଜା ଆରମ୍ଭ ହୋଇଥିଲା। ମା'ଙ୍କ ପାଟଖଣ୍ଡାକୁ ନେଇ ମହିଳା କୀର୍ତନ ସହ ରିଆମାଳ ନଗର ପରିକ୍ରମଣ କରାଯାଇଥିଲା। ଚଳିତବର୍ଷ ପୂଜକ ଭାବରେ ଧୁବେଇଧର ନନ୍ଦ ଓ ଚନ୍ଦ୍ରଶେଖର ଶତପଥୀ ଏବଂ କର୍ତ୍ତା ଭାବରେ ଉଦୟନାଥ ବିଶ୍ୱାଳ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। କମିଟି ସଭାପତି ଆଇନଜୀବୀ ପ୍ରମୋଦ ନନ୍ଦ ଓ ସମ୍ପାଦକ ଗାନ୍ଧୀଚରଣ ନାୟକ ତଥା କମିଟିର ସମସ୍ତ ସଦସ୍ୟ ଚଳିତବର୍ଷ ପୂଜା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରୁଛନ୍ତି।



ଦେବଗଡ ସହର ମଠସାହି ସ୍ଥିତ ମା' କନକ ଦୁର୍ଗା ମନ୍ଦିର ନବରାତ୍ର ପୂଜା ଷଷ୍ଠୀ ତିଥିରେ ମା' କନକଦୁର୍ଗାଙ୍କ କାତ୍ୟାୟିନୀ ବେଶ।

## ଫୁଟବଲ ପ୍ରତିଯୋଗିତା: ସିଙ୍ଗୁରୀ ଦଳ ଚାମ୍ପିୟନ

ଦେବଗଡ଼, ୨୦।୧୦(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ଗ୍ରାମପଂଚାୟତର ସୁନାମୁଣ୍ଡା ଗ୍ରାମରେ ମା' ମଙ୍ଗଳା କ୍ଲବ ଆନୁକୂଲ୍ୟରେ ସୁନାମୁଣ୍ଡା ଖେଳ ପଡିଆଠାରେ ଆରମ୍ଭ ହୋଇଥିବା ଦ୍ୱି' ଦିବସୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ବାରକୋଟ ବ୍ଲକର କଲା ଫୁଟବଲ ଦଳ ଓ ସିଙ୍ଗୁରୀ ଫୁଟବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ କଲା ଫୁଟବଲ ଦଳକୁ ପରାସ୍ତ କରି ସିଙ୍ଗୁରୀ ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାର ମ୍ୟାଚଗୁଡିକୁ ରେଫରୀ ଭାବେ ଦେବେନ୍ଦ୍ର ନାୟକ, ପ୍ରଦୀପ ନାୟକ, ମଦନ ପ୍ରଧାନ ଓ ମାନସ ନାୟକ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜକ ମା' ମଙ୍ଗଳା କ୍ଲବର ସଭାପତି ଝସକେତନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ଜିଲା ପରିଷଦ ଜୋନ-୨ ର ସଦସ୍ୟା ପୁଷ୍ପାଞ୍ଜଳୀ ସାମଲ ଓ ସମ୍ମାନିତ ଅତିଥି ଭାବେ ଯୁବ ବିଜେଡି ତିଲେଇବଣି ବ୍ଲକ ସଭାପତି ସୁନୀଲ କୁମାର ସାହୁ ଓ ଉକ୍ତ ଗ୍ରାମର ବରିଷ୍ଠ ନାଗରିକ ହୃଦାନନ୍ଦ ସାହୁ ଯୋଗଦେଇ ଚାମ୍ପିୟନ ସିଙ୍ଗୁରୀ ଫୁଟବଲ ଦଳ ଓ ରନର୍ସ ଅପ କଲା ଫୁଟବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ମା' ମଙ୍ଗଳା କ୍ଲବର ସମ୍ପାଦକ ଆକାଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଆୟୋଜକ ମା' ମଙ୍ଗଳା କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଫୁଟବଲ ପ୍ରତିଯୋଗିତାରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

## ଜବତ ହୋଇଥିବା ୧୩୫ କିଲୋ ଗଞ୍ଜେଇ ନଷ୍ଟ କଲା ପୋଲିସ

ଦେବଗଡ଼, ୨୦।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ପୋଲିସ ଶୁକ୍ରବାର ବିଭିନ୍ନ ସମୟରେ ଜବତ କରିଥିବା ୧୩୫ କିଲୋ ଗଞ୍ଜେଇକୁ ନଷ୍ଟ କରିଥିବା ଜଣାପଡିଛି । ଦୀର୍ଘ ଦିନ ପୂର୍ବେ ଜବତ ହୋଇ ଜିଲାର ଦେବଗଡ, ରିଆମାଳ, ବାରକୋଟ ଏବଂ କୁଣ୍ଢେଇଗୋଲା ଥାନାରେ ପଡିରହିଥିବା ଉକ୍ତ ଗଞ୍ଜେଇକୁ ଖୋର୍ଦ୍ଧା ଜିଲା ଟାଙ୍ଗିଆପଡା ଅଞ୍ଚଳରେ ଥିବା ଡିସପୋଜାଲ ସେଣ୍ଟରରେ ନଷ୍ଟ କରାଯାଇଛି। ଜବତ ଗଞ୍ଜେଇକୁ ନଷ୍ଟ କରାଯିବା ସମୟରେ ଆସିଷ୍ଟାଣ୍ଟ କଲେକ୍ଟର ତପନ କୁମାର ମହନ୍ତ, ଦେବଗଡ ଅବକାରୀ ଅଧୀକ୍ଷିକା ବାସନ୍ତୀ ପ୍ରଭା ନାୟକ, ଡିଏସପି (ଡିଆଇବି) ଅଜୟ ତିର୍କୀ ଓ ଦେବଗଡ ଆଦର୍ଶ ଥାନା ଇନ୍ସପେକ୍ଟର ସରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମରଣମୁହଁରୁ ପୁଅକୁ ଛଡାଇ ଆଣିଲେ ବାପା

ଦେବଗଡ଼, ୨୦।୧୧(ଶଶାଙ୍କ ଶେଖର ଝାଙ୍କର)

ଜଣେ ଯୁବକଙ୍କୁ ମରଣମୁହଁରୁ ଛଡାଇ ଆଣିଛନ୍ତି ତାଙ୍କ ବାପା। ଏଭଳି ଏକ ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ବମ୍ପରଡା ଗ୍ରାମରେ। ସୂଚନା ଅନୁଯାୟୀ ବମ୍ପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟରତ କାଶିନାଥ ବେହେରାଙ୍କ ପୁଅ ନିଖିଳ ବେହେରା (୧୮) ଶୁକ୍ରବାର ପୂର୍ବାହ୍ନରେ ଘରୁ ବାହାରି କେଉଁଆଡେ ଯାଇଥିବାବେଳେ ଅପରାହ୍ନ ପ୍ରାୟ ୧ଟାରେ ତା'ର ୨ ଜଣ ସାଙ୍ଗ ଏକ ବାଇକରେ ଆଣି ତାଙ୍କୁ ଘରେ ଛାଡିଥିଲେ । ଏହି ସମୟରେ ନିଖିଳଙ୍କ ପିତା କାଶିନାଥ ଘର ବାରଣ୍ଡାରେ ଥିବାବେଳେ ଅନ୍ୟ ସଦସ୍ୟ ସଦସ୍ୟା ଘରେ ଅନୁପସ୍ଥିତ ଥିଲେ । ତେବେ କିଛି ସମୟ ପରେ ନିଖିଳ ଘରର ଏକ କୋଠରୀରେ ହଠାତ ପଶିଯାଇ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ । ଏହାର କିଛି ସମୟ ପରେ ଘର ମଧ୍ୟରୁ ଅସ୍ୱାଭାବିକ ଶବ୍ଦ ଶୁଭିବାରୁ ବାରଣ୍ଡାରେ ଥିବା କାଶିନାଥ ନିଖିଳକୁ ଡାକ ପକାଇବା ସହ କ'ଣ ହେଲା ବୋଲି ପଚାରିଥିଲେ। ମାତ୍ର କିଛି ଉତ୍ତର ନ ମିଳିବାରୁ କାଶିନାଥ ଝରକା (ଇଟାରେ ବନ୍ଦ କରାଯାଇଥିବା ଝରକା)ପଟୁ ଦେଖିବାରୁ ନିଖିଳ କୋଠରିରେ ଲାଗିଥିବା ସିଲିଂ ପଙ୍ଖାରେ ଏକ କପଡା ସାହାଯ୍ୟରେ ଫାଶି ଦେଇ ଝୁଲୁଥିବା ଜଣାପଡିଥିଲା। ଫଳରେ କାଶିନାଥ ଉକ୍ତ ଝରକାରୁ ଇଟାଗୁଡିକୁ ହଟାଇ କୋଠରୀ ଭିତରେ ପଶିବା ସହ ନିଖିଳଙ୍କ ବେକରୁ କପଡାଟିକୁ ଖୋଲି ଦେଇଥିଲେ। ଏଥିସହ ପାଖ ପଡୋଶୀଙ୍କୁ ଡାକପକାଇ ସେମାନଙ୍କ ସହାୟତାରେ ନିଖିଳଙ୍କୁ ନିକଟସ୍ଥ ବମ୍ପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ଗୁରୁତର ଅବସ୍ଥାରେ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି। ନିଖିଳଙ୍କ ଆତ୍ମହତ୍ୟା ଉଦ୍ୟମର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ଜଣାପଡି ନାହିଁ।

## ରାସ୍ତାକଡ଼ରୁ ବାରହା ମୃତଦେହ ଉଦ୍ଧାର

ଖପ୍ରାଖୋଲ,୨୦।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ପାଟଣାଗଡ ରାସ୍ତା ଦେଦର୍ହ ଛକ ନିକଟ ରାସ୍ତା କଡ଼ରୁ ହରିଶଙ୍କର ବନବିଭାଗ କର୍ମଚାରୀ ଏକ ବାରହାର ମୃତଦେହ ଶୁକ୍ରବାର ସକାଳେ ଉଦ୍ଧାର କରିଛନ୍ତି। ସୂଚନା ଅନୁସାରେ ବନବିଭାଗ ଏକ ବାରହାର ମୃତଦେହ ପଡ଼ିଥିବା ଜାଣି ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ।

ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ

ଶୁଦ୍ଧିପତ୍ର

ନଂ.: ଏସ୍ଇଆର୍/ଏଚ୍କ୍ୟୁ-ଏସ୍ଟିଓଆର୍ଂ ସେଲ୍(ଡିଏସ୍ପିଏଲ୍)/୪/୨୦୨୩-ସେଲ୍/୪, ତାରିଖ: ୨୦।୧୦।୨୦୨୩ । ଆଦ୍ରା ଡିଭିଜନ ନିମନ୍ତେ ଅକ୍ଟୋବର-୨୦୨୩ ମାସର ଇ-ନିଲାମ କାର୍ଯ୍ୟକ୍ରମର ପୁନଃ-ନିର୍ଦ୍ଧାରିତ ସମୟସୂଚୀକୁ ତା୨୫।୧୦।୨୦୨୩ରିଖ ୧୩.୦୧.୦୦ ଘଟିକା ପରିବର୍ତ୍ତେ ତା୨୭।୧୦।୨୦୨୩ରିଖ, ୧୩.୦୧.୦୦ ଘଟିକା ଭାବେ ପଢ଼ାଯିବା ଆବଶ୍ୟକ । ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍ସାଇଟ୍ www.ireps.gov.in/e-Auction ପରିଦର୍ଶନ କରନ୍ତୁ ।

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
(PR-740/C) ଗାର୍ଡେନ୍ ରିଚ୍
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**Government of Odisha "e" procurement Notice**

Letter No. 3572 Dated. 18.10.2023

**Bid Identification No. TENDER ONLINE SNPR-09 OF 2023-24**

No.D-1336

1. Name of the Work : Building Works as per DTCN available in the website. www.tendersodisha.gov.in
2. Total No. of Work : 1 (One) No.
3. Approximate Estimated Cost : Rs. 54.24 lakh
4. Period of Completion : 6 (Six) Calendar months
5. Period and time of availability of bid document in the portal for bidding : 25.10.2023 at 11.00 AM to 03.11.2023 upto 5.00 PM
6. Date and time of opening of Tender : 04.11.2023 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur

(1) Other details can be seen from detailed notice inviting tenders, available in website **www.tendersodisha.gov.in**.
(2) Corrigendum if any shall only be published in the website: www.tenderodisha.gov.in

**Sd./- Superintending Engineer, Rural Works Division, Sonepur**
OIPR-25054/11/0013/2324

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO-III, BHUBANESWAR**
bbsrrandb03@yahoo.com

60Estg.No - 7383 Date – 18.10.2023

**Government of Odisha "e"-Procurement Notice No (36) of 2023-24**

No. B-1112 **Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Road Work |
| 2 | Total No. of Works | 1 No. Work |
| 3 | Estimated Cost | ₹ 84,30,000.00 |
| 4 | Class of Contractor | "B" Class Contractor |
| 5 | Period of Completion | 3 (Three) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the Portal | From **26/10/2023 at 1.30 P.M. to 06/11/2023 upto 5.30 P.M.** |
| 8 | Last Date & Time for Receipt of bids in the Portal | **06/11/2023, upto 5.30 P.M.** |
| 9 | Name & Address of the Officer inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal **https://tendersorissa.gov.in**

**N.B: Subsequent corrigendum / addendum if required shall be available in the website as indicated above.**

**Sd./- Superintending Engineer,**
**Bhubaneswar (R&B) Division No III, BBSR**
OIPR-34089/11/0019/2324

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଖଣ୍ଡ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଖଣ୍ଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ବାଲୁଖଣ୍ଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ବନ୍ଧକଦାତାମାନେ: ୧) **ସନ୍ଧ୍ୟାରାଣୀ ମହାପାତ୍ର,** ସ୍ୱାମୀ: ଲକ୍ଷ୍ମୀଧର ମହାପାତ୍ର, **୨) ସୀତାକାନ୍ତ ମହାପାତ୍ର,** ପିତା: ଲକ୍ଷ୍ମୀଧର ମହାପାତ୍ର/**କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଲକ୍ଷ୍ମୀଧର ମହାପାତ୍ର,** ପିତା: କାଶୀନାଥ ମହାପାତ୍ର, ସମସ୍ତଙ୍କ ଠିକଣା- ସା: ସନାତନ ବିହାର, ପୋଥାଳ ବଗିଚା, ବ୍ରାହ୍ମଣପୋଖରୀ, ବାଲିଘାଟ, ପୁରୀ-୭୫୨୦୦୨ | ଟ.୧୧,୩୫,୫୯୬.୧୭ + ସେବାବଦ ସୁଧ | ୨୬.୦୭.୨୦୨୩ / ୧୯.୧୦.୨୦୨୩ | ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୬୭/୯୦୦୬ (ବସ୍ତି ପ୍ଲଟ୍ ନଂ.: ୩୫), ଖାତା ନଂ.: ୫୨୧/୩୯୭୫, କ୍ଷେତ୍ର: ଏକର୦.୦୨୭ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୪୬୦, ସାବିକ ପ୍ଲଟ୍ ନଂ.: ୩୬୭, ଘରବାରୀ, ସ୍ଥିତିବାନ, ମୌଜା: ବାଲୁଖଣ୍ଡ, ଥାନା: ପୁରୀ ସଦର, ଥାନା ନଂ.: ୧୫୧, ଜିଲ୍ଲା: ପୁରୀ ଯାହାକି ସନାତନ ବିହାର, ପୋଥାଳ ବଗିଚା, ବ୍ରାହ୍ମଣପୋଖରୀ, ବାଲିଘାଟ, ପୁରୀ-୭୫୨୦୦୨ ଠାରେ ଅବସ୍ଥିତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ବସ୍ତି ପ୍ଲଟ୍ ନଂ.: ୩୪, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୩୬, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୪ ଏବଂ ୫ |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୦.୧୦.୨୦୨୩** ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**GOVERNMENT OF ODISHA** No.O-1326
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
**E-Mail: sencrwangul@yahoo.co.in; Ph.: 06764-236404**
**No. 2623 // Dt.18.10.23**

**e-Procurement Notice for Road Works in Odisha**

1. Name of the work : **Road works.** 2. Total No. of work : **12 Nos.** 3. Estimated Cost : **Rs.244.02 to 1398.16 Lakhs.** 4. Class of Contractor : **As per annexure.** 5. Period of completion : **As per annexure.**
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | **Road Online-AGL- 25/2023-24** | 31.10.23 at 10.00 A.M. | 14.11.23 up to 5.00 P.M. | 13.11.23 upto 1.00 P.M. | 15.11.23 upto 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in.

**OIPR-25180/11/0033/2324** **Sd./-** Chief Construction Engineer, Rural Works Circle, Angul

**GOVERNMENT OF ODISHA** No.O-1319
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, NAYAGARH**
**E-Mail: nayagarhrw2@yahoo.in**

**"e"-Procurement Notice for Building Works | Identification No. Online Tender/09/RWD-II/2023-24**

**1.** Name of the work : **Construction of Building Works. 2.** Total Number of works : 3 Nos. **3.** Approx. Estimated Cost: Rs.67.35 to 67.93 lakh. **4.** Class of Contractor: B Class of Contractor. **5.** Period of Completion: 6 Months.
**6.** Other Details.

| Procurement Officer | Bid Identification No. | Availability of Tender online for bidding | | Last Date & Time for seeking Tender Clarification | Date & Time of Opening | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Nayagarh | Online Tender/09/RWD-II/2023-24 | Dt. 31.10.2023 at 10.00 AM | Dt. 15.11.2023 at 5.00 P.M. | Dt. 15.11.2023 upto 5.00 P.M. | Dt.16.11.2023 at 11.00 A.M. | To be intimated later on |

Further details can be seen from the website www.tendersodisha.gov.in

**OIPR-25144/11/0013/2324** **Sd./- Executive Engineer, R.W. Division-II, Nayagarh**

## ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଜୟ ମା' ଦୁର୍ଗା କ୍ଲବ ଆନୁକୂଲ୍ୟରେ ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ମୁହୂର୍ତ୍ତ।

ଦେବଗଡ଼, ୨୦।୧୧(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଲଇମୁରା ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଉକ୍ତ ଗ୍ରାମର ଜୟ ମା' ଦୁର୍ଗା କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ୨ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜୟ ମା' ଦୁର୍ଗା କ୍ଲବର ସଭାପତି ଦେବେନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ରମ ଯୋଗଦେଇ ଫିତାକାଟି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଝରାଗୋଗୁଆ ଫୁଟବଲ ଦଳ ଓ ଗୁଲୁମୁଣ୍ଡା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଗୁଲୁମୁଣ୍ଡା ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୫-୩ ଗୋଲରେ ପରାସ୍ତ କରି ଝରାଗୋଗୁଆ ଫୁଟବଲ ଦଳ ବିଜୟୀ ହୋଇଥିଲା। ଆଜିର ଉଦଘାଟନୀ ମ୍ୟାଚରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସମ୍ପାଦକ ଅନିଲ ଲାକ୍ରା, ଅନନ୍ତ ଦାସ, ଅମ୍ରିତ ହାଁସଦା ଓ ରିପନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସମ୍ପାଦକ ଦୀପକ ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଥିବା ଜଣାପଡିଛି।

**ସଂକ୍ଷେପରେ**

## ମାନସିକ ବିକୃତ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

ଖଇରା, ୨୦।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଜଣେ ମାନସିକ ବିକୃତ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଖଇରା ପୋଲିସ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ଥାନାରେ ଅଟକ ରଖିଛି। ଶୁକ୍ରବାର ସକାଳେ ଉକ୍ତ ନାବାଳିକା ଘରେ ଏକୁଟିଆ ଥିବା ବେଳେ ତରାଙ୍ଗ ଛକରେ ସାଇକେଲ ଦୋକାନ କରିଥିବା ଏହି ଯୁବକ ଜଣକ କୁକୁଡା ଆଣିବା ବାହାନାରେ ଘରେ ପଶି ବଳାତ୍କାର କରିବା ପରେ ଅଚେତ ଅବସ୍ଥାରେ ଛାଡି ପଳାଇଯାଇଥିଲେ। ହେଲେ ତାଙ୍କ ପାଖରେ ମୋବାଇଲ ଫୋନକୁ ଭୁଲ୍‌ରେ ଛାଡି ଚାଲିଯାଇଥିଲେ। ସେ ବାଇକ୍ ଷ୍ଟାର୍ଟ କରି ଯିବା ସମୟରେ ଗାଁଲୋକେ ତାଙ୍କୁ କାବୁ କରି ନେଇଥିଲେ। ପୋଲିସକୁ ଖବର ଦିଆଯିବା ପରେ ପୋଲିସର ଏକ ଟିମ୍ ଗାଁକୁ ଯାଇ ଯୁବକଙ୍କୁ ଧରି ଥାନାକୁ ଆଣିଛି। ଖଇରା ପୋଲିସ ତଦନ୍ତ ଜାରି ରଖିଛି। ସେପଟେ ନ୍ୟାୟ ଦାବିରେ ଦିବ୍ୟାଙ୍ଗ ନାବାଳିକାଙ୍କ ପରିବାର ଓ ସମ୍ପୃକ୍ତ ଗ୍ରାମର ବାସିନ୍ଦା ଥାନା ଅଧିକାରୀଙ୍କୁ ଭେଟିଛନ୍ତି।

# ୪ ହଜାର ବୋତଲ କଫ ସିରପ୍ ଜବତ, ୬ ଗିରଫ

## ୩୪ ହଜାର ଟଙ୍କା, କାର୍, ପିକ୍‌ଅପ୍, ବାଇକ୍ ଜବତ

ବଲାଙ୍ଗୀର,୨୦।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

କଫ ସିରପ୍ ଚୋରାଚାଲାଣ କରୁଥିବା ଏକ ଗୋଷ୍ଠୀକୁ ବଲାଙ୍ଗୀର ଟାଉନ୍ ପୋଲିସ ଟିମ୍ ଶୁକ୍ରବାର ଭୋର ୬ଟାରେ କାବୁ କରିଛି। ସେମାନଙ୍କଠାରୁ ୪ ହଜାର ବୋତଲ କଫ ସିରପ୍ ଜବତ କରାଯାଇଛି। ଏଥିସହ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ କଫ ସିରପ୍ ବୋଝେଇ ଏକ ମହିନ୍ଦ୍ରା ପିକ୍‌ଅପ୍ (ଓଡି ୧୭ ଏସ୍ ୧୮୯୩), ଏକ କାର (ଓଡି ୧୭ ଡି ୦୮୮୮) ଏବଂ ଏକ ବାଇକ୍ (ଓଡି ୩୧ ଏ ୭୩୯୨)କୁ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ପୁଇଁତଲା ଥାନା ଭୁର୍ଷିପାଲି ଗାଁର ରଞ୍ଜନ ସ୍ୱାଇଁ, ରମାକାନ୍ତ ସ୍ୱାଇଁ, କୁଲଥିପାଲି ଗାଁର ପଦ୍ମନାଭ ଓରଫ୍ ପିଙ୍କୁ ପ୍ରଧାନ, ଟାଉନ୍ ଥାନା ହାତୀଶାଳପଡ଼ାର ପରମେଶ୍ୱର ଖର୍ସେଲ, ସୁବାଶିଷ ବଘାର ଓରଫ୍ ଶୁଭ, ଲୋଇସିଂହା ଥାନା ବୁର୍ଡା ଗାଁର ଶିବାଶିଷ ଅଭିଜିତ୍ ବଘାର। ଟାଉନ୍ ଥାନାରେ ଏନେଇ ଏକ ମାମଲା (ନଂ. ୫୭୦/୨୩) ରୁଜୁ କରାଯାଇଛି।




ଜବତ କଫ ସିରପ୍ ବୋଝେଇ ଗାଡ଼ି ଓ ବାଇକ୍।



ଗିରଫ ୬ ଅଭିଯୁକ୍ତ।

ବଲାଙ୍ଗୀର ଏସ୍‌ପି ଋଷିକେଶ ଡି ଖିଲାରି ଅପରାହ୍ନରେ ଟାଉନ୍ ଥାନାରେ ଏକ ଖବରଦାତା ସମ୍ମିଳନୀ ଡାକି କଫ ସିରପ୍ ଚୋରାଚାଲାଣ ସମ୍ପର୍କରେ ସୂଚନା ଦେଇଛନ୍ତି। ବଲାଙ୍ଗୀର ସହରର ଏହି ଗୋଷ୍ଠୀ କଫ ସିରପ୍ ଚୋରାଚାଲାଣ କରୁଥିବା ନେଇ ପୋଲିସକୁ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଥିଲା। ଗାଡ଼ିରେ କଫ ସିରପ୍ ଚୋରାଚାଲାଣ ହେଉଥିବା ଜାଣିବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ପୋଲିସ ଟିମ୍ ସମ୍ବଲପୁର ରାସ୍ତାର ରିଲାଏନ୍ସ ପେଟ୍ରୋଲ ପମ୍ପ ପଟକୁ ଧାଇଁ ସେଠାରେ ମହିନ୍ଦ୍ରା ପିକ୍‌ଅପ୍ ଗାଡ଼ି ସହ ଏକ କାର ଏବଂ ଏକ ବାଇକ୍‌କୁ ସନ୍ଦେହରେ ଅଟକାଇଥିଲା। ପରେ ସେହି ଗାଡ଼ିରୁ ୪ ହଜାର ବୋତଲ କଫ ସିରପ୍ ଜବତ କରାଯାଇଥିଲା। ବଲାଙ୍ଗୀରରୁ ବରଗଡ଼ ଓ ସମ୍ବଲପୁର ଜିଲାକୁ ଏହି କଫ ସିରପ୍ ଚାଲାଣ ହେଉଥିବା ଜଣାପଡ଼ିଛି। ବଲାଙ୍ଗୀର ଏସ୍‌ପି ସୂଚନା ଦେଇଛନ୍ତି ଯେ, କଫ ସିରପ୍ ଓ ଅନ୍ୟାନ୍ୟ ନିଶା କାରବାର ବିରୋଧରେ ପୋଲିସର ଅଭିଯାନ ଜାରି ରହିବ। କିଭଳି ବଲାଙ୍ଗୀର ଜିଲା ମଧ୍ୟକୁ କଫ ସିରପ୍ ଚୋରାଚାଲାଣ ବନ୍ଦ ହେବ, କେଉଁ ଜିଲାରୁ ଏଠାକୁ କଫ ସିରପ୍ ଆସୁଛି ତା' ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ନିଶା ସେବନରୁ ଯୁବତୀ ଯୁବକ ଏବଂ ଜନସାଧାରଣ କିଭଳି ଦୂରରେ ରହିବେ ଏବଂ ସ୍କୁଲ କଲେଜରେ କିଭଳି ପୋଲିସ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯିବ ସେନେଇ ଏସ୍‌ପି ଖିଲାରି ସୂଚନା ଦେଇଥିଲେ।

# ଲୋକଙ୍କୁ ଦିଆଯିବ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

ରାଜ୍ୟର ବ୍ଲକ, ପଞ୍ଚାୟତ ଓ ଗ୍ରାମ୍ୟ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଯୋଜନା କାର୍ଯ୍ୟକାରୀ କରାଯିବ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସହ ବିଜୁଳି ଓ ବଜ୍ରପାତ ଆଦି ବିପତ୍ତିର ପରିଚାଳନା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ବିଜୁଳି ଓ ବଜ୍ରପାତରେ ଅଧିକ ମୃତାହତ ହେଉଥିବା ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ବାଲେଶ୍ୱର, କଟକ, ସୁନ୍ଦରଗଡ଼, ନବରଙ୍ଗପୁର, ଯାଜପୁର, ବଲାଙ୍ଗୀର, କୋରାପୁଟ ଆଦି ୧୦ ଜିଲାରେ ସତର୍କତା ସମ୍ପର୍କରେ ଜନସାଧାରଣଙ୍କୁ ପ୍ରଶିକ୍ଷଣ ଦିଆଯିବ। ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ଜିଲାରେ ଏହି କାର୍ଯ୍ୟକ୍ରମ ଚାଲିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଗୁରୁବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି।

ଲୋକସେବା ଭବନଠାରେ ଅନୁଷ୍ଠିତ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ର ୩୬ତମ ପରିଚାଳନା କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ସମସ୍ତ ବିଦ୍ୟାଳୟରେ ବଜ୍ରପାତ ନିରୋଧୀ ବ୍ୟବସ୍ଥା (ଲାଇଟନିଂ ଆରେଷ୍ଟର) ରଖାଯିବ ଓ ଏହାର କାର୍ଯ୍ୟକାରିତା ତଦାରଖ କରାଯିବ। ବଜ୍ରପାତ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀଶିକ୍ଷକ ସଚେତନ କରିବେ।

**ଓସ୍‌ଡମା ପରିଚାଳନା କମିଟି ବୈଠକ**

ଫାୟାର ଆଲାର୍ମ ବ୍ୟବସ୍ଥା ସହ ଅଗ୍ନିଶମ ବିଭାଗ ତରଫରୁ ମକ୍‌ଡ୍ରିଲ୍ କରାଯିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ସେହିଭଳି ଭୂକମ୍ପ, ପାଣିରେ ବୁଡିଯିବା, ସାପ କାମୁଡ଼ା ଭଳି ଆକସ୍ମିକ ବିପର୍ଯ୍ୟୟ ଓ ଦୁର୍ଘଟଣାର ତୁରନ୍ତ ଓ ତ୍ୱରିତ ମୁକାବିଲା ନେଇ ସଚେତନ କରିବା ପାଇଁ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଆଶ୍ରୟସ୍ଥଳୀରେ ବଜ୍ରପାତ ନିରୋଧୀ ବ୍ୟବସ୍ଥା କାର୍ଯ୍ୟକ୍ଷମ ରଖିବା, କାର୍ଯ୍ୟକ୍ଷମ ନଥିବା କରତ ଓ ଟାୱାର ଆଲୋକ ସବୁକୁ ଅପସାରଣ କରାଯିବ। ବଜ୍ରପାତ ସମ୍ପର୍କରେ ଜନସାଧାରଣଙ୍କୁ ମୋବାଇଲ ବାର୍ତ୍ତା ପଠାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସରକାରୀ କର୍ମଚାରୀଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ ପ୍ରଦାନ, ବିପର୍ଯ୍ୟୟ ସମ୍ପର୍କରେ ପୂର୍ବାନୁମାନ ଓ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା କଥା ଆଲୋଚନା ହୋଇଛି। ଶିକ୍ଷାନୁଷ୍ଠାନରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ସତ୍ୟବ୍ରତ ସାହୁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ଉପସ୍ଥିତ ଥିଲେ।

## ୨ ଦୋଷୀଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ

### ନାବାଳିକାଙ୍କୁ ଅସଦାଚରଣ ମାମଲା

କେନ୍ଦୁଝର,୨୦।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସ୍ୱତନ୍ତ୍ର କୋର୍ଟ (ପୋକ୍‌ସୋ) ବିଚାରପତି ବିଜୟ କୁମାର ମିଶ୍ର ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ୨ଜଣଙ୍କୁ ୨ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ଆଦେଶ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଡିସେମ୍ବର ୧୬ରେ ଏକ ନମ୍ବର ବିହୀନ ଗାଡ଼ିରେ କରଞ୍ଜିଆ ଥାନା ଅଞ୍ଚଳର ବୁଲୁ ପାତ୍ର ଓ ରୁଦ୍ର ଦେହୁରୀ ଆସି ପୀଡ଼ିତାଙ୍କୁ ଅପହରଣ ଉଦ୍ୟମ ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ପୀଡ଼ିତାଙ୍କ କକା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ତୁରୁମୁଙ୍ଗା ପୋଲିସ ଏକ ମାମଲା (ନଂ. ୧୨୨/୧୫) ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପୂର୍ବକ ଚାର୍ଜସିଟ ଦାଖଲ କରିଥିଲା। ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତକୁ ଭିତ୍ତି କରି ବିଚାରପତି ଉକ୍ତ ରାୟ ପ୍ରକାଶ କରିଥିବା ପୀଡ଼ିତାଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ପ୍ରକାଶ କରିଛନ୍ତି।

## ପଶ୍ଚିମବଙ୍ଗରେ ପୂଜା ପେଣ୍ଡାଲ ବୁଲିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ପଶ୍ଚିମବଙ୍ଗର ଦୁର୍ଗାପୂଜା ପର୍ବରେ ସାମିଲହୋଇ ବିଭିନ୍ନ ପୂଜା ପେଣ୍ଡାଲ ବୁଲିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଦୁର୍ଗାପୂଜା କେବଳ ଏକ ପର୍ବ ନୁହେଁ ବରଂ ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ ଏବଂ ପଶ୍ଚିମବଙ୍ଗର ଲୋକଙ୍କ ଜୀବନଶୈଳୀ, ସଂସ୍କାର ଓ ସଂସ୍କୃତିର ଅଭିନ୍ନ ଅଙ୍ଗ। ଦୁର୍ଗାପୂଜା ଧାର୍ମିକ ଉତ୍ସବ ନୁହେଁ ବରଂ ସାମାଜିକ ସରସତାର ପ୍ରତୀକ। କଳା ଓ ସଂସ୍କୃତିକୁ ପ୍ରସ୍ଫୁଟିତ କରିବାର ମହାନ୍ ଅବସର। କୋଲକାତା ଦୁର୍ଗାପୂଜା ମେଢ଼ଗୁଡ଼ିକ ଆକର୍ଷଣୀୟ। ଦୁର୍ଗାପୂଜା କୋଲକାତାକୁ ରଙ୍ଗ, ସଂସ୍କୃତି, ଖାଦ୍ୟ ଏବଂ ସାମୂହିକ ସଦ୍‌ଭାବନାର ଏକ ବଡ଼ କ୍ୟାନ୍‌ଭାସରେ ପରିଣତ କରିଥାଏ। ସନ୍ତୋଷ ମିତ୍ର ସ୍କୋୟାର ପୂଜା ପେଣ୍ଡାଲରେ ଦେବୀ ଦୁର୍ଗାଙ୍କ ସହ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିକୁ ଦର୍ଶନକରି ସେ କହିଛନ୍ତି, ଅଯୋଧ୍ୟା ରାମମନ୍ଦିରରୁ ପ୍ରେରିତ ଏହି ପେଣ୍ଡାଲ ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଠାରେ ଶୋଭାପାଉଥିବା ଧ୍ୱଜା ମହାପ୍ରଭୁ ଶ୍ରୀଜଗନ୍ନାଥ ଧାମ ପୁରୀରୁ ଆସିଥିବା ଜାଣି କେନ୍ଦ୍ରମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ଏହି ମହାପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣୁ ବୋଲି ସେ ପ୍ରାର୍ଥନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ନର୍ଥ କୋଲକାତାର ତାଲା ବାୱାରୀ, ଶୋଭାବଜାର ରାଜବାଡି ଦୁର୍ଗାପୂଜା, କାଲି ଖତିକ୍ ଏବଂ ଦକ୍ଷିଣ କୋଲକାତାର ସେଭେନ୍ ତାରା ଚାନ୍ଦ ଦତ୍ତ ଷ୍ଟ୍ରିଟ୍ ଠାରେ ଥିବା ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ଦର୍ଶନ କରିଛନ୍ତି।



# ପିପିଏରେ ନିବେଶ ହେବ ୯ ହଜାର କୋଟି ଟଙ୍କା

ପାରାଦୀପ,୨୦।୧୦(ଶରତ ରାଉତ)

**ମାରିଟାଇମ୍ ଅମୃତକାଳ ସମ୍ମିଳନୀ**

**୩ ବର୍ଥ ଯାନ୍ତ୍ରିକୀକରଣ ହେବ**

ମୁମ୍ବାଇରେ ଗତ ୧୭ରୁ ଚାଲିଥିବା ୩ ଦିନିଆ ମାରିଟାଇମ୍ ଅମୃତକାଳ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ଏହି ଅବସରରେ କୁହାଯାଇଥିଲା, ୨୦୪୭ ସୁଦ୍ଧା ମାରିଟାଇମ୍‌ର କଳେବର ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ଅମୃତକାଳ ମଧ୍ୟରେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ପୁଞ୍ଜି ନିବେଶ ହେବ ବୋଲି ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିରେ ପିପିଏ (ପାରାଦୀପ ପୋର୍ଟ ଅଥରିଟି)ର ନୂତନ ପ୍ରକଳ୍ପ ନିମନ୍ତେ ୯ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏ ସବୁ ପ୍ରକଳ୍ପ ମଧ୍ୟରେ ୧୦ ନିୟୁତ କ୍ଷମତାବିଶିଷ୍ଟ ଲୁହାପଥର ବୋଝେଇ ଖଲାସ ବର୍ଥ ରହିଛି। ଏହା ବିଓଟି (ବିଲ୍ଡ ଅପରେଟ୍ ଟ୍ରାନ୍ସଫର) ବେସିସ୍‌ରେ ହେବ। ଏଥିପାଇଁ ୬୫୫.୫୬ କୋଟି ଟଙ୍କା ପୁଞ୍ଜି ନିବେଶ ହେବ। ସେହିପରି ୧୪୩୭.୭୬ କୋଟି ଟଙ୍କା ବ୍ୟୟରେ ଇକ୍ୟୁ ୧,୨,୩ ନମ୍ବର ବର୍ଥକୁ ଯାନ୍ତ୍ରିକୀକରଣ କରାଯିବ। ଏହାଦ୍ୱାରା ବାର୍ଷିକ ୩୦ ନିୟୁତ ଟନ୍ ପଣ୍ୟ କାରବାର ହେବ। କୋଇଲା ବର୍ଥ ପାଇଁ ୬୫୫.୫୬ କୋଟି ଟଙ୍କା, ୮୨ କିମି ପାରାଦୀପ ହରିଦାସପୁର ରେଳଲାଇନ ବିକାଶ ପାଇଁ ୩୨୦୦ କୋଟି ଟଙ୍କା ଏବଂ ୱେଷ୍ଟର୍ନ ଡକ୍ ପାଇଁ ୩୦୦୪ କୋଟି ଟଙ୍କା ବ୍ୟୟ ହେବ। ଏହି ମାରିଟାଇମ୍ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୀୟୂଷ ଗୋୟେଲ, ସର୍ବାନନ୍ଦ ସୋନୱାଲ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ, କେନ୍ଦ୍ର ରାଜ୍ୟମନ୍ତ୍ରୀ ଶ୍ରୀପଦ ନାୟକ, ଶାନ୍ତନୁ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାରାଦୀପ ବନ୍ଦର କେତେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କୃତ ହୋଇଥିଲା। ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ, ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା କେନ୍ଦ୍ରମନ୍ତ୍ରୀ ଗୋୟେଲଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।




କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟେଲଙ୍କଠାରୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ପୁରସ୍କାର ଗ୍ରହଣ କରୁଛନ୍ତି।

## ଶକ୍ତି ବିଭାଗ ଦାୟିତ୍ୱରୁ ନିକୁଞ୍ଜ ଧଳଙ୍କୁ ଅବ୍ୟାହତି

**ବିଶାଳ ଦେବଙ୍କୁ ଅତିରିକ୍ତ ଦାୟିତ୍ୱ**

ଭୁବନେଶ୍ୱର,୨୦।୧୦(ଅନିଲ ଦାସ)

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କୁ ଶକ୍ତି ବିଭାଗ ଏବଂ ଗ୍ରୀଡକୋ ଅଧ୍ୟକ୍ଷ ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ତାଙ୍କ ସ୍ଥାନରେ ଅର୍ଥ ବିଭାଗ ପ୍ରମୁଖ ସଚିବ ତଥା ଓଡିଶା ଜଳ ବିଦ୍ୟୁତ ନିଗମ(ଓଏଚପିସି) ଚେୟାରମ୍ୟାନ ଥିବା ବିଶାଳ କୁମାର ଦେବଙ୍କୁ ଶକ୍ତି ବିଭାଗ ସହିତ ଗ୍ରୀଡକୋ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଅତିରିକ୍ତ ଦାୟିତ୍ୱରେ ନ ରଖିବା ପାଇଁ ଭାରତର ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି।

# ନଭେମ୍ବର ପହିଲାରୁ ଗହୀରମଥାରେ କଟକଣା

କେନ୍ଦ୍ରାପଡ଼ା,୨୦।୧୦(ଜଗନ୍ନାଥ ଧଳ)

ଆଗାମୀ କିଛିଦିନ ମଧ୍ୟରେ ବିରଳ ଅଲିଭ ରିଡ୍‌ଲେ କଇଁଛ ବିଶ୍ୱପ୍ରସିଦ୍ଧ ଗହୀରମଥାରେ ଚଳପ୍ରଚଳ ହେବେ। ଅନୁକୂଳ ପାଗ ଓ ପରିବେଶ ଥିଲେ ଏହି ପ୍ରଜନନସ୍ଥଳ ଲକ୍ଷ ଲକ୍ଷ ଶାବକରେ ପରିପୂର୍ଣ୍ଣ ହେବ। ବିରଳ କଇଁଛଙ୍କ ସୁରକ୍ଷା ପାଇଁ ଗହୀରମଥାର ସାମୁଦ୍ରିକ ଅଞ୍ଚଳ ଆସନ୍ତା ନଭେମ୍ବର ପହିଲାରୁ ମେ' ଶେଷ ପର୍ଯ୍ୟନ୍ତ କଟକଣା ରହିବ। ଏହି କଟକଣା ଅଲିଭ ରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଦେଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବୀ ଏଥିରେ ଥିବା କେତେକ ସମସ୍ୟା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମୁଦ୍ର ମଧ୍ୟରେ ୨୦ କିମି ସୀମାରେଖା ଥିଲେ ମଧ୍ୟ ଏହାର ବାସ୍ତବିକ ଚିହ୍ନଟ ବ୍ୟବସ୍ଥା କରାଯାଉନାହିଁ। ସେହିପରି ବିଭିନ୍ନ ସମୟରେ ଏହି ସୀମାରେଖା ପାଇଁ ବନ ବିଭାଗ, ତଟରକ୍ଷୀ ବାହିନୀ ସହିତ ମତ୍ସ୍ୟଜୀବୀଙ୍କ ମତଭେଦ ସୃଷ୍ଟି ହେଉଛି। ଏପରିକି ସମୁଦ୍ର ମଝିରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏକ ସୀମିତ ଓ ନିର୍ଦ୍ଦିଷ୍ଟ ଅଞ୍ଚଳ ହୋଇଥିବାରୁ ସମୁଦ୍ରର ସୀମାରେଖା ପାଇଁ ଅଧିକ ସଂଖ୍ୟକ ବଇଁଆ (ପ୍ଲାଷ୍ଟିକର ଭାସମାନ ବଲ ସମୂହ) ବ୍ୟବହାର ପାଇଁ ମତ୍ସ୍ୟଜୀବୀ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ମତ୍ସ୍ୟଜୀବୀ ସଙ୍ଗଠନର କର୍ମକର୍ତ୍ତା ଅର୍ଜୁନ ମଣ୍ଡଳ, ସୁମନ୍ତ ବିଶ୍ୱାଳ, ରତ୍ନାକର ଦାସ ପ୍ରମୁଖ କହିଛନ୍ତି, କଇଁଛଙ୍କ ପାଇଁ ଗହୀରମଥାରେ ୭ମାସ ଧରି କଟକଣା ଜାରି କରାଯାଉଛି। ଏହି ସମୟରେ ମହାନଦୀ ମୁହାଣରୁ ଧାମରା ପର୍ଯ୍ୟନ୍ତ ସମୁଦ୍ର ତଟଠାରୁ ୨୦ କିଲୋମିଟର ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ମନା ହେଉଛି। ତେବେ ୨୦ କିମିର ସୀମାରେଖାର ବ୍ୟାପକ ଚିହ୍ନଟ ବ୍ୟବସ୍ଥା ବନ ବିଭାଗ କରୁନାହାନ୍ତି। ଫଳରେ ମତ୍ସ୍ୟଜୀବୀଙ୍କ ସହ ସୁରକ୍ଷାବଳର ମତଭେଦ ହେଉଛି। ଏହିପରି ଏକ ଘଟଣାରେ ସମୁଦ୍ର ତଟରକ୍ଷୀ ବାହିନୀ ସହିତ ସଂଘର୍ଷ ସମୟରେ ବାଲେଶ୍ୱରର ଜଣେ ମତ୍ସ୍ୟଜୀବୀଙ୍କର ସମୁଦ୍ର ମଝିରେ ମୃତ୍ୟୁ ହୋଇଛି। ଏପରି ଗୁଳି ବିନିମୟରେ ପୂର୍ବରୁ ମଧ୍ୟ ୩ ମତ୍ସ୍ୟଜୀବୀ ଓ ଜଣେ ବନ କର୍ମଚାରୀ ପ୍ରାଣ ହରାଇଛନ୍ତି। ସେହିପରି ସୀମାରେଖା ଚିହ୍ନଟ ହେଉ ନ ଥିବାରୁ ବିଭିନ୍ନ ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷୀ ବାହିନୀର ଆକ୍ରୋଶର ଶିକାର ହେଉଛନ୍ତି। ପ୍ରତିବର୍ଷ ୫ରୁ ଅଧିକ ଗିରଫ ହେଉଛନ୍ତି। ସୀମା ଚିହ୍ନଟ ଦ୍ୱାରା ଏହାର ସମାଧାନ ହୋଇପାରିବ। ସେହିପରି ସ୍ଥାନୀୟ ଅଧିବାସୀ ସାମୁଦ୍ରିକ ମାଛ ଉପରେ ନିର୍ଭର କରିଥାନ୍ତି। ତେବେ କଟକଣା ବାବଦ ମିଳୁଥିବା ଅର୍ଥ ପର୍ଯ୍ୟାପ୍ତ ହେଉନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ପ୍ରଦୋଷ ମହାରଣାଙ୍କୁ ପଚାରିବାରେ ପ୍ରତ୍ୟେକ ବୋଟ, ଟ୍ରଲରରେ ଏବେ ଜିପିଏସ ଲାଗୁଛି। ଏଥିରୁ ସୀମା ଆକଳନ କରିବା କଥା। ତେବେ କୌଣସି ଏକ ଆଳ ଦେଖାଇ ସମୁଦ୍ରର ନିଷିଦ୍ଧାଞ୍ଚଳକୁ ପଶି ମାଛ ମାରିବା ଏମାନଙ୍କର ପ୍ରକୃତ ଉଦ୍ଦେଶ୍ୟ। ଏଥିପାଇଁ କଟକଣା ସମୟରେ ଶତାଧିକ ମାମଲା ରୁଜୁ ହେଉଥିବା ସେ ପ୍ରକାଶ କରିଛନ୍ତି।



# ପ୍ରତିରୋଧ ଶକ୍ତି ବଢ଼ାଇବ କୋରାପୁଟ ଔଷଧୀୟ ଧାନ

## କଳା, ନାଲି, ଧୂସର ଓ ନୀଳ ରଙ୍ଗ ହୋଇଥାଏ ଏହି ଧାନର ଚାଉଳ

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା**

- କୁପୋଷଣ ରୋକେ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ
- ପୁଷ୍ଟିର ସୁରକ୍ଷା ଦେଇଥାଏ

କୋରାପୁଟ,୨୦।୧୦
(ଅମିତାଭ ବେହେରା)

କୋରାପୁଟର ଆଦିବାସୀମାନେ ଚାଷ କରୁଥିବା ପାରମ୍ପରିକ ଔଷଧୀୟ ଧାନ ପୁଷ୍ଟିର ସୁରକ୍ଷା ଦେବ। ରୋଗ ପ୍ରତିରୋଧକ ଶକ୍ତି ବଢାଇବ ବୋଲି କହିଛନ୍ତି ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ପ୍ରାକୃତିକ ସଂରକ୍ଷଣ ବିଭାଗ ସହାୟକ ପ୍ରଫେସର ଡ. ଦେବବ୍ରତ ପଣ୍ଡା।

କୋରାପୁଟ ମାଳଭୂମିରେ ଅଧିବାସୀମାନେ ଚାଷ କରୁଥିବା ୮ ପ୍ରକାର ରଙ୍ଗିନ ଓ ଔଷଧୀୟ ଧାନ ଯଥା କଳାଚୁଡ଼ି, ଭାଟମଲ୍ଲି, କାନ୍ଦୁଲକଠି, ହଳଦୀଗଣ୍ଠି, ଟିକିଚୁଡ଼ି, ବେଡ଼ାଗୁରୁମୁଖୀ, ପରାଧାନ ଓ ମାଲିମକଡାର ଗୁଣାତ୍ମକ ମାନ ଓ ଉପକାରିତା ଉପରେ ଗବେଷଣାକରି ସେ ଏହି ତଥ୍ୟ ଦର୍ଶାଇଛନ୍ତି। ଗବେଷଣାରୁ ଜଣାପଡ଼ିଛି, ୩ ପ୍ରକାର ପାରମ୍ପରିକ ଧାନ କଳାଚୁଡ଼ି, ବେଡ଼ାଗୁରୁମୁଖୀ ଓ କାନ୍ଦୁଲକାଠିରେ ଅଧିକ ପରିମାଣରେ ଆଇରନ, ଜିଙ୍କ୍, ଭିଟାମିନ୍ ସି, ଭିଟାମିନ୍ ଇ, ଫ୍ଲାବନୟାଡ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଏଥିସହ ପରାଧାନ, ଭାଟମଲ୍ଲି ଓ ହଳଦୀଗଣ୍ଠିରେ ଅଧିକ ପ୍ରୋଟିନ ଓ ଏନର୍ଜି ରହିଛି। ଏହି ତଥ୍ୟ ସେ ନିକଟରେ ଡିସ୍କୋଭରି ଫୁଡ୍ ଜର୍ନାଲରେ ତାଙ୍କର ରିସର୍ଚ୍ଚ ସ୍କଲାର କଳ୍ପନାରାଣୀ, ପ୍ରଫୁଲ୍ଲ ବେହେରା, ଭୁବନେଶ୍ୱର ପ୍ରଧାନ ଓ ସଂଗ୍ରାମ ଲେଙ୍କାଙ୍କ ସହିତ ମିଶି ଗତ ୧୬ରେ ପ୍ରକାଶ କରିଥିଲେ। ଏହି ଧାନର ଚାଉଳ ଦେଖିବାକୁ କଳା, ନାଲି, ଧୂସର ଓ ନୀଳ ରଙ୍ଗର। ଏହି ଧାନକୁ ଅଧିବାସୀମାନେ ବିଭିନ୍ନ ଔଷଧରେ ଲଗାଇଥାନ୍ତି। ଏହା ଆଦିବାସୀଙ୍କ କୁପୋଷଣ ରୋକିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କୋରାପୁଟର ଏହି ବିରଳ ଧାନ ବିଲୁପ୍ତହେବା ପୂର୍ବରୁ ଏହାର ସଂରକ୍ଷଣ ଓ ଚାଷକୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ଅଧିକ ପ୍ରଚାର, ପ୍ରସାର ଓ ବ୍ୟବହାର ଉପରେ ଧ୍ୟାନଦେବା ଆବଶ୍ୟକ ବୋଲି ଡ. ପଣ୍ଡା ସୂଚନା ଦେଇଛନ୍ତି। ଏହି ଔଷଧୀୟ ଚାଉଳକୁ ବିଭିନ୍ନ ଭାଲ୍ୟୁଏଡେଡ୍ ପ୍ରଡକ୍ଟରେ ବ୍ୟବହାର ଓ ଷ୍ଟାର୍ଟଅପ୍ ମାଧ୍ୟମରେ ପ୍ରଚାର ପ୍ରସାର କଲେ ଏହା କୋରାପୁଟକୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ଏଥିରେ ସନ୍ଦେହ ନାହିଁ।



ଏକ ଔଷଧୀୟ ଧାନ କ୍ଷେତରେ ପ୍ରଫେସର ଡ. ଦେବବ୍ରତ ପଣ୍ଡା।

**ବସ୍ ବନ୍ଦ ପ୍ରାୟୋଜିତ: ଭାଜପା**

ଭୁବନେଶ୍ୱର(ସୁନିତ୍ ମିଶ୍ର): ରାଜ୍ୟବ୍ୟାପୀ ବସ୍ ସେବା ବନ୍ଦ ପଛରେ ସରକାରଙ୍କ ପ୍ରାୟୋଜିତ ଷଡ଼ଯନ୍ତ୍ର ରହିଛି ବୋଲି ଭାଜପା ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଅଭିଯୋଗ କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସେ କହିଛନ୍ତି, ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପ୍ରତି ରାଜ୍ୟ ସରକାରଙ୍କ କୌଣସି ନିଘା ନାହିଁ। କେବଳ ମିଛ ପ୍ରଚାର ଓ ପ୍ରସାର ଜରିଆରେ ରାଜ୍ୟବାସୀଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରିବାରେ ରାଜ୍ୟ ସରକାର ବ୍ୟସ୍ତ ବୋଲି ଦିଲୀପ କହିଛନ୍ତି।



ତେଲଙ୍ଗାନାର ଜଗତିଆଲ ଜିଲାରେ ପ୍ରଚାର ଅଭିଯାନ ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ଫୁଡ୍ ଷ୍ଟଲ୍‌ରେ ଦୋସା ତିଆରି କରୁଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟରେ ୮୮ ପ୍ରାର୍ଥୀଙ୍କ ତାଲିକା ଘୋଷଣା କଲା କଂଗ୍ରେସ

**ମଧ୍ୟପ୍ରଦେଶ ନିର୍ବାଚନ**

ଭୋପାଳ,୨୦।୧୦(ପି.ଟି.)

ନଭେମ୍ବର ୧୭ରେ ହେବାକୁ ଥିବା ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଦ୍ୱିତୀୟ ପ୍ରାର୍ଥୀ ତାଲିକାରେ ୮୮ ଜଣଙ୍କ ନାଁ ଘୋଷଣା କରିଛି। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ବର୍ତ୍ତମାନ ସୁଦ୍ଧା ୨୨୯ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଛି। କେବଳ ବେଟୁଲ୍ ଜିଲାର ଅମ୍‌ଲା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇନାହିଁ। ଜଣେ ମହିଳା ଉପଜିଲାପାଳ ଉକ୍ତ ଆସନରୁ କଂଗ୍ରେସ ପ୍ରାର୍ଥୀ ହେବାକୁ ଚାହୁଁଥିବାବେଳେ ଭାଜପା ସରକାର ତାଙ୍କ ଇସ୍ତଫାପତ୍ରକୁ ଏପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ୧୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ସେଥିରୁ ୩ ଜଣଙ୍କ ଆସନ ବଦଳାଇଛନ୍ତି। ତେଣୁ ପ୍ରଥମ ତାଲିକାରେ ୧୪୧ ଜଣଙ୍କ ନାଁ ରହିଥିବା ଜଣେ କଂଗ୍ରେସ ନେତା କହିଛନ୍ତି। ଟିକେଟକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ବିବାଦ ଦେଖାଦେବା ପରେ କଂଗ୍ରେସ ଦାଟିଆ, ଗୋଟେଗାଁଓ ଏବଂ ପିଥୋରେ ଆସନରେ ପ୍ରାର୍ଥୀ ବଦଳାଇଛି। ଶିବପୁରୀ ନେତାଙ୍କୁ ଟିକେଟ ନ ମିଳିବା ଘଟଣାରେ ଦଳ ମତଭେଦ ଥିବା ଦେଖାଦେଇଥିଲା। ବରିଷ୍ଠ ନେତା ଦିଗ୍‌ବିଜୟ ସିଂଙ୍କ ପୋଷାକ ଚିରିଦେବା ପାଇଁ ପ୍ରଦେଶ କଂଗ୍ରେସ ସଭାପତି କମଲ ନାଥ ଦଳୀୟ କର୍ମୀଙ୍କୁ କହୁଥିବାର ଭିଡିଓ ଭାଇରାଲ ହୋଇଥିଲା।

# ଜଳସେଚନ ପ୍ରକଳ୍ପ ଏକ ନିର୍ବାଚନୀ ଥୋପ: କଂଗ୍ରେସ

ନବରଙ୍ଗପୁର,୨୦।୧୦
(ସଦାଶିବ ପ୍ରହରାଜ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ନବରଙ୍ଗପୁର ଜିଲାରେ ଜଳସେଚନ ରାଜନୀତି ଏବେ ସରଗରମ ହୋଇଛି। ପୂର୍ବରୁ ରାଜ୍ୟ ଭାଜପା ଉପସଭାପତି ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଚନ୍ଦାହାଣ୍ଡି ବ୍ଲକରେ ହେବାକୁ ଥିବା ପ୍ରସ୍ତାବିତ ଜଳସେଚନ ପାଇଁ ବିଜେଡିକୁ ସମାଲୋଚନା କରିଥିଲେ। ଏହାକୁ ନେଇ ଏମ୍‌ପି ରମେଶ ମାଝି ଜବାବ ରଖିବା ସହ ବଳଭଦ୍ରଙ୍କୁ ବିକାଶ ବିରୋଧୀ ବୋଲି କହିଥିଲେ। ଚାପଯୁକ୍ତ ଉଠା ଜଳସେଚନ ପ୍ରକଳ୍ପ ପାଇଁ କ୍ୟାବିନେଟ୍‌ର ମଞ୍ଜୁର ପରେ କଂଗ୍ରେସ ବିଜେଡିକୁ ସମାଲୋଚନା କରିଛି। ସ୍ଥାନୀୟ କଂଗ୍ରେସ ଭବନରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଉଠା ଜଳସେଚନ ମାଧ୍ୟମରେ ୯୯୦୦ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ କ୍ୟାବିନେଟ ମୋହର ବାଜିଛି। ଏହା କେବଳ ନିର୍ବାଚନୀ ଥୋପ ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ କହିଛନ୍ତି।

ନବରଙ୍ଗପୁର ଏକ ଶିଳ୍ପବିହୀନ ଜିଲା। ଏଠାରେ ଖଣି ଖାଦାନ ନାହିଁ। ଗମନାଗମନରେ ପଛରେ ରହିଛି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ସ୍ୱାକ୍ଷର ହାର ନିମ୍ନସ୍ତରରେ, ମାତୃ ମୃତ୍ୟୁ ହାର ବଢ଼ିଛି। ରେଳ ଓ ବିମାନ ସେବା ନାହିଁ। ଏହିସବୁ କ୍ଷେତ୍ରରେ ଜିଲା ନିମ୍ନ ସ୍ଥାନରେ ରହିଛି। ନବରଙ୍ଗପୁର ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ଛାଡ଼ିଦେଲେ ଏ ଜିଲାରେ ଗାଁ ଗହଳିର ଆଦିବାସୀ ବଞ୍ଚିବା କଷ୍ଟକର। ନିର୍ବାଚନ ସମୟ ଆସିଲେ ବିଜେଡି ଜଳସେଚନ କଥା ଆରମ୍ଭ କରେ। ନବରଙ୍ଗପୁର ଓ ଡାବୁଗାଁ ବିଧାୟକ ଗୁରୁବାର ଖବରଦାତା ସମ୍ମିଳନୀ କରି ଜଳସେଚନ ପ୍ରତି ଯାହା ମନ୍ତବ୍ୟ ଦେଇଛନ୍ତି ତାହା ଚାଷୀଙ୍କ କଟା ଘା ରେ ଚୂନ ମାରିବା ସଦୃଶ ବୋଲି ମୁନା ତ୍ରିପାଠୀ କହିଛନ୍ତି।

୨୦୧୪ରେ ଇନ୍ଦ୍ରାବତୀରେ ୨୦୦ କୋଟି ଟଙ୍କାର ଉଠାଜଳସେଚନ ପ୍ରକଳ୍ପ ଶୁଭ ଦିଆଯାଇଥିଲା। ସେ ସମୟରେ କଂଗ୍ରେସ ଏହାକୁ ବିରୋଧ କରିଥିଲା। ୧୦ ବର୍ଷ ହେଲା ଏହି ଜଳସେଚନ ପ୍ରକଳ୍ପ ସ୍ଥାଣୁ ହୋଇ ରହିଗଲା। ପରମା ପୂଜାରୀଙ୍କ ସମୟରେ ଉମରକୋଟରେ ଭାସ୍କେଲ ଜଳ ପ୍ରକଳ୍ପ, ଫୁଲମଣି ସାନ୍ତାଙ୍କ ସମୟରେ ଚନ୍ଦାହାଣ୍ଡିରେ ଫୁଲଝରି ଜଳସେଚନ ପ୍ରକଳ୍ପ ଓ ବିଧାୟକ ସଦନ ନାୟକଙ୍କ ସମୟରେ କୁସୁମୀ ଝର ଜଳସେଚନ ପ୍ରକଳ୍ପ ସହ ନବରଙ୍ଗପୁରରେ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବାସିନୀ ଗ୍ରାମରେ ନିର୍ମାଣ ହୋଇ ଚାଷୀଙ୍କ ଜଳସେଚନ ସମସ୍ୟା ଦୂର ହୋଇଥିଲା।

ଗତ ପଚିଶ ବର୍ଷ ମଧ୍ୟରେ ନବରଙ୍ଗପୁର ଜିଲାରେ ଜଳସେଚନ ପ୍ରକଳ୍ପ ନ ହେବାରୁ ଜିଲାବାସୀ ୪୦୦୦ କୋଟି ଟଙ୍କାର କ୍ଷତି ସହିଛନ୍ତି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ ପରି ସାହୁ, ଅବଦୁଲ ଫିରୋଜ, ଦ୍ୱାରିକା ମହାପାତ୍ର, ସରପଞ୍ଚ ଦିବାକର ପୂଜାରୀ, ପ୍ରଫୁଲ୍ଲ ସାମନ୍ତରାୟ, ଦିଲୀପ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଠିକା କାମରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର, ୨୦।୧୦
(ସୁନିତ୍ ମିଶ୍ର)

ଭଦ୍ରକ ଜିଲା ଚାନ୍ଦବାଲି, ତିହିଡ଼ି, ବାସୁଦେବପୁର ଓ ଧାମନଗରର ୯୧ ପଞ୍ଚାୟତରେ ପାନୀୟଜଳ ଯୋଗାଇବା କାମର ଠିକା ପଞ୍ଚାୟତିରାଜ ଓ ପାନୀୟଜଳ ପ୍ରକଳ୍ପର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀନରେ କରାଯାଉଛି। ଏହି ଠିକା କାମ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀକୁ ୨୦୧୯ ଫେବୃୟାରୀ ୧୫ରେ ଦିଆଯାଇଥିଲା। ଏହି କାର୍ଯ୍ୟର ଠିକା ମୂଲ୍ୟ ୭୫୪ କୋଟି ଟଙ୍କା ଥିଲା। ଏଥିରୁ ୧୫ କୋଟି ଟଙ୍କା ପ୍ରକଳ୍ପ କାର୍ଯ୍ୟକ୍ଷମ ପରବର୍ତ୍ତୀ ରକ୍ଷଣାବେକ୍ଷଣ ପାଇଁ ଠିକା ମୂଲ୍ୟରୁ କାଟି ଗଚ୍ଛିତ ରଖାଯିବା କଥା। ଠିକା ଚୁକ୍ତି ଅନୁସାରେ ଠିକାଦାରଙ୍କୁ ସମୁଦାୟ ମୂଲ୍ୟର ୯୦% ଅର୍ଥ ସମୁଦାୟ ପ୍ରକଳ୍ପ ସମୟ ଆଧାରରେ ଏବଂ ସମସ୍ତ ଗୁଣବତ୍ତା ସହିତ ଶେଷ କରିଥିଲେ ପ୍ରଦାନ କରାଯିବା କଥା। ଏହି କାର୍ଯ୍ୟ ରାଜ୍ୟ ସରକାରଙ୍କ ୩ୟ ପକ୍ଷ ଅଥରଟି ଅଫ୍ ଇଞ୍ଜିନିୟରିଂ ଦ୍ୱାରା ନିଯୁକ୍ତ ଇଞ୍ଜିନିୟରିଂ ସଂସ୍ଥା ସମ୍ପୂର୍ଣ୍ଣ ତଦାରଖ କରି ରିପୋର୍ଟ ଦେବାପରେ ଅର୍ଥରାଶି ପ୍ରଦାନ କରାଯିବା ନିୟମ ରହିଛି। କିନ୍ତୁ ଏହି ସଂସ୍ଥା ଏ ପର୍ଯ୍ୟନ୍ତ ମାତ୍ର ୭୫% କାମ କରି ୯୩ ଭାଗ ଅର୍ଥରାଶି ନେଇସାରିଛନ୍ତି ଯାହାର ଆନୁମାନିକ ମୂଲ୍ୟ ୬୮୭ କୋଟି ଟଙ୍କା ହେବ। ନିୟମ ଅନୁସାରେ ତାଙ୍କୁ ଏତେ ଅର୍ଥରାଶି ପ୍ରଦାନ କରାଯିବା କଥା ନୁହେଁ। ଏନେଇ କଂଗ୍ରେସ ପକ୍ଷରୁ ବିଭାଗୀୟ ସଚିବଙ୍କୁ ପତ୍ର ଲେଖାଯାଇଛି। ୭ ଦିନ ଭିତରେ ଏହି କାମରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ନ ହେଲେ କଂଗ୍ରେସ ପରବର୍ତ୍ତୀ କାର୍ଯ୍ୟକ୍ରମ କରିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପିନାକୀ ମିଶ୍ରଙ୍କୁ ବହିଷ୍କାର କରାଯାଉ: ଭାଜପା

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

ସଂସଦରେ 'ପ୍ରଶ୍ନ ପଚାରିବା ପାଇଁ ଟଙ୍କା' ନେବା ଦୁର୍ନୀତିରେ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ସମ୍ପୃକ୍ତି ଅଛି ବୋଲି ସିବିଆଇ ଅଦାଲତ ଏବଂ ସଂସଦର ଏଥିକ୍ସ କମିଟି ପାଖରେ ଦାଖଲ ହୋଇଥିବା ୨ଟି ସତ୍ୟପାଠରୁ ସ୍ପଷ୍ଟ ହୋଇଥିବା ଭାଜପା ମୁଖପାତ୍ର ମନୋଜ ମହାପାତ୍ର ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ଏଥିଲାଗି ପିନାକୀଙ୍କୁ ତୁରନ୍ତ ବହିଷ୍କାର କରାଯାଉ। ପିନାକୀ ଏବଂ ସଂସଦରେ ପ୍ରଶ୍ନ ପଚାରିବା ପାଇଁ ଟଙ୍କା ନେଇଥିବା ଏମ୍‌ପି ମହୁଆ ମୈତ୍ରଙ୍କ ଘନିଷ୍ଠ ସମ୍ପର୍କ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ପିନାକୀଙ୍କ ପାଇଁ ବର୍ତ୍ତମାନ ଓଡ଼ିଶା ନିନ୍ଦିତ। ମହୁଆ କିଛି ନିର୍ଦ୍ଦିଷ୍ଟ କମ୍ପାନୀର ସ୍ୱାର୍ଥ ଦୃଷ୍ଟିରୁ ପ୍ରଶ୍ନ ପଚାରିବା ପାଇଁ ବ୍ୟାପକ ଅର୍ଥ ନେଇଛନ୍ତି। ବ୍ୟବସାୟୀ ଦର୍ଶନ ହିରନନ୍ଦାନୀ ଓ ଆଇନଜୀବୀ ଜୟ ଅନନ୍ତ ଦେହାଦ୍ରାଇ ଦେଇଥିବା ୨ଟି ଭିନ୍ନ ସତ୍ୟପାଠରେ ଏ କଥା ସ୍ପଷ୍ଟ ହୋଇଛି। ଉଭୟ ସତ୍ୟପାଠରେ ପିନାକୀଙ୍କ ସମ୍ପୃକ୍ତି ସମ୍ପର୍କରେ ଉଲ୍ଲେଖ ରହିଛି। ପିନାକୀଙ୍କ ଏଭଳି କାରନାମା ଜନବିରୋଧୀ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି।

# କୃଷିକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ସମ୍ମିଳନୀର ଲକ୍ଷ୍ୟ: ମନ୍ତ୍ରୀ

**ରାଜ୍ୟସ୍ତରୀୟ କୃଷି ସମ୍ମିଳନୀ ଉଦ୍‌ଘାଟିତ**

**ଖାଦ୍ୟଶସ୍ୟ ରପ୍ତାନିରେ ଓଡ଼ିଶାର ପରିଚୟ ସ୍ୱତନ୍ତ୍ର: ମୁଖ୍ୟ ଶାସନ ସଚିବ**

ଭୁବନେଶ୍ୱର, ୨୦।୧୦
(ସୁନିତ୍ ମିଶ୍ର)

ରବି କାର୍ଯ୍ୟକ୍ରମ ୨୦୨୩-୨୪ ନିମନ୍ତେ ରାଜ୍ୟସ୍ତରୀୟ କୃଷି ସମ୍ମିଳନୀ ଶୁକ୍ରବାର କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଯାଇଛି। ଫସଲର କାର୍ଯ୍ୟାନ୍ୱୟନକୁ ସମୀକ୍ଷା ଓ ମୂଲ୍ୟାୟନ କରିବା ସହ କୃଷିକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ଏହି ସମ୍ମିଳନୀର ମୂଳଲକ୍ଷ୍ୟ। ସମ୍ମିଳନୀରେ ରାଜ୍ୟ ଓ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ରାଜ୍ୟର କୃଷି ବିଶ୍ୱବିଦ୍ୟାଳୟ, ଆଇସିଏଆର୍ ଏବଂ ସିଜିଆଇଏଆର୍ ପ୍ରଭୃତି ପ୍ରତିଷ୍ଠାନର ପ୍ରତିନିଧିମାନେ ବିଭିନ୍ନ ବୈଷୟିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ରବି କାର୍ଯ୍ୟକ୍ରମ ପୁସ୍ତିକା ଉନ୍ମୋଚନ କରାଯାଇଛି। ରବି ୨୦୨୩-୨୪ କାର୍ଯ୍ୟକ୍ରମରେ ବିଭିନ୍ନ ଫସଲ ଅଧୀନରେ ଓଡ଼ିଶାରେ ପ୍ରାୟ ୨୮.୧୪ ଲକ୍ଷ ହେକ୍ଟର ଜମିରେ ରବି ଚାଷ କରାଯିବ। ଏଥିରୁ ୧୪.୩୪ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୩.୭୩ ଲକ୍ଷ ହେକ୍ଟର ଜମିରେ ତୈଳବୀଜ, ୫.୩୯ ହେକ୍ଟର ଜମିରେ ପନିପରିବା, ୧.୧୩ ଲକ୍ଷ ହେକ୍ଟର ଜମିରେ ମସଲା ଚାଷ ଏବଂ ୦.୩ ଲକ୍ଷ ହେକ୍ଟର ଜମିରେ ଆଖୁଚାଷ କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ୧୯.୩୯ ଲକ୍ଷ ମେଟ୍ରିକ୍ ଟନ ଖାଦ୍ୟଶସ୍ୟ, ୭.୫୩ ଲକ୍ଷ ମେଟ୍ରିକ୍ ଟନ୍ ଡାଲି ଏବଂ ୪.୧୮ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି, ପୂର୍ବରୁ ନିଅଣ୍ଟିଆ ରାଜ୍ୟ ଭାବେ ଓଡ଼ିଶାର ପରିଚୟ ଥିଲା। ଏବେ ପ୍ରମୁଖ ଖାଦ୍ୟଶସ୍ୟ ରପ୍ତାନିକାରୀ ରାଜ୍ୟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ରାଜ୍ୟ ସରକାର ପର୍ଯ୍ୟାପ୍ତ ଅର୍ଥ ବିନିଯୋଗକରି ଜଳ ସଂରକ୍ଷଣ ଓ ଜଳସେଚନ ବ୍ୟବସ୍ଥା କରୁଛନ୍ତି। କୃଷି କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପ୍ରତ୍ୟେକ ବୁନ୍ଦା ଜଳ ଯେପରି ଠିକ୍ ଭାବେ ବ୍ୟବହୃତ ହୁଏ, ସେଥିପ୍ରତି ସେ ଗୁରୁତ୍ୱାରୋପ କରିଛନ୍ତି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ରାଜ୍ୟ କୃଷିନୀତି ସମୃଦ୍ଧି କୃଷକଙ୍କ ଆର୍ଥିକ ବିକାଶରେ ସହାୟକ ହୋଇଛି। ବୈଜ୍ଞାନିକ ପ୍ରଣାଳୀ ଓ ତଥ୍ୟଭିତ୍ତିକ ଉପଯୋଗରେ ଓଡ଼ିଶାର କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇପାରିଥିବା ସେ କହିଛନ୍ତି। ରାଜ୍ୟର ସମସ୍ତ ଜିଲାପାଳଙ୍କୁ ରବି ଫସଲ ନିମନ୍ତେ ଜିଲାର କୃଷି ପରିବେଶ ଅନୁଯାୟୀ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବା ପାଇଁ ରବି ସର୍କୁଲାର ଜାରି କରାଯାଇଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**ANGUL INVESTIGATION DIVISION, ANGUL**
Email id:seidangul@gmail.com
**e-Procurement Notice for Building Work in Odisha**
**Bid Identification No. Building Online AGL-01/2023-24**

No.1511// Dt.18.10.23

**No.A-688:** 1.Name of the Work: Building works. 2. Total No. of Work: 1 No. 3. Estimated Cost: Rs.51.90 Lakhs Approx. 4. Class of Contractor: 'B' Class. 5. Period of Completion: 6 (Six) Calendar Months. 6. Other details:

| Procurement Officer | Bid Identification No. | Availability of tender On-line for bidding | | Last date & time for seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Angul Investigation Division,Angul | Building-On-line-AGL-01/2023-24 | 20.10.2023 at 10.00 A.M. | 04.11.2023 upto 5.30 P.M. | 03.11.2023 upto 1.00 P.M. | 06.11.2023 upto 11.00 A.M. | Will be intimated separately |

(1) For detailed Notice inviting Tenders, Please visit to the website www.tendersorissa.gov.in.
OIPR-32515/11/0001/2324 Sd./- Superintending Engineer, Angul Investigation Division,Angul



**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: POST:BALIMELA:DIST:MALKANGIRI (ODISHA) PIN:764051
Phones:06861-291058(O)/ 291048(R), <Email:bhep.balimela@gmail.com, unit.head_balimela@yahoo.com>
**TENDER CALL NOTICE NO.17/2023-24, DATED 18.10.2023**
**No.CAD-2514:** Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SL. No. | Description of Work | Cost of Tender Paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | HIRING OF 01 (ONE) NUMBER OF MAHINDRA BOLERO VEHICLE WITH SINGLE DRIVER PROVISION FOR FOUR YEARS UNDER BHEP, BALIMELA | Rs.7080/- (Rupees Seven Thousand Eighty) only | Rs.22,300/- | 25.10.2023 To 11.00 Hrs. on 09.11.2023 | 11.00 Hrs. of 09.11.2023 | 12.00 Hrs. of 09.11.2023 |

For details of the tender documents, terms & conditions please visit our website www.ohpcltd.com.
OIPR-04019/11/0022/2324 Sd./- C&P Head, BHEP, Balimela



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 13/RWD-I, MKG/2023-24 dt.18.10.2023**
**No.O-1331:** 01.Name of the work: - Const. of Buildings & Road Repair works (Detailed in Annexure) 02. Total Number of Works:11 (Eleven) Numbers. 03. Estimated Cost:Rs.2.52 lakhs to Rs.36.96 Lakhs. 04. Class of Contractor: "C" & "D" Class. 05. Period of Completion: (As per Detailed in Annexure). 6.Other details

| Procurement Officer | Bid Identification No. | No. of Works | Availability of Tender on-line for bidding | | Last date & Time of seeking tender clarification | Date and time of opening of tender (Double Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender-13/RWD-I, MKG/2023-24 | Total 11 Nos. | 01.11.2023 from 11.00 A.M. | 14.11.2023 upto 5.00 PM | 13.11.2023 upto 5.00 P.M. | Bid Opening: 15.11.2023 at 11.00 AM |

Further details can be seen from the website www.tendersorissa.gov.in.
Sd./-Sujit Behera
OIPR-25058/11/0017/2324 Superintending Engineer, R.W.Division-I, Malkangiri



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
Unit-IV, Sachivalay Marg, Bhubaneswar-751001, Fax:0674-2394705, E-mail:cerw_bbsr@yahoo.com
Letter No, 32566, Date:17.10.23
**1st Corrigendum**
**Bid Identification No.Online-07/2023-24 (Bridges) invited vide this office letter No. 30036, dated 27.09.2023**
**No.O-1323:** Partial modification has been made to the TCN of Bid Identification No-Online-07/2022-23 (Bridges) invited vide this office letter No.30036, dated 27.09.2023 for the bridges works listed at Sl.No.01,02,03,04 & 05 due to unavoidable circumstances.

| Sl. No. | Item | Time Schedule as per original TCN | Time Schedule as per corrigendum notice |
|---|---|---|---|
| 1 | Availability of Tender online for bidding | 05.10.2023 at 10.00 A.M. to 19.10.2023 upto 5.00 P.M. | 18.10.2023 at 11.00 A.M. to 01.11.2023 upto 5.00 PM. |
| 2 | Date and time of seeking tender clarification if any | 18.10.2023 upto 2.00 P.M. | 31.10.2023 upto 02.00 PM |
| 3 | Date & Time of opening of tender | 20.03.2023 at 11.00 A.M. | 02.11.2023 at 11.00 A.M. |

All other terms and conditions will remain unaltered.
Sd./- Chief Engineer (Buildings & Bridges)
OIPR-25123/11/0030/2324 Rural Works, Odisha, Bhubaneswar



**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751001
Ref. No. OSCB/HRDD/4525/2023-24 Date: 19.10.2023
**EXPRESSION OF INTEREST**
No. LL-53: Sealed Expression of Interest (EOI) are invited from registered and reputed insurance brokers for Group health Insurance of Directors of the odisha State Cooperative Bank, on behalf of the Managing Director, odisha State Cooperative Bank Ltd., Pandit Jawaharlal Nehru Marg, Bhubaneswar - 751001
The detailed list of 20 Nos. of Directors with their dependants can be obtained only from the official website **www.odishascb.com** from 20.10.2023 to 31.10.2023. For any queries, please consult the HRD Department of OSCB in the office hours or through No. 0674-2374194/155.
OIPR-39012/11/0017/2324 Sd./- Managing Director



**ODISHA TOURISM DEVELOPMENT CORPORATION LIMITED**
(A Government of Odisha Undertaking)
Panthanivas (Old Block), Lewis Road, Bhubaneswar - 751014
**SHORT TENDER CALL NOTICE**
No. CAD-2519: Sealed tenders are invited for supply of Grocery items/Vegetable items/Non-Veg items to the Panthanivas Units/Restaurants of OTDC for a period of 1 (One) year. The detailed information can be obtained from respective Panthanivas Units/Restaurants/Office of Divn. Manager (HS) on all working days. The last date of submitting quotation is by 2.00 P.M. on 31.10.2023.
Sd./- Managing Director
O.T.D.C. Ltd.
OIPR-37002/11/0012/2324



**GOVERNMENT OF ODISHA** No. O-1334
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, DHENKANAL, KAMAKHYANAGAR**
E-mail: rw.kamakhyanagar@yahoo.co.in
**e-Procurement Notice No. 08 Building Work / 2023-24**
1. Name of the Work : Building Works
2. Total No. of Works : 28 (Twenty Eight) Nos.
3. Tender Cost : Rs.24.98 to 39.77 lakhs (Approx.)
4. Class of Contractor : "C" & "B" Class
5. Period of Completion : 06 Calendar Months
6. Availability of Tender Online for Bidding : 31.10.2023 at 11.00 A.M. to 08.11.2023 upto 5.00 P.M.
7. Last date & time of seeking tender clarification : 07.11.2023 upto 4.00 P.M.
8. Date & time of opening of Technical Bid : 10.11.2023 at 11.00 A.M.

Other details can be seen from the website **http://tendersorissa.gov.in**.
Sd./- Executive Engineer
R.W. Division-II, Dhenkanal
Kamakhyanagar
OIPR-25094/11/0010/2324



**INDIRA GANDHI INSTITUTE OF TECHNOLOGY**
SARANG, DHENKANAL, ODISHA - 759146
No. IGIT/Estt/990 Dated: 13.10.2023
**WALK-IN-INTERVIEW**
No. KK-263: Interested candidates having requisite qualifications may attend the Walk-in-Interview along with all the original testimonials with one set of self attested photo copies and one passport photograph as per the programme below for engagement of Part-Time Guest Faculty (PTGF) for the Academic Session 2023-24. This engagement is purely need-based and temporary. The remuneration will be paid as per the rates approved by SD & TE Department Govt. of Odisha.

| Sl. No. | Discipline | Qualification | Date & Time |
|---|---|---|---|
| 1 | PTGF in Math/Physics/ Chemistry & Metallurgical & Materials Engg. | 1st Class M.Sc./ B.E./B.Tech in respective discipline | Dt.02.11.2023 |

- No TA/DA will be paid for attending the interview.
- Authority reserves the right to cancel the interview/candidature without assigning any reason thereof.

Sd./- Director, IGIT, Sarang
OIPR-14091/11/0078/2324



**Government of Odisha** No. O-1329
**e-Procurement Notice**
E.Mail: rw_boudh@yahoo.co.in
Bid Identification No. Online Tender/07/E.E.R.W. BOUDH/2023-24
**NATIONAL COMPETITIVE BIDDING THROUGH e-Procurement**
Name of the Work : Road Works - 3 Nos.
1. Estimated Cost : Rs.47.19 lakhs to 41.24 (Approximately)
2. Period of Completion : 6 Calendar Months
3. Date & time of availability of Bid documents in the portal : From 26.10.2023, 10.00 A.M. to 04.11.2023, 5.00 P.M.
4. Last date/time for receipt of bids in the portal : 04.11.2023 upto 5.00 P.M.
5. Last date/time for seeking of Tender clarification : 03.11.2023 upto 5.00 P.M.
6. Date & Time of Opening of Tender/Bid : 06.11.2023 at 11.00 A.M.
7. Name & address of the Officer Inviting Bid : Executive Engineer, R.W. Division, Boudh

Further details, Corrigendum(s) etc. can be seen from the e-Procurement portal **"https://www.tendersorissa.gov.in"**.
Sd./- Executive Engineer
R.W. Division, Boudh
OIPR-25061/11/0007/2324



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
MAIN DAM DIVISION, BURLA
At/P.O.: Burla, Dist.: Sambalpur (Odisha) - 768017
No.A-686: Government of Orissa
**"e" Procurement Notice No. MDD-e-09/2023-24 (Online)**
Email Id: semaindamdivn@gmail.com
No. 11694 Date: 18.10.2023
1. No. of Work : 1 No.
2. Estimated Cost : Rs.20.00 lakhs
3. Period of Completion : 2 (Two Calendar) Months
4. Date & time of available of bid document in the portal : 01.11.2023 at 10.00 A.M.
5. Last date/time for receipt of bids in the portal : 10.11.2023 upto 05.00 P.M.
6. Date of opening of bid : 13.11.2023 at 11.00 A.M.
7. Name & address of the Officer Inviting Bid : Superintending Engineer, Main Dam Division, Burla At/P.O.: Burla, Dist.: Sambalpur, Odisha

Email : **semaindamdivn@gmail.com**
Further details, any corrigendum or addendum can be seen from the e-procurement portal **http://tendersorissa.gov.in**.
Sd./- Superintending Engineer
OIPR-32017/11/0006/2324 Main Dam Division, Burla



**GOVT. OF ODISHA** No.MM-231
**OFFICE OF THE DIVISIONAL FOREST OFFICER, ANGUL DIVISION, ANGUL**
**e-Procurement Notice ANGUL FOREST DIVISION**
**Bid Identification No.-05 of 2023-24**
e-mail ID- dfoangul@gmail.com
1. Number of Works : 06 (Six) Number of Works
2. Approximate estimated Cost : 7.26 to 17.53 lakhs
3. Period of Completion : 03 (Three) Calendar Months
4. Date & Time of availability of bid document in the portal : Dt.18.10.2023 at 10.00 A.M.
5. Last Date/Time for receipt of bid in the portal : Dt.02.11.2023 upto 5.00 P.M.
6. Date of Opening Bid : Dt.04.11.2023 at 11.00 A.M.
7. Name and address of the Office Inviting Bid : Divisional Forest Officer Angul Division, Angul
8. The Bidders have to participate in ONLINE bidding only.

Further details can be seen from the e-Procurement portal https:/ tendersodisha.gov.in.
Sd./-Divisional Forest Officer
Angul Division, Angul
OIPR-08027/11/0013/2324



**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR-751022
Tel:91-0674-2542983, 2542802, 2545526, Fax:2542102, e-mail:ohpc.co@gmail.com
CIN: U40101OR1995SGC003963
No.OHPC:TECH:C&P:18/2023-24/ 9690 Dated 18.10.2023
**NOTICE INVITING TENDER No.19/2023-24**
**No.CAD-2498:** Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Firms/Printers having minimum 03 (three) years' experience of printing of Diaries for PSUs/Govt. Departments for the work as mentioned below.

| Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Designing, Printing & Supply of OHPC Diary-2024 | 4720.00 (Rs.4000.00+ GST @ 18%) | 9,000.00 |

For details of the tender documents, terms and conditions please visit our website **www.ohpcltd.com from dt.25.10.2023**
OIPR-04012/11/0022/2324 C & P Head

# ଦୋକାନଦାର

ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜନ୍ମ ୧ ଫେବୃୟାରୀ ୧୯୦୮ରେ ଓ ପରଲୋକ ୨୩ ଅକ୍ଟୋବର ୧୯୪୩ରେ। ସେ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 'ଫରଓ୍ୱାର୍ଡ଼ ବ୍ଲକ୍'ର ପ୍ରତିଷ୍ଠାତା ସଭ୍ୟ ଓ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା। ତାଙ୍କର ପ୍ରସିଦ୍ଧ ଗଳ୍ପ 'ଶିକାର', ଯାହାକି ପ୍ରଥମ ଓଡ଼ିଆ ପ୍ରଗତିବାଦୀ ଗଳ୍ପ ଭାବେ ମାନ୍ୟତାପ୍ରାପ୍ତ। ୧୯୭୬ରେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନିର୍ମାତା ମୃଣାଳ ସେନ୍ 'ମୃଗୟା' ଶୀର୍ଷକରେ ଚଳଚ୍ଚିତ୍ର ରୂପ ଦେଇଛନ୍ତି। 'ନବଯୁଗ ସାହିତ୍ୟ ସଂସଦ' ଓ 'ଆଧୁନିକ' ପତ୍ରିକାର ପ୍ରତିଷ୍ଠାତା ଭଗବତୀଙ୍କର ବିସ୍ମୃତ ଓ ଗ୍ରନ୍ଥାୟିତ ହୋଇ ନ ଥିବା ଗଳ୍ପ 'ଦୋକାନଦାର' ଏଠାରେ ପତ୍ରସ୍ଥ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...


ଭଗବତୀ ଚରଣ ପାଣିଗ୍ରାହୀ

(ଭାଗ – ୧)

ତା'ର ଦୋକାନ ବନ୍ଦଥାଏ ମାସରେ ପଚିଶ ଦିନ। ସେଦିନ ବି ବନ୍ଦ ଥିଲା। ଆଶ୍ଚର୍ଯ୍ୟ ବା କ'ଣ? ଏପରି ତ କେତେ ଦୋକାନ ଦୁଆରେ ତାଲା ବନ୍ଦ ଥିବ। ତା' ପ୍ରତି କିଏ ନଜର ଦିଏ? କିନ୍ତୁ ଏ ଯେଉଁ ଦୋକାନଟି ବନ୍ଦ ଥାଏ, ସେଥିଲାଗି ଗରାକମାନଙ୍କୁ ଅସୁବିଧା ଭୋଗ କରିବାକୁ ହୁଏ ବିସ୍ତର। ଏ ଦୋକାନର ଗରାକ ସଂଖ୍ୟା ଅଳ୍ପ ହେଲେ ବି ସେମାନଙ୍କର ଗରଜ ବେଶି; ଏବଂ ଏ ଧରଣର ଦୋକାନ କଟକ ସହରରେ ଅଳ୍ପ।

ସେହି ସନ୍ଧ୍ୟାରେ ତିନିଜଣ ଗରାକ ସେ ଦୋକାନରୁ ଫେରିଲେ। ସେଥିଭିତରୁ ଜଣେ କଲେଜ ଛାତ୍ର– ସାଇକେଲ୍ ସିଟ୍ ଉପରେ ଚମଡ଼ା ପକାଇବା ଲାଗି ଦେଇଥିଲେ; ଅନ୍ୟ ଜଣେ ପୋଲିସ ସାହେବଙ୍କ ଚପରାସି– ସାହେବଙ୍କ ଘୋଡ଼ାସାଜ ମରାମତି କରିବାକୁ ଦେଇ ଯାଇଥିଲା; ଅନ୍ୟ ଜଣକ ମଟର ମରାମତିବାଲା– ମଟର ଗଦିରେ ତାର ଯୋଡ଼ିବାକୁ ଦେଇଥିଲା। ଏ ସମସ୍ତେ ପାଞ୍ଚ ଦଶ ଥର ଲେଖାଏଁ ଫେରିଲେଣି।

ଅନ୍ୟ ଦି'ଜଣଙ୍କୁ ବିରକ୍ତ ହେବାର ଦେଖି ମଟର ମରାମତିବାଲା କହିଲା, ''ବିରକ୍ତ ହେଲେ ଆଉ ହବ କ'ଣ? ଏ ଲୋକଟାର ତ ଏଇ ଦସ୍ତୁର।''

କଲେଜ ବାବୁ କହିଲେ– ''ଆଚ୍ଛା ଲୋକ। ଦେଢ଼ ମାସ ହବ ମତେ ଦଉଡ଼େଇଲାଣି। କହିପାରିବ ଯା' ଘରଟା କୋଉ ବଜାରରେ? ସେଠାରେ ହେଲେ ଖୋଜି ଦେଖେଁ!''

ମଟର ମରାମତିବାଲା କହିଲା, ''ବାବୁ, ତା'ର ଯଦି ଘରଦ୍ୱାର ଥା'ନ୍ତା, ତେବେ ଏତେଥର ଲୋକ ଦୋକାନରୁ ଲେଉଟନ୍ତେ କାହିଁକି? ସେ ନିଜେ ପରା ଫୁଟାଣି ଦେଖାଇ କହେ– ତା'ର ବୈଠକଖାନା ଦୁଇ ଜାଗାରେ– ଗୋଟାଏ ମଦଖଟି ଆରଟି ଗୁଲିଖଟି; ହୋଟେଲରେ ହୁଏ ଖିଆପିଆ; ଆଉ– ବାବୁ, ମନେ କିଛି ଭାବିବେ ନାହିଁ– ଶୁଆବସା ହୁଏ ବେଶ୍ୟା ଘରେ; ମଦ ଖାଇବାକୁ ପଇସା ନ ମିଳିଲା ତ କାମଦାମ କରାହୁଏ ଏଇ ଦୋକାନରେ।''

କଲେଜ ଛାତ୍ର କହିଲେ, ''ଆଶ୍ଚର୍ଯ୍ୟ କଥା, ତମେ ଏସବୁ କଥା ଜାଣି ବି କେମିତି ଏ ଲୋକ ପାଖରେ କାମ ବରାଦ କରୁଛ? ମୁଁ ଯଦି ଆଗରୁ ଏସବୁ ଜାଣିଥା'ନ୍ତି, ମୋର କାମ ନ ହେଲା ବରଂ ମୁଁ ଏମିତି ଲୋକ ପାଖରେ ବରାଦ କରି ନ ଥା'ନ୍ତି।''

– ''ବୁଝିଲେନି କି ବାବୁ, ଲୋକଟାର ଏସବୁ ଦୁର୍ଗୁଣ ଭିତରେ ଗୁଣ ମଧ୍ୟ ଅଛି। କାମଟି ଜାଣେ ଭଲ। ଜର୍ମାନ ଯୁଦ୍ଧ ବେଳେ ସେ ବେଲ୍‌ଜିଅମ୍‌ରେ Hall and Parkinsରେ କାମ କରୁଥିଲା। ଏ କମ୍ପାନୀ ଯୁଦ୍ଧର ସବୁ ଘୋଡ଼ାସାଜ ମରାମତି କରିବାର ଭାର ନେଇଥିଲା। ଯୁଦ୍ଧ ପରେ ନାନା ଜାଗାରେ କାମ କରି ଶେଷରେ ଆସି କଲିକତାରେ କାମ କରୁଥିଲା, ବଡ଼ ସାହେବ କମ୍ପାନୀରେ। ଏଇସବୁ ବଦ ଅଭ୍ୟାସ ଯୋଗେ ବର୍ଷେ ହେଲା ସେଠାରୁ ବାହାରି ଆସିଚି।''

ଲୋକଟା ଉପରେ କଲେଜ ବାବୁଙ୍କର ମନ ଏପରି ବିଗିଡ଼ି ଯାଇଥିଲା ଯେ, ଏସବୁ ଶୁଣି ସେ ଆଦୌ ବିସ୍ମୟ ପ୍ରକାଶ ନ କରି କହିଲେ, ''ଏତେ ବଡ଼ ବଡ଼ କମ୍ପାନୀରେ କାମ କରି ବି ଲୋକଟାକୁ ବ୍ୟବସାୟର ସାମାନ୍ୟ କାଇଦା କଟକଣା ମାଲୁମ ନାହିଁ; ଏହା ହିଁ ଆଶ୍ଚର୍ଯ୍ୟ। ଗରାକଙ୍କୁ ଏତେଥର ଲେଉଟାଇଲେ କି ବ୍ୟବସାୟ ଚଳେ?'' ବାବୁଟି ବୁଝିଲେ ନାହିଁ ସେ ଦୋକାନ ଖୋଲିଛି ନିଶା ଖର୍ଚ୍ଚ ଚଳାଇବାକୁ; ବ୍ୟବସାୟ ଚଳାଇବାକୁ ତ ନୁହେଁ।

ଗରାକମାନେ ଯେ କୁଆଡ଼େ ଫେରିଲେ। ଦୋକାନଟି କିନ୍ତୁ ସେହିପରି ବନ୍ଦ ରହିଲା। ଏତେକଥା, ଏତେ ଅପମାନ– ତାକୁ ସେ ସବୁ କିଛି ସ୍ପର୍ଶ କଲା ନାହିଁ। ତା'ରି ପାଖ ଦୋକାନମାନଙ୍କରେ କେତେ ଗହଳ ଚହଳ। ଅଥଚ ସେଠାରେ କିଛି ନାହିଁ। ପିଲାମାନେ କୌତୁକରେ ପାଗଳା ଉପରକୁ ଟେକା ପଥର ପକାଇଲା ପରି ପବନ ରାସ୍ତାର ଲାଲ ଧୂଳି ଉଡ଼ାଇ ଆଣି ଦୋକାନ ଦୁଆର ମୁହଁରେ ପକାଇ ଦେଇଗଲା। ଦୋକାନ କବାଟ କ୍ଷଣକ ପାଇଁ ଧଡ଼ଧଡ଼ ହୋଇଉଠିଲା। ପୁଣି ସେହିପରି ସ୍ଥିର ହୋଇ ରହିଲା। ଗତ କେତେଦିନ ଧରି ଦୋକାନ ବନ୍ଦ ଥିବାରୁ କବାଟରେ, ଚୌକାଠରେ ଆଙ୍ଗୁଳେ ବହଳ ଧୂଳି ବସିଯାଇଛି।

ଏହି କ୍ଷୁଦ୍ର ଦୋକାନକୁ ଲାଗି ଚୌଧୁରୀଙ୍କର ସମ୍ଭ୍ରାନ୍ତ ମନୋହରି ଦୋକାନ। ସେ ଦୋକାନଟି ଏପରି ସଜ୍ଜା ହୋଇଛି, ନାନା ରଙ୍ଗର ଆଲୋକ ଏପରି ଭାବରେ ଖଞ୍ଜା ହୋଇଛି ଯେ ଖୁବ୍ ଜରୁରୀ କାମ ଥିବା ଲୋକ ବି ରାସ୍ତାରେ ଦଣ୍ଡେ ଠିଆ ହୋଇଯିବ ଦୋକାନର ଶୋଭା ଦେଖିବାକୁ। ଏତେ ବଡ଼ ସମୃଦ୍ଧିଶାଳୀ ଅଭିଜାତ ଦୋକାନ ପାଖରେ ସେଇ ଅପରିଷ୍କାର କ୍ଷୁଦ୍ର ଦୋକାନଟି କାନ୍ଧକୁ କାନ୍ଧ ମିଳାଇ ବସିଛି। ସେ ଦୋକାନଦାରର ମଗଜ ବି ଏହି ସମ୍ଭ୍ରାନ୍ତ ଦୋକାନଦାରମାନଙ୍କ ଅପେକ୍ଷା କୌଣସି ଅଂଶରେ କମ୍ ନୁହେଁ। କଟକ ସହରରେ ତା'ପରି ଦିଲ୍‌ଦାର ଲୋକ ହୁଏତ ଅଛନ୍ତି କି ନା ସନ୍ଦେହ।

ମସ୍‌ଜିଦ ଗଳି। ରାତି ପ୍ରାୟ ଏଗାରଟା। ସେ ଢଳି ଢଳି ଅନ୍ଧାର ଭିତରେ ଚାଲିଛି– ଖୁବ୍ ସମ୍ଭବ ଖଟିରୁ ଫେରିଲା। କିଛି ଦୂର ଯିବାପରେ ସେ ଗୋଟିଏ ବାରଣ୍ଡା ଉପରକୁ ଉଠିଯାଇ ଦୁଆରମୁହଁରେ ଆଘାତ କଲା। ଭିତରେ ଅନ୍ୟ ଲୋକର କଣ୍ଠସ୍ୱର ଶୁଣିପାରି ସେ ବିସ୍ମିତ ହୋଇ ପୁଣି ଶୁଣିଲା। ବାସ୍ତବିକ ଅନ୍ୟ ଲୋକ ସହିତ ମୋହିନୀ ଖୁସିଗପ କରୁଛି। କଟକକୁ ଆସିବା ଦିନୁ ମୋହିନୀ ସହିତ ତା'ର ପରିଚୟ ହେଲେ ସୁଦ୍ଧା ଗତ ଚାରିମାସ ହେବ ସେ ତା' ଘରେ ଖିଆପିଆ ବସବାସ କରେ। ଏହା ପୂର୍ବରୁ ତା'ର ଖିଆପିଆ ହେଉଥିଲା ହୋଟେଲରେ, କିନ୍ତୁ ବସବାସର କୌଣସି ନିର୍ଦ୍ଦିଷ୍ଟ ଜାଗା ନ ଥିଲା। ଜୀବନଯାକ ସେ ଏହିପରି ଭାବରେ କଟାଇ ଆସିଛି। ମୋଟେ ଏଇ କେତେଟା ଦିନ ହେବ ସେ ମୋହିନୀ ସହିତ ଘର ସଂସାର କରି ରହିଥିଲା। ଏ ବେଶ୍ୟାପଡ଼ାରୁ ମୋହିନୀକୁ ଉଠାଇ ନେଇ ଅନ୍ୟ ଜାଗାରେ ଗୋଟିଏ ଘର କରି ରହିବାକୁ ସେ ଅନେକ ଥର ଭାବିଛି। କିନ୍ତୁ ତାହାର ଅବସ୍ଥା ତାହା କରାଇ ଦେଇନାହିଁ, ତଥାପି ସେହି ବେଶ୍ୟାଳୟରେ ମୋହିନୀଠାରୁ ପୂର୍ଣ୍ଣ ପତିତ୍ୱ ଦାବି କରିବାକୁ ସେ ଛାଡ଼ି ନାହିଁ। ସମୟ ସମୟରେ ଘରଖର୍ଚ୍ଚ ପାଇଁ ନିଜର ରୋଜଗାରତକ ମଧ୍ୟ ମୋହିନୀ ହାତକୁ ବଢ଼ାଇ ଦେଇଛି। କିନ୍ତୁ ଆଜି ଅନ୍ୟ ପୁରୁଷର କଣ୍ଠସ୍ୱର ଶୁଣି ତାହାର ସ୍ୱାମୀତ୍ୱର ଅଭିମାନ ଜାଗି ଉଠିଲା। ସେ ପୁଣି ଦ୍ୱାରରେ ଆଘାତ କରି ଗର୍ଜିଉଠିଲା, ''ଦରବାଜା ଖୋଲୋ।'' ସଙ୍ଗେ ସଙ୍ଗେ ସବୁ କଳରୋଳ ବନ୍ଦ ହୋଇଗଲା। କବାଟ ଫିଟିଗଲା। ଅଳ୍ପ ଖୋଲା କବାଟ ଫାଙ୍କରେ ମୋହିନୀ ମୁହଁଟି ଗଳାଇ ତାହାର ଚଞ୍ଚଳ ନୟନ ଓ ସସ୍ମିତ ଅଧରକୁ ଆଗନ୍ତୁକ ଦିଗକୁ ଟେକି ଧରିଲା।

ଅବିଚଳିତ ଗମ୍ଭୀର ସ୍ୱରରେ ପ୍ରଶ୍ନ ହେଲା, ''ଘରେ ଆଉ କିଏ?''

''ଆଉ କିଏ ଥାଆନ୍ତା ମ; ପଡ଼ିଶା ଘର ପାଟି ଶୁଭୁଥିବ ନା।''

କୌଣସି କଥାରେ କାନ ନ ଦେଇ ସେ ଭିତରକୁ ଚାଲିଲା। ସେହି ଘର ଭିତରେ ସେ ନିଶାରେ ଭୋଳ ହୋଇ ପଡ଼ିଥିବା ବେଳେ ମୋହିନୀ ପାଖକୁ ଅନ୍ୟ ଲୋକ ଆସିଛନ୍ତି; କିଛି ସେ ଜାଣିପାରି ନାହିଁ। କିନ୍ତୁ ଆଜି ତାହାର ନିଶା ଗଲା କୁଆଡ଼େ? ଏହି କଥାଟା ବୁଝିବାକୁ ମୋହିନୀର ବାକି ରହିଗଲା। ସେ ଭାବିଥିଲା ଏ ତ ମତୁଆଲା ହୋଇ ଆସିଥିବ। ଯାକୁ ସହଜରେ ଭୁଲାଇ ଦେଇ ଅତିଥିଟିକୁ ସସମ୍ମାନରେ ବିଦା କରିଦବ। କିନ୍ତୁ ଆଜିର ଏ ଭାବ ତାହାଠାରେ ଦେଖି ମୋହିନୀ ମନରେ ନାନା ଆଶଙ୍କା ଜାତ ହେଲା।

## କବିତା



### ବଡ଼ଦାଣ୍ଡ

**ମଧୁସୂଦନ ଦାଶ**

ଟାଲୁଟାଲୁ ଟାଲିଯାଏ
ଦୁଃଖ, ଅବସାଦ
ଭୁଲୁଭୁଲୁ ଭୁଲିହୁଏ
ଶୋକ, ଅପବାଦ।

ନଉଁନଉଁ ନଇଁଯାଏ
ଆପେଆପେ ମଥା
ନାଉ ନାଉ ନାଇହୁଏ
ରାମାନନ୍ଦୀ ଚିତା।

କିଣୁକିଣୁ କିଣିହୁଏ
ସଂସାରର ସୁଖ
ବୁଣୁବୁଣୁ ବୁଣିହୁଏ
ଜଂଜାଳ ଯେତକ।

ମୋ: ୯୪୩୭୩୩୨୪୯୮

### ଆବାହନୀ

**ଜୟନ୍ତୀ ରଥ**

ମା' ଗୋ!
ତମେ ଆସିବ ବୋଲି ହିଁ
ମୋ ଆଖିର ଲୁହକୁ ଦେଖ
କାକରର ମୁକ୍ତାବିନ୍ଦୁ କରି
ପୂଜାବେଦୀ ମଣ୍ଡଣି କରିଛି
କଣ୍ଟାର ମୁକୁଟ ପିନ୍ଧି
ତମପାଇଁ ଖୁସି ଖୁସି ଫୁଲଝରୀ ଜାଳୁଛି
ମହାଶୂନ୍ୟେ ଝୁଲିଝୁଲି
ପ୍ରଣବର ଶବ୍ଦ ନିନାଦୁଛି।

ତୁମେ ଆସିବ ତ
ଦୁଷ୍ଟ ସଂହାରିଣୀ ହୋଇ
ଆସ ଦେବୀ ଦଶଭୁଜା
ଏଠି ବ୍ୟଭିଚାରର ରାକ୍ଷସ ଫୁତ୍କାର କରୁଛି
ଯୌତୁକ ନିଆଁରେ ରମଣୀ ସିଝୁଛି
ସନ୍ତ୍ରାସବାଦୀଙ୍କ ବୋମା ବିସ୍ଫୋରଣରେ
ସସାଗରା ଧରା ଆଜି ଭୟରେ ଥରୁଛି
ଅସହିଷ୍ଣୁତା କବଳେ ମାନବିକତା ହଜିଛି
ଯୁଦ୍ଧର ଆତଙ୍କ ପୁଣି କାୟା ବିସ୍ତାରୁଛି
ଯୁଗ ଯୁଗ ତ୍ରସ୍ତ ମଣିଷ
ଅଭୟ ଟିକିଏ ପାଇଁ
କାକୁସ୍ଥ ମୁଦ୍ରାରେ ଦେଖ
ତମ ପାଦପଦ୍ମ ତଳେ
ବେନି ହାତ ପ୍ରସାରି ଦେଉଛି।

ମୋ: ୮୦୯୩୪୮୬୬୭୪

### ଭୁଲିଯିବା ପରେ

**ରମାକାନ୍ତ ଦାସ**

ଭୁଲିଯିବା ପରେ
ସ୍ୱପ୍ନ ସବୁ ନୀରବରେ ଭାସିଯାଆନ୍ତି
ସୁଅ ମୁହଁର ପତ୍ର ପରି
ହସ ଭାସିଯାଏ ଲୁହର ନଈରେ
ଫଗୁଣ ରୁଷିଯାଏ ପ୍ରେମର ସହରେ
ମନ ତଳେ ଗଢ଼ିଥିବା ଆଶାର ନୀଡ଼ଟି
ଭାଙ୍ଗିଯାଏ ଅଦିନିଆ ଝଡ଼ରେ।

ଅତୀତର ବେରଙ୍ଗ ପୃଷ୍ଠା
ମନର କାନ୍‌ଭାସରେ
ସ୍ମୃତିର ଚିତ୍ର ଆଙ୍କେ
ଅବାସ୍ତବ କଳ୍ପନା
ଅସୀମ ସ୍ୱପ୍ନର ସମ୍ଭାର
ମତେ ପ୍ରତି ମୁହୂର୍ତ୍ତରେ
ଅତୀତରେ ହଜେଇଦିଏ
ସେ କଳଙ୍କିତ ଅତୀତ
ମନେପକାଇଦିଏ
ଆମ ନିବିଡ଼ତାର ବିସ୍ମୃତ ମୁହୂର୍ତ୍ତ
ଆଖିର ନଈକୂଳେ
ଲୁହସବୁ ବହିଯାଏ
ସୁଖ ଭାସିଯାଏ, ହସ ରୁଷିଯାଏ
ହୃଦୟେ ଲାଗେ ଅଦେଖା ନିଆଁ
ଭୁଲିବାକୁ ଚାହିଁଲେ ବି ବାରମ୍ବାର
ସତେଜ ହୋଇ ଉଠେ ପୁରୁଣା କ୍ଷତ
ତୁମର କାଣିଚାଏ ପ୍ରେମ ପାଇଁ
ମୁଁ ରହେ ତୁମ ଅପେକ୍ଷାରେ।

ମୋ: ୯୬୬୮୮୧୫୩୬୯

ଗୀତି–କବିତା

### ଆସ ମାଆ ଅବତରି

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଆଶ୍ୱିନ ଆସିଲା ଉଶୀର ଭୂମିରେ
କାଶତଣ୍ଡୀ ହେଲା ସଜ
ଧରଣୀ ବକ୍ଷରେ ଶେଫାଳି ବିଛାଏ
ଶୁଭ୍ର ଚାଦରର ଶେଯ।

ଜୋଛନାରେ ଧୌତ ଶରଦ ଆକାଶ
ରଚେ ତାରାଫୁଲ ବନ୍ୟା
ଅପୂର୍ବ ଲାବଣ୍ୟ ଐଶ୍ୱର୍ଯ୍ୟ ସୁଷମା
ବେଶେ ଉଭା ଅନ୍ନପୂର୍ଣ୍ଣା।

ଉର୍ଜା ତୁମ ଦେଖି ଆଶ୍ଚର୍ଯ୍ୟାନ୍ୱିତ
ହୁଅନ୍ତି ଜଗତବାସୀ
ଅଗ୍ନିର ସ୍ଫୁଲିଙ୍ଗ ଢାଳ ଏ ଧରାରେ
ହର୍ଷିତ ଗଗନେ ଶଶୀ।

ମନ୍ତ୍ରେ ମନ୍ତ୍ରେ ପଲ୍ଲବିତ ବସୁନ୍ଧରା
ସୁବର୍ଣ୍ଣ ସୂରୁଯ ନଭେ
ସ୍ପର୍ଶେ ତୁମରି ଅମୃତ ବରଷା
ଶୂନ୍ୟ କୁଟୀର ଶୋଭେ।

କୋଟି କୋଟି ପ୍ରାଣ ମା' ମା' ଡାକେ
ଅର୍ଘ୍ୟଥାଳି ହସ୍ତେ ଧରି
ଅଣିଣ ଆସରେ ମହେନ୍ଦ୍ର ବାସରେ
ଆସ ଆସ ଅବତରି।

ମୋ: ୯୪୩୭୬୪୨୯୪୭

## ପୁସ୍ତକ ପରିଚୟ

### ମେମୋୟର୍ ଥ୍ରୁ ଏ ଲର୍ଣରସ୍ ଗ୍ଲାନ୍ସ




**ଲେଖକ:** ଡ. ଦେବକାନ୍ତ ମିଶ୍ର
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୫୦/–

ପ୍ରଖ୍ୟାତ ବୈଜ୍ଞାନିକ ଡ. ଦେବକାନ୍ତ ମିଶ୍ର ମହାବିଦ୍ୟାଳୟ ସ୍ତରରେ କେବଳ ବିଜ୍ଞାନ ଶିକ୍ଷା ପାଇଁ ନିଜର ଅଧ୍ୟାପନା ଜୀବନ ଅତିବାହିତ କରିନାହାନ୍ତି, ଜଣେ ଶିକ୍ଷା–ପ୍ରଶାସକ ଭାବେ ଦୀର୍ଘଦିନ ଧରି ଦକ୍ଷତାର ସହ କାର୍ଯ୍ୟ କରି ଏ କ୍ଷେତ୍ରରେ ନିଜର ପଦଚିହ୍ନ ରଖିବାକୁ ସକ୍ଷମ ହୋଇଛନ୍ତି। ଲୋକପ୍ରିୟ ବିଜ୍ଞାନ ରଚନା କ୍ଷେତ୍ରରେ ସେ ନିଜର ବୃତ୍ତିଗତ ଓ ଅବସରପ୍ରାପ୍ତ ଜୀବନରେ ଯେଉଁ ଯତ୍ନଶୀଳ ପ୍ରଚେଷ୍ଟାମାନ କରିଛନ୍ତି, ତାହା ବିଜ୍ଞାନକୁ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ସହାୟକ ହୋଇଛି। ଆଲୋଚ୍ୟ ଇଂଲିଶ୍ ପୁସ୍ତକଟି ହେଉଛି ତାଙ୍କର ଆତ୍ମଜୀବନୀ, ଯେଉଁଥିରେ ସେ ତାଙ୍କ ଜୀବନରେ ଅଙ୍ଗେ ନିଭାଇଥିବା ବିଶିଷ୍ଟ ଘଟଣାଗୁଡ଼ିକର ସ୍ମୃତିଚାରଣ କରିଛନ୍ତି। ପ୍ରାକ୍‌ସୂଚନା ଓ ଉପୋଦ୍‌ଘାତ ବ୍ୟତିରେକେ ଏଥିରେ ତିନୋଟି ଭାଗରେ ସେ ତାଙ୍କର ଜୀବନାନୁଭୂତି ଅତି ବୋଧଗମ୍ୟ ଭାଷାରେ ରୂପାୟିତ କରିଛନ୍ତି। ପ୍ରଥମ ଭାଗରେ ତାଙ୍କ ବୌଦ୍ଧିକ ଜୀବନ ତଥା ସାରସ୍ୱତ ଅଭିବୃଦ୍ଧିରେ ସହାୟତା କରିଥିବା ଖ୍ୟାତନାମା ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର ଭୂମିକା, ଦ୍ୱିତୀୟ ଅଧ୍ୟାୟରେ ତାଙ୍କ ଜୀବଦ୍ଦଶାରେ ଘଟିଥିବା ନାନା ବୈଜ୍ଞାନିକ, ବୈଷୟିକ ଓ ପାରିବେଶିକ ସମସ୍ୟାଗୁଡ଼ିକର ବ୍ୟାଖ୍ୟାନ ଏବଂ ତୃତୀୟ ଭାଗରେ ବିଶ୍ୱମାନବ ପାଇଁ ଏକ ସୁରକ୍ଷିତ, ଅଭିବୃଦ୍ଧିକ୍ଷମ ଓ ସମନ୍ୱିତ ଭବିଷ୍ୟତ ନିମିତ୍ତ ଆଶାଦୀପ୍ତ କାମନା ସ୍ଥାନିତ ହୋଇଛି। ପରିଶିଷ୍ଟରେ ସ୍ଥାନିତ ହୋଇଛି ଇଂଲିଶ୍ ଓ ଓଡ଼ିଆ ଭାଷାରେ ରଚିତ ତାଙ୍କ କୃତିସମୂହର ତାଲିକା। ଆଶା, ପୁସ୍ତକଟି ସର୍ବଜନାଦୃତି ଲାଭ କରିବ।

### କିଛି କଥା କହିହୁଏ ଆଉ କିଛି ବାକିରହେ




**କବି:** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ
**ପ୍ରକାଶକ:** ବର୍ଷା ପବ୍ଲିକେଶନ, ଭୁବନେଶ୍ୱର–୧୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/–

ଆରମ୍ଭରୁ ବହିଟିର ଉତ୍ସର୍ଗ ପାଠକର ମନଟାଣେ, ଯେତେବେଳେ କବି ପ୍ରିୟଙ୍କା ନିଜ ବାପା ଓ ମାଆଙ୍କୁ ବହିଟି ସମର୍ପଣ କରି ଲେଖନ୍ତି– ''ମୋ' କବିତାକୁ ମୋଟେ ବୁଝି ନ ଥିବା ପ୍ରଥମ ଈଶ୍ୱର ମୋ' ବାପାଙ୍କୁ ଓ ମୋ' ଜୀବନ ଦୀପରେ ସଳିତା ହେଇ ନିତି ଜଳୁଥିବା ମୋ' ବୋଉକୁ''। ତା'ପରେ ତାଙ୍କ କବିତା, ସଂଖ୍ୟାରେ ୩୭, ଅଥଚ ପ୍ରତ୍ୟେକଟି ଭାବଦୀପ୍ତ ଓ ସୃଜନପ୍ରଖର। ଯଥା: ''ସୂତାଖିଅରେ ଜୀବିକାକୁ/ ଯତ୍ନକରି ଗୁନ୍ଥୁଥିବା ଝିଅ,/ ମନ୍ଦିର ମନ୍ଦିର ବୁଲି/ ବିକୁଥାଏ ଜୀବନ;/ ଭୋକର ହାଟରେ/ ନିତି ବନ୍ଧା ପଡ଼ନ୍ତି/ ତା' ସ୍ୱପ୍ନସବୁ/ ତଥାପି ସେ ନିଶ୍ଚଳ,/ ସାରାରାତି ସାରାଦିନ।'' ('ଫୁଲ ବିକୁଥିବା ଝିଅ'– ପୃ: ୩୧) ଓ ''କବିତା ଆଉ କ'ଣ କି?/ ଛାତିତଳ ହୁତାଶନର ବଳକା ଦରପୋଡ଼ା ଅଙ୍ଗାର,/ ଲୁହ ଆଉ କୋହର ସୁସଜ୍ଜିତ ସମାହାର।'' ('କବିତା'– ପୃ: ୭୫)। ଏସବୁ ଉଦ୍ଧୃତିରେ ପ୍ରିୟଙ୍କାଙ୍କ କବିପଣର ସରଳତା ଓ ଜୀବନ ପ୍ରତି ବିଶ୍ୱସ୍ତ ହେବାର ଅଙ୍ଗୀକାରକୁ ଲକ୍ଷ୍ୟ କରିହୁଏ। କବି ଅଜୟ ସ୍ୱାଇଁ ଲେଖିଛନ୍ତି: ''ସହଜ, ସୁକୁମାର ତାଙ୍କ ଚିତ୍ରକଳ୍ପ। 'ହୃଦୟଟା କୁହୁଳା ସହର' ହେଉ କି 'କୁହୁଡ଼ିର ଘର' ହେଉ; 'ମାୟା କାଚର ଦର୍ପଣ' ହେଉ କି 'ଷୋଳଅଣା ଭୋକର ଭାଗ୍ୟ' ହେଉ ସବୁଠି ଅଛି ଏକ ଅନ୍ତରଙ୍ଗ ଅନୁଭବ।'' ଅଜୟ ଭୁଲ କହି ନାହାନ୍ତି। ପ୍ରିୟଙ୍କାଙ୍କ କବିତାର ସବୁଠୁଁ ବଡ଼ ସମ୍ବଳ ବୋଲି ଯଦି କିଛି ଥାଏ, ତେବେ ତାହା ହେଉଛି କବିତା ରଚନା ପାଇଁ ତାଙ୍କ ଭିତରେ ମହଜୁଦ୍ ଆତ୍ମପ୍ରତ୍ୟୟ ଓ ସାମର୍ଥ୍ୟ। ଆଶା, ସାଧନା ଅବ୍ୟାହତ ରଖିଲେ 'ବାକି ରହୁଥିବା କଥା'କୁ କହିପାରିବାର ଶକ୍ତି ସେ ଅର୍ଜନ କରିବେ।

## ଭାବର ବେପାର

**ଦ୍ୱିତୀ ଚନ୍ଦ୍ର ସାହୁ**

ମିନିଗଳ୍ପ

ଦଶହରା ବେଳେ କୁମୁଟି ପାଣିର ଭାରି ଲୋଡ଼ା। ଏଇ ଏରିଆର ଏକମାତ୍ର ନାମକରା ଛେଳି ବେପାରୀ। ଭଲ ଛେଳି ଦେବ ଓ ଠିକ୍ ପଇସା ହିସାବ କରି ନେବ। ଯନ୍ତ୍ର ପୂଜା ପାଇଁ ପଶୁବଳି ଲୋଡ଼ା। ଶକ୍ତିପୀଠରେ ବି ଅଷ୍ଟମୀ ବଳି ପୂଜା। ଛେଳି ଗୁହାଳରେ ମେଞ୍ଚେ ବୋଦା ଦେଖି ଖୁସି ହେଉଥିଲା ସେ ନିଜ ଭିତରେ। ମନେମନେ ହିସାବ କରୁଥିଲା ତା' ଭାଗକୁ ଲାଭ କେତେ ରହିବ। କୁମୁଟି ଛେଳି ବିକେ। କିନ୍ତୁ ଛେଳି ମାରି ମାଂସ ପାଇଁ କିଏ ବରାଦ କଲେ ରୋକ୍‌ଠୋକ୍ ମନା କରିଦିଏ। କୁଳ ବେଉଷା ହିସାବରେ ସେ ବେପାର କରୁଛି। ସେଥିରେ ପୁଣି ଜୀବ ହତ୍ୟା କରି ପାପ ଅର୍ଜିବ। ସେଥିପାଇଁ ତା' ବେପାରର ଫର୍ମୁଲା ହେଲା ମାଂସ ନାହିଁ, ଖାସି ପାଇଁ କୁମୁଟି ଭାଇ।

ନିକଟରେ ଏକ କଂପାନୀକୁ ଦଶଟା ଖାସି ଲୋଡ଼ା ପଡ଼ିଲା। ଜଣେ କମ୍ପାନୀ କର୍ମଚାରୀ ଆସିଲେ। ଭଲ ଛେଳି ସବୁ ବାଛିଲେ। ଦର କଷିଲେ। କିନ୍ତୁ ସେଥିରୁ ଗୋଟେ ବୋଦାକୁ ଦେବାକୁ କୁମୁଟି ମନାକଲା। ଅଲଗା ବାଛିବାକୁ ଅନୁରୋଧ କଲା। ପରେ କୁମୁଟିର କହିବା ପ୍ରକାରେ ଅଲଗା ଛେଳି ବାଛିଲେ କର୍ମଚାରୀ।

ପଇସା ପୈଠ କଲାବେଳେ କର୍ମଚାରୀ ପଚାରିଲେ : 'ଆଚ୍ଛା କୁମୁଟି! ସେ ଛେଳି ଦେବାକୁ କି ପାଇଁ ମନା କଲ!' ''ଆଜ୍ଞା! ସେଇଟା ମୋ' ଛେଳି! ତାକୁ ମରିବାକୁ ଦେଇ ପାରିବିନି।''

''କ'ଣ ଏମିତି ସେ ଛେଳିରେ ଅଛି?''

''ପିଲାଦିନରୁ ମୋ' ପୁଅ ତା' ସହିତ ଖେଳି ଆସିଛି। ମୋ' ପୁଅ ଖେଳୁଥିବା ବେଳେ ଥରେ ଅଜଗରଟେ ଆସିଗଲା। ଘରେ କିଏ କୁଆଡ଼େ କାମରେ ବ୍ୟସ୍ତ ଥିଲେ। ଏଇ ଛେଳିର ମାଆ ସେ ସାପକୁ



ଅଟକେଇବାକୁ ଚେଷ୍ଟା କଲା। ହେଲେ ତାକୁ ଗିଳି ଦେଲା ସାପ। ଆମେ ଆସି ଦେଖିଲା ବେଳକୁ ତାକୁ ଅଧାଅଧି ଗିଳି ଦେଇଥିଲା। ସେ ପାଖରେ ଚାଲବୁଲ କରୁ ନଥିବା ମୋ' ବୁଢ଼ୀ ମାଆ ଦେଖି ତାଟକା ହୋଇଯାଇଥିଲା।

ସେଦିନ ମୋ' ମାଆ କହିଲା: ''ଇଏ ବି ତୋର ପୁଅ। ତୋ' ପୁଅ ଲାଗି ତା'ର ମାଆ ମରିଗଲା। ଯାକୁ ବିକିବୁନୁ କେବେ!''

''ସେଦିନଠାରୁ ସେ ଆମ ଘରର ପିଲା। ତାକୁ କେମିତି ବଳି ପାଇଁ କାହା ହାତକୁ ଟେକି ଦେବି?''

ଏସବୁ ଶୁଣି କର୍ମଚାରୀ ତଟସ୍ଥ ହୋଇ ଯାଉଥିଲେ। ଏତିକିବେଳେ ସେ ଛେଳି କୁମୁଟି ପାଖକୁ ଆସି ତା' ପିଠିରେ ଘଷି ହେଲା। କୁମୁଟି ଟଙ୍କା ଗଣିବା ଛାଡ଼ି ତା'ର ବେକକୁ ଭିଡ଼ି ଧରି ଗେଲ କଲା।

ମଣିଷ ଓ ପଶୁ ଭିତରେ ଏ ସମ୍ପର୍କ ଦେଖିବା ପରେ କର୍ମଚାରୀ କହିଲେ: ''ଆଦର ଓ ସ୍ନେହ ଦେଲେ ମଣିଷ ହୁଏତ ପଛରେ ବେଇମାନି ହୋଇପାରେ, ହେଲେ ପଶୁପକ୍ଷୀ ବୋଲ ମାନିଯାଏ। ଏମିତି କି ନିଜ ଜୀବନ ବି ଦେଇଦିଏ। କୁମୁଟି ତୁମର ଏ ଭାବର ବେପାର ଖୁବ୍ ପସନ୍ଦ ଲାଗିଲା।''

କୁମୁଟି କିଛି ଉତ୍ତର ଦେଲାନି, ଛେଳିକୁ ଗେହ୍ଲା କରି ଧୀରେ ହସିଦେଲା।

ମୋ: ୯୪୩୭୯୦୯୬୭୧

## କାଳକାଳକୁ



''ଜଣେ ଯଦି କାହାରିଠାରୁ କିଛି ଚାହେଁନି, ତେବେ କେବେ ବି ହତାଶ ହୁଏନାହିଁ।''
–ସିଲ୍‌ଭିୟା ପ୍ଲାଥ୍

**ସିଲ୍‌ଭିୟା ପ୍ଲାଥ୍‌ଙ୍କ** ଜନ୍ମ ୨୭ ଅକ୍ଟୋବର ୧୯୩୨ରେ ଓ ପରଲୋକ ୧୧ ଫେବୃୟାରୀ ୧୯୬୩ରେ। ମାତ୍ର ୩୧ ବର୍ଷ ବୟସରେ ଆତ୍ମହତ୍ୟା କରି ଜୀବନଲୀଳା ସାଙ୍ଗ କରିଥିବା ଏହି ପ୍ରଖ୍ୟାତ ଆମେରିକୀୟ ଲେଖିକାଙ୍କର କବିତାଗ୍ରନ୍ଥ 'ଦ କଲୋସସ୍ ଆଣ୍ଡ୍ ଅଦର ପୋଏମ୍‌ସ' ପ୍ରକାଶ ପାଏ ୧୯୬୦ରେ ଓ 'ଏରିୟଲ୍' ୧୯୬୫ରେ। 'ଦ ବେଲ୍ ଜାର୍' ହେଉଛି ତାଙ୍କର ଆତ୍ମଜୀବନୀମୂଳକ ଉପନ୍ୟାସ। ୧୯୮୧ରେ ପ୍ରକାଶିତ 'କବିତା ସମଗ୍ର' ପାଇଁ ୧୯୮୨ରେ ତାଙ୍କୁ ମିଳେ ମରଣୋତ୍ତର 'ପୁଲିଜର୍ ପ୍ରାଇଜ୍'। ମରଣୋତ୍ତର ଭାବେ ଏହି ପୁରସ୍କାର ପାଇବାରେ ସେ ହେଉଛନ୍ତି ଚତୁର୍ଥ ଲେଖିକା। 'ଆତ୍ମସ୍ୱୀକାରୋକ୍ତିମୂଳକ କବିତା' ରଚନା ପାଇଁ ସିଲ୍‌ଭିୟା ପ୍ଲାଥ୍ ବିଶ୍ୱ କବିତାରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରନ୍ତି। ସିଲ୍‌ଭିୟା କହନ୍ତି, ''ତୁମେ ମୋତେ ଚୁମାଟିଏ ଦିଅ, ଦେଖିବ ମୋ' ଗୁରୁତ୍ୱ କେତେ!''

## ମାଆ ପରି କିଏ ହେବ

**ସୁନନ୍ଦା ମହାନ୍ତି**

ଲଘୁଗଳ୍ପ

ସେଦିନ ଜେଜେମା' ନାତୁଣୀଙ୍କ ଲୁଚକାଳି ଖେଳ କାଳ ହେଲା। ନାତୁଣୀ ଗୁଗୁଲି ପଡ଼ିଯାଇ ହସ୍ପିଟାଲରେ। ରକ୍ତ ଦରକାର ହେଲା ତ ଜେଜେମା'ଙ୍କର ଏବି ପଜିଟିଭ ହୋଇଥିବାରୁ ଜେଜେମା' ରକ୍ତ ଦେଉଥିଲେ। ଏପଟେ ଜେଜେ ଦିବାକର ବାବୁ ଜେଜେମା' ଶାନ୍ତିଙ୍କ ପାଇଁ ଦଶହରାରେ ଦେବୀ ଦୁର୍ଗାମେଢ଼ ଦେଖିଯିବାକୁ ଶାଢ଼ି ଚୁଡ଼ି କିଣି ନେଇ ଆସି ଦେଖନ୍ତି ତ ଘର ଖୋଲା ମେଲା ପଡ଼ିଛି। ଆରପଟ ସାହାଲାରେ ଦୁଇ ପଟେ ଦୁଇ ପୁଅ ବୋହୂ ଚାଲୁଥିଲେ ବି ସେମାନଙ୍କୁ ପଚାରିବାକୁ ଇଚ୍ଛା ନ ଥିଲା ଦିବାକର ବାବୁଙ୍କର।

ମନେପଡ଼େ କେତେ କଷ୍ଟରେ ନିଅଣ୍ଟିଆ ଚାକିରି ଦରମାରେ ଦୁଇ ପୁଅଙ୍କୁ ପାଠଶାଠ ପଢ଼େଇ, ଚାକିରି କରେଇ ବାହାଘର କରିବା ପରେ ମଧ୍ୟ ଦୁଇପୁଅ କେବେ ଆର୍ଥିକ ସାହାଯ୍ୟ ଦେଇ ନ ଥିବା ବେଳେ ପିଲା ଛୁଆଙ୍କ ଦାୟିତ୍ୱ ତାଙ୍କ ଉପରେ ପକେଇ ନିଶ୍ଚିନ୍ତରେ ରହିଯାଆନ୍ତି। ଆହୁରି କହନ୍ତି ବାପାଙ୍କ ପେନ୍‌ସନ ଟଙ୍କା ଅଛି ଅସୁବିଧା କ'ଣ? କିନ୍ତୁ କେବେ ଭାବିପାରନ୍ତି ନାହିଁ ଘର କରିବା ଲୋନ୍ ଓ ଝିଅ ବାହାଘର ପାଇଁ କରିଥିବା ଲୋନ୍ ଶୁଝୁ ଶୁଝୁ, ନାତି ନାତୁଣୀଙ୍କ ଫରମାସି ବୁଝୁ ବୁଝୁ ଶାନ୍ତିଙ୍କୁ ଅଣହେଳା କରନ୍ତି ଦିବାକର। ଭଲ ଶାଢ଼ି ଖଣ୍ଡେ ଦେବା ତ ଦୂରେ ଥାଉ, ଡାକ୍ତର ଦେଖାଇ ଔଷଧ ଟିକିଏ ଆଣି ଦେଇ ନାହାନ୍ତି କେବେ।

ଆରବର୍ଷ ଦୁର୍ଗାପୂଜା ବେଳେ ଶାଶୁ ବୋହୂ ଦୁଇଜଣଙ୍କ ପାଇଁ ଆସିଥିବା ତିନିଖଣ୍ଡ ଶାଢ଼ି ତିନିଜଣଙ୍କୁ ଦେଇଦେଲା ପରେ ବଡ଼ ବୋହୂ କହିଥିଲା ମାଆଙ୍କ ଶାଢ଼ି ଖୁବ୍ ଭଲ ହେଇଛି ତ! ସଙ୍ଗେ ସଙ୍ଗେ ଶାନ୍ତି ନିଜ ଶାଢ଼ି ବଡ଼ ବୋହୂକୁ ଦେଇଦେବା ପରେ ସାନ ବୋହୂ ଟାଉଁ ଟାଉଁ ହୋଇ କେତେ ସବୁ କହିଗଲା। ଶାନ୍ତି ସିନା ମାଆ ବୋଲି ବଡ଼ ବୋହୂ ଫେରେଇଥିବା ଶାଢ଼ି ସାନ ବୋହୂକୁ ଦେଇ ଚୁପ୍ ହେଇଯା କହିଥିଲେ, ଦିବାକର ବାବୁ କିନ୍ତୁ ଏତେଦିନର ଅସହିଷ୍ଣୁତାକୁ ଫୋପାଡ଼ି ଦେଇଥିଲେ ଶବ୍ଦ କେତେଟାରେ। ଏଥର ନିଜ ସ୍ୱାମୀମାନଙ୍କୁ କୁହ ତୁମ ସବୁ କଥା ବୁଝିବେ। ବାସ୍ ସେତିକି କଥାରେ ଦୁଇ ବୋହୂ ଅଲଗା ରାନ୍ଧିଲେ।



ଶାନ୍ତି ପୁଣି ନିଜ ପାଇଁ ଭାତ ରାନ୍ଧୁରାନ୍ଧୁ ଦୁଇ ବୋହୂଙ୍କୁ ସାହାଯ୍ୟ କରିଚାଲିଲେ, ବେଳ ଅବେଳରେ ହାତବଟେଇ। ଭଲମନ୍ଦ ନିଜେ ନ ଖାଇ ନାତିନାତୁଣୀଙ୍କୁ ଦେଲେ। ନିଜ ମାଛ ମାଂସ ଭାଗ ଦୁଇ ପୁଅଙ୍କୁ ଦେଇଆସି ବାଇଗଣ ଚକଟି ଖାଇବା ଦେଖି ସହିପାରନ୍ତିନି ଦିବାକର ବାବୁ, ଆକଟନ୍ତି ଶାନ୍ତିଙ୍କୁ। କହନ୍ତି– ଏଥର ହସ୍ପିଟାଲ ଚାଲ। ଏଡ଼େଇ ଯାଆନ୍ତି ଶାନ୍ତି, କହନ୍ତି କ'ଣ ହେଇଛି କି ମୋର। ସେଇଥିପାଇଁ ଏବର୍ଷ ଦଶହରାରେ ନେଇଆସିଛନ୍ତି ସମ୍ବଲପୁରୀ ଶାଢ଼ି ଖଣ୍ଡେ ଶାନ୍ତିଙ୍କ ପାଇଁ ଦିବାକର ବାବୁ।

ଏହି ସମୟରେ କାର୍ ଲାଗିଲା ଦାଣ୍ଡରେ। ନାତୁଣୀକୁ ଧରି ପୁଅ ବୋହୂମାନେ କ'ଣ ଯେ ଆଜି ହୋଇଥା'ନ୍ତା କହିକହି ତାକୁ କୋଳ କରି ଘର ଭିତରକୁ ନେଲା ପରେ ଦିବାକର ବାବୁ ଦେଖିଲେ ଅତି କଷ୍ଟରେ ଓହ୍ଲାଉଛନ୍ତି ଶାନ୍ତି କାର୍‌ରୁ। ରକ୍ତ ଦେଇ ଅସୁସ୍ଥ ଦୁର୍ବଳ ଶରୀରର ଭାରସାମ୍ୟ ରଖି ଓହ୍ଲେଇ ପାରୁନଥିବା ଶାନ୍ତିଙ୍କୁ ଧରିନେଲେ ଦିବାକର। ଶାନ୍ତି ସବୁକଥା କହିସାରିବା ପରେ କହୁଥିଲେ ମାଆ ଦୁର୍ଗା ଦେବୀଙ୍କ ଦୟାରୁ ମୋ' ରକ୍ତ ନାତୁଣୀ ଗୁଗୁଲି ରକ୍ତ ସହ ମିଶିଗଲାରୁ ପିଲାଟା ଜୀବନ ପାଇଗଲା ଜାଣ। ନହେଲେ ଆଜି ମୋ' ଯୋଗୁଁ କ'ଣ ଯେ ହୋଇଥା'ନ୍ତା ପିଲାଟାର, କହି କାନ୍ଦି ପକାଉଥିଲେ ଶାନ୍ତି। ଦିବାକର ବାବୁ ପଚାରିଲେ ତୁମ ଯୋଗୁଁ ମାନେ? ଶାନ୍ତି କହିଲେ ଗୁଗୁଲି ଅନୁରୋଧରେ ତା' ସହ ଲୁଚକାଳି ଖେଳୁଥିଲି ମୁଁ, ମୋ' ଯୋଗୁଁ ପିଲାଟାର ଏ ଅବସ୍ଥା।

ମୋ: ୯୦୪୦୯୭୭୩୨୭







ବେଙ୍ଗାଲୁରୁରେ ଶୁକ୍ରବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଶତକ ହାସଲ ପରେ ଉଲ୍ଲସିତ ଡେଭିଡ୍ ୱାର୍ନର ଓ ମିଚେଲ ମାର୍ଶ।

# ପାକିସ୍ତାନକୁ ହରାଇଲା ଅଷ୍ଟ୍ରେଲିଆ

**ବେଙ୍ଗାଲୁରୁ, ୨୦।୧୦**

ଡେଭିଡ ୱାର୍ନର ଓ ମିଚେଲ ମାର୍ଶଙ୍କ ରେକର୍ଡ ଦ୍ୱିଶତକୀୟ ଓପନିଂ ଭାଗୀଦାରିପରେ ବୋଲରଙ୍କ ମିଳିତ ଅବଦାନ ବଳରେ ଅଷ୍ଟ୍ରେଲିଆ ଶୁକ୍ରବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ ମ୍ୟାଚରେ ପାକିସ୍ତାନକୁ ୬୨ ରନରେ ପରାସ୍ତ କରିଛି। ହାଇସ୍କୋରିଂ ମ୍ୟାଚରେ ଅଷ୍ଟ୍ରେଲିଆ ୫୦ ଓଭରରେ ୯ ଉଇକେଟ ହରାଇ ୩୬୭ ରନ କରିଥିଲା। ପାକିସ୍ତାନ ଭଲ ଆରମ୍ଭ କରିଥିଲେ ହେଁ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ୪୫.୩ ଓଭରରେ ୩୦୫ ରନ କରି ଅଲ୍ ଆଉଟ ହୋଇଥିଲା। ଚଳିତ ବିଶ୍ୱକପରେ ଅଷ୍ଟ୍ରେଲିଆର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ନିଜର ପ୍ରଥମ ଦୁଇ ମ୍ୟାଚରେ ଭାରତ ଓ ଦକ୍ଷିଣ ଆଫ୍ରିକାଠାରୁ ହାରିଥିବା ଏହି ଦଳ ପୂର୍ବ ମ୍ୟାଚରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ନିଜର ପ୍ରଥମ ୨ ମ୍ୟାଚରେ ବାବର ଆଜମଙ୍କ ଦଳ ଯଥାକ୍ରମେ ନେଦରଲାଣ୍ଡ୍ସ ଓ ଶ୍ରୀଲଙ୍କାକୁ ହରାଇଥିବାବେଳେ ପୂର୍ବ ମ୍ୟାଚରେ ଭାରତଠାରୁ ହାରି ଯାଇଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଚମତ୍କାର ଆରମ୍ଭ କରିଥିଲା। ଦୁଇ ଓପନର ଡେଭିଡ ୱାର୍ନର ଓ ମିଚେଲ ମାର୍ଶ ଶତକ ହାସଲ କରିବା ସହ ଓପନିଂ ଯୋଡ଼ିରେ ଦ୍ୱିଶତକୀୟ ଭାଗୀଦାରି ଗଢ଼ି ଦଳର ବୃହତ୍ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ପାକିସ୍ତାନ ବୋଲରଙ୍କୁ ଧୁଲେଇ କରି ୱାର୍ନର ହାସଲ କରିଥିଲେ କ୍ୟାରିୟରର ୨୧ତମ ଓ ମାର୍ଶ ଦ୍ୱିତୀୟ ଦିନିକିଆ ଶତକ। ଏଥିସହ ଦୁହେଁ ପ୍ରଥମ ଉଇକେଟରେ ୨୦୩ ବଲ୍‌ରୁ ୨୫୯ ରନର ଭାଗୀଦାରି ଗଢ଼ି ଏକାଧିକ ରେକର୍ଡର ଅଧିକାରୀ ହୋଇଥିଲେ। ୩୪ତମ ଓଭରର ୫ମ ବଲ୍‌ରେ ମିଚେଲ ମାର୍ଶଙ୍କୁ ଆଉଟ କରି ପାକିସ୍ତାନକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଶାହିନ ଶାହା ଆଫ୍ରିଦି। ୧୦୦ ବଲ୍‌ରୁ ଶତକ ପୂରଣ କରିଥିବା ମାର୍ଶ ୧୦୮ ବଲ୍‌ରୁ ୧୦ ଚୌକା ଓ ୯ ଛକା ସହାୟତାରେ ୧୨୧ ରନ କରି ଆଉଟ ହୋଇଥିଲେ। ଗ୍ଲେନ ମ୍ୟାକ୍ସୱେଲ ଖାତା ଖୋଲିପାରି ନ ଥିବାବେଳେ ଷ୍ଟିଭେନ ସ୍ମିଥ୍ ମାତ୍ର ୭ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ୱାର୍ନର ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ମାତ୍ର ୮୫ତ ବଲ୍‌ରୁ ଶତକ ପୂରଣ କରିଥିବାବେଳେ ୧୨୪ ବଲ୍‌ରୁ ସର୍ବାଧିକ ୧୬୩ (୧୪ ଚୌକା, ୯ ଛକା) ରନ ସ୍କୋର କରିଥିଲେ। ୱାର୍ନର ଏବଂ ମାର୍ଶଙ୍କ ବ୍ୟାଟିଂ ସମୟରେ ଅଷ୍ଟ୍ରେଲିଆ ୪୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିବ ବୋଲି ଆକଳନ କରାଯାଉଥିଲା। ମାତ୍ର ମିଡିଲ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିଫଳତା ଯୋଗୁ ଦଳୀୟ ଇନିଂସ ୩୬୭ରେ ସୀମିତ ରହି ଯାଇଥିଲା। ମାର୍କୁସ ଷ୍ଟୋଇନିସ ୨୧ ଓ ଜୋଶ୍ ଇଂଲିଶ୍ ୧୩ ରନ ସ୍କୋର କରିଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଶାହା ଆଫ୍ରିଦି ୫ ଉଇକେଟ ସଫଳତା ପାଇଥିବାବେଳେ ହାରିସ ରୌଫ ୩ଟି ଓ ଉସମା ମୀର ଗୋଟିଏ ଉଇକେଟ ନେଇଥିଲେ। ଅତିରିକ୍ତଭାବେ ପାକିସ୍ତାନ ବୋଲରମାନେ ୨୫ ରନ ବ୍ୟୟ କରିଥିଲେ।

ବଡ଼ ସ୍କୋରର ପିଛା କରିଥିବା ପାକିସ୍ତାନ ମଧ୍ୟ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଅବଦୁଲା ଶଫିକ ଓ ଇମାମ-ଉଲ-ହକ୍ ଓପନିଂ ଯୋଡ଼ିରେ ୧୩୪ ରନ ସଂଗ୍ରହ କରି ଦଳକୁ ଏକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ନିଜ ସମେତ ୫ ବୋଲରଙ୍କୁ ବ୍ୟବହାର କରି ବିଫଳ ହେବାପରେ ମାର୍କୁସ ଷ୍ଟୋଇନିସଙ୍କୁ ବୋଲିଂଭାର ଦେଇ ସଫଳତା ପାଇଥିଲେ। ଷ୍ଟୋଇନିସ ନିଜ ପ୍ରଥମ ଓଭର ଅର୍ଥାତ୍ ପାକିସ୍ତାନ ଇନିଂସର ୨୨ତମ ଓଭରର ପ୍ରଥମ ବଲ୍‌ରେ ଶଫିକଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ। କେବଳ ସେତିକି ନୁହେଁ ନିଜ ଦ୍ୱିତୀୟ ଓଭରରେ ମଧ୍ୟ ସଫଳତା ପାଇଥିଲେ ଷ୍ଟୋଇନିସ। ସେ ଏଥର ଅନ୍ୟତମ ସେଟ୍ ବ୍ୟାଟର ଇମାମ-ଉଲ-ହକ୍‌ଙ୍କୁ ଶିକାର ବନାଇଥିଲେ। ଶଫିକ ୬୪ ଓ ଇମାମ ୭୦ ରନକରି ପ୍ୟାଭିଲିୟନ ଫେରିଥିଲେ। ପୂର୍ବ ମ୍ୟାଚରେ ଭାରତ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିବା ଅଧିନାୟକ ବାବର ଆଜମ ଏଠାରେ କିନ୍ତୁ ବିଫଳ ହୋଇଥିଲେ। ସେ ମାତ୍ର ୧୮ ରନକରି ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମହମ୍ମଦ ରିଜୱାନ ଓ ସୌଦ ଶକିଲ ଇନିଂସକୁ ଆଗେଇ ନେଇଥିଲେ। ୪ର୍ଥ ଉଇକେଟରେ ୪୮ ବଲ୍‌ରୁ ୫୭ ରନ ଯୋଗ ହେବାପରେ ଶକିଲଙ୍କୁ ଆଉଟ କରି ପାକିସ୍ତାନକୁ ଝଟ୍‌କା ଦେଇଥିଲେ କୁମିନ୍ସ। ୩୧ ବଲ୍‌ରୁ ଶକିଲ ୩୦ ରନ କରିଥିଲେ। ରିଜୱାନଙ୍କ ସହ କ୍ରିଜରେ ଯୋଗ ଦେଇଥିବା ଇଫତିକାର ଅହମଦ ଆରମ୍ଭରେ ଧିମା ଖେଳିଥିଲେ ହେଁ ପରେ ଆକ୍ରମଣାତ୍ମକ ବ୍ୟାଟିଂ କରି ପାକିସ୍ତାନ ପାଇଁ ଆଶା ସଞ୍ଚାର କରିଥିଲେ। ମାତ୍ର ଆବଶ୍ୟକ ସମୟରେ ଇଫତିକାରଙ୍କୁ ଆଉଟ କରି ମ୍ୟାଚର ମୋଡ଼ ବଦଳାଇଥିଲେ ତାରକା ସ୍ପିନର ଜାମ୍ପା। ୩ ଛକା ସହାୟତାରେ ଇଫତିକାର ୨୬ ରନ କରିଥିବାବେଳେ ଲାଇନ୍ ମିସ୍‌କରି ଏଲବିଡବ୍ଲ୍ୟୁ ହୋଇ ଯାଇଥିଲେ। ଜାମ୍ପା ନିଜର ପରବର୍ତ୍ତୀ ଅର୍ଥାତ୍ ଇନିଂସର ୪୧ତମ ଓଭରରେ ଇନ୍‌ଫର୍ମ ବ୍ୟାଟର ରିଜୱାନଙ୍କୁ ଆଉଟ କରିବାରୁ ପାକିସ୍ତାନ ବିଜୟ ଆଶା ଧୂଳିସାତ ହୋଇ ଯାଇଥିଲା। ଅମ୍ପାୟରଙ୍କ ଏଲବିଡବ୍ଲ୍ୟୁ ଆଉଟ ନିଷ୍ପତ୍ତି ବିରୋଧରେ ରିଜୱାନ ଡିଆରଏସ୍ ନେଇଥିଲେ ହେଁ କିଛି ଲାଭ ହୋଇ ନ ଥିଲା। ସେ ୪୦ ବଲ୍‌ରୁ ୪୬ ରନ କରିଥିଲେ। ଚଳିତ ବିଶ୍ୱକପରେ ପ୍ରଥମଥରପାଇଁ ସୁଯୋଗ ପାଇଥିବା ଉସମା ମୀର ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଆଡାମ ଜାମ୍ପା ସର୍ବାଧିକ ୪ଟି ଏବଂ ମାର୍କୁସ ଷ୍ଟୋଇନିସ ଓ ପ୍ୟାଟ୍ କୁମିନ୍ସ ୨ଟି ଲେଖାଏ ଏବଂ ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୫୦ ଓଭରରେ ୩୬୭/୯ (ଡେଭିଡ ୱାର୍ନର-୧୬୩, ମିଚେଲ ମାର୍ଶ-୧୨୧, ଶାହିନ ଶାହା ଆଫ୍ରିଦି-୫/୫୪, ହାରିସ ରୌଫ-୩/୮୩, ଉସମା ମୀର-୧/୮୨)। ପାକିସ୍ତାନ ୪୫.୩ ଓଭରରେ ୩୦୫/ଅଲ୍‌ଆଉଟ (ଇମାମ ଉଲ ହକ୍-୭୦, ଅବଦୁଲା ଶଫିକ୍-୬୪, ମହମ୍ମଦ ରିଜୱାନ-୪୬, ସୌଦ ଶକିଲ-୩୦, ଆଡାମ ଜାମ୍ପା-୪/୫୩, ମାର୍କୁସ ଷ୍ଟୋଇନିସ-୨/୪୦, ପ୍ୟାଟ୍ କୁମିନ୍ସ-୨/୬୨, ଜୋଶ୍ ହାଜେଲଉଡ୍-୧/୩୭, ମିଚେଲ ଷ୍ଟାର୍କ-୧/୬୫)।



୫ ଉଇକେଟ ହାସଲକାରୀ ପାକିସ୍ତାନର ଶାହିନ ଶାହା ଆଫ୍ରିଦି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନେଦରଲାଣ୍ଡ୍ସ ବନାମ ଶ୍ରୀଲଙ୍କା**

ସ୍ଥାନ: ଲକ୍ଷ୍ନୌ, ସମୟ: ପୂର୍ବାହ୍ନ ୧୦ଟା ୩୦

**ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା**

ସ୍ଥାନ: ମୁମ୍ବାଇ, ସମୟ: ଅପରାହ୍ନ ୨ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ମାର୍ଶ, ୱାର୍ନରଙ୍କ ଶତକରେ ରେକର୍ଡ

**ବେଙ୍ଗାଲୁରୁ, ୨୦।୧୦ (ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ବିପକ୍ଷରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆର ମିଚେଲ ମାର୍ଶ ଓ ଡେଭିଡ ୱାର୍ନର। ଦୁଇଜଣଙ୍କ ଶତକ ଏବଂ ଦ୍ୱିଶତକୀୟ ଭାଗୀଦାରି ସହ ଅନେକ ରେକର୍ଡ ମଧ୍ୟ ସୃଷ୍ଟି ହୋଇଛି। କୌଣସି ବିଶ୍ୱକପ୍ ମ୍ୟାଚରେ ଓପନିଂ ଯୋଡ଼ି ଶତକ ହାସଲ କରିବା ଏହା ଚତୁର୍ଥ ଦୃଷ୍ଟାନ୍ତ। ତେବେ ଅଷ୍ଟ୍ରେଲିଆ ପାଇଁ ଏହା ପ୍ରଥମ। ପ୍ରଥମେ ୱାର୍ନର ଶତକ ପୂରଣ କରିବା ପରେ ମାର୍ଶ ନିଜ ୩୨ତମ ଜନ୍ମଦିନରେ ହାସଲ କରିଥିଲେ କ୍ୟାରିୟରର ଦ୍ୱିତୀୟ ଦିନିକିଆ ଶତକ। ୱାର୍ନର ଓ ମାର୍ଶ ଓପନିଂ ଯୋଡ଼ିରେ ୨୫୯ ରନ ଯୋଗ କରିଥିଲେ। ବିଶ୍ୱକପ୍ ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ ଓପନିଂ ଭାଗୀଦାରି। ତେବେ ଅଷ୍ଟ୍ରେଲିଆ ପାଇଁ ଏହା ଶ୍ରେଷ୍ଠ ପାର୍ଟନରଶିପ୍। ୱାର୍ନରଙ୍କ ପାଇଁ ଏହା ଥିଲା ପାକିସ୍ତାନ ବିପକ୍ଷରେ କ୍ରମାଗତ ଚତୁର୍ଥ ଦିନିକିଆ ଶତକ। କୌଣସି ଗୋଟିଏ ଦଳ ବିପକ୍ଷରେ ୪ ଶତକ ହାସଲ କରିବାରେ ୱାର୍ନର ଭାରତର ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି। କୋହଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ୪ ଶତକ ହାସଲ କରିଥିଲେ। ବିଶ୍ୱକପ୍‌ରେ ଏହାଥିଲା ୱାର୍ନରଙ୍କ ୫ମ ଶତକ। ଏଥିସହ ସେ ଅନ୍ୟତମ ଅଷ୍ଟ୍ରେଲୀୟ ଖେଳାଳି ରିକି ପଣ୍ଟିଂଙ୍କ ସମକକ୍ଷ ହୋଇଛନ୍ତି। ମାର୍ଶ ଅନ୍ତର୍ଜାତୀୟ କ୍ରିକେଟରେ ୬ଷ୍ଠ ଏବଂ ପ୍ରଥମ ଅଷ୍ଟ୍ରେଲୀୟ ଖେଳାଳିଭାବେ ନିଜ ଜନ୍ମଦିନରେ ଦିନିକିଆ ଶତକ ହାସଲ କରିଛନ୍ତି। ତେବେ ଜନ୍ମ ଦିନରେ କୌଣସି ଏକ ବିଶ୍ୱକପ୍ ମ୍ୟାଚରେ ଶତକ ହାସଲ କରିବାରେ ସେ ନ୍ୟୁଜିଲାଣ୍ଡର ରସ୍ ଟେଲରଙ୍କ ପରେ ଦ୍ୱିତୀୟ ଖେଳାଳି। ଓପନିଂ ଯୋଡ଼ିରେ ମାର୍ଶ ଓ ୱାର୍ନର ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଥିଲେ। ବିଶ୍ୱକପ୍ ଇତିହାସରେ ସର୍ବାଧିକ ଦ୍ୱିଶତକୀୟ ଭାଗୀଦାରିରେ ଭାରତର ସମକକ୍ଷ ହୋଇଛି ଅଷ୍ଟ୍ରେଲିଆ। ଉଭୟ ୫ ଥର ଲେଖାଏ ଦ୍ୱିଶତକୀୟ ଭାଗୀଦାରି ଗଢ଼ିଛନ୍ତି।

**ପଏଣ୍ଟ ଟେବୁଲ**

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୪ | ୦ | ୮ | +୧.୯୨୩ |
| ଭାରତ | ୪ | ୪ | ୦ | ୮ | +୧.୬୫୯ |
| ଦକ୍ଷିଣ ଆଫ୍ରିକା | ୩ | ୨ | ୧ | ୪ | +୧.୩୮୫ |
| ଅଷ୍ଟ୍ରେଲିଆ | ୪ | ୨ | ୨ | ୪ | -୦.୧୯୩ |
| ପାକିସ୍ତାନ | ୪ | ୨ | ୨ | ୪ | -୦.୪୫୬ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ବାଂଲାଦେଶ | ୪ | ୧ | ୩ | ୨ | -୦.୭୮୪ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | -୦.୯୯୩ |
| ଆଫଗାନିସ୍ତାନ | ୪ | ୧ | ୩ | ୨ | -୧.୨୫୦ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | -୧.୫୩୨ |

# ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବେନି ପାଣ୍ଡ୍ୟା

**ନୂଆଦିଲ୍ଲୀ, ୨୦।୧୦(ପି.ଟି.)**

ଭାରତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଖେଳିବେନି। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଗୁରୁବାର ପୁଣେଠାରେ ବଂଲାଦେଶ ବିପକ୍ଷରେ ବୋଲିଂ କରୁଥିବା ବେଳେ ତାଙ୍କ ବାମ ଗୋଇଠିରେ ଆଘାତ ଲାଗିଛି। ତାଙ୍କ ଆଘାତସ୍ଥାନର ସ୍କାନ କରାଯାଇଛି। ଆବଶ୍ୟକ ଚିକିତ୍ସା ପାଇଁ ତାଙ୍କୁ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀକୁ ନିଆଯାଇଛି ଏବଂ ବିଶ୍ରାମ ପାଇଁ ପରାମର୍ଶ ଦିଆଯାଇଛି। ସେ ବିସିସିଆଇ ମେଡିକାଲ ଟିମ୍‌ର ନଜରରେ ରହିଛନ୍ତି। ଭାରତ ଆସନ୍ତା ୨୨ରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଧର୍ମଶାଳାରେ ଖେଳିବ।

ପାଣ୍ଡ୍ୟା ଅକ୍ଟୋବର ୨୦ରେ ଧର୍ମଶାଳା ନ ଯାଇ ସିଧାସଳଖ ଲକ୍ଷ୍ନୌ ଯାଇ ଦଳରେ ଯୋଗ ଦେବେ, ଯେଉଁଠାରେ ଭାରତ ବନାମ ଇଂଲଣ୍ଡ ମ୍ୟାଚ ଖେଳାଯିବ। କେ.ଏଲ୍. ରାହୁଲ ନ୍ୟୁଜିଲାଣ୍ଡ ଗେମ୍ ପାଇଁ ରୋହିତ ଶର୍ମାଙ୍କ ଡେପୁଟି ଭାବେ କାର୍ଯ୍ୟ କରିବେ। ସୂଚନାଯୋଗ୍ୟ ରୋହିତ ଶର୍ମା ଓ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ରାହୁଲ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିପାକ୍ଷିକ ସିରିଜରେ ଅଧିନାୟକତ୍ୱ କରୁଥିଲେ। ଧର୍ମଶାଳା ଓ ଲକ୍ଷ୍ନୌ ଗେମ୍ ମଝିରେ ଭାରତ ପାଇଁ ଏକ ବଡ଼ ବ୍ୟବଧାନ ରହିଛି। ଲକ୍ଷ୍ନୌରେ ଭାରତ ଓ ଇଂଲଣ୍ଡ ମ୍ୟାଚ ଅକ୍ଟୋବର ୨୯ରେ ଖେଳାଯିବ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୧/୨୦୨୩ Bhubaneswar, Saturday, October 21/ 2023

# ସେମିଫାଇନାଲରେ ସିନ୍ଧୁ

**ଓଡେନ୍ସ, ୨୦।୧୦ (ପି.ଟି.)**

**ଡେନ୍‌ମାର୍କ ଓପନ ବ୍ୟାଡ୍‌ମିଣ୍ଟନ**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଡେନମାର୍କ ଓପନ ସୁପର ୭୫୦ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଥର ଅଲିମ୍ପିକ ପଦକ ବିଜୟିନୀ ଶୁକ୍ରବାର ଖେଳାଯାଇଥିବା ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ବିଶ୍ୱର ୧୯ ନମ୍ବର ସୁପାନିଦା କେଟ୍‌ଥଙ୍ଗଙ୍କୁ ୨୧-୧୯, ୨୧-୧୨ରେ ହରାଇ ଦେଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସେମିଫାଇନାଲ। ଏହା ପୂର୍ବରୁ ସେ ଗତ ସପ୍ତାହରେ ଫିନ୍‌ଲାଣ୍ଡର ଆର୍କଟିକ୍ ଓପନ ସୁପର ୫୦୦ରେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସିନ୍ଧୁ ବର୍ତ୍ତମାନ ସ୍ପେନର ୩ଥର ବିଶ୍ୱ ଚାମ୍ପିୟନ କାରୋଲିନା ମାରିନ କିମ୍ବା ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ବିଜେତା ଚାଇନିଜ ତାଇପେର ତାଇ ତିଜୁ ୟିଙ୍ଗ୍‌ଙ୍କୁ ଭେଟିବେ।

# ୱିନ୍‌ଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୨୦।୧୦**
**(ତପନ ସ୍ୱାଇଁ)**


ୱିନ ଥିଙ୍ଗ୍ ଟୁନ୍

ଓଡ଼ିଶା ଏଫ୍‌ସି ଏହାର ମହିଳା ଦଳପାଇଁ ମ୍ୟାନମାର ଅନ୍ତର୍ଜାତୀୟ ଖେଳାଳି ୱିନ ଥିଙ୍ଗ୍ ଟୁନ୍‌ଙ୍କ ସହ ଏକବର୍ଷିଆ ଚୁକ୍ତି କରିଛି। ଥିଟସର ଅମନ, ଲର୍ଡ୍ସ ଏଫ୍‌ଏ, ଗୋକୁଲମ କେରଳ ଓ ଥାଇଲାଣ୍ଡରେ ବିଜି ବିଣ୍ଡିତ ଏସିଆ ପକ୍ଷରୁ ଖେଳିବାପରେ ଏହି ଫରଓ୍ୱାର୍ଡ ଖେଳାଳି ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଛନ୍ତି। ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ଥିବାରୁ ତାଙ୍କ ଉପସ୍ଥିତିରେ ଦଳ ଏହି ସିଜନରେ ଭଲ ପ୍ରଦର୍ଶନ କରିବ ବୋଲି କ୍ଲବ ଆଶା ରଖିଛି। ୨୦୨୨ରେ ସେ ମ୍ୟାନମାର ମହିଳା ଲିଗ୍‌ରେ ୧୦୦ ଗୋଲ ସହ ସର୍ବକାଳୀନ ଟପ୍ ସ୍କୋରର ହୋଇଥିଲେ। ''ଓଡ଼ିଶା ଏଫ୍‌ସିରେ ଯୋଗଦେଇ ମୁଁ ବହୁତ ଖୁସି। ମୁଁ ଏହି କ୍ଲବ ଏବଂ ଏହାର ଦର୍ଶକଙ୍କ ସମ୍ପର୍କରେ ଅନେକ ଶୁଣିଛି। କଠିନ ପରିଶ୍ରମ ସହ କ୍ଲବର ସଫଳତାରେ ଭାଗୀଦାରି ହେବାକୁ ମୁଁ ଲକ୍ଷ୍ୟ ରଖିଛି'' ବୋଲି ୱିନ ପ୍ରକାଶ କରିଛନ୍ତି।

# ଲସିଥ ମାଲିଙ୍ଗା ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କୋଚ୍

**ମୁମ୍ବାଇ,୨୦।୧୦(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ବିଧିବଦ୍ଧ ଭାବେ ଶ୍ରୀଲଙ୍କାର ପୂର୍ବତନ ପେସ୍ ବୋଲର ଲସିଥ ମାଲିଙ୍ଗାଙ୍କୁ ଏହାର ବୋଲିଂ କୋଚ୍ ଭାବେ ନିଯୁକ୍ତି ଦେଇଛି। ଶେନ ବଣ୍ଡ୍‌ଙ୍କ ପରେ ଏହି ସ୍ଥାନ ଖାଲିପଡ଼ିଥିଲା। ୪୦ ବର୍ଷୀୟ ମାଲିଙ୍ଗା ପୂର୍ବରୁ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳିଛନ୍ତି। ଆଗାମୀ ସିଜନ ପାଇଁ ସେ ମାର୍କ ବାଉଚର ଓ ତାଙ୍କ ପୂର୍ବତନ ଟିମ୍‌ମେଟ୍ କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍‌ରେ ଯୋଗ ଦେଇଛନ୍ତି। ମାଲିଙ୍ଗାଙ୍କ ଚମତ୍କାର ବୋଲିଂ ଯୋଗୁ ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରୀଲଙ୍କା ଏବଂ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବହୁ ଗୁରୁତ୍ୱପୂର୍ଣ୍ଣ ଗେମ୍ ଜିତିପାରିଛି। ଏହି ପୂର୍ବତନ ଷ୍ଟାର ପେସ୍ ବୋଲର ୧୩ ବର୍ଷ ଧରି ମୁମ୍ବାଇ ଇଣ୍ଡିଆନ ସହିତ କାର୍ଯ୍ୟ କରିଛନ୍ତି। ୨୦୦୮ରୁ ୧୧ ବର୍ଷ ଖେଳାଳି ଭାବେ ଏବଂ ଗୋଟିଏ ବର୍ଷ (ଆଇପିଏଲ୍ ୨୦୧୮) ବୋଲିଂ ମେଣ୍ଟର ଭାବେ କାର୍ଯ୍ୟ କରିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ସେମିଫାଇନାଲରେ ସିନ୍ଧୁ

**ଡେନ୍‌ମାର୍କ ଓପନ ବ୍ୟାଡ୍‌ମିଣ୍ଟନ**

**ଓଡେନ୍ସ, ୨୦।୧୦ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଡେନମାର୍କ ଓପନ ସୁପର ୭୫୦ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଥର ଅଲିମ୍ପିକ ପଦକ ବିଜୟିନୀ ଶୁକ୍ରବାର ଖେଳାଯାଇଥିବା ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ବିଶ୍ୱର ୧୯ ନମ୍ବର ସୁପାନିଦା କେଟ୍‌ଥଙ୍ଗଙ୍କୁ ୨୧-୧୯, ୨୧-୧୨ରେ ହରାଇ ଦେଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସେମିଫାଇନାଲ। ଏହା ପୂର୍ବରୁ ସେ ଗତ ସପ୍ତାହରେ ଫିନ୍‌ଲାଣ୍ଡର ଆର୍କଟିକ୍ ଓପନ ସୁପର ୫୦୦ରେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସିନ୍ଧୁ ବର୍ତ୍ତମାନ ସ୍ପେନର ୩ଥର ବିଶ୍ୱ ଚାମ୍ପିୟନ କାରୋଲିନା ମାରିନ କିମ୍ବା ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ବିଜେତା ଚାଇନିଜ ତାଇପେର ତାଇ ତିଜୁ ୟିଙ୍ଗ୍‌ଙ୍କୁ ଭେଟିବେ।

# ୱିନ୍‌ଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୨୦।୧୦**
**(ତପନ ସ୍ୱାଇଁ)**


ୱିନ ଥିଙ୍ଗ୍ ଟୁନ୍

ଓଡ଼ିଶା ଏଫ୍‌ସି ଏହାର ମହିଳା ଦଳପାଇଁ ମ୍ୟାନମାର ଅନ୍ତର୍ଜାତୀୟ ଖେଳାଳି ୱିନ ଥିଙ୍ଗ୍ ଟୁନ୍‌ଙ୍କ ସହ ଏକବର୍ଷିଆ ଚୁକ୍ତି କରିଛି। ଥିଟସର ଅମନ, ଲର୍ଡ୍ସ ଏଫ୍‌ଏ, ଗୋକୁଲମ କେରଳ ଓ ଥାଇଲାଣ୍ଡରେ ବିଜି ବିଣ୍ଡିତ ଏସିଆ ପକ୍ଷରୁ ଖେଳିବାପରେ ଏହି ଫରୱାର୍ଡ ଖେଳାଳି ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଛନ୍ତି। ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ଥିବାରୁ ତାଙ୍କ ଉପସ୍ଥିତିରେ ଦଳ ଏହି ସିଜନରେ ଭଲ ପ୍ରଦର୍ଶନ କରିବ ବୋଲି କ୍ଲବ ଆଶା ରଖିଛି। ୨୦୨୨ରେ ସେ ମ୍ୟାନମାର ମହିଳା ଲିଗ୍‌ରେ ୧୦୦ ଗୋଲ ସହ ସର୍ବକାଳନୀ ଟପ୍ ସ୍କୋରର ହୋଇଥିଲେ। ‘‘ଓଡ଼ିଶା ଏଫ୍‌ସିରେ ଯୋଗଦେଇ ମୁଁ ବହୁତ ଖୁସି। ମୁଁ ଏହି କ୍ଲବ ଏବଂ ଏହାର ଦର୍ଶକଙ୍କ ସମ୍ପର୍କରେ ଅନେକ ଶୁଣିଛି। କଠିନ ପରିଶ୍ରମ ସହ କ୍ଲବର ସଫଳତାରେ ଭାଗୀଦାରି ହେବାକୁ ମୁଁ ଲକ୍ଷ୍ୟ ରଖିଛି’’ ବୋଲି ୱିନ ପ୍ରକାଶ କରିଛନ୍ତି।

# ଲସିଥ ମାଲିଙ୍ଗା ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କୋଚ୍

**ମୁମ୍ବାଇ, ୨୦।୧୦ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ବିଧିବଦ୍ଧ ଭାବେ ଶ୍ରୀଲଙ୍କାର ପୂର୍ବତନ ପେସ୍ ବୋଲର ଲସିଥ ମାଲିଙ୍ଗାଙ୍କୁ ଏହାର ବୋଲିଂ କୋଚ୍ ଭାବେ ନିଯୁକ୍ତି ଦେଇଛି। ଶେନ ବଣ୍ଡଙ୍କ ପରେ ଏହି ସ୍ଥାନ ଖାଲିପଡ଼ିଥିଲା। ୪୦ ବର୍ଷୀୟ ମାଲିଙ୍ଗା ପୂର୍ବରୁ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳିଛନ୍ତି। ଆଗାମୀ ସିଜନ ପାଇଁ ସେ ମାର୍କ ବାଉଚର ଓ ତାଙ୍କ ପୂର୍ବତନ ଟିମ୍‌ମେଟ୍ କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍‌ରେ ଯୋଗ ଦେଇଛନ୍ତି। ମାଲିଙ୍ଗାଙ୍କ ଚମତ୍କାର ବୋଲିଂ ଯୋଗୁ ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରୀଲଙ୍କା ଏବଂ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବହୁ ଗୁରୁତ୍ୱପୂର୍ଣ୍ଣ ଗେମ୍ ଜିତିପାରିଛି। ଏହି ପୂର୍ବତନ ଷ୍ଟାର ପେସ୍ ବୋଲର ୧୩ ବର୍ଷ ଧରି ମୁମ୍ବାଇ ଇଣ୍ଡିଆନ ସହିତ କାର୍ଯ୍ୟ କରିଛନ୍ତି। ୨୦୦୮ରୁ ୧୧ ବର୍ଷ ଖେଳାଳି ଭାବେ ଏବଂ ଗୋଟିଏ ବର୍ଷ (ଆଇପିଏଲ୍ ୨୦୧୮) ବୋଲିଂ ମେଣ୍ଟର ଭାବେ କାର୍ଯ୍ୟ କରିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ